୪୨୫୧
୨୦/୬/୯୭

# ଉତ୍କଳ ପ୍ରସଙ୍ଗ

ଡିସେମ୍ବର, ୧୯୯୬

VOL. LIII No. 4 UTKAL PRASANGA Regd. No. : 0-BN-05/90
Licence No. BNPPP-01/95-Licensed to post without Pre-payment



ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ପବିତ୍ର ଜନ୍ମତିଥି ଅବସରରେ ବିଧାନସଭା ପରିସର ମଧ୍ୟରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ମାନ୍ୟବର ରାଜ୍ୟପାଳ ଶ୍ରୀଗୋପାଳ ରାମାନୁଜମ୍, ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ, ବିଧାନସଭା ବାଚସ୍ପତି ଶ୍ରୀ ଚିନ୍ତାମଣି ଦ୍ୟାନ ସାମନ୍ତରାୟ, ଉପମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି



କଲିକତାରେ ଅବସ୍ଥାପିତ ଆମେରିକାର କନସଲ ଜେନେରାଲ ଶ୍ରୀମତୀ ଚେରିଲ୍ ଜେ. ସିମ୍ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭପଟ୍ଟନାୟକଙ୍କୁ ତାଙ୍କ ସରକାରୀ ବାସଭବନରେ ସାକ୍ଷାତ କରୁଛନ୍ତି

PRINTED AT ORISSA GOVERNMENT PRESS, CUTTACK - 753010



ରାଜଭବନ ଅଭିଷେକ ଗୃହରେ ମାନ୍ୟବର ରାଜ୍ୟପାଳ ଶ୍ରୀ ଗୋପାଳ ରାମାନୁଜମ୍
ରାଜଭବନ ପଦାଧିକାରୀ ଓ କର୍ମଚାରୀମାନଙ୍କୁ ଜାତୀୟ ସଂହତି ଶପଥ ପାଠ କରାଉଛନ୍ତି ।



ରାଜ୍ୟର ମରୁଡି ପରିସ୍ଥିତି ଅନୁଧ୍ୟାନ କରିବାକୁ ଆସିଥିବା କେନ୍ଦ୍ରୀୟ ପ୍ରତିନିଧିଦଳ
ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସହିତ ମରୁଡି ପରିସ୍ଥିତି
ସମ୍ପର୍କରେ ଆଲୋଚନା କରୁଛନ୍ତି

# ଉତ୍କଳ ପ୍ରସଙ୍ଗ

**୫୩ ଭାଗ   ୫ମ ସଂଖ୍ୟା   ପୌଷ ୧୯୧୭ ଶକାବ୍ଦ   ଡିସେମ୍ବର ୧୯୯୬**

**ଶ୍ରୀ ସନ୍ତୋଷ କୁମାର ମିଶ୍ର**
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା

**ସମ୍ପାଦନା ମଣ୍ଡଳୀ**

**ଶ୍ରୀ ମହେଶ୍ୱର ମୂଳିଆ**
କାର୍ଯ୍ୟନିର୍ବାହୀ ସମ୍ପାଦକ

**ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ**
ସମ୍ପାଦନା ସହଯୋଗୀ

**ପ୍ରଚ୍ଛଦପଟ**
ପ୍ରଦ୍ୟୁମ୍ନ ଦାଶ

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ ''ଉତ୍କଳ ପ୍ରସଙ୍ଗ''ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେହିଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

''ଉତ୍କଳ ପ୍ରସଙ୍ଗ'' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଇଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ କ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ଓଡ଼ିଶା ସରକାରଙ୍କର ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ
ଓଡ଼ିଶା ସରକାରଙ୍କର ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ - ୧୦ରେ ମୁଦ୍ରିତ ।
ଟାଇପ ସେଟିଂ : କ୍ୟାପିଟାଲ ବିଜିନେସ୍ ସର୍ଭିସ

ବାର୍ଷିକ ଦେୟ : ଟ ୨୦.୦୦
ପ୍ରତିଖଣ୍ଡ : ଟ ୨.୦୦

# ସୂଚୀ


| | | |
|---|---|---|
| ରାଧାନାଥ ରଥଙ୍କ କର୍ମମୟ ଜୀବନ ଯୁବପୀଢ଼ି ପାଇଁ ଦିଗ୍‌ଦର୍ଶନ | ୧ | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ |
| ଏକ ଅବ୍ୟକ୍ତ ପ୍ରତିଭାର ଆତ୍ମଲିପି | ୩ | ଶ୍ରୀ ପଠାଣି ପଟ୍ଟନାୟକ |
| ରାଧାନାଥବାବୁ ଓ ଉତ୍କଳ ସମ୍ମିଳନୀ ଚେତନା | ୯ | ଶ୍ରୀ ବସନ୍ତ କୁମାର ପାଣିଗ୍ରାହୀ |
| କର୍ମେ ଜୀଏଁ ନର | ୧୧ | ଶ୍ରୀ ଗିରିଜା ଭୂଷଣ ପଟ୍ଟନାୟକ |
| ରାଧାନାଥବାବୁଙ୍କ ଶକ୍ତିଶାଳୀ ଲେଖନୀ | ୧୪ | ଶ୍ରୀ ଅରୁଣ କୁମାର ପଣ୍ଡା |
| ସାମାଜିକ ଜୀବନ ଉପରେ ଚଳଚ୍ଚିତ୍ରର ପ୍ରଭାବ | ୧୬ | ଶ୍ରୀ ରଣଧୀର ଦାସ |
| ମାଲକାନଗିରି ଜିଲ୍ଲାର ଆଦିବାସୀ ଭାଷା, ସଂସ୍କୃତି ଓ ପରମ୍ପରା | ୧୮ | ଶ୍ରୀ ଅର୍ଜୁନ ନାଲ୍ଲା |
| ସାମାଜିକ ଅଙ୍ଗୀକାର ଓ କବି ବୈଷ୍ଣବପାଣି | ୨୧ | ଡକ୍ଟର ଲଳିତ ରଂଜନ ଦାସ |
| ପ୍ରଜାବତ୍ସଳ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ | ୨୪ | ଶ୍ରୀମତୀ ରୀତା ଶ୍ରୀଚନ୍ଦନ |
| ପୋଡାଗଡ଼ର ଇତିହାସ | ୨୬ | ଡକ୍ଟର ଦଣ୍ଡପାଣି ବେହେରା |
| ଗଣକବି ବୈଷ୍ଣବପାଣି ଜୟନ୍ତୀ ସମାରୋହ | ୨୯ | ଶ୍ରୀ ଶୁଭେନ୍ଦୁ ବର୍ମା |
| ଜାତିସ୍ମର ରାଧାନାଥ | ୩୩ | ଶ୍ରୀ ଦୁର୍ଗାଚରଣ ଷଡ଼ଙ୍ଗୀ |
| ଗଙ୍ଗାପୁତ୍ର ବାବୁଜୀ | ୩୪ | ଶ୍ରୀମତୀ ନିରୁପମା ବର୍ମା |
| ସମ୍ବାଦ ପରିକ୍ରମା | ୩୮ | |

# ରାଧାନାଥ ରଥଙ୍କ କର୍ମମୟ ଜୀବନ ଯୁବପୀଢ଼ି ପାଇଁ ଦିଗ୍‌ଦର୍ଶନ

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ରାଧାନାଥବାବୁଙ୍କର ଏକଶହ ବର୍ଷର କର୍ମମୟ କ୍ରିୟାଶୀଳ ସୃଷ୍ଟିକାରୀ ଜୀବନ ଯୁବସମାଜର ଅନୁକରଣୀୟ । ଯୁବକମାନେ ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହୋଇ ନୂତନ ଭାରତବର୍ଷ ଗଠନ କରିବାକୁ ପ୍ରତିଜ୍ଞାବଦ୍ଧ ହେବା ଉଚିତ୍ । ରାଧାନାଥବାବୁ ତାଙ୍କର ଶିକ୍ଷାଗୁରୁ, ମନ୍ତ୍ରଗୁରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ବାକ୍ୟକୁ ଅକ୍ଷରେ ଅକ୍ଷରେ ପାଳନ କରିଆସିଛନ୍ତି । କର୍ମ ହେଉଛି ପ୍ରଧାନ । ସବୁବେଳେ କର୍ମ କରିଯିବାର ଯେଉଁ ପ୍ରେରଣା ସେ ଗୋପବନ୍ଧୁଙ୍କ ପାଖରୁ ପାଇଥିଲେ, ତାହାକୁ ସେ ସର୍ବଦା ପାଳନ କରି ଆସିଛନ୍ତି । ତାଙ୍କ ଭଳି କର୍ମଠ ଜୀବନ ବିରଳ । ଯେତେବେଳେ ଯେଉଁ କାମରେ ହାତ ଦେଇଛନ୍ତି, ସେଥିରେ ସେ କୃତକାର୍ଯ୍ୟ ହୋଇଛନ୍ତି ଓ ଶୀର୍ଷ ସ୍ଥାନରେ ମଧ୍ୟ ପହଞ୍ଚି ପାରିଛନ୍ତି । ଓଡ଼ିଶାରେ କେତେ ସମ୍ବାଦପତ୍ର ପ୍ରକାଶିତ ହୋଇଛି ପୁଣି ବିଲୁପ୍ତ ହୋଇଯାଇଛି ମାତ୍ର 'ଉତ୍କଳ ଦୀପିକା' ପରେ ଆଜିଯାଏ 'ସମାଜ' କେବେବି ସେପରି ଅବସ୍ଥାର ସମ୍ମୁଖୀନ ନ ହୋଇ ଜନଜୀବନର ପତ୍ରିକାରେ ଯେ ପରିଣତ ହୋଇ ପାରିଛି ତା'ର ମୁଖ୍ୟ କର୍ମକାର ହେଲେ ରାଧାନାଥବାବୁ । 'ସମାଜ' ନାମକ ଶିଶୁକୁ ଗୋପବନ୍ଧୁ ଜନ୍ମ ଦେଇ ଛାଡ଼ିଯାଇଥିଲେ । ରାଧାନାଥବାବୁ ତାକୁ ଲାଳନ ପାଳନ କରି ସାମ୍ବାଦିକତାକୁ ଜୀବନର ଏକନିଷ୍ଠ ବ୍ରତ ଭାବେ ଗ୍ରହଣ କରି ତାକୁ ଏକ ବୃହତ ଦ୍ରୁମରେ ପରିଣତ କରିପାରିଛନ୍ତି । ତାଙ୍କ ତ୍ୟାଗ ନିଷ୍ଠାର ପଟାନ୍ତର ନାହିଁ । ଭାରତବର୍ଷରେ ଯେଉଁ କେତୋଟି ସମ୍ବାଦପତ୍ର ଲୋକଙ୍କ ହୃଦୟରେ ସ୍ଥାନ ଲାଭ କରିପାରିଛି ତାହା ଗଣି ହୋଇଯିବ । ଓଡ଼ିଶାରେ 'ସମାଜ' ହିଁ ସେଥିମଧ୍ୟରେ ପ୍ରମୁଖ । ସମାଜର ପ୍ରତିଷ୍ଠା ଲୋକସେବକମଣ୍ଡଳ ଆନୁକୂଲ୍ୟରେ ହେଲେ ମଧ୍ୟ ଏହାର ପ୍ରକୃତ ସ୍ରଷ୍ଟା ହେଉଛନ୍ତି ରାଧାନାଥବାବୁ ।



ରାଧାନାଥବାବୁ ଜଣେ ବିଖ୍ୟାତ ସାହିତ୍ୟିକ । ଓଡ଼ିଆ ସାହିତ୍ୟରେ ତାଙ୍କର ଯେଉଁ ଅଭୁତ ଦଖଲ ରହିଛି ତାହା କ୍ୱଚିତ୍ ଦେଖାଯାଏ । ଓଡ଼ିଆ ସାହିତ୍ୟକୁ ତାଙ୍କର ଅମୂଲ୍ୟ ଦାନ ହେଉଛି, ସମାଜର ସଂପାଦକୀୟ ଓ ଛିଟିପିଟି କହେ ଭଳି ଅନେକ ଲେଖା । ଏହି ମହାନ୍ ପୁରୁଷ ସାମ୍ବାଦିକତା ମଧ୍ୟରେ ନିଜ ଭାଷାର ସେବା କରିଥିଲେ । ସ୍ୱତନ୍ତ୍ର ଉତ୍କଳ ଗଠନରେ ତାଙ୍କର ଦାନ ଅତୁଳନୀୟ । ଉତ୍କଳମଣିଙ୍କ ପରେ ଉତ୍କଳ ସମ୍ମିଳନୀରେ ସେ ଅହରହ କାର୍ଯ୍ୟ କରିଆସିଛନ୍ତି । ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନରେ ତାଙ୍କର ଯେଉଁ ଦାନ ରହିଛି, ତାହା ଆମେ ଭୁଲିଯିବା ଉଚିତ୍ ନୁହେଁ । ସାମ୍ବାଦିକ ଭାବେ ଯେଉଁଠି ଭୁଲ ହୋଇଛି, ଦୁର୍ନୀତି ଘଟିଛି, ଅତି କଠୋର ଭାବରେ ସେ ସାମ୍ବାଦିକର ଧର୍ମ ପାଳନ କରି ତାର ସମାଲୋଚନା କରିଛନ୍ତି । ସେ ହିଁ ଓଡ଼ିଶାର ଶ୍ରେଷ୍ଠ ସାମ୍ବାଦିକ । ତାଙ୍କୁ ପ୍ରତ୍ୟେକ ସାମ୍ବାଦିକ ଅନୁସରଣ କରିବା ଉଚିତ୍ । ଯେଉଁଠି ବଢ଼ି, ମରୁଡ଼ି ହୋଇଛି ସେଇଠି ରାଧାନାଥବାବୁ ପହଞ୍ଚି ସମାଜ ମାଧ୍ୟମରେ ସାହାଯ୍ୟ ଦେବା ସହ ସମ୍ବାଦପତ୍ରରେ ଦୁର୍ଗତଙ୍କ ଦୁଃଖକୁ ପ୍ରକାଶ କରି ଲୋକଙ୍କର ଜାଗ୍ରତ ପ୍ରହରୀଭାବେ ସବୁ କାର୍ଯ୍ୟ

କରିଆସିଛନ୍ତି । ଏଭଳି ଜୀବନର ତୁଳନା ନାହିଁ, ପଟାନ୍ତର ନାହିଁ । ଯେଉଁ ମହାନବ୍ୟକ୍ତି ଜୀବନର ପ୍ରତ୍ୟେକ କ୍ଷଣକୁ ଜନସେବାରେ ବିନିଯୋଗ କରି ପାରିଛି, ସେ ଜୀବନ ଧନ୍ୟ । ରାଧାନାଥବାବୁଙ୍କୁ ଜନ୍ମଦେଇ ଆଠଗଡ଼ ଧନ୍ୟ ଏବଂ ତାଙ୍କୁ ପାଇ ଆମେ ଓଡ଼ିଶାବାସୀ ମଧ୍ୟ ଧନ୍ୟ । ଆଜି ତାଙ୍କର ରାଜ୍ୟସ୍ତରୀୟ ଜନ୍ମ ଶତବାର୍ଷିକୀ ସମାରୋହ ପାଳନ କଲାବେଳେ ଆଠଗଡ଼ ତଥା ସାରା ଦେଶର ଜଣେ ବରପୁତ୍ର, ନୀତିନିଷ୍ଠ ସଂଗ୍ରାମୀ ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଉପସ୍ଥିତ ରହି ଆମକୁ ଦିଗ୍‌ଦର୍ଶନ ଦେଉଛନ୍ତି । ଆମ ସଂସ୍କୃତିର ଆଶୀର୍ବଚନ ଅନୁସାରେ ଆମେ ସମସ୍ତେ ସେ ୧୦୮ ବର୍ଷ ବଞ୍ଚନ୍ତୁ, ଏହାହିଁ ଈଶ୍ୱରଙ୍କଠାରେ ପ୍ରାର୍ଥନା । ଏହା ଆମ ପାଇଁ ବହୁ ଭାଗ୍ୟ ।

*(ତା ୬ । ୧୨ । ୯୬ ରିଖ ଆଠଗଡଠାରେ ରାଜ୍ୟସ୍ତରୀୟ ଜନ୍ମ ଶତବାର୍ଷିକୀ ଉଦଯାପନ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ଭାଷଣରୁ)*

## ଓଡ଼ିଶାରେ ଜଳସେଚନ ପ୍ରକଳ୍ପଗୁଡିକର ମଞ୍ଜୁରୀ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀଙ୍କ ସହିତ ଆଲୋଚନା

ଓଡିଶାର ଇନ୍ଦ୍ର ଓ ସୁକତେଲ ଜଳସେଚନ ପ୍ରକଳ୍ପ ଦ୍ୱୟର ମଂଜୁରୀ ତ୍ୱରାନ୍ୱିତ କରିବା ନିମନ୍ତେ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ଶ୍ରୀ ଜନେଶ୍ୱର ମିଶ୍ର ସମ୍ମତି ପ୍ରକାଶ କରିଛନ୍ତି । ଏହି ପ୍ରକଳ୍ପ ଦ୍ୱୟ କାର୍ଯ୍ୟକାରୀ କରାଗଲେ ମରୁଡି ପ୍ରବଣ ନୂଆପଡା, ବଲାଙ୍ଗୀର ଓ ସୋନପୁର ଜିଲ୍ଲାର ବିସ୍ତୃତ ଅଞ୍ଚଳକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇପାରିବ ।

ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ଗତ ଡିସେମ୍ବର ୧୯ ତାରିଖରେ ନୂଆଦିଲ୍ଲୀଠାରେ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ଶ୍ରୀ ଜନେଶ୍ୱରଙ୍କୁ ସାକ୍ଷାତ କରି ଓଡିଶାର କେତେକ ଗୁରୁତ୍ୱପୂର୍ଣ୍ଣ ଜଳସେଚନ ପ୍ରକଳ୍ପର ମଞ୍ଜୁରୀ ଓ ଆର୍ଥିକ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଆଲୋଚନା ସମୟରେ ଶ୍ରୀ ବିଶ୍ୱାଳ ୨୧୭କୋଟି ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟକାରୀ ହେବାକୁ ଥିବା ଲୋୟର ଇନ୍ଦ୍ର ଓ ୨୧୧ କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ନିମ୍ନ ସୁକତେଲ ଜଳସେଚନ ପ୍ରକଳ୍ପଗୁଡିକର ତୁରନ୍ତ ମଞ୍ଜୁରୀ ନିମନ୍ତେ ଦାବୀ ଜଣାଇଥିଲେ । ଏହି ପ୍ରକଳ୍ପ ଦୁଇଟି କାର୍ଯ୍ୟକାରୀ କରାଗଲେ ଯଥାକ୍ରମେ ନୂଆପଡା ଓ ବଲାଙ୍ଗୀର ଜିଲ୍ଲାର ୩୦,୦୦୦ ହେକ୍ଟର ଓ ବଲାଙ୍ଗୀର, ସୋନପୁର ଜିଲ୍ଲାର ୨୪,୦୦୦ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇପାରିବ ।

ସଂପ୍ରତି ପ୍ରଧାନ ମନ୍ତ୍ରୀ ଶ୍ରୀ ଏଚ୍.ଡି. ଦେବଗୌଡ ମରୁଡି ପ୍ରବଣ କଳାହାଣ୍ଡି ଜିଲ୍ଲା ଗସ୍ତ ବେଳେ ଏହି ସବୁ ଅଞ୍ଚଳରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । କେନ୍ଦ୍ରୀୟ ଜଳସେଚନ କମିଶନ ଏହିସବୁ ପ୍ରକଳ୍ପଗୁଡିକୁ ତୁରନ୍ତ ବୈଷୟିକ ତଥା ଆର୍ଥିକ ମଂଜୁରୀ ପ୍ରଦାନ କଲେ ବାରମ୍ବାର ମରୁଡି ଦ୍ୱାରା ପ୍ରଭାବିତ ହେଉଥିବ ଏହି ଅଞ୍ଚଳ ସବୁର ଜନସାଧାରଣ ଉପକୃତ ହୋଇପାରିବେ ।

ଯୋଜନା କମିଶନ ଦ୍ୱାରା ମଞ୍ଜୁରୀ ପ୍ରାପ୍ତ ଭଦ୍ରକ ଜିଲ୍ଲାର ବାଇ ବ୍ୟାରେଜ ଓ ମୟୂରଭଞ୍ଜ ଜିଲ୍ଲାର ଦେଓ ପ୍ରକଳ୍ପ ଦୁଇଟି ମଧ୍ୟମ ଜଳସେଚନ ପ୍ରକଳ୍ପ ଦ୍ୱୟକୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେବା ନିମନ୍ତେ ମଧ୍ୟ ଶ୍ରୀ ବିଶ୍ୱାଳ କେନ୍ଦ୍ର ମନ୍ତ୍ରୀ ଶ୍ରୀ ମିଶ୍ରଙ୍କୁ ଅନୁରୋଧ କରିଥିଲେ ଏବଂ ଶ୍ରୀ ମିଶ୍ର ୧୯୯୬-୯୭ ଆର୍ଥିକ ବର୍ଷରେ ଆର୍ଥିକ ସହାୟତା ଯୋଗାଇ ଦେବା ନିମନ୍ତେ ରାଜି ହୋଇଥିଲେ । ରେଙ୍ଗାଲୀ ଜଳସେଚନ ପ୍ରକଳ୍ପର ବାମ କେନାଲ କାନପୁର ପ୍ରକଳ୍ପ ନିମନ୍ତେ ବୈଦେଶିକ ସହାୟତା ପାଇଁ ଅନୁମୋଦନ ନିମନ୍ତେ ଶ୍ରୀ ମିଶ୍ର ରାଜି ହୋଇଥିଲେ ।

# ଏକ ଅବ୍ୟକ୍ତ ପ୍ରତିଭାର ଆତ୍ମଲିପି

ଶ୍ରୀ ପଠାଣି ପଟ୍ଟନାୟକ

ମହାକବି କାଳିଦାସ ଜଗତ ବିଖ୍ୟାତ କବି । ମାତ୍ର ତାଙ୍କର କାବ୍ୟ ସଂସାରର ରସ-ମାଧୁର୍ଯ୍ୟ ଆହରଣ କଲାବେଳେ ସ୍ୱତଃ ଟୀକାକାର ମଲ୍ଲିନାଥ ମନେ ପଡନ୍ତି । ପ୍ରସିଦ୍ଧ ନାଟ୍ୟକାର ସେକ୍‌ସପିୟରଙ୍କ ଆଲୋଚକଗଣ ସମାଲୋଚକ ବ୍ରାଡଲେଙ୍କୁ ଭୁଲି ପାରନ୍ତି ନାହିଁ । ମହାଯୋଗୀ ଅରବିନ୍ଦଙ୍କ ପଣ୍ଡିଚେରୀ ଆଶ୍ରମର ଆଧ୍ୟାତ୍ମିକ ମହତ୍ତ୍ୱ ଉପଲବ୍ଧି କରିବାପାଇଁ ମା'ଙ୍କର ଚିନ୍ତାଧାରା ସହିତ ପରିଚିତ ହେବାକୁ ପଡ଼ିଥାଏ । ସେହିପରି ପୁରୁଷୋତ୍ତମ ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱ ଅନୁଧ୍ୟାନ କରି ଅନୁପ୍ରାଣିତ ହେବାର ସୁଯୋଗ କେବଳ ମିଳିଥାଏ ଶ୍ରୀଯୁକ୍ତ ରାଧାନାଥ ରଥଙ୍କ ଲେଖା ଜରିଆରେ । ମହାମନା ଗୋପବନ୍ଧୁ ଓଡ଼ିଶାର ସେହି ଦୁର୍ଦ୍ଦିନରେ କିପରି ଉଦ୍ଭଟିଏ ଥିଲେ, ତାହା ଲିପିବଦ୍ଧ କରି ଏକ ଜାତୀୟ ଦାୟିତ୍ୱ ସାଧନ କରିବାପାଇଁ ରାଧାନାଥ ଆଜୀବନ ଚେଷ୍ଟା କରି ଆସିଛନ୍ତି । କାୟା ସହିତ ଛାୟା ପରି ସେ ଉତ୍କଳମଣି ଗୋପବନ୍ଧୁଙ୍କର ଶେଷ ଦିନ ପର୍ଯ୍ୟନ୍ତ ସହଚର ଥିବାରୁ ତାଙ୍କର ଅପୂର୍ବ ମାନବ-ପ୍ରେମ ଓ ଜୀବନ-ଜିଜ୍ଞାସା ସଂପର୍କରେ ଅତ୍ୟନ୍ତ ଆନ୍ତରିକ ଏବଂ ବିଶ୍ୱସ୍ତ ଭାବରେ ରାଧାନାଥଙ୍କ ବ୍ୟତୀତ ଆଉ କିଏ ଅଧିକ ବ୍ୟାଖ୍ୟା କରି ପାରିବ ?



ସଂସାରରେ ଦୁଇ ପ୍ରକାର ପ୍ରତିଭା ଦେଖିବାକୁ ମିଳନ୍ତି । ଗୋଟିଏ ବ୍ୟକ୍ତ ପ୍ରତିଭା ଓ ଅନ୍ୟଟି ଅବ୍ୟକ୍ତ ପ୍ରତିଭା । ଗୋପବନ୍ଧୁଙ୍କ ଆଦର୍ଶରେ ତରୁଣ ବୟସରେ ଅନୁପ୍ରାଣିତ ହୋଇ ତାଙ୍କ ପ୍ରତିଷ୍ଠିତ ସମାଜ ଅନୁଷ୍ଠାନ ଓ ସେବା-ଆୟୋଜନ ସହିତ ନିଜକୁ ସମ୍ପୂର୍ଣ୍ଣ ଭାବରେ ନିବିଷ୍ଟ କରି ଦେଇଥିଲେ ହେଁ ରାଧାନାଥ କେବଳ ଏକ ଛାୟା ମାତ୍ର ବୋଲି ମନେ କରିବା ଉଚିତ ନୁହେଁ । ସେ ବାସ୍ତବିକ ଏକ ଅବ୍ୟକ୍ତ ପ୍ରତିଭା । ଏହି ଶକ୍ତିଶାଳୀ ବ୍ୟକ୍ତିତ୍ୱ ଗୋପବନ୍ଧୁଙ୍କ ଅନୁଷ୍ଠାନ ଓ ଆଦର୍ଶ ସହିତ ଏପରି ଭାବରେ ନିଜକୁ ସାମିଲ କରି ଦେଇଛନ୍ତି ଯେ 'ସମାଜ' ଓ ରାଧାନାଥଙ୍କ ମଧ୍ୟରେ ସତେ ଯେପରି ଏକ ଅଭେଦ ସମ୍ପର୍କ ଆପେ ଆପେ ଯୋଡ଼ି ହୋଇଯାଏ । ରାଧାନାଥ ନିଜର ସମସ୍ତ ବ୍ୟକ୍ତି-ସ୍ୱାତନ୍ତ୍ର୍ୟକୁ ଆଜୀବନ ଗୁମ୍ଫିତ କରି 'ସମାଜ' ଅନୁଷ୍ଠାନର ମହାନ ବ୍ୟକ୍ତିତ୍ୱ ନିର୍ମାଣରେ କେବଳ ଝାସ ଦେଇନାହାନ୍ତି, ତାହାରି ମଧ୍ୟରେ ସେ ନିଜକୁ ଲୀନ କରି ଦେଇଛନ୍ତି । ରାଧାନାଥବାବୁଙ୍କୁ ବାଦ୍ ଦେଇ ସମାଜ ଅନୁଷ୍ଠାନର କଥା ଚିନ୍ତା କରାଯାଇପାରେ ନାହିଁ ।

ଚଳଚ୍ଚିତ୍ର ଦର୍ଶନ କରି ମୁଗ୍ଧ ଦର୍ଶକ ରୂପେଲି ପର୍ଦ୍ଦାରେ ପ୍ରତିଫଳିତ ନାୟକନାୟିକାଙ୍କୁ ଶତମୁଖରେ ପ୍ରଶଂସା କରିଥାଏ । ମାତ୍ର ଏହି ପ୍ରଶଂସାର ଉପଯୁକ୍ତ ଅଧିକାରୀ ଯେ ନିର୍ଦ୍ଦେଶକ, ସେହି କଥାଟି ସେ ସଂପୂର୍ଣ୍ଣ ଭାବରେ ବିସ୍ମୃତ ହୋଇଯାଏ । ବାସ୍ତବିକ ଅନ୍ତରାଳରେ ଥାଇ ସାଧକଗଣ ଚିରକାଳ ଜନକଲ୍ୟାଣରେ ରତ ଥାଆନ୍ତି ସିନା !! ସାଂପ୍ରତିକ ଉତ୍କଳର ସର୍ବଶ୍ରେଷ୍ଠ ଓ ଶକ୍ତିଶାଳୀ ସଂବାଦପତ୍ର ଏବଂ ସମୃଦ୍ଧ ମୁଦ୍ରଣ ପ୍ରତିଷ୍ଠାନ ସତ୍ୟବାଦୀ ପ୍ରେସର ଐତିହାସିକ ବିକାଶ ପଥରେ ପଣ୍ଡିତ ଗୋପବନ୍ଧୁ, ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ, ପଣ୍ଡିତ କୃପାସିନ୍ଧୁ ଓ ପଣ୍ଡିତ ଲିଙ୍ଗରାଜ ମିଶ୍ର ପ୍ରଭୃତି ସାଧକମାନଙ୍କର ତପସ୍ୟା ନିହିତ ଥିଲେହେଁ ସେଦିନର ସେହି ଶିଶୁ ଅନୁଷ୍ଠାନକୁ ଲାଳନ କରି ଆଜି ବିଶାଳ ଅନୁଷ୍ଠାନ ଭାବରେ ଦେଖିବାରେ ରାଧାନାଥଙ୍କର ଦାନ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ।

ଏହି ସଂପର୍କରେ 'ସମାଜ'ର ଏକ ଅଗ୍ରଲେଖା ଉଦ୍ଧାର କରିବା ଅଧିକ ସଙ୍ଗତ ହେବ ।

''ବର୍ତ୍ତମାନ 'ସମାଜ'ର ସମ୍ପାଦକ ୧୯୧୯ ଅକ୍ଟୋବର ପହିଲା

ତାରିଖରେ ସିଂହଭୂମିରୁ ସରକାରୀ ଚାକିରି ଛାଡି ପଣ୍ଡିତ ଗୋପବନ୍ଧୁଙ୍କ ଆହ୍ୱାନରେ ସତ୍ୟବାଦୀରେ ଯୋଗଦେଇ ଛାପାଖାନାର ପରିଚାଳନା ଦାୟିତ୍ୱ ନେଲେ । ୧୯୧୯ ଅକ୍ଟୋବର ଚାରିତାରିଖ ବିଜୟାଦଶମୀ ଦିନ କ୍ରାଉନ ଆକାରର ଗୋଟିଏ ଛୋଟିଆ 'ସମାଜ' ସାପ୍ତାହିକ ରୂପେ ସତ୍ୟବାଦୀରୁ ପ୍ରକାଶ ପାଇଲା । ସେହିଦିନଠାରୁ ବର୍ତ୍ତମାନର ସଂପାଦକ ତଥା ଅନେକ କର୍ମୀ ଏ ସଂସ୍ଥା ସହିତ ଏ ପର୍ଯ୍ୟନ୍ତ ସମ୍ପୃକ୍ତ ରହିଆସିଛନ୍ତି । ସେତେବେଳେ ବାରଶହ ଟଙ୍କାର ଯେଉଁ ଛାପାଖାନାଟି ସତ୍ୟବାଦୀରେ ପ୍ରତିଷ୍ଠିତ ହୋଇଥିଲା, ଈଶ୍ୱରଙ୍କ କୃପାରୁ ଏହି ୫୨ ବର୍ଷ ଭିତରେ ସେହି ଛାପାଖାନା ଓ ୧୯୩୦ରେ ଗାନ୍ଧିଜୀଙ୍କ ଲବଣ ସତ୍ୟାଗ୍ରହ ଦାଣ୍ଡିଯାତ୍ରା ଦିନ ଦୈନିକରେ ପରିଣତ ହୋଇଥିବା 'ସମାଜ' ଓ ସତ୍ୟବାଦୀ ପ୍ରେସର ଘରବାଡି ଆଦି, ସମ୍ପତ୍ତିର ମୂଲ୍ୟ ବର୍ତ୍ତମାନ ୪୨ ଲକ୍ଷ ଟଙ୍କା ହୋଇପାରିଛି । ଏ ଅନୁଷ୍ଠାନର ୫୨ ବର୍ଷର କ୍ରମବିକାଶର ଗୋଟିଏ ବିବରଣୀ କେତେକ ପୁରୁଣା ହିସାବ କିତାବର ଫଟୋଚିତ୍ର ସହ ଗୋପବନ୍ଧୁଙ୍କ ଜନ୍ମ ଜୟନ୍ତୀର ସ୍ମୃତି ପୂଜା ଉଦ୍ଦେଶ୍ୟରେ ଅନ୍ୟତ୍ର ପ୍ରକାଶ କରାଯାଇଛି ।

୧୯୩୦ ପରଠାରୁ ଇଂରେଜୀ ଓ ଓଡ଼ିଆ ପ୍ରାୟ ସବୁ ସମ୍ବାଦପତ୍ର ବିଭିନ୍ନ ବିଷୟକ ପୁସ୍ତକ, ରିପୋର୍ଟ ଏପରିକି ବହୁ ଦୁଷ୍ପ୍ରାପ୍ୟ ପୁସ୍ତକ ଓ ରିପୋର୍ଟ ଧାରାବାହିକ ଭାବରେ ଗୋଟିଏ ଲାଇବ୍ରେରୀରେ ସଂଗୃହୀତ କରି ରଖାଯାଇଛି । ସମ୍ବାଦପତ୍ର ଓ ବିଭିନ୍ନ ପତ୍ରପତ୍ରିକା, ଆଲୋଚନାପତ୍ର ଓ ମାଗାଜିନ ଛଡା ବର୍ଷକୁ ହାରାହାରି ପାଞ୍ଚହଜାର ଟଙ୍କାର ପୁସ୍ତକ କିଣାଯାଏ ।'' *(ସମାଜ ସଂପାଦକୀୟ -୯/୧୦/୧୯୭୧)*

ଗୋପବନ୍ଧୁ ୧୯୨୮ ସାଲରେ ମୃତ୍ୟୁବରଣ କରିଥିଲେ । ତେଣୁ 'ଦୈନିକସମାଜ' ଗୋପବନ୍ଧୁଙ୍କ ପ୍ରେରଣା ଓ ଆଶୀର୍ବାଦ ଲାଭ କରିଥିଲେ ହେଁ ତାଙ୍କ କୋଳରେ ପ୍ରତିପାଳିତ ହେବାର ସୌଭାଗ୍ୟ ପାଇ ପାରିନଥିଲା । ୧୯୩୦ ସାଲରୁ ଆଜି ପର୍ଯ୍ୟନ୍ତ ଏହି ଅନୁଷ୍ଠାନର ଭୂୟୋବିକାଶ ସହିତ ରାଧାନାଥଙ୍କର ତପସ୍ୟା କେବଳ ଅନୁଭୂତ ହୁଏନାହିଁ, ତାଙ୍କରି ପ୍ରଯତ୍ନରେ 'ସମାଜ' ଅନୁଷ୍ଠାନ ସହିତ ସଂଯୁକ୍ତ ଯେଉଁ ମୂଲ୍ୟବାନ ଗ୍ରନ୍ଥାଗାର ବିକାଶପ୍ରାପ୍ତ ହୋଇଅଛି, ତାହା ଯେ ଏକ ଅମୂଲ୍ୟ ଜାତୀୟ ଅନୁଷ୍ଠାନ, ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ ।

ଉପରୋକ୍ତ ଅଗ୍ରଲେଖାରୁ ଜଣାଯାଉଅଛି ଯେ ୧୯୧୯ ଖ୍ରୀଷ୍ଟାବ୍ଦ ଅକ୍ଟୋବର ପହିଲା ତାରିଖରେ ସିଂହଭୂମିରୁ ସରକାରୀ ଚାକିରି ଛାଡି ରାଧାନାଥବାବୁ ଗୋପବନ୍ଧୁଙ୍କ ଆହ୍ୱାନରେ ସତ୍ୟବାଦୀରେ ପ୍ରତିଷ୍ଠିତ ସତ୍ୟବାଦୀ ଛାପାଖାନାର ପରିଚାଳକ ଭାବରେ ଯୋଗଦେଲେ ଏବଂ ମାତ୍ର ତିନିଦିନ ପରେ ସାପ୍ତାହିକ 'ସମାଜ' ଆତ୍ମପ୍ରକାଶ କଲା । ତେଣୁ 'ସମାଜ'ର ପରିଚାଳକ ହେବା ରାଧାନାଥଙ୍କ ପକ୍ଷରେ ଆକସ୍ମିକ ନ ଥିଲା । ବରଂ ତାହାଥିଲା ଦୂରଦ୍ରଷ୍ଟା ଗୋପବନ୍ଧୁଙ୍କର ସୁପରିକଳ୍ପିତ ବିଚାର । ଗୋପବନ୍ଧୁ ଯଥାର୍ଥ ଚିହ୍ନଗା ଗ୍ରାହକ ଥିଲେ ଏବଂ ନିଜର ଆଦର୍ଶକୁ କାର୍ଯ୍ୟକାରୀ କରିବାପାଇଁ ଉପଯୁକ୍ତ ସହଯୋଗୀ ନିର୍ବାଚିତ କରିଥିଲେ । ତେଣୁ ସେଦିନ ଏହି ତରୁଣ ବ୍ୟକ୍ତିତ୍ୱ ଉପରେ ଯେଉଁ କ୍ଷୁଦ୍ର ଚାରାଟିର ଦାୟିତ୍ୱ ଅର୍ପଣ କରାଯାଇଥିଲା, ତାହା ଯେ ଏକ ମହାଦ୍ରୁମରେ ପରିଣତ ହେବ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।'

ତେବେ ଏହା କିପରି ସମ୍ଭବ ହେଲା ? ପ୍ରସଙ୍ଗକ୍ରମେ ଏଠାରେ ରାଧାନାଥବାବୁଙ୍କର ନିଜର ବକ୍ତବ୍ୟ ଆଲୋଚନା କରାଯାଉ । ''ଘଟଣାକ୍ରମେ ୧୯୧୮ ବେଳକୁ ମୁଁ ସିଂହଭୂମି ଚାଇଁବସାଠାରେ ସରକାରୀ ଚାକିରିରେ ଥାଏ । ଗୋପବନ୍ଧୁ ସେହି ସମୟରେ ସିଂହଭୂମିରେ ସ୍କୁଲ ପ୍ରତିଷ୍ଠା ଓ ଓଡ଼ିଆ ଶିକ୍ଷା ଆନ୍ଦୋଳନ ଆରମ୍ଭ କଲେ । ସେତେବେଳେ ମୁଁ ଚାଇଁବସାରେ ସରକାରୀ ଚାକିରିରେ ଥାଇ ମଧ୍ୟ ତାଙ୍କର ଏସବୁ କାର୍ଯ୍ୟରେ ଯତ୍କିଞ୍ଚିତ ସାହାଯ୍ୟ କରୁଥିଲି । ତେଣୁ ଅନେକ ବିଷୟ ମୋ ଦୃଷ୍ଟିକୁ ଆସୁଥିଲା ।'' *(ଗୋପବନ୍ଧୁ ଶ୍ରାଦ୍ଧ ସଂଖ୍ୟା ସମାଜ - ୧୯୫୧, ପୃ୬)*

ସେତେବେଳେ ବିହାର-ଓଡିଶା ଗୋଟିଏ ପ୍ରଦେଶ ଥିଲା ଏବଂ ଗୋପବନ୍ଧୁ ବିହାର-ଓଡ଼ିଶା ବିଧାନସଭାର ଜଣେ ସର୍ବମାନ୍ୟ ସଭ୍ୟଥିଲେ । ଗୋପବନ୍ଧୁ ତତ୍କାଳୀନ ବହୁ ଉତ୍ସାହୀ କର୍ମୀଙ୍କ ସହଯୋଗରେ ସିଂହଭୂମି ଅଞ୍ଚଳରେ ଓଡିଆ ଭାଷାର ପ୍ରଚାର ପାଇଁ ଉଦ୍ୟମ କରିଥିଲେ ଏବଂ ତାଙ୍କରି ପ୍ରଯତ୍ନରେ ସିଂହଭୂମିର ବିଭିନ୍ନ ସ୍ଥାନରେ ଶିକ୍ଷାନୁଷ୍ଠାନ ଗଢି ଉଠିଲା । ସେତେବେଳେ ଏହି ଅଞ୍ଚଳର ଶାସକ ଥିଲେ ପ୍ରବଳ ପରାକ୍ରମୀ ଗ୍ୟାରେଟ ସାହେବ । ଗୋପବନ୍ଧୁ ଏହି ଗ୍ୟାରେଟ ସାହେବଙ୍କୁ ସିଂହଭୂମିରେ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ନିବେଦନ କରି ୧୯୧୯ ଫେବୃଆରୀ ୨୪ ତାରିଖରେ ଯେଉଁ ପତ୍ର ଲେଖିଥିଲେ, ତାହା ଏକ ଐତିହାସିକ ଦଲିଲ ଥିଲା ବୋଲି ରାଧାନାଥବାବୁଙ୍କର ମତ । ଉପରୋକ୍ତ ଶ୍ରାଦ୍ଧସଂଖ୍ୟା ସମାଜରେ 'କଳ୍ପନା ଓ ସାଧନା' ଶୀର୍ଷକ ପ୍ରବନ୍ଧରେ ରାଧାନାଥବାବୁ ଲେଖିଥିଲେ- ''ମୋର ସୌଭାଗ୍ୟ, ମୁଁ ସେତେବେଳେ ତାଙ୍କ ସଙ୍ଗେ ରହି ସେ ଡାକୁଥିବା ପତ୍ରର ଚିଠା କରି ନେଇ ଟାଇପ ଆଦି କରି ଓ ତାଙ୍କ ଅନୁସନ୍ଧାନ କାର୍ଯ୍ୟରେ ସାହାଯ୍ୟ କରିବାର ସୁଯୋଗ ମଧ୍ୟ ପାଇଥିଲି ।'' ଏହି ଆଲୋଚନାରୁ ଜଣାଯାଉଅଛି ଯେ ଗୋପବନ୍ଧୁଙ୍କ ସିଂହଭୂମି-ଶିକ୍ଷା-ଆନ୍ଦୋଳନ କାଳରେ ସେ ତରୁଣ ରାଧାନାଥଙ୍କ ନିକଟ ସମ୍ପର୍କରେ ଆସି ତାଙ୍କର ଅନ୍ତର୍ନିହିତ ଶକ୍ତିର ପରିଚୟ ଲାଭ କରିଥିଲେ । ତେଣୁ ସେ ତାଙ୍କୁ ଅନୁପ୍ରାଣିତ କରି ଏକ ମହାନ ଜାତୀୟ ଅନୁଷ୍ଠାନର ପୁରୋହିତ ରୂପେ ବରଣ କରି ନେଇ ଆସିଲେ । ସେକାଳରେ ଇଂରେଜ ଶାସନ ସୁପ୍ରତିଷ୍ଠିତ ଥିଲା ଏବଂ ଗାନ୍ଧିଜୀ ସେପର୍ଯ୍ୟନ୍ତ କଂଗ୍ରେସର ବଳିଷ୍ଠ ନେତୃତ୍ୱ ନେଇ ନଥିବାରୁ ଜାତୀୟ ଆନ୍ଦୋଳନ ଅଧିକ ବ୍ୟାପକ ହୋଇଥିଲା ବୋଲି କହିହେବ ନାହିଁ । ଏସବୁ ସତ୍ତ୍ୱେ ଜଣେ ସରକାରୀ କର୍ମଚାରୀ ରାଧାନାଥ ସ୍ୱଦେଶୀ ଆନ୍ଦୋଳନରେ ଆତ୍ମାପୋଷଣ କରୁଥିବା ଗୋପବନ୍ଧୁଙ୍କ ସହଚର ଭାବରେ ସହଯୋଗ କରିବା ତାଙ୍କର ଉଗ୍ର ଦେଶାତ୍ମବୋଧର

ଯଥେଷ୍ଟ ପରିଚୟ ଦେଇଥାଏ । ସତେ ଯେପରି ଗୋପବନ୍ଧୁଙ୍କ ପାଇଁ ହିଁ ରାଧାନାଥବାବୁ ଜନ୍ମଗ୍ରହଣ କରିଥିଲେ । ପରମହଂସ ରାମକୃଷ୍ଣଙ୍କ ବାଣୀ ପ୍ରଚାର କରିବାପାଇଁ ପ୍ରିୟ ଶିଷ୍ୟ ବିବେକାନନ୍ଦ ଯେପରି ଆଜୀବନ ବ୍ରତ ଗ୍ରହଣ କରିଥିଲେ, ସେହିପରି ଗୋପବନ୍ଧୁଙ୍କର ଜୀବନାଦର୍ଶକୁ ରୂପାୟିତ, ଚରିତାର୍ଥ ଏବଂ ବ୍ୟାଖ୍ୟା କରିବାପାଇଁ ରାଧାନାଥଙ୍କ ପରି ଆଉ କିଏ ଉଦ୍ୟମ କରିଅଛି ? ତେଣୁ ଏ ସଂପର୍କ କେବଳ ମମତାର ବନ୍ଧନ, ପୂଜ୍ୟପୂଜାର ପ୍ରବଣତା ଅଥବା ମାନସିକ ବିଳାସ ନଥିଲା, ଏହା ଥିଲା ବିଧିନିର୍ଦ୍ଦିଷ୍ଟ । ନଚେତ ବାଳକ ଅବସ୍ଥାରେ ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱ ପ୍ରତି ରାଧାନାଥ ଆକୃଷ୍ଟ ହୋଇ ପଡିଥାନ୍ତେ କାହିଁକି ?

ଏ କ୍ଷେତ୍ରରେ ସେହି ରାଧାନାଥଙ୍କ ଲିଖିତ 'ଅତୀତର ଦୁଇଟି ଚିତ୍ର' ପ୍ରବନ୍ଧରେ ସ୍ମୃତିଚାରଣ ହିଁ ଆମମାନଙ୍କର ପ୍ରଧାନ ପ୍ରମାଣ ବୋଲି ଗ୍ରହଣ କରାଯାଇପାରିବ ।

''୧୯୧୩ ମସିହା । ସେତେବେଳେ ମୁଁ କଟକ ରେଭେନ୍ସା କଲିଜିଏଟ ସ୍କୁଲର ଜଣେ ଛାତ୍ର । ସେହି ବର୍ଷ ଭାରତର ବଡଲାଟ ଲର୍ଡ ହାର୍ଡିଞ୍ଜ ଓଡ଼ିଶା ଆଗମନ କରୁଥାଆନ୍ତି । ତାଙ୍କ ପୂର୍ବରୁ ଆଉ କୌଣସି ବଡଲାଟ ଓଡିଶା ପରିଦର୍ଶନରେ ଆସି ନଥିଲେ । ସେଥିପାଇଁ କଟକର କିଲ୍ଲା ପଡିଆରେ ଏକ ବିରାଟ ଦରବାରର ଆୟୋଜନ ହେଉଥାଏ । ଏହି ଦରବାରର ଆଡମ୍ବର କଳ୍ପନାତୀତ ଥିଲା ଏବଂ ଏଠାରେ ଜନସମାଗମ ମଧ ଥିଲା ଅଦ୍ଭୁତ ।'' ଦରବାର ସଂପର୍କରେ ରାଧାନାଥ ବାବୁଙ୍କର ବକ୍ତବ୍ୟ ଏହିପରି -

> *''ଯେଉଁମାନେ ଦରବାରରେ ଉଚ୍ଚସ୍ଥାନ ପାଉଥାଆନ୍ତି, ସେମାନେ ନିଜକୁ ଭାଗ୍ୟବାନ ବୋଲି ମଣୁଥାନ୍ତି । ବଡ଼ ବଡ଼ ପାଟପଟୁଆ ଓ ରାଜାରାଜୁଡାଙ୍କ ଭିତରେ ସ୍ଥାନ ଓ ଆସନ ପାଇଁ କି ପ୍ରତିଯୋଗିତା ! ପୋଷାକ ପରିଚ୍ଛଦର କି ଆଡମ୍ବର । ''*

ସେହିଦିନ ଏକ ଅପୂର୍ବ ମିଳନର କାହାଣୀ ଲିପିବଦ୍ଧ କରି ଲେଖକ ଲେଖିଛନ୍ତି - ସେଦିନ କିନ୍ତୁ ଆଡ଼ମ୍ବରହୀନ ଏକପ୍ରକାର ବିଷନ୍ନ ଭାବାପନ୍ନ ସାଧାରଣ ଧୋତି-ଚାଦର-କୁରୁତା-ପିନ୍ଧା କେତେଜଣ ଉଚ୍ଚଶିକ୍ଷିତ ତେଜସ୍ୱୀ ଯୁବକ ଜଣେ କ୍ଷୁଦ୍ରକାୟ ଗୌରବର୍ଣ୍ଣ ସୁନ୍ଦର ଶ୍ମଶ୍ରୁଧାରୀ ବୟୋଜ୍ୟେଷ୍ଠଙ୍କ ସଙ୍ଗେ ପାଦରେ ଚାଲି ଚାଲି ବାରବାଟୀ ଦୁର୍ଗ ଭିତରକୁ ଯାଉଥିବାର ଦେଖାଗଲା । ସେତିକିବେଳେ ବିଭିନ୍ନ ସ୍କୁଲର ଛାତ୍ରମାନେ ପଟୁଆର କରି କିଲ୍ଲା ଭିତରକୁ ଚାଲିଥାଆନ୍ତି । ମୁଁ ମଧ ସେ ପଟୁଆରରେ ଥାଏ । ଆମେ ସେତେବେଳେ ଶିକ୍ଷକମାନଙ୍କ ସାଙ୍ଗରେ ପଟୁଆରରେ ଯାଉଥାଉ । ଉପରୋକ୍ତ ଧୋତି-ଚଦର-କୁରୁତା-ପିନ୍ଧା ଭଦ୍ରବ୍ୟକ୍ତିମାନେ ଆମ ପାଖଦେଇ ଯାଉଥାଆନ୍ତି । ମୋର ମନେ ପଡୁଛି, କଲିଜିଏଟ ସ୍କୁଲର ଦ୍ୱିତୀୟ ପଣ୍ଡିତ ସ୍ୱର୍ଗୀୟ ମୃତ୍ୟୁଞ୍ଜୟ ରଥ ଆମ ପଟୁଆର ଆଗରେ ଚାଲିଥାଆନ୍ତି । ସେତିକିବେଳେ ସେ ଏ ଶ୍ମଶ୍ରୁଧାରୀ ଭଦ୍ରବ୍ୟକ୍ତିଙ୍କୁ ଦେଖି ନମସ୍କାର କଲେ । ତାଙ୍କ ସାଙ୍ଗରେ ଥିବା ଅନ୍ୟମାନେ ପଣ୍ଡିତ ମୃତ୍ୟୁଞ୍ଜୟଙ୍କୁ ମଧ ନମସ୍କାର କଲେ । ଆମେ ପଚାରିଲୁ, 'ସାର, ଏ କିଏ ସେ ? ପଣ୍ଡିତେ କହିଲେ, 'ସେ ପରା ଗୋପବନ୍ଧୁ ଦାସ !' ତାଙ୍କ ସାଙ୍ଗରେ ଯାହାଙ୍କୁ ଦେଖୁଛ, ସେ ସତ୍ୟବାଦୀ ସ୍କୁଲର ମାଷ୍ଟରମାନେ ।' ଆମେ ପାଖଆଖରେ ଯେତେ ପିଲା ଥିଲୁଁ, ସମସ୍ତେ ନମସ୍କାର କଲୁଁ । ପଣ୍ଡିତ ଗୋପବନ୍ଧୁ ଦାସ ପ୍ରତିନମସ୍କାର ସହ ଡାହାଣ ହାତଟି ଉଠାଇ ଆଶୀର୍ବାଦ କଲେ । ଅନ୍ୟମାନେ ମୁଣ୍ଡ ନୁଆଇଁ ଆମ ନମସ୍କାର ଗ୍ରହଣ କରିଥିଲେ । ଏହା କେତେ ମିନିଟର କଥା । ବିରାଟ ଜନତା ଭିତରେ ସେମାନେ କୁଆଡେ ମିଶିଗଲେ । ଆମେ ପିଲାମାନେ ଦରବାର ପଡ଼ିଆର ନିର୍ଦ୍ଦିଷ୍ଟ ସ୍ଥାନରେ ଯାଇ ରୁଣ୍ଡ ହେଲୁ । ଆଉ ସେମାନଙ୍କ ସହିତ ଦେଖାସାକ୍ଷାତର ତ କୌଣସି ଅବକାଶ ନଥିଲା । ସମସ୍ତେ ହୁଏତ ଏ ଘଟଣା ପାସୋରି ଦେଇଥିଲେ । କିନ୍ତୁ ମୁହୂର୍ତ୍ତକର ଏ ସାକ୍ଷାତ ମୋ ବାଲ୍ୟଜୀବନର ସ୍ମୃତିରେ ଥିବା ଆଉ ଗୋଟିଏ ଘଟଣାକୁ ଚେତାଇଦେଲା । ୧୯୧୨ ମସିହାକଥା । ସେତେବେଳେ କଲିଜିଏଟ ସ୍କୁଲ ବକ୍ସିବଜାର ବାହାରଗଡ କୋଠାରେ ହେଉଥାଏ, ଯେଉଁଠାରେ ବର୍ତ୍ତମାନ ସରକାରୀ ଛାପାଖାନା ପ୍ରତିଷ୍ଠିତ । ମୁଁ ସାହେବଜାଦା ବଜାରର ଗୋଟିଏ ମେସ୍‌ରେ ରହୁଥାଏ । ପ୍ରତିଦିନ ଆଲାମଚାନ୍ଦବଜାର ଓ ଗଙ୍ଗାମନ୍ଦିର ବାଟଦେଇ ବକ୍ସିବଜାର ସ୍କୁଲକୁ ଯାଏ । ଦିନେ ମୁଁ ସେହିପରି ଆଲାମଚାନ୍ଦବଜାର ରାସ୍ତାରେ ସୁଦାମବାବୁ (ସ୍ୱର୍ଗୀୟ ସୁଦାମଚରଣ ନାୟକ)ଙ୍କ ଘରବାଟ ଦେଇ ଗଙ୍ଗାମନ୍ଦିର ରାସ୍ତା ଆଡକୁ ଯାଉଛି । ଦରବାର ବେଳେ ବାଟରେ ଶ୍ମଶ୍ରୁଧାରୀ ଯାହାଙ୍କୁ ଦେଖିଲି, ତାଙ୍କୁଇ ଥରେ ସେଠାରେ ଭେଟିଥିଲି । ସେତେବେଳେ ମୋ ବାଟରେ ମୁଁ ଚାଲିଯାଉଥିଲି । ମୁଁ ଯଦିବା ତାଙ୍କ ନାଁ ଆଗରୁ ଶୁଣିଥିଲି, ପ୍ରତ୍ୟକ୍ଷ ଚିହ୍ନିନଥିଲି । ମୁଁ ତାଙ୍କ ପଛେ ଚାଲିଥିଲି । ମୁଁ ଖରାରେ ଚାଲିଯାଉଥିବା ଦେଖି ସେ ଅତି ସ୍ନେହରେ ମୋତେ ଡାକି ପଚାରିଲେ, କେଉଁ ସ୍କୁଲରେ ପଢୁଛ ? ମୁଁ କହିଲି - 'କଲିଜିଏଟ୍ ସ୍କୁଲରେ ।' ପୁଣି ପଚାରିଲେ, 'ଏତେ ଖରାରେ ଯାଉଛ, ଛତା ଖଣ୍ଡିଏ ଧରୁନ ? ମୁଁ କହିଲି, ମୋର ଛତା ନାହିଁ । ସେ ମୋର କାନ୍ଧରେ ହାତ ପକାଇ ଘର କେଉଁଠି, ବସା କେଉଁଠାରେ ଇତ୍ୟାଦି ପଚାରି ମୋର ପରିଚୟ ମାଗିଲେ । ମୋଠାରୁ ଉତ୍ତର ଶୁଣି କହିଲେ, 'ତୁମେ ସତ୍ୟବାଦୀ ସ୍କୁଲରେ ପଢିବ ? ସାହାଯ୍ୟ ମିଳିବ ।' ମୁଁ କହିଲି, 'ମୁଁତ ଏଠାରେ ବୃତ୍ତି ପାଇ ପଢୁଛି ।' ସେ କହିଲେ, 'କିଛି ଅସୁବିଧା ହେଲେ ମୋତେ କହିବ ।' ପଚାରିଲେ - 'ମୋ ନାଁ ଜାଣିଛ ? ମୁଁ କହିଲି, 'ନା ।' ସେ କହିଲେ, ତୁମେ ଗୋପବନ୍ଧୁ ଦାସ, ସତ୍ୟବାଦୀ ଠିକଣାରେ ଚିଠି ଲେଖିଲେ ମୁଁ ପାଇବି ।' ବଡ ସୌମ୍ୟମୂର୍ତ୍ତି ସହାସ୍ୟବଦନ । ଏପରି ସ୍ନେହ ଓ ଶ୍ରଦ୍ଧାପୂର୍ଣ୍ଣ ଭାବରେ କଥା କହିଲେ ଯେ, ତାଙ୍କର ଚେହେରା ଓ କଥା ମୋ ସ୍ମୃତିପଟରେ ରହିଗଲା । ଦରବାରୀ ପଟୁଆରରେ ଯେତେବେଳେ ପଣ୍ଡିତ ମହାଶୟ ତାଙ୍କର ପରିଚୟ ଦେଲେ, ସେତେବେଳେ ମୋର ଏହି ପୂର୍ବସ୍ମୃତି ମନରେ ଜାଗରୂକ ହୋଇପଡିଲା । *(ଶ୍ରାବଣସଂଖ୍ୟା ସମାଜ-୧୯୫୫-ପୃ ୨-୩)*

୧୯୧୨ ସାଲରେ କଟକର ରାଜପଥରେ ମୁହୂର୍ତ୍ତକର ସାକ୍ଷାତରେ ଗୋପବନ୍ଧୁଙ୍କ ପରିଚୟ ପାଇ ସ୍କୁଲଛାତ୍ର ରାଧାନାଥଙ୍କର ମନ ଉଦ୍‌ବେଳିତ ହୋଇଗଲା । ବାଲ୍ୟକାଳର ସେହି ମଧୁର ସ୍ମୃତି ଜାଗରୁକ ହୋଇ ଉଠିଲା । କିଏ ଏହି ମହାତ୍ମା, ଯାହାଙ୍କର ଅହେତୁକ ସ୍ନେହ ବ୍ୟବହାର ତାଙ୍କର ହୃଦୟ କନ୍ଦରରେ ଗୁଞ୍ଜରଣ ସୃଷ୍ଟି କରିଛି । ସେହି ବର୍ଷ ପୁରୀ ସହରରେ ଉତ୍କଳ ସମ୍ମିଳନୀର ଅଧିବେଶନ ବସିଥାଏ । କଟକରୁ ଛାତ୍ର ବନ୍ଧୁଙ୍କ ଗହଣରେ ରାଧାନାଥ ଯାଇଥିଲେ ପୁରୀ ସମ୍ମିଳନୀକୁ ଦର୍ଶକ ହିସାବରେ । ସେଠାରେ ବହୁ ମାନ୍ୟଗଣ୍ୟ ଉତ୍କଳୀୟ ବ୍ୟକ୍ତିତ୍ୱମାନଙ୍କ ମଧ୍ୟରେ ମି.ଦାସ ଏବଂ ଗୋପବନ୍ଧୁଙ୍କୁ ଦର୍ଶନ କରି ଏବଂ ସେମାନଙ୍କର ଆବେଗମୟୀ ଭାଷଣ ଶୁଣି ମୁଗ୍ଧ ହୋଇଯାଇଥିଲେ । ତେଣୁ ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱ ପ୍ରତି ସେ ଅଜାଣତରେ ଯେ ଆକୃଷ୍ଟ ହୋଇ ପଡୁଥିଲେ, ଏହା ସେତେବେଳର ତରୁଣ ରାଧାନାଥଙ୍କର କଳ୍ପନାତୀତ ଥିଲା । ତେବେ ପରବର୍ତ୍ତୀ କାଳରେ ଗୋପବନ୍ଧୁ ଓ ରାଧାନାଥଙ୍କର ମିଳନ ଯେ ଓଡ଼ିଶାର ଜାତୀୟ ଜୀବନ ପ୍ରତି ଅତ୍ୟନ୍ତ ଶୁଭଙ୍କର ହୋଇଅଛି, ଏଥିରେ ଦ୍ୱିମତ ହେବାର ଆଦୌ ଅବକାଶ ନାହିଁ ।

### ଜାତୀୟ ଯୁଗର ବିଚକ୍ଷଣ ବ୍ୟାଖ୍ୟାକାର :

ଊନବିଂଶ ଶତାବ୍ଦୀର ଶେଷ ତିନି ଦଶକ ଏବଂ ବିଂଶ ଶତାବ୍ଦୀର ପ୍ରଥମ ଦୁଇ ଦଶକର ଘଟଣାବଳୀ ଜାଣିବାପାଇଁ ହେଲେ ଗୌରୀଶଙ୍କରଙ୍କର 'ଉତ୍କଳଦୀପିକା' ଅଧ୍ୟୟନ କରିବା ବ୍ୟତୀତ ଅନ୍ୟ ପନ୍ଥା ନାହିଁ । ସେହିପରି ବିଂଶଶତାବ୍ଦୀ ତୃତୀୟ ଦଶକର ଆରମ୍ଭରୁ ଆଜିପର୍ଯ୍ୟନ୍ତ ବହୁ ପତ୍ରପତ୍ରିକା ପ୍ରକାଶିତ ହୋଇଥିଲେ ହେଁ ସମାଜ ସମ୍ବାଦପତ୍ରର ନେତୃତ୍ୱ ଏ କ୍ଷେତ୍ରରେ ଅବିସମ୍ବାଦିତ । ଏହି ପତ୍ରିକାରେ ରାଶି ରାଶି ଅଗ୍ରଲେଖା ଏବଂ ସମ୍ପାଦକୀୟ ଟିପ୍ପଣୀ ମାଧ୍ୟମରେ ରାଧାନାଥ ଓଡିଶାର ଇତିହାସ, ଅର୍ଥନୀତି, ରାଜନୀତି, ସମାଜଜୀବନ, କିମ୍ବଦନ୍ତୀ, ସାହିତ୍ୟ ଓ ପୁରାଣ ଇତ୍ୟାଦିକୁ ଯେପରି ଅନୁଶୀଳନ କରି ଆସିଅଛନ୍ତି, କୌଣସି ସାଧାରଣ ଦୈନିକ ପତ୍ରିକାରେ ଏସବୁ ଦୁର୍ଲ୍ଲଭ କହିଲେ ଚଳେ । ଅବଶ୍ୟ ଏ କଥା ସ୍ୱୀକାର କରିବାକୁ ହେବ ଯେ ତାଙ୍କର ଅଗ୍ରଲେଖାଗୁଡ଼ିକରେ ଗଣ ଅନୁଭୂତିର ସ୍ପର୍ଶ ତୁଳନାରେ ବୌଦ୍ଧିକ ଚିନ୍ତା, ବହୁ ପାଠିତା ଏବଂପାଣ୍ଡିତ୍ୟର ପ୍ରଭାବ ଅଧିକ ଦେଖାଯାଇଥାଏ । ତେବେ ସୁଦ୍ଧା ଏହି ଲେଖାଗୁଡ଼ିକର ଐତିହାସିକ ମୂଲ୍ୟ ଅତ୍ୟନ୍ତ ବେଶୀ ।

ପ୍ରତ୍ୟେକବର୍ଷ ଗୋପବନ୍ଧୁ ଶ୍ରାଦ୍ଧଦିବସ ଉଦ୍ଦେଶ୍ୟରେ ପ୍ରକାଶିତ ସ୍ୱତନ୍ତ୍ର ସଂଖ୍ୟା 'ସମାଜ'ରେ ଗୋପବନ୍ଧୁଙ୍କ ସଂପର୍କରେ ରାଧାନାଥଙ୍କ ଲିଖିତ ପ୍ରବନ୍ଧଗୁଡ଼ିକ ଅତ୍ୟନ୍ତ ପ୍ରଣିଧାନଯୋଗ୍ୟ । ଏଥିରେ ସେ କେବଳ ବ୍ୟକ୍ତିତ୍ୱପୂଜା ଅନୁରୋଧରେ ଗୋପବନ୍ଧୁଙ୍କର ପ୍ରଶଂସା କରିଛନ୍ତି କହିଲେ ସତ୍ୟର ଅପଳାପ ହେବ । ବରଂ ତହିଁରେ ସେ ବାସ୍ତବିକ ପ୍ରତିପାଦନ କରି ଆସିଅଛନ୍ତି ଯେ ଗୋପବନ୍ଧୁଙ୍କ ସାଧନାକାଳ ହେଉଛି ଓଡ଼ିଶାରେ ଜାତୀୟଜାଗରଣର ସମୟ । ତେଣୁ ସାଂପ୍ରତିକ କାଳର ସାଂସ୍କୃତିକ ଇତିହାସ ଆଲୋଚନା କାଳରେ ଗୋପବନ୍ଧୁଙ୍କୁ ବାଦ୍ ଦେଲେ ତାହା ଯଥାର୍ଥ ପୂର୍ଣ୍ଣାଙ୍ଗ ହେବ ନାହିଁ । ତେଣୁ ୧୯୧୯ ସାଲରେ 'ସମାଜ' ଅନୁଷ୍ଠାନର କର୍ମୀଭାବରେ ଯୋଗଦାନ କଲେହେଁ ସାଧାରଣ କ୍ଷେତ୍ରରେ ଗୋପବନ୍ଧୁଙ୍କର ଅଭ୍ୟୁଦୟକାଳରୁ ଆରମ୍ଭ କରି ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଘଟଣାକୁ ସେ ଯେପରି ବୈଜ୍ଞାନିକ ବିଶ୍ଳେଷଣ କରିଅଛନ୍ତି, ତାହା ପାଠ କଲେ ବାସ୍ତବିକ ଚମତ୍କୃତ ହେବାକୁ ପଡ଼େ । ଏଠାରେ ପ୍ରସଙ୍ଗକ୍ରମେ କେତୋଟି ପ୍ରବନ୍ଧର ଉଦାହରଣ ଦିଆଯାଇପାରେ । ଗୋଟିଏ ବର୍ଷର ଶ୍ରାଦ୍ଧସଂଖ୍ୟା ସମାଜରେ ରାଧାନାଥ ଗୋପବନ୍ଧୁଙ୍କ ଜୀବନର କେତୋଟି ଘଟଣା ବିଷୟରେ ଏକ ପ୍ରବନ୍ଧ ପ୍ରକାଶ କରିଥିଲେ । ଏଥିରେ ୧୯୦୫-୧୯୦୬ ସାଲର କଥା କୁହାଯାଇଛି । ୧୯୦୩ ସାଲରୁ ଓଡ଼ିଶା ଦେଶମିଶ୍ରଣ ଆନ୍ଦୋଳନ ଆରମ୍ଭ ହେଲା । ୧୯୦୬ ସାଲରେ ଗୋପବନ୍ଧୁ କଲିକତାରୁ ଆଇନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଓଡିଶାକୁ ଫେରି ଆସିଲେ ଏବଂ ଏଠାରେ ଶିକ୍ଷାର ପ୍ରସାର ପାଇଁ ମନପ୍ରାଣ ଢାଳିଦେଲେ । ତାଙ୍କରି ଉଦ୍ୟମରେ ତତ୍କାଳୀନ ଗଡ଼ଜାତ ନୀଳଗିରି ଇଲାକାରେ କିପରି ହାଇସ୍କୁଲ ପ୍ରତିଷ୍ଠା ହେଲା ଏବଂ ପଲିଟିକାଲ ଏଜେଣ୍ଟ କବଡେନ୍ ରାମସେ ଏହି ସ୍କୁଲର ସମୃଦ୍ଧି ଦେଖି ବିସ୍ମିତ ହେଲେ ହେଁ କିପରି ଶିକ୍ଷାର ପ୍ରସାର ପାଇଁ ପ୍ରବଳ ବିରୋଧ କରିବା ଫଳରେ ସେ ସ୍କୁଲଟି ବନ୍ଦ ହୋଇଗଲା, ତାହାର ଚିତ୍ର ଦିଆଯାଇଛି । କେବଳ ସେତିକି ନୁହେଁ, ସତେ ଯେପରି ଭବିଷ୍ୟତ ସତ୍ୟବାଦୀ ଜାତୀୟ ଅନୁଷ୍ଠାନର ପରିକଳ୍ପନା ନୀଳଗିରିରେ ହିଁ ରୂପାୟିତ ହେବାର ଉଦ୍ୟମ ହୋଇଥିଲା । ସେଠାର ଶିକ୍ଷକମାନେ କେବଳ ବ୍ୟବସାୟିକ ଦୃଷ୍ଟିରୁ କର୍ମ କରୁ ନଥିଲେ । ସେମାନଙ୍କର କାର୍ଯ୍ୟାବଳୀ କାହିଁକି ଇତିହାସରେ ଲିପିବଦ୍ଧ ହୋଇ ରହିବ, ତାହାର କାରଣ :

> *''ସେ ଛାତ୍ର ଶିକ୍ଷକ ସମସ୍ତଙ୍କ ଘରକୁ ଯାଇ ସମସ୍ତଙ୍କ ଭଲମନ୍ଦ କଥା ବୁଝନ୍ତି । ଶିକ୍ଷାପ୍ରସାର ବିଷୟରେ ଆଲୋଚନା କରନ୍ତି । ଗୋପବନ୍ଧୁ, ହରିହର ନିଜ ହାତରେ ରୋଗୀସେବା ପ୍ରଭୃତି କାମ କରି ଛାତ୍ର ଓ ଶିକ୍ଷକ ଆଦିଙ୍କୁ ସେବା ଭାବରେ ଅନୁପ୍ରାଣିତ କରନ୍ତି । ଛାତ୍ରମାନଙ୍କ ଚରିତ୍ର ଗଠନ, ସ୍ୱଦେଶପ୍ରୀତି, ସ୍ୱଦେଶୀ ବ୍ୟବହାର, ବ୍ୟାୟାମ ଶିକ୍ଷା ଓ ସଂଗଠନ, ସ୍ୱାସ୍ଥ୍ୟ ଚର୍ଚ୍ଚା ଏସବୁ ଦ୍ୱାରା ସେଠାରେ ସେ ନୂଆ ବାୟୁମଣ୍ଡଳ ସୃଷ୍ଟି କରିଥିଲେ ।''*

ପ୍ରାଚୀନ ଗୁରୁକୁଳ ଆଦର୍ଶ ଆଜି କେବଳ ପୋଥିପାଠ ହୋଇ ରହିଛି । ମାତ୍ର ଗୋପବନ୍ଧୁ, ହରିହର ପ୍ରଭୃତି ଆଦର୍ଶ ଶିକ୍ଷକଗଣ ତାହା ଏକଦା କାର୍ଯ୍ୟରେ ଚରିତାର୍ଥ କରିଥିଲେ । ଏ ଦେଶର ଦୁର୍ଭାଗ୍ୟ ଯେ ସେହି ଶିକ୍ଷାନୁଷ୍ଠାନ ଅଥବା ଶିକ୍ଷାନୀତି ପରିବର୍ତ୍ତିତ ସମାଜବ୍ୟବସ୍ଥାରେ ବଞ୍ଚିପାରିଲା ନାହିଁ । ୧୯୫୪ ସାଲର 'ସମାଜ' ଶ୍ରାଦ୍ଧ ସଂଖ୍ୟାରେ ସେ ଗୋପବନ୍ଧୁଙ୍କ ଶିକ୍ଷାନୀତି ବିଶ୍ଳେଷଣ କରି 'ସାର୍ବଭୌମ-ଶିକ୍ଷା-ସଂଘ' ଶୀର୍ଷକ ଏକ ପ୍ରବନ୍ଧ ଲେଖିଥିଲେ । ୧୯୧୨ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ୨୨ ତାରିଖ ଦିନ ସତ୍ୟବାଦୀ ସ୍କୁଲରେ କେହି ନିଆଁ ଲଗାଇଦେବାରୁ ସମଗ୍ର ସ୍କୁଲ, ଉପକରଣ ଏବଂ ଲାଇବ୍ରେରୀ ପୋଡି ଭସ୍ମୀଭୂତ

ହୋଇଗଲା । ଏହା ଥିଲା ସେକାଳର ରକ୍ଷଣଶୀଳ ବ୍ରାହ୍ମଣମାନଙ୍କର କଠୋର ପ୍ରତିକ୍ରିୟା । ତେଣୁ ଗୋପବନ୍ଧୁ ଦେଖିଲେ ଯେ କେବଳ ସ୍କୁଲଟିଏ ବସାଇଦେଲେ ଚଳିବ ନାହିଁ, ଲୋକଙ୍କ ଭିତରେ ସାମାଜିକ ଓ ସାଂସ୍କୃତିକ ସଂସ୍କାର ଆଣିବା ଏକାନ୍ତ ଆବଶ୍ୟକ । ସେହି ହେତୁ ବିଭିନ୍ନ ଜାତିର ପିଲାମାନଙ୍କୁ ଏକାଠି ଆଣି ବୋର୍ଡିଂରେ ରଖାଇବା, ସବୁ ଶ୍ରେଣୀର ପିଲାଙ୍କୁ ପାଠପଢା ସଙ୍ଗେ ସଙ୍ଗେ କୂଅ ପୋଖରୀ ଖୋଳେଇବା, ଜମିରେ ବଗିଚା ଓ ଚାଷକାମ ଶିଖେଇବା, ଛାତ୍ରମାନଙ୍କ ଉଦ୍ୟମରେ ସମବାୟ ଦୋକାନ କରି ସହଯୋଗ ସଙ୍ଗେ ସଙ୍ଗେ ବାଣିଜ୍ୟ ବ୍ୟବସାୟରେ ଆଗ୍ରହ ଓ ଅଭିଜ୍ଞତା ଜନ୍ମାଇବା, ପିଲାମାନଙ୍କୁ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ରୋଗୀସେବା କରାଇବା, ସମସ୍ତେ ଗୋଟିଏ ମେସ୍ ଅର୍ଥାତ୍ ଏକ ଗୋଷ୍ଠୀରେ ରହି ମିଳିମିଶି ରୋଷେଇ କରି ପଂକ୍ତିଭୋଜନ କରିବା, ପରେ ଗୃହସଂସାର ଓ ଅନୁଷ୍ଠାନ ଚଳାଇବା ଦିଗରେ କର୍ମକୁଶଳତା ଓ ମିତବ୍ୟୟିତା ଶିଖାଇବା ଉଦ୍ଦେଶ୍ୟରେ ମେସ୍ ବା ଏକତ୍ର ବସବାସ ଓ ରୋଷେଇର ହିସାବ-କିତାବ ପ୍ରଭୃତିର ପରିଚାଳନା କରିବା, ସମସ୍ତେ ଏକମେଳ ହୋଇ ସକାଳ ଓ ସନ୍ଧ୍ୟାରେ ଧର୍ମ-ଉପାସନା କରିବା, ଗ୍ରାମ୍ୟଜୀବନ ସହିତ ପ୍ରତ୍ୟକ୍ଷ ସଂପର୍କ ରଖିବାପାଇଁ ଏବଂ ଗ୍ରାମଲୋକଙ୍କର ଏ ଆଧୁନିକ ଶିକ୍ଷା ଓ ଶିକ୍ଷାନୁଷ୍ଠାନ ପ୍ରତି ଆଗ୍ରହ ଓ ସହଯୋଗ ଜନ୍ମାଇବା ପାଇଁ ସ୍କୁଲର ନିକଟବର୍ତ୍ତୀ ଗ୍ରାମମାନଙ୍କୁ ଯାଇ ରୋଗୀସେବା ଆଦି ସାମାଜିକ ସେବାକାର୍ଯ୍ୟ କରିବା, ସର୍ବୋପରି ଆମ ପ୍ରାଚୀନ ସଭ୍ୟତା ଓ ସଂସ୍କୃତି ଏବଂ ସାହିତ୍ୟ ଓ ଶାସ୍ତ୍ରଚର୍ଚ୍ଚା ସଙ୍ଗେ ସଙ୍ଗେ ଆଧୁନିକ ଶିକ୍ଷା ଓ ଇଂରେଜୀ ପ୍ରଭୃତି ବିଭିନ୍ନ ଭାଷା ଓ ସାହିତ୍ୟର ଚର୍ଚ୍ଚା କରାଇ ପ୍ରାଚୀନ ଓ ନବୀନ ଭିତରେ ଗୋଟିଏ ହିତକର ସମନ୍ୱୟ ପ୍ରତିଷ୍ଠା କରିବା ଏବଂ ଭାଷା, ଲିପି, ସାହିତ୍ୟ ଓ ସାମାଜିକ ଜୀବନ ପ୍ରଭୃତିରେ ସଂସ୍କାର ଅଣାଇ ସମାଜକୁ ଜୀବନ୍ତ ଓ କ୍ରିୟାଶୀଳ କରାଇବା, ସର୍ବୋପରି ଶିକ୍ଷାକ୍ଷେତ୍ରରେ ଅତି ଅନୁନ୍ନତ ଅବସ୍ଥାରେ ପଡିଥିବା ଏବଂ ଦାରିଦ୍ର୍ୟରେ ସଢୁଥିବା ଦେଶବାସୀଙ୍କୁ ଉନ୍ନତି ଦିଗରେ ଆଗଉର କରାଇବାପାଇଁ ତ୍ୟାଗୀ କର୍ମୀଗୋଷ୍ଠୀ ଗଢିବା ଓ ସେମାନଙ୍କ ସାହାଯ୍ୟରେ ଏବଂ ଦେଶବାସୀଙ୍କ ସହଯୋଗରେ ସ୍ଥାନେ ସ୍ଥାନେ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବାପାଇଁ ଗୋଟିଏ ଯୋଜନା କରି ତାକୁ କାର୍ଯ୍ୟକାରୀ କରିବାର ଉଦ୍ୟମ କରିବା ସେତେବେଳେ ଏମାନଙ୍କର ଏକମାତ୍ର ଲକ୍ଷ୍ୟ ହେଲା । ଗୋପବନ୍ଧୁ ଏ କ୍ଷେତ୍ରରେ କେବଳ ଯେ ପ୍ରଥମେ ପ୍ରେରଣା ଦେଇଥିଲେ ତାହା ନୁହେଁ, ଏ ପ୍ରକାର ଯୋଜନାର ପ୍ରଥମ କଳ୍ପନା କରିଥିଲେ ।

ଗୋପବନ୍ଧୁଙ୍କ ଶିକ୍ଷାନୀତି ସଂପର୍କରେ ଅନ୍ୟ ଏକ ପ୍ରବନ୍ଧରେ (କଳ୍ପନା ଓ ସାଧନା - ଶ୍ରାଦ୍ଧ ସଂଖ୍ୟା 'ସମାଜ' - ୧୯୫୧) ଆଲୋଚନା କରୁ କରୁ ରାଧାନାଥ ମତ ବ୍ୟକ୍ତ କରିଥିଲେ ଯେ ଚନ୍ଦ୍ରସୂର୍ଯ୍ୟ ସମାନ ଭାବରେ ସମସ୍ତଙ୍କୁ ଆଲୋକ ଦେଲାପରି ଦେଶର ପ୍ରତ୍ୟେକ ଅଧିବାସୀଙ୍କୁ ଶିକ୍ଷା ବା ଜ୍ଞାନାଲୋକ ଦେବାକୁ ହେବ । ଏହା ରାଷ୍ଟ୍ରର ମୌଳିକ କର୍ତ୍ତବ୍ୟ । ଯେ ପର୍ଯ୍ୟନ୍ତ ଏହା ନ ହୋଇଛି, ସେ ପର୍ଯ୍ୟନ୍ତ ଗଣତନ୍ତ୍ର ଶାସନ ଅପୂର୍ଣ୍ଣ ବା ଅସମ୍ଭବ । ମୂର୍ଖ ଜନତାକୁ ନେଇ ଉନ୍ନତ ଗଣତନ୍ତ୍ର ଶାସନ ସଫଳ ହୋଇ ନପାରେ, ଶୃଙ୍ଖଳିତ ଓ ସୁନିୟନ୍ତ୍ରିତ ସମାଜ ମଧ୍ୟ ବିକାଶ ଲାଭ କରିନପାରେ, ସମ୍ପଦ ବିକାଶ ଓ ଅଭିବୃଦ୍ଧି ସଂଘଟିତ ହୋଇ ନ ପାରେ, ରାଷ୍ଟ୍ରର ସ୍ୱାତନ୍ତ୍ର୍ୟ ଏବଂ ନିରାପତ୍ତା ଦୃଢୀଭୂତ ହୋଇନପାରେ । ଶିକ୍ଷା ଧର୍ମ ବୁଦ୍ଧି ଓ କର୍ତ୍ତବ୍ୟ ଜ୍ଞାନର ବିକାଶ କରେ । ଗୋପବନ୍ଧୁଙ୍କୁ ଜାଣିବାପାଇଁ ରାଧାନାଥଙ୍କ ଲିଖିତ ପ୍ରବନ୍ଧଗୁଡିକ ଅବଶ୍ୟ ପଠନୀୟ । ଗୋପବନ୍ଧୁଙ୍କ ସମ୍ପର୍କରେ ଯେତେ ପ୍ରବନ୍ଧ ଓ ପୁସ୍ତକ ପ୍ରକାଶିତ ହେଲେ ହେଁ ରାଧାନାଥଙ୍କ ଅନୁଭୂତି ଓ ବ୍ୟାଖ୍ୟା ସମ୍ବଳିତ ରଚନାଗୁଡିକ ମିଶାଇ ନ ପଢିଲେ ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱର ପ୍ରକୃତ ସ୍ୱରୂପ କଳନା କରିହେବ ନାହିଁ । ତାଙ୍କର ପ୍ରତ୍ୟେକ ପ୍ରବନ୍ଧରେ ଉପନ୍ୟାସ-ସୁଲଭ ଆବେଗ ଏବଂ ଚରିତ୍ରର ବିଶ୍ଳେଷଣ ହୋଇଥିବାରୁ ପ୍ରବନ୍ଧଗୁଡିକ ତଥ୍ୟପୂର୍ଣ୍ଣ ହେଲେହେଁ, ଅତ୍ୟନ୍ତ ସୁଖପାଠ୍ୟ ହୋଇଥାଏ । ୧୯୨୬ ସାଲର କେତେକ ଘଟଣାକୁ ଲିପିବଦ୍ଧ କରିବାକୁ ଯାଇ ରାଧାନାଥ ଲେଖିଥିଲେ - ''ଆମଦେଶର ସଂସ୍କୃତି'' ଶୀର୍ଷକ ଏକ ଆଲୋଚନା ପ୍ରବନ୍ଧ । ଏହି ପ୍ରବନ୍ଧଟି ୧୯୫୩ ସାଲ 'ସମାଜ' ଶ୍ରାଦ୍ଧ ସଂଖ୍ୟାରେ ପ୍ରକାଶିତ ହୋଇଥିଲା । ସେବର୍ଷ ମହାନଦୀରେ ପ୍ରବଳ ବନ୍ୟାହେତୁ ଅନେକ କ୍ଷୟକ୍ଷତି ହୋଇଥାଏ । ପ୍ରସିଦ୍ଧ ଜନସେବକ ଦୀନବନ୍ଧୁ ଆଣ୍ଡ୍ରୁଜ ସାହେବ ଓଡିଶା ଆସିଥାଆନ୍ତି । ଆଣ୍ଡ୍ରୁଜ ସାହେବ ଲୋକସେବକ ହୋଇଥିବାରୁ ସାହେବ ପୋଷାକ ଛାଡି ଏହି ଦେଶର ଲୋକଙ୍କ ପରି ଧୋତି ଓ ପଞ୍ଜାବୀ ପିନ୍ଧୁଥିଲେ । ସେହିପରି ଆଚରଣ ଓ ରୀତିନୀତି ବିଷୟରେ ସଚେତନ ଥାଇ ଗାନ୍ଧୀ, ଗୋପବନ୍ଧୁ ପ୍ରଭୃତି ଏ ଦେଶର ସଂସ୍କୃତି ଓ ପରଂପରାକୁ ସମ୍ମାନ ପ୍ରଦର୍ଶନ କରି ପୂଜ୍ୟ ହୋଇପାରିଥିଲେ । ଏହି ବିଷୟରେ ରାଧାନାଥଙ୍କର ମତାମତ ପ୍ରଣିଧାନଯୋଗ୍ୟ ।

''ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରୁ ହେଉ ବା ଅନ୍ୟ ଯେ କୌଣସି କାରଣରୁ ହେଉ, ଭାରତର ସ୍ୱାଧୀନତାଲାଭ ପରେ ସାହେବପୋଷାକ ପରିଚ୍ଛଦ, ଖିଆପିଆ, ଆଚରଣ ଓ ଆଡମ୍ବର ପ୍ରବଳ ଭାବରେ ପ୍ରଭାବ ବିସ୍ତାର କରୁଛି । ଅର୍ଥନୈତିକ କାରଣ ଦୃଷ୍ଟିରୁ ଏ ସବୁର ଉପଯୋଗିତା ଅଛି ବୋଲି ଅନେକ କହିପାରନ୍ତି, କିନ୍ତୁ ଭାରତୀୟ ଜୀବନ ଓ ସଂସ୍କୃତି ସହିତ ଏହା ଖାପ ଖାଇପାରୁନାହିଁ । ବରଂ ଏହା କ୍ରମେ ବ୍ୟୟସାଧ ହୋଇ ଅର୍ଥନୈତିକ ସମସ୍ୟା ସୃଷ୍ଟି କରୁଛି । ଏପରିକି ଆଜିକାଲିର ଖାଇବା ପିଇବା ଓ ଚାଲିଚଳନ ଅସଂଖ୍ୟ ପ୍ରକାର ସଂକ୍ରାମକ ରୋଗବ୍ୟାଧି ସଞ୍ଚାରର କାରଣ ହେଉଛି । ଶାସ୍ତ୍ରରେ କଥିତ ଅଛି -

*'ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ।'*

ଜାତୀୟ ସଭ୍ୟତା, ସଂସ୍କୃତି ଅନେକ ପରିମାଣରେ ଖାଇବା, ପିନ୍ଧିବା, ଚାଲିଚଳନ ପ୍ରଭୃତି ଜୀବନର ସାଧାରଣ କ୍ରିୟାକଳାପରେ ମଧ୍ୟ ପ୍ରକାଶ ପାଏ । ଏସବୁରେ କୌଣସି ବିଭ୍ରାଟ ବା ପରିବର୍ତ୍ତନ ଅଲକ୍ଷ୍ୟରେ ଅନେକସମୟରେ ସଭ୍ୟତା ଓ ସଂସ୍କୃତିର ଭିତ୍ତି ବିକୃତ-ବିଭଙ୍ଗ କରିଦିଏ ।''

ରାଧାନାଥଙ୍କ ଲିଖିତ ରାଶି ରାଶି ପ୍ରବନ୍ଧ ସକଳ ସଂକଳିତ ହୋଇ ପ୍ରକାଶିତ ହେଲେହେଁ କେବଳ ରାଧାନାଥଙ୍କ ସାରସ୍ୱତ ବ୍ୟକ୍ତିତ୍ୱ ସଂପର୍କରେ ଅବଧାରଣ ହେବନାହିଁ, ଚଳିତ ଶତାବ୍ଦୀର ସାହିତ୍ୟ, ରାଜନୀତି, ଇତିହାସ ଓ ସାମାଜିକ ମୂଲ୍ୟାୟନ କରିବାପାଇଁ ସହଜ ହେବ । ଏହାଦ୍ୱାରା ଓଡିଶାର ସାଂସ୍କୃତିକ ଇତିହାସର ବହୁ ତଥ୍ୟ ଉଦ୍‌ଘାଟିତ ହୋଇପାରିବ । ଉଦାହରଣ ଛଳରେ ଏକ ଶ୍ରାଦ୍ଧସଂଖ୍ୟା 'ସମାଜ'ରେ ପ୍ରକାଶିତ 'ଭାଷା ଓ ସାହିତ୍ୟରେ ଜାତୀୟତା' ପ୍ରବନ୍ଧଟି ଆଲୋଚନା କରାଯାଇପାରେ । ଏହି ପ୍ରବନ୍ଧରେ ରାଧାନାଥ ସାହିତ୍ୟର ଅଭିବୃଦ୍ଧି ଓ ବିକାଶ ଦିଗରେ ଗୋପବନ୍ଧୁଙ୍କର ଆଦର୍ଶ ଓ ଆଭିମୁଖ୍ୟ କେବଳ ଆଲୋଚନା କରିନାହାନ୍ତି, ଏଥିରେ ଓଡିଆ ସାହିତ୍ୟରେ ସତ୍ୟବାଦୀ ଦଳୀୟ ସାହିତ୍ୟିକ ଆନ୍ଦୋଳନର ଭୂମିକା ସଂପର୍କରେ ଅନେକ ତଥ୍ୟପ୍ରଦାନ କରାଯାଇଛି । ରାଧାନାଥଙ୍କ ଏହି ପ୍ରବନ୍ଧରେ ବହୁ ମୂଲ୍ୟବାନ ଐତିହାସିକ ତଥ୍ୟ ଲିପିବଦ୍ଧ ହୋଇଅଛି ।

ଓଡିଆ ଭାଷା ଓ ସାହିତ୍ୟର ବିକାଶ ଓ ଅଭିବୃଦ୍ଧି ଦିଗରେ ସେବା ଗୋପବନ୍ଧୁଙ୍କର ଜୀବନର ପ୍ରଥମ ଲକ୍ଷ୍ୟ ଥିଲା । କାରଣ ସେ ବୁଝୁଥିଲେ ଯେ ଜାତୀୟ ବିକାଶ ଓ ସ୍ୱାଧୀନତାର ମୂଳଦୁଆ ହେଉଛି ଭାଷା ଓ ତାର ଅଭିବୃଦ୍ଧି । ଯେଉଁ ଦେଶ ବା ଜାତିର ଭାଷା ଓ ସାହିତ୍ୟ ଯେତିକି ଉନ୍ନତ, ମାର୍ଜିତ, ବିକଶିତ ଓ ବହୁମୁଖୀ ଜ୍ଞାନ ଗବେଷଣା ପୂର୍ଣ୍ଣ ତଥ୍ୟ ଓ ଭାବସମ୍ବଳିତ, ସେ ଜାତିର ଯୋଗ୍ୟତା ସେହି ପରିମାଣରେ ପରିସ୍ଫୁଟ, ସେ ଜାତିର ଶକ୍ତି ସେହି ଭାବରେ ଜାଗ୍ରତ, ସେ ଜାତିର କଳ୍ପନା ଓ ଚିନ୍ତା ସେହି ପରିମାଣରେ ଉନ୍ନତ ଓ ଅଗ୍ରଗାମୀ । ତେଣୁ ଜାତି ଗଢିବାକୁ ହେଲେ ଭାଷା ଓ ସାହିତ୍ୟକୁ ଗଢିବାକୁ ହେବ । ମୁଁ ଯେତେବେଳେ ୧୯୧୯ରେ ଗୋପବନ୍ଧୁଙ୍କ ପ୍ରେରଣାରେ ସିଂହଭୂମିରୁ ସରକାରୀ ଚାକିରୀ ଛାଡି ସତ୍ୟବାଦୀ ଆସେ, ସେତେବେଳେ ଓଡିଶାରେ କଂଗ୍ରେସ ଆନ୍ଦୋଳନର ସୂତ୍ରପାତ ହୋଇନଥାଏ । ସେତେବେଳେ ଗୋପବନ୍ଧୁ ମହାଭାରତୀୟ କଂଗ୍ରେସରେ ଉତ୍କଳରୁ ସଭ୍ୟଥାଇ ମୁଖ୍ୟତଃ ଉତ୍କଳର ବହୁମୁଖୀ ସେବାରେ ଲାଗିଥାନ୍ତି । ବିଶେଷତଃ ଶିକ୍ଷା ଓ ସାହିତ୍ୟର ପ୍ରସାର ତାଙ୍କର ମୁଖ୍ୟ କାର୍ଯ୍ୟ ହୋଇଥାଏ । ସିଂହଭୂମିରେ ଓଡିଆଭାଷା ରକ୍ଷା ଆନ୍ଦୋଳନ ୧୯୧୬ ଠାରୁ ଜୋରସୋରରେ ଚଳାଇଥାନ୍ତି । ମୁଁ ସରକାରୀ ଚାକିରୀରେ ଥିଲେ ସୁଦ୍ଧା କ୍ରମେ ସେଠାରେ ସେହି ଆନ୍ଦୋଳନରେ ତାଙ୍କ ପ୍ରେରଣାରେ ସଂଯୁକ୍ତ ହେଲି । ସେହି ପ୍ରେରଣା ମୋତେ ଶେଷରେ ସତ୍ୟବାବାଦୀକୁ ଟାଣିଲା ଏବଂ ମୁଁ ଆସି ସତ୍ୟବାଦୀରେ ଯୋଗଦେଲି । ସେତେବେଳେ ସାପ୍ତାହିକ ସମାଜ କାଗଜ ପ୍ରକାଶ ପାଇଲା । ତା'ପୂର୍ବରୁ ଗୋପବନ୍ଧୁ 'ସତ୍ୟବାଦୀ' ନାମକ ମାସିକ ପତ୍ର ପ୍ରକାଶ ଓ ସମ୍ପାଦନ କରୁଥିଲେ । ୧୩୨୨(୧୯୧୫)ରୁ ଏ ମାସିକ ପତ୍ର ତାଙ୍କ ସମ୍ପାଦକତ୍ୱରେ ଗଞ୍ଜାମ ବ୍ରହ୍ମପୁରଠାରୁ ସ୍ୱର୍ଗୀୟ ଶଶିଭୂଷଣରଥଙ୍କ ପ୍ରେସରୁ ଛାପା ହୋଇ ବାହାରୁଥିଲା । ଗୋପବନ୍ଧୁ ୧୯୧୯ରେ ସତ୍ୟବାଦୀରେ କ୍ଷୁଦ୍ର ଛାପାଖାନାଟିଏ କରି ତା ନାମ 'ସତ୍ୟବାଦୀପ୍ରେସ' ଦେଲେ ଏବଂ ସେହିଠାରୁ 'ସତ୍ୟବାଦୀ' ପ୍ରକାଶ ପାଇଲା । ସେ ନିଜେ ସେଥିରେ ସମ୍ପାଦକ । ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ, ପଣ୍ଡିତ କୃପାସିନ୍ଧୁ, ଶ୍ରୀଯୁକ୍ତ ବାସୁଦେବ ପ୍ରମୁଖ ସତ୍ୟବାଦୀସ୍କୁଲ କର୍ମୀ ଓ ଶିକ୍ଷକମାନେ ବିଭିନ୍ନ ବିଷୟରେ ନାନା ଆଲୋଚନା ଓ ଗବେଷଣାପୂର୍ଣ୍ଣ ପ୍ରବନ୍ଧ ଓ ଲେଖାମାନ ଲେଖୁଥାଆନ୍ତି । ଏହା ୧୯୨୨ ଯାଏ ଗୋଟିଏ ସାହିତ୍ୟାଲୋଚନା ପତ୍ର ରୂପେ ପ୍ରକାଶିତ ହେଉଥାଏ । ସମ୍ପାଦକୀୟ 'ଆଲୋଚନା' ଗୋପବନ୍ଧୁଙ୍କର ଲେଖନୀର ବିଶେଷତ୍ୱ । ମୁଁ ସତ୍ୟବାଦୀକୁ ଆସିଲାମାତ୍ରେ ମୋତେ ଏହି ମାସିକ ପତ୍ର ସତ୍ୟବାଦୀରେ ଓ କଳ୍ପିତ 'ସମାଜ' କାଗଜର ପ୍ରକାଶକ ଓ ପରିଚାଳନାଭାର ଦିଆଗଲା ।''

ସମତଳ ପ୍ରଦେଶରେ ପ୍ରବାହିତ ବିରାଟ ଓ ସୁବିସ୍ତୀର୍ଣ୍ଣ ନଦୀରେ ଅବଗାହନକାରୀ କଳ୍ପନା କରିପାରେ ନାହିଁ, କେଉଁ ମୁହୂର୍ତ୍ତରେ ପର୍ବତ ଅଥବା ଉପତ୍ୟକାରୁ ଜନ୍ମଗ୍ରହଣ କରିଥିବା ସାମାନ୍ୟ ନିର୍ଝରିଣୀ କେତେ ଉପତ୍ୟକା, ଅଧିତ୍ୟକା, ମାଳଭୂମି ଏବଂ କଙ୍କରିଳ ପ୍ରଦେଶ ଅତିକ୍ରମ କରି ଶେଷରେ କିପରି ଏକ ବିଶାଳ ସ୍ରୋତସ୍ୱିନୀରେ ପରିଣତ ହୋଇଅଛି । ଏହି କ୍ଷମତା ରାଜନୀତି ଯୁଗରେ ବ୍ୟକ୍ତିତ୍ୱର ମୂଲ୍ୟାୟନ ପାଇଁ ଯେଉଁ ମାନଦଣ୍ଡ ନିର୍ଦ୍ଧାରଣ କରାଯାଏ, ତାହା ସେ ଆଦୌ ଚିରନ୍ତନ ନୁହେଁ, ତାହା ଇତିହାସ ବାରମ୍ବାର ପ୍ରମାଣ କରିଥାଏ ।

ରାଧାନାଥଙ୍କର ସାଧନା ଓ ନିଷ୍ଠା ଅବିସ୍ମରଣୀୟ । କର୍ମମୁଖର ଜୀବନକୁ ଗୁମ୍ଫିତ, ସଙ୍କୁଚିତ କରି ଜାତୀୟ ଜୀବନର ମହାସ୍ରୋତରେ ଝାସ ଦେଇଥିଲେ ହେଁ ରାଧାନାଥଙ୍କର ବହୁମୁଖୀ ଚିନ୍ତାଧାରା ଏବଂ ନିଷ୍ଠାପର ଜୀବନଚର୍ଯ୍ୟାର ମୂଲ୍ୟାୟନ ପାଇଁ ବର୍ତ୍ତମାନ ସମୟ ଉପସ୍ଥିତ ହୋଇଅଛି । ଉତ୍ତର ପୁରୁଷମାନଙ୍କର କଲ୍ୟାଣ ଓ ପ୍ରେରଣା ପାଇଁ ରାଧାନାଥଙ୍କର ସର୍ବାଙ୍ଗୀନ ଜୀବନ ଚରିତ ଏବଂ ରାଶି ରାଶି ରଚନାବଳୀ ସଂକଳନ ଓ ପ୍ରକାଶିତ ହେବା ଆବଶ୍ୟକ । ତାହାହେଲେ କିପରି ଜୀବନବ୍ୟାପୀ ତପସ୍ୟା ଓ ସଂଗ୍ରାମ ମଧ୍ୟରେ ରାଧାନାଥଙ୍କର ମହନୀୟ ବ୍ୟକ୍ତିତ୍ୱ ବିକଶିତ ଓ ଉଦ୍ଭାସିତ ହୋଇଅଛି, ତାହା ଉପଲବ୍ଧି କରାଯାଇପାରିବ । ତାଙ୍କରି ଲିଖିତ ଏକ କବିତାର କିଛି ଉଦ୍ଧାର କରି ରାଧାନାଥଙ୍କର ଜୀବନଦର୍ଶନର ପରିଚୟ ଲାଭ କରାଯାଉ ।

ଉଦୟାସ୍ତ ସୁଖ ଦୁଃଖ
ଅଟେ ମୋ କପାଳଲେଖ
ମାତ୍ର ମୁଁ ରହିଛି ନିତ୍ୟେ ତାହିଁ ଅଟଳ,
ଜନ୍ମ ମୃତ୍ୟୁ ସୁଖ ଦୁଃଖ
ତହିଁରେ ନୋହି ବିମୁଖ
ଚାଲପଥ ଧାଯି ପ୍ରଭୁ ପଦ କମଳ । (ସଚିତା ସଙ୍କେତ)

ଅବସରପ୍ରାପ୍ତ ଅଧକ୍ଷ
କେନ୍ଦୁଝର କମାଉଣ୍ଡ, ଜଗିଲାପୋଖରୀ
କଟକ-୮

# ରାଧାନାଥବାବୁ ଓ ଉତ୍କଳ ସମ୍ମିଳନୀ ଚେତନା

ଶ୍ରୀ ବସନ୍ତ କୁମାର ପାଣିଗ୍ରାହୀ

ତତ୍କାଳୀନ ଦେଶର ଅବସ୍ଥାକୁ ଆଖି ଆଗରେ ରଖି ବିଭିନ୍ନ ଶାସନାଧୀନରେ ରହି ନିଜର ଭାଷା ଓ ସଂସ୍କୃତି ରକ୍ଷା କରିନପାରି ଅସହାୟ ଭାବରେ ପଡି ରହିଥିବା ଓଡିଆଭାଷାଭାଷୀମାନଙ୍କ ମନରେ ଯେଉଁ ଉଦ୍‌ବେଳନ ସୃଷ୍ଟି ହୋଇଥିଲା, ସେମାନଙ୍କ ଚିନ୍ତା ଓ ଭାବନାରେ ନିଜ ମାତୃଭାଷା ସଂସ୍କୃତିକୁ ରକ୍ଷା କରିବାପାଇଁ ଯେଉଁ ବ୍ୟାକୁଳତା ଜାତ ହୋଇଥିଲା, ସେହି ସବୁ ଚେତନାକୁ ସଂଗଠିତ ଭାବରେ ରୂପାୟିତ କରି ସବୁ ଅସୁବିଧାର ପ୍ରତିକାର ପାଇଁ ଉପାୟ ଉଦ୍‌ଭାବନ କରିବା ଲାଗି ମଧୁବାବୁଙ୍କ ନେତୃତ୍ୱରେ ଏବଂ ପ୍ରାକୃତିକ ଉତ୍କଳର ସମସ୍ତ ଓଡିଆଙ୍କ ସହଯୋଗରେ ଯେଉଁ ଏକ ମିଳନ ମଣ୍ଡପ ୧୯୦୩ ମସିହାରେ ସୃଷ୍ଟି କରାଯାଇଥିଲା ତାହାର ନାମ ରଖାଯାଇଥିଲା 'ଉତ୍କଳ ସମ୍ମିଳନୀ'। ଦଳଗତ ରାଜନୀତି ଏବଂ ସାଂପ୍ରଦାୟିକ ଭାବନାଠାରୁ ଦୂରରେ ରହି 'ଉତ୍କଳ ସମ୍ମିଳନୀ' ନିଜର ଜାତୀୟ ପରିଚୟଗତ କାର୍ଯ୍ୟକ୍ରମଗୁଡିକ ରୂପାୟିତ କରିବା ଲାଗି ଏକ ମଞ୍ଚ ସୃଷ୍ଟି କରିଥିବା ହେତୁ ଓଡିଆ ସରକାରୀ କର୍ମଚାରୀମାନେ ମଧ୍ୟ ସେହି ମଞ୍ଚ ସହ ସଂଶ୍ଳିଷ୍ଟ ହେବାରେ କୌଣସି ବାଧା ନଥିଲା। ସେମାନେ ମଧ୍ୟ ଯୋଗଦେଉଥିଲେ।

ରାଧାନାଥବାବୁ ସେତେବେଳେ ସାତବର୍ଷର ଶିଶୁ। ସମ୍ମିଳନୀ ଚେତନା ସହ ସେ ବୋଧହୁଏ ସଂଶ୍ଳିଷ୍ଟ ହୋଇ ନଥିବେ। କିନ୍ତୁ ଯୁବକ ଅବସ୍ଥାରୁ ତାଙ୍କର ଚିନ୍ତା, କାର୍ଯ୍ୟଧାରା ଏବଂ ଗତିବିଧି ଅନୁଶୀଳନ କଲେ ଜଣାଯିବ ଯେ ସେ ଉତ୍କଳୀୟ ଜାତୀୟ ଚିନ୍ତାରେ ଏତେ ଉଦ୍‌ବୁଦ୍ଧ ହୋଇଥିଲେ ଯେ ପର ସମୟରେ କାୟ, ମନ ବାକ୍ୟରେ ନିଜକୁ ସଂପୂର୍ଣ୍ଣ ଭାବରେ ସାରା ଜୀବନ ଉତ୍କଳୀୟ ଚେତନା ସହ ଜଡିତ କରି ଦେଇଥିଲେ। ଗୋପବନ୍ଧୁଙ୍କ ଦ୍ୱାରା ନିଯୁକ୍ତ ସିଂହଭୂମିର ସେବକ ରାଧାନାଥ, ଜାତୀୟ ପତ୍ରିକା 'ସମାଜ' ସହ ସଂପୃକ୍ତ ରାଧାନାଥ, ଜନତାଦ୍ୱାରା ନିର୍ବାଚିତ ବିଧାୟକ ଓ ମନ୍ତ୍ରୀ ରାଧାନାଥଙ୍କ ସକଳ କାର୍ଯ୍ୟ ଓଡିଶା ରାଜ୍ୟ କାହିଁକି, ସମଗ୍ର ପ୍ରାକୃତିକ ଉତ୍କଳରେ ବସବାସ କରୁଥିବା ଓଡିଆ ଭାଷାଭାଷୀଙ୍କ ହିତ ଲାଗି ଉତ୍ସର୍ଗିତ ଥିଲା। ଯେତେବେଳେ ଓଡିଆ ଜାତୀୟତା ଉପରେ ବିପତ୍ତି ଆସିଛି ରାଧାନାଥବାବୁ ଯେଉଁ ଆସନରେ ଥାଆନ୍ତୁ ନା କାହିଁକି ସେହି ଆସନ ବା ପଦକୁ ବ୍ୟବହାର କରି ଓଡିଆ ଜାତିର ସେବା କରି ଆସିଛନ୍ତି। ୧୯୪୪ ମସିହାରେ କୋରାପୁଟ ଜିଲ୍ଲାର ଡୁଡୁମା ଜଳପ୍ରପାତ, ବିଜୁଳି ଉତ୍ପାଦନ ଏବଂ ବଣ୍ଟନ କ୍ଷେତ୍ରରେ ମାନ୍ଦ୍ରାଜ ଓ ଓଡିଶା ପ୍ରଦେଶ ମଧ୍ୟରେ ଯେଉଁ ବିବାଦ ଉପୁଜିଥିଲା, ସେତେବେଳେ ରାଜ୍ୟ ସରକାର ମାନ୍ଦ୍ରାଜ ସରକାରଙ୍କୁ ୭୦ ଭାଗ ଓ ଓଡିଶା ସରକାରଙ୍କୁ ୩୦ଭାଗ ବିଜୁଳି ଶକ୍ତି ବଣ୍ଟନ ପ୍ରସ୍ତାବରେ ସମ୍ମତିରେ ଜୟପୁରଠାରେ ରାଧାନାଥବାବୁଙ୍କ ସଭାପତିତ୍ୱରେ ୧୯୪୫ ମସିହାରେ ଉତ୍କଳ ସମ୍ମିଳନୀର ସ୍ୱତନ୍ତ୍ର ଅଧିବେଶନ ବସି ତାର ବିରୋଧ କରିଥିଲା। ୧୯୫୪ ମସିହା ସୀମା ପୁନର୍ଗଠନ କମିସନ ଆଗରେ ରାଜ୍ୟର ଦାବୀ ଉପସ୍ଥାପନ କରିବାଲାଗି ଯେତେବେଳେ ଚିନ୍ତା କରାଗଲା ତାର ସମସ୍ତ ପ୍ରସ୍ତୁତି କାର୍ଯ୍ୟ ରାଜ୍ୟ ସରକାର ଅର୍ଥମନ୍ତ୍ରୀ ରାଧାନାଥ ବାବୁଙ୍କ ଉପରେ ନ୍ୟସ୍ତ କରିଥିଲେ। ରାଜ୍ୟ କଂଗ୍ରେସ ଦଳ ମଧ୍ୟ ତାଙ୍କ ଉପରେ ସେହି ଭାର ଅର୍ପଣ କରିଥିଲା। ସେତେବେଳେ ସରକାରଙ୍କ ଘରୋଇ ବିଭାଗ ଅଧୀନରେ ଏକ ଉପବିଭାଗ ସୃଷ୍ଟି କରାଯାଇଥିଲା, ଯାହା ତଥ୍ୟ ସଂଗ୍ରହ, ଦାବୀପତ୍ର ପ୍ରସ୍ତୁତି ଓ ସାକ୍ଷ୍ୟପ୍ରଦାନ ଲାଗି ସମସ୍ତ ଆୟୋଜନ କରୁଥିଲା ୰ ପ୍ରାଣନାଥ ମହାନ୍ତି ସେହି ଉପସମିତିର ସଚିବ ଏବଂ ଶ୍ରୀ ପଞ୍ଚାନନ ତିଆଡି ଉପସଚିବ ରହିଥିଲେ। ରାଧାନାଥବାବୁଙ୍କ ତତ୍ତ୍ୱାବଧାନରେ ସେହି ସମିତି କାର୍ଯ୍ୟ କରୁଥିଲା। କମିସନ୍ ଆଗରେ, ତାପରେ କେନ୍ଦ୍ର ସରକାର ନିକଟରେ ସାକ୍ଷ୍ୟ ପ୍ରଦାନ, ଦାବୀ ଉପସ୍ଥାପିତ କରିବା ସବୁଥିରେ ରାଧାନାଥବାବୁ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଉତ୍କଳ ସମ୍ମିଳନୀର ସଭାପତି ସେତେବେଳେ ଥିଲେ ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ସିଂହଦେଓ। ମୁଁ ଥିଲି ଯୁଗ୍ମସଂପାଦକ। ସମ୍ମିଳନୀ ପକ୍ଷରୁ ମଧ୍ୟ ବିଚ୍ଛିନ୍ନାଞ୍ଚଳଗୁଡିକରେ ତଥ୍ୟ ସଂଗ୍ରହ କରାଯାଇଥିଲା। ଆମେ ଦକ୍ଷିଣ ବିଚ୍ଛିନ୍ନାଞ୍ଚଳର ପ୍ରତି ଗ୍ରାମ ଗ୍ରାମ ବୁଲି ଓଡିଆମାନଙ୍କ ଜନସଂଖ୍ୟା ପ୍ରସ୍ତୁତ କରି ପଲାଶଠାରେ କମିସନର ଅଧ୍ୟକ୍ଷ ପଣ୍ଡିତ କୁଞ୍ଜରୁ ଏବଂ ସଭ୍ୟ କେବଳ ମାଧବ ପାନିକରଙ୍କ ଆଗରେ ଦୃଢ ଯୁକ୍ତି ବାଢିଥିଲୁ ଦକ୍ଷିଣ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ପାଇଁ। କମିସନ ଓଡିଶାର ଯୁକ୍ତିଯୁକ୍ତ ଦାବୀ ବିଚାରକୁ ମଧ୍ୟ ନ ନେଇ ପ୍ରତ୍ୟାଖ୍ୟାନ କଲାପରେ ସରକାରଙ୍କ ପକ୍ଷରୁ ରାଧାନାଥବାବୁ ଓ ଅନ୍ୟମାନେ ପଣ୍ଡିତ ନେହେରୁ ଓ ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ଥଙ୍କ ସହ ସାକ୍ଷାତ କରି ଦାବୀ ଉପସ୍ଥାପିତ କଲେ। ତା ପରେ ପରେ ଉତ୍କଳ ସମ୍ମିଳନୀ ପକ୍ଷରୁ ସ୍ୱର୍ଗତ ଲକ୍ଷ୍ମୀ ନାରାୟଣସାହୁଙ୍କ ନେତୃତ୍ୱରେ ୰ ସୁରେନ୍ଦ୍ର ନାଥ ମହାନ୍ତି, ୰ ଯଦୁମଣି ମଙ୍ଗରାଜ, ଶ୍ରୀ ନବ କିଶୋର ଦାସ ଏବଂ ମୁଁ ଯାଇ

୧୯୫୬ ମସିହାରେ ପଣ୍ଡିତନେହେରୁ ଓ ପନ୍ଥଙ୍କ ସହ ଦିଲ୍ଲୀଠାରେ ସାକ୍ଷାତ କରି ଏକ ନିମ୍ନତମ ଦାବୀ ମଧ୍ୟ ଉପସ୍ଥାପିତ କରିଥିଲୁ କିନ୍ତୁ ସେମାନେ ଆମ ଦାବୀପ୍ରତି ଦରଦ ପ୍ରକାଶ କରିଥିଲେ ସୁଦ୍ଧା ଫଳ କିଛି ହେଲା ନାହିଁ । ଓଡିଶା ବିଧାନସଭାରେ ଦୁଇଦିନ ଦୀର୍ଘ ଆଲୋଚନାରେ ରାଧାନାଥବାବୁ ସରକାରଙ୍କ ତରଫରୁ ସମସ୍ତ ତଥ୍ୟ ଉପସ୍ଥାପିତ କରିଥିଲେ ।

ଯେତେବେଳେ ୱାଇ.ବି. ଚଵନଙ୍କ ନେତୃତ୍ୱରେ ଅର୍ଥ କମିସନ୍ ଓଡିଶା ଗସ୍ତ କରିଥିଲା । ରାଧାନାଥବାବୁଙ୍କ ନେତୃତ୍ୱରେ ଉତ୍କଳସମ୍ମିଳନୀ ପକ୍ଷରୁ ଆମେ ସଚିବାଳୟଠାରେ ଓଡିଶାର ରେଳ ସଂପ୍ରସାରଣର ଆବଶ୍ୟକତା ବିଷୟରେ ସ୍ମାରକ ପତ୍ର ପ୍ରଦାନ କରିଥିଲୁ । ରାଧାନାଥବାବୁ ସେତେବେଳେ କୌଣସି ସରକାରୀ ପଦପଦବୀରେ ନଥିଲେ, କେବଳ ସମାଜର ସଂପାଦକ ଏବଂ ସମ୍ମିଳନୀର ସଭାପତି ଥିଲେ କିନ୍ତୁ ଯେଉଁ ତଥ୍ୟ ସମ୍ବଳିତ ବିବରଣୀ ଅର୍ଥ କମିସନ ଆଗରେ ଉପସ୍ଥାପିତ କରିଥିଲେ ସେଥିରେ କମିସନର ସଭ୍ୟମାନେ ଆଚମ୍ବିତ ହୋଇଯାଇଥିଲେ ।

୧୯୨୨ ମସିହାରେ ଓଡିଶା ଶାଖା ଲୋକସେବକ ମଣ୍ଡଳ ପକ୍ଷରୁ ବିଚ୍ଛିନ୍ନାଞ୍ଚଳରେ ଥିବା ଓଡିଆମାନଙ୍କ ଭାଷା, ଶିକ୍ଷା ଓ ସଂସ୍କୃତିର ସୁରକ୍ଷା ଲାଗି ଦଶ ଲକ୍ଷ ଟଙ୍କାର ପାଣ୍ଠି ସୃଷ୍ଟି କରିବା ଲାଗି ପଦକ୍ଷେପ ନିଆଯାଇଥିଲା । ଓଡିଶାର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସ ଓ ବିହାରର ଶାସନ ଦାୟିତ୍ୱରେ ଥିବା ରାଜ୍ୟପାଳ ଦେବକାନ୍ତ ବରୁଆଙ୍କ ମଧ୍ୟରେ ଏକ ଆଲୋଚନା ବୈଠକ ଆୟୋଜନ କରାଯାଇଥିଲା । ରାଧାନାଥବାବୁ 'ସମାଜ' ଅନୁଷ୍ଠାନ ପକ୍ଷରୁ ଏଥିପାଇଁ ଦୁଇଲକ୍ଷ ଟଙ୍କା ଓଡିଶା ରାଜ୍ୟପାଳଙ୍କ ପାଖରେ ପ୍ରଥମ କିସ୍ତି ସ୍ୱରୂପ ଅର୍ପଣ କରିଥିଲେ । ବିହାର ରାଜ୍ୟପାଳ ଏବଂ ଓଡିଶା ସରକାର ମଧ୍ୟ ଏହି ପାଣ୍ଠିର କଳେବର ବୃଦ୍ଧି କରି ସିଂହଭୂମିରେ ଓଡିଆ ଭାଷାର ସୁରକ୍ଷା କରିବା ପ୍ରତିଶ୍ରୁତି ଦେଲେ । କିନ୍ତୁ ପରବର୍ତ୍ତୀ ସମୟରେ ସେହି ପାଣ୍ଠି ଆନୁଷ୍ଠାନିକ ଭାବରେ ସୃଷ୍ଟି କରିବାଲାଗି କେହି ଆନ୍ତରିକତା ପ୍ରଦର୍ଶନ କରିନଥିଲେ । ସେହି ଅର୍ଥ ମଧ୍ୟ ପରବର୍ତ୍ତୀ ସମୟରେ ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଫେରାଇ ଦେଇଥିଲେ ।ଏହିଭଳି ମିଳିତ ଉଦ୍ୟମରେ ପାଣ୍ଠି ସୃଷ୍ଟି କରିବା ସମ୍ଭବପର ହେଉନଥିବାରୁ ବିଚ୍ଛିନ୍ନାଞ୍ଚଳ ଛାତ୍ରମାନଙ୍କ ସୁବିଧାପାଇଁ ଉତ୍କଳ ସମ୍ମିଳନୀ ଏକ ପାଣ୍ଠି ସୃଷ୍ଟି କରିବା ଲାଗି ପ୍ରସ୍ତାବ ଗ୍ରହଣ କରି 'ସମାଜ' ଅନୁଷ୍ଠାନକୁ ଅନୁରୋଧ କରିବାରୁ ରାଧାନାଥବାବୁ ୧୯୮୪ ମସିହାରେ ଏକ ଲକ୍ଷଟଙ୍କା ଅନୁଦାନ ଦେଇ 'ଉତ୍କଳ ସମ୍ମିଳନୀ ଉନ୍ନୟନ ପାଣ୍ଠି' ନାମକ ଏକ ନ୍ୟାସ ପାଣ୍ଠି ସୃଷ୍ଟି କଲେ, ଯାହାର ସୁଧ ଅର୍ଥ ବିଚ୍ଛିନ୍ନାଞ୍ଚଳର ପାଠାଗାରଗୁଡ଼ିକୁ କିଛି ବହିଯୋଗାଇ ଦେବା, କେତେକ ଶିକ୍ଷକ ନିଯୁକ୍ତ କରିବା ଏବଂ ସଭାସମିତି କରିବା କାର୍ଯ୍ୟରେ ବିନିଯୋଗ କରାଯାଉଛି ।

କିନ୍ତୁ ତାହା ସମୁଦ୍ରକୁ ଶଂଖେ ପାଣି ସଦୃଶ । ସରକାର ଏଥି ପ୍ରତି ଧ୍ୟାନ ଦେବା ଉଚିତ୍ ।

ରାଧାନାଥ ବାବୁ ମାତ୍ର ଦଶବର୍ଷ ବିଧାୟକ, ମନ୍ତ୍ରୀ ଭାବରେ ରାଜ୍ୟ ଶାସନ କ୍ଷମତାରେ ରହିଥିଲେ । ୧୯୬୧ ପରେ ଆଉ ସେ କୌଣସି ସରକାରୀ ପଦ ପଦବୀରେ ରହିନାହାନ୍ତି । କିନ୍ତୁ ଜନତାର ବିଶେଷକରି ପ୍ରବାସୀ ଓ ବିଚ୍ଛିନ୍ନାଞ୍ଚଳ ଓଡିଆମାନଙ୍କଠାରେ ରାଧାନାଥବାବୁ ଜଣେ ଜାତୀୟ ଚେତନାଶୀଳ ଉପକାରୀ ପୁରୁଷ ଭାବରେ ରହି ଆସିଛନ୍ତି । ବହୁ ଅନୁଷ୍ଠାନ, ବ୍ୟକ୍ତି, ସଂଗଠନକୁ ସେ ମୁକ୍ତ ହସ୍ତରେ ଦାନ ଦିଅନ୍ତି । ରାଜ୍ୟର ଜଣେ ନେତୃସ୍ଥାନୀୟ ବ୍ୟକ୍ତି ଏବଂ ଓଡିଆମାନଙ୍କର ଜଣେ ଉପକାରୀ ଦରଦୀ ବଂଧୁ ଭାବରେ ସେ ସର୍ବତ୍ର ପରିଚିତ ।

ମହାସଚିବ, ଉତ୍କଳ ସମ୍ମିଳନୀ
ଟାଉନହଲ ରୋଡ, ବ୍ରହ୍ମପୁର, ଗଂଜାମ



ସଚିବାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟ ବିଜ୍ଞାନ ଓ ବୈଷୟିକ ପରିଷଦର ଦ୍ୱିତୀୟ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଅଧ୍ୟକ୍ଷତା କରୁଛନ୍ତି

# କର୍ମେ ଜୀଏଁ ନର

ଶ୍ରୀ ଗିରିଜା ଭୂଷଣ ପଟ୍ଟନାୟକ

ଶ୍ରୀ ରାଧାନାଥ ରଥ ଶହେବର୍ଷରେ ପଦାର୍ପଣ କଲେ । ଶହେ ବର୍ଷ ସକ୍ରିୟ ରହିବା ଆମ ଦେଶ ପାଇଁ ଖୁବ୍ ବିରଳ । କଥାରେ ଅଛି, ଏକ ହଜାର ପୂର୍ଣ୍ଣଚନ୍ଦ୍ର ଦେଖିବାର ସୌଭାଗ୍ୟ ଖୁବ୍ କମ୍ ଲୋକଙ୍କର ଭାଗ୍ୟରେ ଘଟିଥାଏ । ରାଧାନାଥବାବୁ ସେମାନଙ୍କ ମଧ୍ୟରେ ଜଣେ । ବର୍ତ୍ତମାନ ତାଙ୍କର କୁଆଡକୁ ଯିବା ଉଚିତ୍ ନୁହେଁ । ତଥାପି ସେପରି ଚାପ ପଡିଲେ ସେ ଯାଉଛନ୍ତି । ସୁଆଣ୍ଡୋ, ଢେଙ୍କାନାଳ, କଟକ, ରେଳବାଇ ଷ୍ଟେସନ । ଏଇ ମଝିରେ ମଝିରେ ଯିବାଟା ତାଙ୍କ ପାଇଁ ଏଲିକ୍ସିର ପରି କାର୍ଯ୍ୟ କରେ । କାମ,. କାମ, କାମ । କାମ ହିଁ ତାଙ୍କୁ ଏ ପର୍ଯ୍ୟନ୍ତ ବଞ୍ଚାଇ ରଖିଛି । ଲୋକଙ୍କୁ ଭେଟିବା, ସେମାନଙ୍କ ସହିତ ଦୁଃଖସୁଖ ହେବା, ସେମାନଙ୍କର ହାନିଲାଭ ବୁଝିବା ଏବଂ ସେମାନଙ୍କୁ ସାହାଯ୍ୟ କରିବା ତାଙ୍କ ପାଇଁ ନିଶା । ବିରକ୍ତ ହେବେ, ରାଗିବେ କିନ୍ତୁ ଲୋକଙ୍କୁ ନ ଭେଟିଲେ ଅସ୍ଥିର ହେବେ, ପୁଣି ଅବଶ ହୋଇ ପଡିବେ । ସେଇ ଯୋଗୁ ସେ ବୋଧହୁଏ ଭାରତର ଏକମାତ୍ର ସଂପାଦକ, ଯେ ପ୍ରଚୁର ସଭା ସମିତିରେ ଯୋଗ ଦିଅନ୍ତି ।

ରାଧାନାଥବାବୁ କେବେ କଂଗ୍ରେସ ଦଳରେ ଥିଲେ । ବହୁଦିନ ହେଲା ସେ ସବୁଦଳର, ସବୁ ମତର, ସବୁ ଜୀବିକାର । ତାଙ୍କର ଗୋଟାଏ ଭଲ ଗୁଣ ହେଉଛି ସେ ଶତ୍ରୁ ମିତ୍ର ଭେଦ ରଖନ୍ତି ନାହିଁ । ତାଙ୍କୁ ଗାଳି ଦେଉଥାନ୍ତୁ କିନ୍ତୁ ତାଙ୍କ ପାଖରେ ପହଞ୍ଚିଗଲେ ବା ତାଙ୍କ ପାଖରେ କୌଣସି କାମ ପାଇଁ ପହଞ୍ଚିଗଲେ ସେ ମନା କରନ୍ତି ନାହିଁ । ଏଇଟା ତାଙ୍କର ଏକ ମାନବୀୟ ଦୁର୍ବଳତା । ଏହା କମ୍ୟୁନିଷ୍ଟ ପାର୍ଟିର ନେତା ବ୍ରଜକିଶୋର ପଟ୍ଟନାୟକ, ସାମ୍ବାଦିକ ଓ ଲେଖକ ଗୋଦାବରୀଶ ମହାପାତ୍ରଙ୍କଠାରୁ ଆରମ୍ଭ କରି କଂଗ୍ରେସ ଦଳର ବସନ୍ତ କୁମାର ବିଶ୍ୱାଳଙ୍କ ପର୍ଯ୍ୟନ୍ତ ପ୍ରଯୁଜ୍ୟ । ରାଧାନାଥବାବୁ କୋପୀ, କିନ୍ତୁ କ୍ଷଣକୋପୀ । ରାଗ ପର ମୁହୂର୍ତ୍ତକୁ ଚାଲିଯାଏ । ସେଥିଯୋଗୁ ସମାଜ ଅନୁଷ୍ଠାନର କେହି ସମାଜ ଛାଡି ଯାଆନ୍ତି ନାହିଁ କି ସେମାନେ ରାଧାନାଥବାବୁଙ୍କୁ ଛାଡି ପାରନ୍ତି ନାହିଁ । ଥରେ ଏମିତି ଘଟିଥିଲା । ସମାଜ କର୍ମଚାରୀମାନଙ୍କ ଉପରେ ରାଗି ଅଭିମାନ କରି ସମାଜ ପରିସର ଛାଡି ଚାଲିଗଲେ ଭୁବନେଶ୍ୱର । ଦୁଇଦିନ ପରେ ଅବସ୍ଥା ବଦଳି ଗଲା । ସମାଜ ପ୍ରେସ୍‌ର କର୍ମଚାରୀମାନେ ଯାଇ ରାଧାନାଥବାବୁଙ୍କୁ ଫେରାଇ ଆଣିଲେ । ସେ ରାଗନ୍ତି । କିନ୍ତୁ ତାଙ୍କଠାରୁ ଯେତିକି ସୁବିଧା ପାଆନ୍ତି ତାହା ଅନ୍ୟଠାରୁ ମିଳେନାହିଁ । ଲୋକେ ତାହାର ଫାଇଦା ଉଠାନ୍ତି । ଦଳ, ମତ, ଗୋଷ୍ଠୀ ନିର୍ବିଶେଷରେ ରାଧାନାଥବାବୁଙ୍କ ପାଖକୁ ଅସଂଖ୍ୟ ନିମନ୍ତ୍ରଣ ଆସେ । ଏଥିରେ ଭକ୍ତି, ଲୋଭ ଏବଂ କାମନା ସବୁ ମିଶାମିଶି ହୋଇଥାଏ । ବୟସ୍କ ଲୋକ, ପୁଣି ଓଡିଶାର ସବୁଠାରୁ ବଡ ଖବର କାଗଜର ସଂପାଦକ, ପରିଶେଷରେ ଖୋଲାହାତ, ଖୋଲାମନ, ମନ ଟିକିଏ ତରଳି ଗଲେ ଦାନଦେବା ପାଇଁ ଆଗ୍ରହ ପ୍ରଚୁର । କାଳେ ଏହାଗି ସୁବିଧା ନେଇ ଲୋକେ ତାଙ୍କଠାରୁ ପଇସା ନେଇଯିବେ, ସେଇଯୋଗୁ ଏବେ ଆଙ୍କୁଶ ଖଞ୍ଜା ହୋଇଛି । ରାଧାନାଥବାବୁ, ମନୋରମା ମହାପାତ୍ର, କିଶୋର ଚନ୍ଦ୍ର ତ୍ରିପାଠୀ- ତିନିଜଣ ଦସ୍ତଖତ ନ କଲେ ଦାନ ମିଳିବନାହିଁ । କିନ୍ତୁ ଏପରି ଘଟଣା ଘଟିଛି ଯେ ତିନିଜଣ ଯାକ ଦସ୍ତଖତ କଲେ ବି ଦାନ ମିଳୁନାହିଁ । ମୁଁ ନିଜେ ତାହାର ଭୁକ୍ତଭୋଗୀ । ସମାଜର ଦାନର ସୁଦୂର ପ୍ରସାରୀ ପ୍ରଭାବ ସଂପର୍କରେ ବୁଝିବା କଠିନ । ବିଶେଷତଃ ଯେଉଁମାନେ ଓଡିଶାର ନୁହଁନ୍ତି, ସେମାନଙ୍କ ପକ୍ଷରେ ଏହା ବିନିବୟ ପରି ମନେହୁଏ । ଗୋପବନ୍ଧୁ ଦାସଙ୍କର ତ୍ୟାଗରେ ରଞ୍ଜିତ 'ସମାଜ' ର ଦାନ, ରାଧାନାଥ ବାବୁଙ୍କ ହାତରୁ ପାଇଥିବା ଦାନ ରୋଗୀ ପାଇଁ କେବଳ ଆର୍ଥିକ ସାହାଯ୍ୟ ନୁହେଁ ଏହା ହେଉଛି ଏକ ବିଶାଳ ସାନ୍ତ୍ୱନା, ବିରାଟ ଅଭୟ ପ୍ରଦାନ । ସେ ସେଣ୍ଟିମେଣ୍ଟ ବୁଝିବାକୁ ହେଲେ ଓଡିଶାର ମାଟି, ପାଣି, ପବନକୁ ବୁଝିବାକୁ ହେବ । ରାଧାନାଥବାବୁଙ୍କ ହାତରୁ ଦାନ ପାଇଲେ ଯେ ଆଉକିଛି ଅସୁବିଧା ହେବନାହିଁ, ସବୁ ବାଧା କଟିଯିବ, ଏଭଳି ବିଶ୍ୱାସ ଲୋକଙ୍କର ଅଛି । ମୋର ମନେ ପଡୁଛି ଅନେକ ଛୋଟ ଛୋଟ କଥା । ଷଡଙ୍ଗୀ ଗାଁରୁ ଆସିଛି ଝିଅଟିଏ । ମାଗିଛି ଦୁଇଟି ଟିକେଟ । ଯିବ କେରଳକୁ ଚିକିତ୍ସା ପାଇଁ । ରାଧାନାଥବାବୁ ସଙ୍ଗେ ସଙ୍ଗେ ଦୁଇଟି ଫାଷ୍ଟକ୍ଲାସ ଟିକେଟ କରିଦେଇଛନ୍ତି । ସେଇ ଝିଅଟିର ଯେପରି ଜୀବନ୍ୟାସ ହୋଇଛି । ଏଣିକି ସବୁ ସୁଧୁରି ଯିବ ! କି ବିଶ୍ୱାସ !

ରାଧାନାଥବାବୁ ବିଚଳିତ ହୋଇପଡନ୍ତି ବନ୍ୟାବାତ୍ୟା ପ୍ରଭୃତି ପ୍ରାକୃତିକ ବିପର୍ଯ୍ୟୟରେ । ଦିନରାତି ମାନନ୍ତି ନାହିଁ । ସେଥିପାଇଁ ଯାହାକୁ ଯାହା ମାଗିବାପାଇଁ କୁଣ୍ଠିତ ହୁଅନ୍ତି ନାହିଁ । ସାନ ବଡ କିଛି ବିଚାର କରନ୍ତି ନାହିଁ । ରିଲିଫ୍ ଗଲାବେଳେ ଟିକିନିଖି ତଦାରଖ କରନ୍ତି । ଦିଆସିଲି, ମହମବତୀ, ଫାଷ୍ଟଏଡ୍, ଗାଈଙ୍କ ପାଇଁ ଘାସ, ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟ, କିଛି ଆଖିରୁ ବାଦ ପଡେ ନାହିଁ ।

ବୟସ ହେଲାଣି । ଦେହରେ ଜର । ତଥାପି ବୁଲନ୍ତି । ବଢ଼ିପାଣି ମାଡ଼ି ଆସୁଛି । ଆଉ ଆଗକୁ ଯିବା ଉଚିତ୍ ନୁହେଁ । କିନ୍ତୁ ରାଧାନାଥବାବୁ କାରଣ ମାନିବାକୁ ନାରାଜ । ଥରେ ଦିଥର ସେ ତାଙ୍କର ଡ୍ରାଇଭର ଗୋଖେଇ ଯୋଗୁ ବଞ୍ଚିଯାଇଛନ୍ତି । ରିଲିଫ୍ ପାଇଁ ତାଙ୍କ ପ୍ରାଣ କାନ୍ଦେ । ଆଉ ସବୁ କାମ ପଛକୁ ରହିଯାଏ । ଖାଲି ରିଲିଫ୍ ଦେଇ ସେ ସନ୍ତୁଷ୍ଟ ନୁହଁନ୍ତି । ରିଲିଫ୍ ଠିକ୍ ଦିଆହେଉଛି କି ନାହିଁ ତା'ର ତଦାରଖ କରିବେ । ନିଜେ ଯାଇ ନ ପାରିଲେ ବିଶ୍ୱସ୍ତ ଲୋକକୁ ପଠାଇବେ । ଡକ୍ଟର ସଦାଶିବ ମିଶ୍ର, ପଦ୍ମାଳୟା ଦାଶ, ନରେନ୍ଦ୍ର ସ୍ୱାଇଁ, ଶ୍ରୀକାନ୍ତ ପଣ୍ଡା, ମନୋରଞ୍ଜନ ପଟ୍ଟନାୟକ ପ୍ରଭୃତିଙ୍କ ଉପରେ ଦାୟିତ୍ୱ ପଡେ । ଏହା ଛଡା ଲୋକସେବକ ମଣ୍ଡଳର ମନୋରମା ମହାପାତ୍ର, କିଶୋର ଚନ୍ଦ୍ର ତ୍ରିପାଠୀ ବା ସମାଜ ଅନୁଷ୍ଠାନର ଦେବମିଶ୍ର, ପ୍ରମୋଦ ମହାପାତ୍ର ତ ଅଛନ୍ତି । ରାତି ଅଧରେ ଡାକରା ଆସିବ । ଟିକିଏ ଆସନ୍ତେ ନାହିଁ ? ପହଞ୍ଚିଲା ବେଳକୁ କହିବେ, ଚାଲିଲେ ଟିକିଏ ଜଗତ୍‌ସିଂହପୁରରୁ ବୁଲି ଆସିବା । ସେତିକିରେ କ'ଣ ସରିଲା । ଟିକିଏ କେନ୍ଦ୍ରାପଡା ବାଟଦେଇ ଚାଲିଗଲେ କେମିତି ହୁଅନ୍ତା ? ନାଛୋଡ଼ବନ୍ଦ ଅବସ୍ଥା । ଗାଁ ଗାଁରେ ଲୋକେ ତାଙ୍କୁ ଚିହ୍ନନ୍ତି । ମୁଣ୍ଡିଆ ମାରନ୍ତି । ଜୁହାର ହୁଅନ୍ତି, ଓଳକି ନମସ୍କାର ହୁଅନ୍ତି । ଝିଅମାନେ ହୁଳହୁଳି ଦିଅନ୍ତି ।

ସେ ଖୁଆନ୍ତି, କିନ୍ତୁ ନିଜେ ଖାଆନ୍ତି ନାହିଁ । ମୁଁ ତାଙ୍କର କର୍ମମୟ ଜୀବନର ଏଇ ଗୋଟିଏ କ୍ଲୁ ବା ଚାବି ପାଇଛି । ଏତେ ବାଟ ବୁଲିବେ, ଏତେ ଗାଁକୁ ଯିବେ କିନ୍ତୁ ଖାଇବା କଥା କହିବେ ନାହିଁ । ମୁଁ ଜାଣିବାରେ ଥରେ ସଦାଶିବପୁର ଗାଁରେ ଦହି କିଛି ଖାଇଥିଲେ । ଚାହା ପିଅନ୍ତି । ବାଟରେ ଆସିବାବେଳେ ହଠାତ୍ ଗାଡ଼ି ରଖିବାକୁ କହିବେ । ଡ୍ରାଇଭରକୁ କହିବେ, ଭୋକ କଲାଣି, ଦେଖିଲ ମୁଢ଼ି କି ହୁଡୁମ୍ଵ ଅଛି କି ? ମିଳିଲେ ଟିକିଏ ଖାଇବେ, ନ ମିଳିଲେ ଥରେ ଦୁଇଥର ଶୁଖିଲା ରୁଟି (କିନ୍ତୁ ପାଉଁରୁଟି ନୁହେଁ) ଚୋବାଇବାର ଦେଖିଛି । ଏହା ପଛରେ ରୋଗ ସଂକ୍ରମଣର ଆଶଙ୍କା ଆଦୌ ନାହିଁ ବୋଲି ମୋର ଧାରଣା । ଘରେ କିନ୍ତୁ ବେଶ୍ ଖାଆନ୍ତି । ଦିନକୁ ପ୍ରିନ୍‌ସିପାଲ୍ ମିଲ୍ ଥରେ । ପିଢ଼ା ଖାଇବାର ଏକ ସ୍ୱତନ୍ତ୍ର ଆସନ । ଖାଆନ୍ତି ତୃପ୍ତିର ସହିତ । ଅସୁନ୍ଦର ଖାଇବା ଦେଖି ନାହିଁ । ମାଛ ମହୁର, ଆମ୍ବିଳ ତାଙ୍କର ପ୍ରିୟ । ସେ ଖାଇବାକୁ ଡାକିଲେ ମୁଁ ସତରେ ଆତଙ୍କ ଗଣେ । କିନ୍ତୁ ଦୁଇଦଶନ୍ଧିରୁ ଊର୍ଦ୍ଧ୍ୱ ତାଙ୍କ ସାଙ୍ଗରେ ନିବିଡ଼ ଭାବରେ କାର୍ଯ୍ୟ କରିବା ଭିତରେ ଏଇଭଳି ଅନେକ ଥର ଏକୁଟିଆ ତାଙ୍କ ସହିତ ଖାଇବାର ଘଟିଛି । ମୁଁ ଖାଇବା ପ୍ରିୟ । କିନ୍ତୁ ରାଧାନାଥବାବୁ ବଳେଇ ବଳେଇ ଏମିତି ଖୁଆଇବେ ଯେ ମଣିଷ ଅଣନିଶ୍ୱାସୀ ହୋଇଯିବ । ତାଙ୍କର ଆଦର ଆଗରେ ସବୁ ନାସ୍ତିବାଣୀ ହାର ମାନେ । ରାଧାନାଥ ବାବୁଙ୍କର ଆତିଥ୍ୟ ଐତିହାସିକ । ଦେଶ ବିଦେଶର କେତେ ବିଶିଷ୍ଟ ବ୍ୟକ୍ତି ଗୋପବନ୍ଧୁ ଭବନରେ ତାଙ୍କର ଆତିଥ୍ୟ ଗ୍ରହଣ କରିନାହାନ୍ତି ? କେତେ ରାଷ୍ଟ୍ରଦୂତ, କେତେ ଅଧ୍ୟାପକ, କେତେ ସାମ୍ବାଦିକ, କେତେ ମନ୍ତ୍ରୀ, ରାଜନୀତିଜ୍ଞ, କେତେ ପ୍ରଧାନମନ୍ତ୍ରୀ ତା'ର ହିସାବ କାହିଁ ?

'ସମାଜ' ଅନୁଷ୍ଠାନ ଆନ୍ତର୍ଜାତିକ ପାଲଟିଛି । ସମାଜର ନାଁ ବ୍ୟାପିଯାଇଛି ଦେଶ ବିଦେଶକୁ । ବର୍ତ୍ତମାନକୁ ସେଇ ପରମ୍ପରା ଉଠାଇଦେଇ ସମାଜର କର୍ତ୍ତୃପକ୍ଷ ବ୍ୟୟସଙ୍କୋଚ କରିଛନ୍ତି । ରାଧାନାଥବାବୁଙ୍କ ଉପରେ ଅଙ୍କୁଶ ଲଗାଯାଇଛି । ଏଇଟା ଯେ ବ୍ୟୟ ସଙ୍କୋଚ ନୁହେଁ ଏକଥା ସେମାନଙ୍କୁ କିଏ ବୁଝାଇବ ? ଆତିଥ୍ୟ ବ୍ୟୟ ସଙ୍କୋଚ ନୁହେଁ । ଅର୍ଥନୀତିର ଦଫାରେ ମଧ୍ୟ ଏହା ପଡ଼ିବ ନାହିଁ । ଏହା କାଗଜର ବିକାଶ ପାଇଁ ଅପରିହାର୍ଯ୍ୟ ଏକଥା ଯିଏ ନବୁଝି ପାରିବ, ତାକୁ ବୁଝାଇବ କିଏ ? ସମାଜ ଏକ ଖବର କାଗଜ ନୁହେଁ, ଏହା ଏକ ପ୍ରବାହ, ଏକ ଉଦ୍‌ବେଳନ, ଏକ ଜାତୀୟ ସ୍ପନ୍ଦନ, ଏକ ପୁନରୁତ୍ଥାନ । ଏକଥା ନିରୁତା ଖବର କାଗଜ ବ୍ୟବସାୟୀମାନେ ବୁଝିପାରିବେ ନାହିଁ । ଲଜପତରାୟ, ବଳବନ୍ତ ରାୟ ମେହେଟ୍ଟା, ଲାଲ୍‌ବାହାଦୁର ଶାସ୍ତ୍ରୀ ବୁଝିପାରୁଥିଲେ । ସମାଜ କାଗଜର ସରକୁଲେସନ ଦୁଇଲକ୍ଷ ଛୁଇଁବାକୁ ଆରମ୍ଭ କରିଥିଲା । ସମାଜ ଓଡ଼ିଶାର ଗାଁ ଗାଁରେ ଖବର କାଗଜର ପ୍ରତିଶବ୍ଦ ପାଲଟିଥିଲା । ଷ୍ଟେଟସ୍‌ମ୍ୟାନ୍ ପ୍ରଭୃତି ଇଂରାଜୀ ଖବର କାଗଜକୁ ଲୋକେ ଇଂରାଜୀ ସମାଜ ବୋଲି କହନ୍ତି । ମୋ ଜେଜେ ବାପାଙ୍କର ପରଲୋକ ହୁଏ ପ୍ରାୟ ୧୨୧ ବର୍ଷ ବୟସରେ । ମୃତ୍ୟୁ ପର୍ଯ୍ୟନ୍ତ ସମାଜ ଖବର କାଗଜଟିକୁ ପଢ଼ି ସମଗ୍ର ଗ୍ରାମବାସୀଙ୍କୁ ଶୁଣାଉଥିଲେ । ତେଣୁ ସମାଜର ଗୋଟିଏ କପି ଗତି ବା Volition ର ନିୟମାନୁଯାୟୀ ଶହେ କପିରେ ପରିଣତ ହୋଇଯାଉଥିଲା । ସେଇଯୋଗୁ ସମାଜ କାଗଜକୁ ସମସ୍ତେ ଡରନ୍ତି । ମନ୍ତ୍ରୀଠାରୁ ଆରମ୍ଭ କରି ବିରୋଧୀ ଦଳ ପର୍ଯ୍ୟନ୍ତ ସମସ୍ତେ । ସେଇ ଯୋଗୁ ମଧ୍ୟ ସମାଜ କାଗଜରେ ଆପଣାର ନାଁ ବା ଆପଣା ସଂପର୍କରେ ସମ୍ବାଦ ବାହାରିବାକୁ ସମସ୍ତେ ଚାହାନ୍ତି । ପ୍ରକାଶ ପାଇବା ଅର୍ଥ ଓଡ଼ିଶାର ଗାଁ ଗହଳିରେ ଆପଣାର ନାଁ ପ୍ରଚାର ହୋଇଯିବା । ରାଧାନାଥ ବାବୁଙ୍କର ଖାତିରି ସେହିଯୋଗୁ ବହୁତ । ଭକ୍ତି ଯେତିକି ନୁହେଁ, ପବ୍ଲିସିଟିର ଲୋଭ ସେତିକି । ରାଧାନାଥବାବୁଙ୍କ ସହିତ ଦୁଇଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି କାମ କରିବା ସହିତ ତାଙ୍କୁ ମୁଁ ଯେମିତି ଜାଣିଛି, ସେହିପରି ଜାଣିଛି ଏହିସବୁ ବ୍ୟକ୍ତିଙ୍କୁ, ଯେଉଁମାନେ ରାଧାନାଥବାବୁଙ୍କୁ ଭୂମିଷ୍ଠ ପ୍ରଣାମ କରନ୍ତି ଏବଂ ପ୍ରଶଂସାର କୀର୍ତ୍ତନ କରନ୍ତି ।

ରାଧାନାଥବାବୁଙ୍କର ସାଫଲ୍ୟ ହେଉଛି ମେଥଡ୍‌ଲଜିର ସାଫଲ୍ୟ । ମନସ୍ତତ୍ତ୍ୱବିଦ୍‌ମାନଙ୍କ ମତରେ ସାଫଲ୍ୟ ହେଉଛି ଶତକଡା ୯୯ ପରିଶ୍ରମ ଏବଂ ଶତକଡା ଏକ ପ୍ରତିଭାର ସମନ୍ୱୟ ହେଉଛି ସାଫଲ୍ୟ । ରାଧାନାଥବାବୁଙ୍କର ଜୀବନ ତାହାର ଏକ ଉଜ୍ଜ୍ୱଳ ଉଦାହରଣ । ଶିକ୍ଷାରେ ମାତ୍ର ମାଟ୍ରିକ୍ । ବନ୍ୟ ବିଭାଗର ଏକ କିରାଣୀ ସାଫଲ୍ୟର ଏହି ଚୂଡାରେ ପହଞ୍ଚି ପାରିଛନ୍ତି ଧାରାବାହିକ ବା ସିଷ୍ଟେମେଟିକ୍ କାର୍ଯ୍ୟ ଏବଂ କଠୋର ପରିଶ୍ରମ ଯୋଗୁଁ । ପ୍ରତିଭା ତା ମନକୁ ବିକଶିତ ହୋଇଛି ଏହି ପରିଶ୍ରମର କଷଟି ପଥରରେ । ଜଷ୍ଟିସ ହରିହର ମହାପାତ୍ରଙ୍କୁ ମୁଁ ଥରେ ଏହି ପ୍ରଶ୍ନ ପଚାରିଥିଲି । 'ସମାଜ' ଅନୁଷ୍ଠାନ ସହିତ ପ୍ରତିଭାଶାଳୀ ନୀଳକଣ୍ଠ,

ଗୋଦାବରୀଶ, ବିଞ୍ଛ ଲିଙ୍ଗରାଜ ମିଶ୍ର ପ୍ରଭୃତି ଜଡିତ ଥିଲେ । ଏ ସାଧାରଣ ମଣିଷଟି କିପରି ସାଫଲ୍ୟର ପାହାଚରେ ଉଠି ଉଠି ଚାଲି ଆସିଲେ, ଅନ୍ୟମାନେ କାହିଁକି ଓହରି ଗଲେ । ଜଷ୍ଟିସ୍ ହରିହର ମହାପାତ୍ର କହିଥିଲେ:- ଧାରାବାହିକ, ଟିକିନିଖି କାମ ହେଉଛି ଏହାର ଏକମାତ୍ର କାରଣ ।

ରାଧାନାଥବାବୁ ଏକ ଗନ୍ତାଘର । ଏବକୁ ସ୍ମୃତି ଶକ୍ତି ଆଉ କାମ କରୁନାହିଁ । କିନ୍ତୁ ଗଲା କାଲି ତାଙ୍କର ସ୍ମୃତିଶକ୍ତି ଥିଲା ତୀକ୍ଷ୍ଣ । ୧୯୨୧ ମସିହାରେ କେଉଁ ପ୍ରତିନିଧି ଦଳରେ କିଏ ସବୁଥିଲେ, ତା'ର ଅଭ୍ରାନ୍ତ ଖବର ସେ ଦେଇପାରିବେ ମନରୁ । ରାଧାନାଥବାବୁ ଦଲିଲ୍‌ର ଗନ୍ତାଘର । ଏତେ ମୂଲ୍ୟବାନ ଡକୁମେଣ୍ଟ, ତଥ୍ୟ, ଲିପି ତାଙ୍କର ଲାଇବ୍ରେରୀରେ ଅଛି, ତାର କଳନା କିଏ କରିବ ? ଗୋଟିଏ ଉଦାହରଣ । ରାଧାନାଥବାବୁ ମୋତେ ଏକ ଚିଠି ଦେଖାଇଥିଲେ । ଆଠଗଡର ତତ୍‌କାଳୀନ ରାଜା ୧୯୩୬-୩୮ ମସିହାରେ ବଡଲାଟ୍‌ଙ୍କୁ ଏକ ଚିଠି ଲେଖିଛନ୍ତି । ତାହାର ବିଷୟବସ୍ତୁ ହେଉଛି ଏହିପରି । ଇତିହାସର ରାୟକୁ ଆମକୁ ମାନିନେବାକୁ ପଡିବ । ଦଳ ପ୍ରତିନିଧିମାନଙ୍କୁ ଶାସନ କ୍ଷମତା ହସ୍ତାନ୍ତର କରିଦେବା ଉଚିତ୍ । ନଚେତ୍ ଇତିହାସ ଆମକୁ କ୍ଷମା ଦେବ ନାହିଁ । ଜନ ସମୁଦ୍ରର ଜୁଆରରେ ଆମେ ସବୁ ଭାସିଯିବୁ ଦୂରକୁ । ଅଳିଆ ଗଦାରେ ହେବ ଆମର ସ୍ଥାନ । ଏଇପରି ଅନେକ ଚିଠି ଅନେକ ଡକୁମେଣ୍ଟ, ଅନେକ ଚିଠି । ଆପଣ ଏସବୁ କାହିଁକି ଗୋପନୀୟ କରି ରଖିଛନ୍ତି ? ପ୍ରକାଶ କରୁନାହାନ୍ତି ? କିଛି ଉତ୍ତର ଦେବେ ନାହିଁ ରାଧାନାଥବାବୁ । ଆପଣ ନିଜର ଜୀବନୀ ଲେଖୁନାହାନ୍ତି ? ମୁଁ କିବା ଲୋକ ? କାହାପାଇଁ ଲେଖିବି ? କିଏ ପଢିବ ? ଏହା ଛଡା କାହିଁକି କାହାକୁ ଦୁଃଖ ଦେବି ? କିନ୍ତୁ ଆପଣଙ୍କ ପରେ .... ? ସବୁ ଭଗବାନଙ୍କ ହାତରେ । ସେ ଗଦା ଭିତରୁ କେହି ଆଉ କିଛି ସନ୍ଧାନ ପାଇବେ ନାହିଁ । ଦେଶ ଦରିଦ୍ର ହୋଇଯିବ ।

ରାଧାନାଥବାବୁ ଧୀରେ ଧୀରେ ଇତିହାସ ପାଲଟି ଯାଉଛନ୍ତି । ବହୁ ଅନୁଷ୍ଠାନ, ବହୁ କାର୍ଯ୍ୟ ତାଙ୍କର ନେତୃତ୍ୱ ସ୍ପର୍ଶ ଲାଭ କରିଛି । ଦୟାଶ୍ରମ, କଳା ବିକାଶ କେନ୍ଦ୍ର, କୁଷ୍ଠାଶ୍ରମ, ନନ୍ଦନକାନନ, ଦି ୟୁନିଭର୍ସ ତାହାର ଉଦାହରଣ । ଆନ୍ତର୍ଜାତିକ ସେମିନାରମାନଙ୍କରେ ତାଙ୍କର ସଭାପତିତ୍ୱ ସ୍ମରଣୀୟ । ଏହିସବୁ ଆନ୍ତର୍ଜାତିକ ସେମିନାର କଟକ ଓ ଓଡିଶାକୁ ନେଇଯାଇଛି ଆନ୍ତର୍ଜାତିକ ସ୍ତରକୁ । ଫିନଲ୍ୟାଣ୍ଡ ଠାରୁ ଅଷ୍ଟ୍ରେଲିଆ ପର୍ଯ୍ୟନ୍ତ, କାନାଡା ଠାରୁ କ୍ୟୁବା ପର୍ଯ୍ୟନ୍ତ ଓଡିଶାର ପରିଚିତି ସଂପ୍ରସାରିତ ହୋଇଛି । ସ୍କାଉଟ ଆନ୍ଦୋଳନରେ ତାଙ୍କର ନେତୃତ୍ୱ ଏହି ଆନ୍ଦୋଳନକୁ ସମୃଦ୍ଧ କରିଛି । ଦୟାଶ୍ରମ ତଥା ପଦ୍ମାଳୟା ଦାସଙ୍କ ଦ୍ୱାରା ପରିଚାଳିତ ଶିଳ୍ପର ସାଫଲ୍ୟ ସହିତ ରାଧାନାଥବାବୁଙ୍କର ଅବଦାନ ବିପୁଳ । ବହୁ ନେତା, ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ତାଙ୍କର ପରିଚୟ । କଟକ ନଗର ସହସ୍ର ବାର୍ଷିକୀର ଉଦ୍‌ଘାଟନ ହୁଏ ତତ୍କାଳୀନ ରାଷ୍ଟ୍ରପତି ଭେଙ୍କଟ ରମଣଙ୍କ ଦ୍ୱାରା ରାଧାନାଥବାବୁଙ୍କ ଜନ୍ମ ଦିବସରେ । ରାଧାନାଥବାବୁ ପରିଣତ ବୟସରେ ବାରବାଟୀ ଦୁର୍ଗ ଖନନ ଶୁଭାରମ୍ଭ କରିଥିଲେ । ଓଡିଶା ଇତିହାସର ଏକ ଉଜ୍ଜ୍ୱଳ ଅଧ୍ୟାୟ ଉନ୍ମୋଚିତ ହେବ । ଏହିସବୁ ଆନ୍ଦୋଳନ ପାଇଁ ରାଧାନାଥବାବୁ ଏକ ପ୍ରବାଦ ପୁରୁଷରେ ପରିଣତ ହୋଇଛନ୍ତି ।

ରାଧାନାଥ ରଥଙ୍କୁ ଅନେକ ସମ୍ମାନ ମିଳିଛି । ସେସବୁ ସମ୍ମାନ ନିଜେ ସମ୍ମାନିତ ହୋଇଛନ୍ତି । ରାଧାନାଥ ରଥଙ୍କୁ ବିଶେଷଣବିହୀନ ରାଧାନାଥ ରଥ ନାଁଟି ମାନେ । ବିଶେଷଣଗୁଡାକ ନିରର୍ଥକ ମନେହୁଏ । ଗୋଲାପକୁ ରଙ୍ଗ କରିବାର ଆବଶ୍ୟକତା ନିରର୍ଥକ ।

ସେ ଅଛନ୍ତି ଛତା ଭଳି, କାନ୍ଥଭଳି । ସେ ସକ୍ଷମ ହୋଇ ବଞ୍ଚୁ ବହୁତ ଦୀର୍ଘକାଳ । ଚଳଚଞ୍ଚଳ, କର୍ମରତ ରାଧାନାଥ ବାବୁଙ୍କୁ ଅଚଳ ହୋଇ ରହିବା ଦେଖିବା ବେଦନାଦାୟକ । ସେ ଯେଉଁଦିନ ରହିବେ ନାହିଁ, ସେଇଦିନ ତାଙ୍କର ଅଭାବ ବେଶୀ ଅନୁଭୂତ ହେବ । ତାଙ୍କୁ ହେଜିବେ ଯେପରି ପଡିଗଲା ଦାନ୍ତକୁ ହେଜିଲା ପରି । ଛତା ନଥିବ ଉପରେ, କାନ୍ଥ ନଥିବ, ଦାନ୍ତ ନଥିବ । ସେଭଳି ମଣିଷଟିଏ ଗଢି ଉଠିବା ପାଇଁ ଏ ଜାତିକୁ ବହୁବହୁ ବର୍ଷ ଲାଗିଯିବ । ଭବିଷ୍ୟତରେ ସେ ଏକ ବିଶେଷଣରେ ପରିଣତ ହୋଇଯିବେ ।

ଦି ୟୁନିଭର୍ସ
ମୈତ୍ରୀ ସରଣୀ, କଟକ - ୭୫୩୦୦୧

# ରାଧାନାଥ ବାବୁଙ୍କ ଶକ୍ତିଶାଳୀ ଲେଖନୀ

ଶ୍ରୀ ଅରୁଣ କୁମାର ପଣ୍ଡା

ଶ୍ରୀଯୁକ୍ତ ରାଧାନାଥ ରଥଙ୍କ ସାଧାରଣ ଜୀବନର ଆରମ୍ଭ ରାଜନୀତି କିମ୍ବା ସେହିଭଳି କୌଣସି କ୍ଷେତ୍ରରେ ହୋଇନଥିଲା । ତାଙ୍କର ସମାଜଜୀବନ ଆରମ୍ଭହେଲା 'ସମାଜ ସାପ୍ତାହିକ' ଏବଂ ସତ୍ୟବାଦୀ ପ୍ରେସରୁ । ରାଧାନାଥବାବୁଙ୍କ ସୁନ୍ଦର ହସ୍ତାକ୍ଷର ଏବଂ ଲେଖନୀର ଚମତ୍କାର ଶୈଳୀରେ ଉତ୍କଳମଣି ଗୋପବନ୍ଧୁ ବିମୁଗ୍ଧ ହୋଇଥିଲେ । ତାଙ୍କବସାରେ ରାଧାନାଥବାବୁଙ୍କ ସହିତ ତାଙ୍କର ସାକ୍ଷାତ ସମୟରେ ସେ ସେହି ତରୁଣଙ୍କ ଭିତରେ ଏକ ସ୍ୱତନ୍ତ୍ର ପ୍ରତିଭାର ସନ୍ଧାନ ପାଇଥିଲେ । କୌଣସି ଏକ ଘଟଣାକୁ ତନ୍ନ ତନ୍ନ କରି ଅନୁସଂଧାନ କରିବା, ତା ଭିତରୁ ସମସ୍ୟାକୁ ଖୋଜି ବାହାର କରିବା ଏବଂ ସମସ୍ୟାର ସମାଧାନର ପନ୍ଥା ଖୋଜିବା ତରୁଣ ବୟସର ରାଧାନାଥ ବାବୁଙ୍କ ବୈଶିଷ୍ଟ୍ୟ ଥିଲା । ଫଳରେ ଯେତେବେଳେ ତାଙ୍କ ହାତରେ ସମାଜ' ପରିଚାଳନା କିମ୍ବା ସଂପାଦନାର କଲମ ଥାମି ଦିଆଯାଇଥିଲା, ସେତେବେଳେ ତାଙ୍କ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭା ଉନ୍ମେଷିତ ହେଲା । ଗୋପବନ୍ଧୁ ବଞ୍ଚିଥିବା ବେଳେ ଅନେକ ସମୟରେ ସେ ରାଧାନାଥ ବାବୁଙ୍କୁ ସଂପାଦକୀୟ ଏବଂ ଅନ୍ୟ କେତେକ ସମ୍ବାଦର ଶ୍ରୁତଲିଖନ ଡାକୁଥିଲେ । ଗୋପବନ୍ଧୁଙ୍କ ଶ୍ରୁତଲିଖନ ଦେବା ଅଭ୍ୟାସ ପରବର୍ତ୍ତୀ କାଳରେ ତାଙ୍କ ଲେଖନୀକୁ ଆହୁରି ଶାଣିତ କଲା ।

ରାଧାନାଥ ବାବୁ ଦୀର୍ଘ ୬୦ ବର୍ଷରୁ ଊର୍ଦ୍ଧ୍ୱ କାଳଧରି 'ସମାଜ'ର ସଂପାଦନା ଦାୟିତ୍ୱରେ ଅଛନ୍ତି । ତନ୍ମଧ୍ୟରୁ କିଛି ବର୍ଷ ସେ 'ସମାଜ'ର ପରିଚାଳନା ଦାୟିତ୍ୱ ନେଇଥିଲେ ଏବଂ ରାଜ୍ୟରେ ମନ୍ତ୍ରୀ ମଧ୍ୟ ଥିଲେ । ଏହା ସତ୍ତ୍ୱେ ସେ ନିୟମିତ ଭାବରେ ସାମ୍ବାଦିକତାର ଲେଖନୀ ଚାଳନାକୁ ଭୁଲି ନଥିଲେ । ତାଙ୍କର ଦୀର୍ଘ ସମସ୍ୟାମୂଳକ ସଂପାଦକୀୟ ଏବଂ ସେଥିରେ ଆବଶ୍ୟକ ହିସାବ ନିକାଶ ଅନେକ ସମୟରେ ପଢିବା ପାଇଁ କଷ୍ଟ ହେଉଥିଲେ ମଧ୍ୟ ତାହା ଯେ କେତେ ଉପଯୋଗୀ, ସରକାରୀ ଓ ବେସରକାରୀ ଲୋକେ ବେଶ୍ ହୃଦୟଙ୍ଗମ କରିଛନ୍ତି । ଗତ ବହୁ ବର୍ଷଧରି ରବିବାର 'ସମାଜ'ରେ ନିୟମିତ ଭାବରେ ସଂପାଦକୀୟ ସ୍ତମ୍ଭ 'ଝିଟିପିଟି କହେ' ଶିରୋନାମାରେ ଯାହା ପ୍ରକାଶିତ ହୋଇଆସୁଛି, ତାହା ଓଡିଆ ସାହିତ୍ୟର ନବଦିଗନ୍ତ କହିଲେ ଅତ୍ୟୁକ୍ତି ହେବ ନାହିଁ । ପୁରାଣ, ଇତିହାସ, କାହାଣୀଠାରୁ ଆରମ୍ଭ କରି ଢଗଢମାଳୀ ଏବଂ ସଂସ୍କୃତ ସୁଭାଷିତ ମାଧ୍ୟମରେ ରାଧାନାଥ ବାବୁ 'ଝିଟିପିଟିକହେ' ସ୍ତମ୍ଭକୁ କେବଳ ଯେ ରସାଳ କରିଛନ୍ତି ତାହାନୁହେଁ, ଏହା ଓଡିଶାର ପାଠକଙ୍କ ଭିତରେ ନୂତନ ଚେତନା ଓ ଉନ୍ମାଦନା ସୃଷ୍ଟି କରିଛି । ରାଧାନାଥ ବାବୁ ତାଙ୍କର ଲେଖନୀ ଚାଳନାର ବିଶ୍ରାମ ପର୍ଯ୍ୟନ୍ତ ଅବିରତ ଭାବରେ ସାରସ୍ୱତ ସାଧନା କରି ଆସିଛନ୍ତି । ତାଙ୍କ ଲେଖାରେ ଗୋପବନ୍ଧୁଙ୍କର ଭାଷାର ପ୍ରଭାବ ପରିସ୍ଫୁଟ । ତାଙ୍କ ଭାଷାର ଶୈଳୀ ଅନନ୍ୟ ଓ ସ୍ୱତନ୍ତ୍ର ଧରଣର, ଯେପରିକି ସେ କଲେକ୍‌ଟେରିଏଟକୁ ସବୁବେଳେ 'କିଲ୍‌ଟରୀ' ବୋଲି ଲେଖୁଥିଲେ । ତାଙ୍କର ସଂପାଦକୀୟ ଓ 'ଝିଟିପିଟି କହେ' ଲେଖାମାନଙ୍କରେ ବହୁ ଗାଁଉଲୀ ଶବ୍ଦର ସମାହାର ସହିତ ଢଗ ଓ ଢମାଳୀ ଦେଖିବାକୁ ମିଳେ । ଲେଖାଗୁଡିକ ଦୀର୍ଘ ଏବଂ ସୂଚନା ସମ୍ବଳିତ ଥିବାରୁ ଏହା ଗବେଷକମାନଙ୍କ ପାଇଁ ବେଶ୍ ଖୋରାକ ଯୋଗାଇଥାଏ ।

ଡକ୍ଟର ରଥ ମୂଳତଃ ଜଣେ ବିଚକ୍ଷଣ ସାମ୍ବାଦିକ ହେଲେ ହେଁ ସାହିତ୍ୟର ବିଭିନ୍ନ ବିଭାବ ଉପରେ ମଧ୍ୟ ତାଙ୍କର ଦକ୍ଷତା କିଛି କମ ନୁହେଁ । ସାମ୍ବାଦିକତା, ସମାଜ ସେବା ଏବଂ ରାଜନୀତିର ବ୍ୟସ୍ତ-ବହୁଳ ଜୀବନ ଭିତରେ ରାଧାନାଥ ବାବୁ କାବ୍ୟ କବିତା ଏବଂ ସେହିଭଳି ସାହିତ୍ୟର ସରସ ବିଭବ ସୃଷ୍ଟିରେ ଅଧିକ ସମୟ ଦେଇ ପାରିନଥିଲେ ମଧ୍ୟ ତାଙ୍କର ଯାହାବି କିଛି ସୃଷ୍ଟି ରହିଛି ତାହାକୁ ଓଡିଆ ସାହିତ୍ୟର ଗୋଟିଏ ଗୋଟିଏ ମାଇଲଖୁଣ୍ଟ କହିଲେ ଅତ୍ୟୁକ୍ତି ହେବନାହିଁ ।

ପାଠ୍ୟ ପୁସ୍ତକରେ ସ୍ଥାନପାଇଥିବା ତାଙ୍କର କବିତା 'ଗାଁ ମାଟି' ଏକ ପରିପୁଷ୍ଟ, ସ୍ୱଚ୍ଛ, ସାବଲୀଳ କବି ହୃଦୟର ପ୍ରାଣସ୍ପର୍ଶୀ ସ୍ପନ୍ଦନ । ଅତି ଗମ୍ଭୀର ସ୍ୱଭାବର ପ୍ରତୀୟମାନ ହେଉଥିବା ରାଧାନାଥବାବୁ ଯେ ପ୍ରକୃତିର ଏଭଳି ଅନୁପମ ଭାବପୂର୍ଣ୍ଣ ବର୍ଣ୍ଣନା କରିପାରନ୍ତି, ତାହା ନ ପଢିଲେ ଜାଣି ହେବନାହିଁ ।

୧୯୪୭ ମସିହା ଜାନୁଆରୀ ମାସଠାରୁ 'ସମାଜ' ଫାଇଲକୁ ଲକ୍ଷ୍ୟକଲେ ରାଧାନାଥ ବାବୁଙ୍କ ସଶକ୍ତ ଲେଖନୀର କେତୋଟି ପ୍ରମାଣ ଆମର ହସ୍ତଗତ ହୁଏ । ସେତେବେଳେ 'ସମାଜ' ଛ ପୃଷ୍ଠା ବାହାରୁଥିଲା ଏବଂ ରାଧାନାଥବାବୁ ଏହାର ସଂପାଦକ ଓ ପରିଚାଳକ ଉଭୟ ଥିଲେ । ସେତେବେଳେ 'ସମାଜ'ର ମୂଲ୍ୟ ଥିଲା ଏକ ଅଣା । 'ସମାଜ' ପରିଚାଳନାର ଗୁରୁଦାୟିତ୍ୱ ସହିତ ସଂପାଦନାର ଗୁରୁତର କାର୍ଯ୍ୟ ମଧ୍ୟ ସେ ସୁଚାରୁରୂପେ ସଂପାଦନ କରୁଥିଲେ ।

୧୯୪୭ ମସିହାରୁ 'ସମାଜ'ରେ ତାଙ୍କର ହଜାର ହଜାର ସଂପାଦକୀୟ, ଅଗ୍ରଲେଖ ତଥା ସମ୍ବାଦ ପରିବେଷଣ ଓଡିଆ ସାମ୍ବାଦିକତାର ମାଇଲଖୁଣ୍ଟିର ପରିଚାୟକ । କିନ୍ତୁ ଏସବୁକୁ ସମ୍ବାଦ ସାହିତ୍ୟର ଅଂଶବିଶେଷ ବୋଲି ମଧ୍ୟ କୁହାଯାଇପାରେ । ଝିଟିପିଟି କହେର ପୌରାଣିକ ପ୍ରସଙ୍ଗଗୁଡିକ ରାଧାନାଥବାବୁଙ୍କ ଗଭୀର ଜ୍ଞାନର ପରିପ୍ରକାଶ । ସଂପାଦକୀୟ ହେଉ, ଝିଟିପିଟି ହେଉ, ସମ୍ବାଦ କିମ୍ବା ଯେକୌଣସି ଅଗ୍ରଲେଖ ହେଉ, ରାଧାନାଥବାବୁ ସବୁବେଳେ ସଂକୁଚିତ ନ ହୋଇ ବ୍ୟାପକ ହେବାକୁ ଚେଷ୍ଟା କରିଛନ୍ତି । ଗୋଟିଏ

ଘଟଣା ସଂପର୍କରେ ଯଦି ପାଠକ ଚିହ୍ନିନିଶ୍ଚିତ୍ କରି ଜାଣି ନ ପାରିଲେ ତାହାହେଲେ ପାଠକଙ୍କ ପ୍ରତି ଅନ୍ୟାୟ କରାଗଲା ବୋଲି ବୁଝିବାକୁ ହେବ । ଏହା ହେଉଛି ରାଧାନାଥ ବାବୁଙ୍କ ଦୃଷ୍ଟିକୋଣ । ରାଧାନାଥବାବୁ ସଂପାଦକୀୟ କିମ୍ବା ସଂବାଦର ଡିକ୍‌ଟେସନ୍ ଦେଉଥିଲାବେଳେ ଲେଖୁଥିବା ସହକର୍ମୀଟି ଭୀତତ୍ରସ୍ତ ହୋଇପଡେ । କାରଣ ଅତି କ୍ଷିପ୍ରଭାବରେ ସେ ତାକନ୍ତି । ତେଣୁ ରାଧାନାଥ ବାବୁଙ୍କ ଡିକ୍‌ଟେସନ୍ ନେଉଥିବା ସହକର୍ମୀଙ୍କୁ ସେଥିପାଇଁ ସାଧନା କରିବାକୁ ପଡେ । ରାଧାନାଥ ବାବୁଙ୍କ ମୁହଁରୁ ଯେଉଁ ବାକ୍ୟ ନିର୍ଗତ ହେଲା ତାକୁ ଯଦି ଏକାଥରକେ ଶୁଣି ଲେଖି ନ ପାରିବ ତାହାହେଲେ ଅବସ୍ଥା ଡିଲା । କାରଣ ବାକ୍ୟଟିକୁ ଅବିକଳ ପୁଣିଥରେ କହିବା ରାଧାନାଥବାବୁଙ୍କ ଅଭ୍ୟାସ ବହିର୍ଭୂତ । ତେଣୁ ଏକାଥରେ ଶୁଣିବ, ଏକାଥରେ ଲେଖିବ, ତାହାହେଲେ ତାଙ୍କ ସହିତ କାମ କରିବା ସୁବିଧାଜନକ ।

ରାଧାନାଥ ବାବୁ ଓଡିଆ ଭାଷାରେ ଯେତିକି ପାରଙ୍ଗମ, ଇଂରାଜୀ ଭାଷାରେ ମଧ୍ୟ ସେତିକି ପାରଙ୍ଗମ । ତାଙ୍କର ଇଂରାଜୀ ଲେଖିବାର ଶୈଳୀ, କହିବାର ଢଙ୍ଗ ଅନନ୍ୟ । ସେ ଓଡିଆ କିମ୍ବା ଇଂରାଜୀରେ ବକ୍ତୃତା ଦେଲାବେଳେ ଉଭୟ ଭାଷାରେ ନିଜର ବାଗ୍ମିତାର ପରିଚୟ ଦେଇଥାନ୍ତି ।

ସାମ୍ବାଦିକତା ଓ ସମାଜସେବା ଏବଂ ରାଜନୀତିରେ ବିପୁଳ ବ୍ୟସ୍ତତା ମଧ୍ୟରେ ରାଧାନାଥ ବାବୁ ସାରସ୍ୱତ ସାଧନାର ଦିଗଟିକୁ ଭୁଲି ନଥିଲେ । ଯଦିଓ ଏ ଦିଗରେ ସେ ବେଶି ସମୟ ଦେଇପାରି ନାହାନ୍ତି ତଥାପି ତାଙ୍କ ସୃଷ୍ଟିର ସମ୍ଭାର କିଛି କମ୍ ନୁହେଁ । ୧୯୪୨ ପ୍ରଜା ଆନ୍ଦୋଳନ ବେଳେ ବ୍ରହ୍ମପୁର ଜେଲ୍‌ରେ ସେ ଯେଉଁ ଦୁଇବର୍ଷ ରହିଲେ, ତାହା ତାଙ୍କର ସାରସ୍ୱତ ପ୍ରତିଭା ଉନ୍ମେଷରେ ଖୁବ୍ ସହାୟକ ହୋଇଥିଲା ।

ବନ୍ଦୀଶାଳାରେ ସେ କେତେକ କାବ୍ୟ, କବିତା, ପ୍ରବନ୍ଧ ରଚନା କରିବା ସହିତ ବ୍ୟାସକୃତ ମହାଭାରତ ଏବଂ ଦାସ କ୍ୟାପିଟାଲ ର ଓଡିଆ ଅନୁବାଦ କରିଥିଲେ । ପୁଣ୍ୟାତ୍ମା ଗୋପବନ୍ଧୁଙ୍କର ପ୍ରଭାବ ପୂଜ୍ୟ ରାଧାନାଥ ବାବୁଙ୍କ ଜୀବନରେ ଯେତିକି ପ୍ରତିଫଳିତ, ତାଙ୍କ ରଚନା ଶୈଳୀ ମଧ୍ୟ ପ୍ରାଣପ୍ରତିମ ଗୁରୁଙ୍କର ପ୍ରେରଣାରେ ଅନୁରୂପଭାବେ ପ୍ରଭାବିତ । ତାଙ୍କର 'ବନ୍ଦୀର ମର୍ମବାଣୀ' କବିତା ସଂକଳନରୁ କେତୋଟି ଉଦ୍ଧୃତି ଏଠାରେ ସନ୍ନିବେଶିତ କରୁଛି ।

ରାଧାନାଥବାବୁ ମୋ ଜନ୍ମଭୂମି କବିତାରେ ପ୍ରକୃତିର ଅପରୂପ ବର୍ଣ୍ଣନା ସହିତ ମାନବିକ ଜୀବନ ଦର୍ଶନକୁ ସୁନ୍ଦରଭାବେ ଅଙ୍କିତ କରିଛନ୍ତି ।

ତୁହିଗୋ ଜନମଭୂଇଁ ଜୀବନ-ଦାୟିନୀ
କିପେନି ବିଷାଦ କିମ୍ବା ତୁ ଅଭିମାନିନୀ ?
ସରଳ ତରଳ ପ୍ରାଣେ ତୋ କୋଳେ ବିଚରି,
ରୂପେ ତୋର ନିରଖରେ ମରତ ମାଧୁରୀ ।
X X X
ତୋହରି ସେବାରେ ଶାନ୍ତି ଆସେ ନିରନ୍ତର ,
ତୋ ପଦ ପରଶେ ମାଗୋ ପୁଲକ ଅନ୍ତର ?
ତୋହରି ବନ୍ଦନେ ଭିନା ବିଭୁ ସଂକୀର୍ତ୍ତନ,
ତୋହ ଆଶୀର୍ବାଦେ ହେଉ ଧନ୍ୟ ଗୋ ଜୀବନ ।

ରାଧାନାଥବାବୁଙ୍କ କବିତାରେ ଦେଶଭକ୍ତିର ଭାବସହିତ ଗ୍ରାମ୍ୟଜୀବନର ପ୍ରତିଛବି ଦେଖିବାକୁ ମିଳେ । ଅତି ସରଳ ଓ ସାବଲୀଳ କାବ୍ୟିକ ଭାଷାରେ ସେ ଉତ୍କଳମଣିଙ୍କ ପରି ପ୍ରାଣସ୍ପର୍ଶୀ କବିତା ଲେଖିବା ପାଇଁ ଉଦ୍ୟମ ଆରମ୍ଭ କରି ଅନେକାଂଶରେ ସଫଳ ହୋଇଥିଲେ ।

ରାଧାନାଥବାବୁଙ୍କର ଆଉ ଏକ କାବ୍ୟକୃତି ହେଲା ନୀଳାଚଳେ ନେତ୍ରନୀର । ଏହି ଗୀତି କାବ୍ୟଟିରେ ଏକ ସରଳା ପଲ୍ଲୀବାଳାର ଜୀବନ କାହାଣୀ ମଧ୍ୟରେ ପୁରୁଷୋତ୍ତମ କ୍ଷେତ୍ରର ଇତିହାସ ବର୍ଣ୍ଣନା ସହିତ ମାନବବାଦର ମହାବାର୍ତ୍ତାର ପ୍ରଚାର ହୋଇଛି । ୧୯୪୨ ମସିହାରେ ବ୍ରହ୍ମପୁର ଜେଲରେ ବନ୍ଦୀ ଥିଲାବେଳେ ସେ ଏହି କାବ୍ୟଟିକୁ ରଚନା କରିଥିଲେ । ଦୀର୍ଘ ଅର୍ଦ୍ଧଶତାବ୍ଦୀ ତଳେ ଏହି ଗୀତି କାବ୍ୟଟି ରଚିତ ହୋଇଥିଲେ ମଧ୍ୟ ଆଜି ବି ସୁଖପାଠ୍ୟ । ଏଭଳି ସରଳ ଓ ଗ୍ରାମୀଣ ଭାଷାରେ ଏହା ଯେପରି ଲେଖାଯାଇଛି, ତାହା ରାଧାନାଥ ବାବୁଙ୍କ କବି ପ୍ରତିଭାର ଏକ ସୁସ୍ପଷ୍ଟ ଚିତ୍ର ପ୍ରଦାନ କରୁଛି ।

କାବ୍ୟକବିତା କ୍ଷେତ୍ରରେ ରାଧାନାଥବାବୁ ଯେଉଁ କୃତିତ୍ୱ ହାସଲ କରିଛନ୍ତି ତାହା ଅବଶ୍ୟ ପ୍ରଣିଧାନଯୋଗ୍ୟ । କିନ୍ତୁ ଯଦି ତାଙ୍କ ଲେଖନୀକୁ ଏ ଦିଗରେ ସେ ଅବାରିତ ଚାଳିତ କରିଥାନ୍ତେ ତାହାହେଲେ ଓଡିଆ ସାରସ୍ୱତ କ୍ଷେତ୍ରରେ ସେ ଜଣେ ମହାନ୍ ସ୍ରଷ୍ଟାର ସ୍ଥାନ ଅଧିକାର କରିଥାନ୍ତେ । ନିଜର ବ୍ୟସ୍ତ ଜୀବନ ଏବଂ 'ସମାଜ' ଦାୟିତ୍ୱ ତାପରେ ସେ କାବ୍ୟ କବିତା କ୍ଷେତ୍ରରେ ବିଶେଷ ମନୋନିବେଶ କରିବାକୁ ସମୟ ପାଇନାହାନ୍ତି ।

## ରାଧାନାଥବାବୁଙ୍କ ଗଦ୍ୟ ସାହିତ୍ୟ

'ସମାଜ'ର ସଂପାଦକୀୟ, ଛିଟିପିଟିକହେ, ଦୈନିକ 'ସମାଜ', ସାପ୍ତାହିକ ସମାଜ ଏବଂ ଗୋପବନ୍ଧୁ ଶ୍ରାଦ୍ଧ ସଂଖ୍ୟାରେ ରାଧାନାଥ ବାବୁଙ୍କ ପ୍ରକାଶିତ ନିବନ୍ଧାବଳୀ ଗଦ୍ୟ ସାହିତ୍ୟରେ ତାଙ୍କର ପ୍ରାଜ୍ଞ ଦକ୍ଷତାର ପରିଚୟ ଦେଇଥାଏ । ବ୍ରହ୍ମପୁର ଜେଲ୍‌ରେ ଥିଲାବେଳେ ତାଙ୍କ ଜୀବନର ଦୈନନ୍ଦିନ ଅନୁଭୂତିକୁ ସେ ଅତି ସାବଲୀଳ ଭାଷାରେ ଲିପିବଦ୍ଧ କରିଛନ୍ତି । 'ମୋ ଜେଲ ସ୍ମୃତିଲିପି' ଶୀର୍ଷକରେ ଏହାର ବହୁ ଅଂଶ ରବିବାର ସମାଜ ରେ ପ୍ରକାଶିତ ହୋଇ ପାଠକମାନଙ୍କ ଦ୍ୱାରା ଆଦୃତ ହୋଇଛି । ସତ୍ୟସନ୍ଧ ନାମରେ ରାଧାନାଥ ବାବୁଙ୍କ ପ୍ରକାଶିତ ଅନ୍ୟ ଏକ ଗଦ୍ୟକୃତୀ ପୁସ୍ତକାକାରରେ ପ୍ରକାଶିତ ହୋଇଛି । ଏହି ପୁସ୍ତକରେ ରାଧାନାଥ ବାବୁ ତାଙ୍କର ଆଦିଗୁରୁ ଉତ୍କଳମଣି ଗୋପବନ୍ଧୁଙ୍କ ସମ୍ପର୍କରେ ଅତି ଚମତ୍କାର ଭାବରେ ମହାପୁରୁଷଙ୍କ ଜୀବନର ପ୍ରତିଟି କ୍ଷେତ୍ରକୁ ଯେଭଳି ଭାବରେ ଲିପିବଦ୍ଧ କରିଛନ୍ତି, ତାହା ଓଡିଆ ଗଦ୍ୟ ସାହିତ୍ୟ ଭଣ୍ଡାରର ଏକ ଅମୂଲ୍ୟ ସମ୍ପଦ ହୋଇ ରହିଛି ।

ବରିଷ୍ଠ ସହକାରୀ ସଂପାଦକ 'ସମାଜ'
ଗୋପବନ୍ଧୁ ଭବନ, କଟକ - ୧

# ସାମାଜିକ ଜୀବନ ଉପରେ ଚଳଚ୍ଚିତ୍ରର ପ୍ରଭାବ

ଶ୍ରୀ ରଣଧୀର ଦାସ

ଉଚ୍ଚ ବର୍ଗ, ମଧ୍ୟବିତ୍ତ ବର୍ଗ ଏବଂ ନିମ୍ନ ବର୍ଗର ମଣିଷଙ୍କୁ ନେଇ ସମାଜର ସୃଷ୍ଟି । ସମାଜରେ ବସବାସ କରୁଥିବା ବିଭିନ୍ନ ଶ୍ରେଣୀର ମଣିଷଙ୍କର ରୁଚି ମଧ୍ୟ ଭିନ୍ନ । ସେମାନଙ୍କର ଜୀବନଯାପନ ପ୍ରଣାଳୀ, ମନୋରଂଜନ ରୁଚିରେ ମଧ୍ୟ ତାରତମ୍ୟ ରହିଛି । ଅର୍ଥନୀତି ସମାଜକୁ ପ୍ରଭାବିତ କରିଥାଏ ।

ବିଭିନ୍ନ ଗଣମାଧ୍ୟମ ମଧ୍ୟରେ ଚଳଚ୍ଚିତ୍ର ଆଧୁନିକ ସମାଜର ଅନ୍ୟତମ ବଳିଷ୍ଠ ଗଣମାଧ୍ୟମ । ଊନବିଂଶ ଶତାବ୍ଦୀରେ ପାଲା, ଯାତ୍ରା, ଅପେରା ନାଟକ ଦର୍ଶକମାନଙ୍କ ମନୋରଂଜନ କରୁଥିଲା । ମାତ୍ର ସଭ୍ୟତାର ବିକାଶ ସଂଗେ ସଂଗେ ଚଳଚ୍ଚିତ୍ର, ବେତାର, ଦୂରଦର୍ଶନ ଲକ୍ଷାଧିକ ଜନତାର ମନୋରଂଜନ କରିପାରିଲା । ଚଳଚ୍ଚିତ୍ର ନିର୍ମାଣ ପ୍ରାରମ୍ଭରେ ପୌରାଣିକ, ଐତିହାସିକ, ଯୁଦ୍ଧ ପଟ୍ଟଭୂମି ଉପରେ ଆଧାରିତ କାହାଣୀ ଅଥବା ସଂଗ୍ରାମ ଓ ସଂଘର୍ଷର କାହାଣୀକୁ ନେଇ ଚଳଚ୍ଚିତ୍ର ନିର୍ମିତ ହେଉଥିଲା । ସବୁଶ୍ରେଣୀର ଚଳଚ୍ଚିତ୍ରର ମୂଳ ଲକ୍ଷ୍ୟ ଥିଲା ଗଣ ମନୋରଂଜନ। କ୍ରମଶଃ ଚଳଚ୍ଚିତ୍ର ନିର୍ମାଣ ଧାରାରେ ପରିବର୍ତ୍ତନ ଆସିଲା ।

ବିଶ୍ୱ ଚଳଚ୍ଚିତ୍ର ଇତିହାସ ଅନୁଧ୍ୟାନ କଲେ ଜଣାଯାଏ ଋଷର ବଲସେଭିକ ବିପ୍ଳବ, ପ୍ରଥମ ଓ ଦ୍ୱିତୀୟ ବିଶ୍ୱ ମହାସମର, ହିଟଲରଙ୍କ ପତନ, ଭିଏତନାମ ଯୁଦ୍ଧ ସମ୍ବଳିତ ଚିତ୍ର ଗୁଡିକ ଦର୍ଶକମାନଙ୍କୁ ବିଶେଷ ପ୍ରଭାବିତ କରିଥିଲା । ଏହି ଚଳଚ୍ଚିତ୍ରର ବିଷୟବସ୍ତୁ ଥିଲା ଏକାନ୍ତ ସତ୍ୟ ଏବଂ ତାହାର ସାର୍ବଜନୀନ ମୂଲ୍ୟବୋଧ ଥିଲା । ଫଳରେ ଏହି ଚଳଚ୍ଚିତ୍ର ଗୁଡ଼ିକ ଆଜି ମଧ୍ୟ ବିଶ୍ୱ ଚଳଚ୍ଚିତ୍ର ଇତିହାସରେ ମାଇଲ ଖୁଣ୍ଟ ଭାବରେ ଦର୍ଶକ ମାନସରେ ଅମଳିନ ହୋଇରହିଛି ।

ସ୍ୱାଧୀନତା ପୂର୍ବର ଭାରତର ଚଳଚ୍ଚିତ୍ରର କାହାଣୀ ମୁଖ୍ୟତଃ ଥିଲା ଐତିହାସିକ, ପୌରାଣିକ ଅଥବା ଦେଶାତ୍ମବୋଧକ । ସ୍ୱାଧୀନତା ପରେ ଭାରତୀୟ ସାମାଜିକ ଓ ଅର୍ଥନୈତିକ ରୂପରେଖ ପରିବର୍ତ୍ତନ ହେବା ଫଳରେ ଚଳଚ୍ଚିତ୍ର କାହାଣୀ ନିର୍ମାଣ ଧାରାରେ ମଧ୍ୟ ପରିବର୍ତ୍ତନ ଦେଖାଦେଲା । ସ୍ୱାଧୀନତା ପୂର୍ବରୁ ଯେଉଁ କେତୋଟି ଦେଶାତ୍ମବୋଧ ଚଳଚ୍ଚିତ୍ର ଭାରତର ବିଭିନ୍ନ ଭାଷାରେ ନିର୍ମିତ ହୋଇଥିଲା, ତାହା ତତ୍କାଳୀନ ସମାଜକୁ ବିଶେଷ ଭାବରେ ଉଦ୍‌ବୁଦ୍ଧ କରିଥିଲା । ଫଳରେ ବହୁ ଯୁବକ ପ୍ରଭାବିତ ହୋଇ ଭାରତର ସ୍ୱାଧୀନତା ପାଇଁ ନିଜର ଜୀବନ ମଧ୍ୟ ଉତ୍ସର୍ଗ କରିଥିଲେ । ସେମାନଙ୍କର ନିଷ୍ଠା, ସାଧନା ଓ ବଳିଦାନ ପାଇଁ ଆଜି ଭାରତ ପରାଧୀନତା ଶୃଙ୍ଖଳରୁ ମୁକ୍ତି ପାଇ ସ୍ୱାଧୀନତାର ସ୍ୱାଦ ଅନୁଭବ କରୁଛି।

ସେତେବେଳେ ଏହି ଧରଣର ଚଳଚ୍ଚିତ୍ର ପ୍ରଦର୍ଶନ ଉପରେ ବିଦେଶୀ ସରକାର ଅନେକ କଟକଣା ଜାରି କରିଥିଲେ । ଶରତଚନ୍ଦ୍ରଙ୍କର ଆନନ୍ଦ ମଠ ପରି ଚଳଚ୍ଚିତ୍ର ତତ୍କାଳୀନ ଭାରତୀୟ ଯୁବକମାନଙ୍କୁ ଦେଶକୁ ପରାଧୀନତାରୁ ମୁକ୍ତ କରିବାପାଇଁ ଯଥେଷ୍ଟ ପ୍ରେରଣା ଦେଇଥିଲା ।

ଧୀରେ ଧୀରେ ଭାରତରେ ଜନସଂଖ୍ୟାର ଦ୍ରୁତ ବିସ୍ଫୋରଣ ସହିତ ବେକାରୀ, ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥର ଆକାଶଛୁଆଁ ଦର ବୃଦ୍ଧି ସମାଜର ଅର୍ଥନୈତିକ ଭାରସାମ୍ୟକୁ ବିପର୍ଯ୍ୟସ୍ତ କରିଦେଲା । ଅହିଂସା ପ୍ରେମୀ ଭାରତୀୟ ସମାଜରେ ହତ୍ୟା, ଅପରାଧ, ଲୁଟତରାଜ, ଧର୍ଷଣ, ହିଂସାତ୍ମକ କାଣ୍ଡ ଏକ ନିତ୍ୟ ନିୟମିତ ଘଟଣାରେ ପରିଣତ ହେଲା । ସମାଜରେ ରାମଙ୍କ ସଂଖ୍ୟା ଅପେକ୍ଷା ରାବଣଙ୍କ ସଂଖ୍ୟା ଅଧିକ । ଚଳଚ୍ଚିତ୍ରର ସୁପ୍ରଭାବ ଅପେକ୍ଷା କୁପ୍ରଭାବ ସମାଜର କୋମଳମତି ଯୁବକଯୁବତୀଙ୍କୁ ଅଧିକ ପ୍ରଭାବିତ କରିବା ଲକ୍ଷ୍ୟ କରାଗଲା ।

ଷାଠିଏ ଦଶକ ପରବର୍ତ୍ତୀ ପର୍ଯ୍ୟାୟରେ ଭାରତରେ ହିନ୍ଦୀଭାଷା ବ୍ୟତୀତ ଅନ୍ୟାନ୍ୟ ଆଞ୍ଚଳିକ ଭାଷାରେ ଚିତ୍ର ନିର୍ମାଣର ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଲା । ବିଶ୍ୱ ଚଳଚ୍ଚିତ୍ର ନିର୍ମାଣ ଇତିହାସରେ ଭାରତ ଶୀର୍ଷ ସ୍ଥାନ ଅଧିକାର କଲା । ଧାର୍ମିକ ଚଳଚ୍ଚିତ୍ର ସଂଖ୍ୟା ଆନୁପାତିକ ହାରରେ ହ୍ରାସ ପାଇଲା । ମାତ୍ର କେତେକ ଧାର୍ମିକ ଚଳଚ୍ଚିତ୍ର ସମାଜ ଉପରେ ଯଥେଷ୍ଟ ପ୍ରଭାବ ପକାଇଛି । 'ଜୟସନ୍ତୋଷୀମା' ଚଳଚ୍ଚିତ୍ରର ମୁକ୍ତିଲାଭ ପରେ ସମଗ୍ର ଭାରତରେ ପ୍ରତି ସପ୍ତାହର ଶୁକ୍ରବାର ଦିନ ଲକ୍ଷଲକ୍ଷ ବ୍ୟକ୍ତି ଏହି ଓଷା କରୁଛନ୍ତି । ଏହି ବ୍ରତ ପାଳନରେ ସେମାନଙ୍କର ଏକାଗ୍ରତା ଓ ନିଷ୍ଠା ଉଲ୍ଲେଖନୀୟ । ରାମାୟଣ ଓ ମହାଭାରତ ପଟ୍ଟଭୂମିରେ ଭାରତରେ ବହୁ ଚଳଚ୍ଚିତ୍ର ନିର୍ମିତ ହୋଇ ଲକ୍ଷଲକ୍ଷ ଦର୍ଶକଙ୍କୁ ଅନୁପ୍ରାଣିତ କରିଛି

ଏଥିରେ ସନ୍ଦେହର ଅବକାଶ ନାହିଁ ।

କେତେକ ଅର୍ଥପିପାସୁ ଚିତ୍ର ନିର୍ମାତା ଚତୁରତାର ସହିତ ଦର୍ଶକମାନଙ୍କ ମନୋରଂଜନ କରିବା ପାଇଁ ବିଦେଶୀ ଚଳଚ୍ଚିତ୍ରର କେତେକ ହିଂସାତ୍ମକ କୌଶଳ, ନଗ୍ନ ନୃତ୍ୟ, ଧର୍ଷଣ ଓ ଅନ୍ୟାନ୍ୟ ଅପରାଧ ସଂଯୋଜନା କଲେ । ଏହି ଧରଣର ଚଳଚ୍ଚିତ୍ର ଯୁବସମାଜକୁ ଅଧିକ ଆକର୍ଷଣ କଲା । ଥରେ ନୁହେଁ, ବାରମ୍ବାର ଏହି ଚଳଚ୍ଚିତ୍ରକୁ ସେମାନେ ଦେଖିଲେ । ନିର୍ମାତାଙ୍କ ଲକ୍ଷ୍ୟ ପୂରଣ ହେଲା । ସେନସରର ସଭ୍ୟମାନେ ଏଭଳି ଚଳଚ୍ଚିତ୍ରକୁ ସେନସର କରିବା ସମୟରେ ବିଶେଷ ଗୁରୁତ୍ୱ ଦେଲେ ନାହିଁ । ଫଳରେ ଯୁବସମାଜ ବିଭିନ୍ନ ଅପରାଧ, ହିଂସାକାଣ୍ଡ ପ୍ରୟୋଗ କଲେ ଏବଂ ସଫଳ ମଧ୍ୟ ହେଲେ । ଭାରତର ପ୍ରମୁଖ ସହରରେ ଏହ ହିଂସାକାଣ୍ଡ ବିଭିନ୍ନ ସମୟରେ ଅଧିକ ବ୍ୟାପକ ହେବାରେ ଲାଗିଲା । ତାର ପରିଣତି ଭୋଗ କଲେ ସମଗ୍ର ସମାଜ ଏବଂ ରାଷ୍ଟ୍ର ।

କେତେକ ଚଳଚ୍ଚିତ୍ର ନିର୍ମାତାଙ୍କର ଦୂରଦୃଷ୍ଟି ଅଭାବ, ସେନସର ବୋର୍ଡର ସଭ୍ୟମାନଙ୍କର କୋହଳ ମନୋଭାବ ପାଇଁ ଗତ ୧୦ ବର୍ଷ ମଧ୍ୟରେ ନିର୍ମିତ କେତେକ ହିନ୍ଦୀଚଳଚ୍ଚିତ୍ର ମୁକ୍ତିଲାଭ ପରେ ପରେ ସମଗ୍ର ରାଷ୍ଟ୍ରରେ ସାଂପ୍ରଦାୟିକ ଅସ୍ଥିରତା ସୃଷ୍ଟି ହୋଇଥିଲା । ରାଜନୀତିର କଳୁଷିତ ବ୍ୟକ୍ତିତ୍ୱକୁ ମଧ୍ୟ ଚଳଚ୍ଚିତ୍ରରେ ରୂପାୟିତ କରାଯାଉଛି । ମାତ୍ର ତାର ଗଠନମୂଳକ ପ୍ରଭାବ ସମାଜକୁ ଆଦୌ ପ୍ରଭାବିତ କରିପାରୁନାହିଁ । ସମସ୍ୟା ଉପରେ ଆଧାରିତ ଚଳଚ୍ଚିତ୍ରର ପ୍ରଭାବ ସମାଜ ଉପରେ ପ୍ରଭାବ ପକାଉଛି, ମାତ୍ର ତାହା ପୁରସ୍କୃତ ହୁଏ, ସାଧାରଣ ଦର୍ଶକଙ୍କ ପାଇଁ ପ୍ରଦର୍ଶନ ହୋଇପାରେ ନାହିଁ । ବିଚାରାଧୀନ ଅନେକ ବାଳ ଅପରାଧୀ ମୁକ୍ତକଣ୍ଠରେ ସ୍ୱୀକାର କରିଛନ୍ତି ସେମାନେ ସମାଜରେ ପ୍ରୟୋଗ କରିଥିବା କେତେକ ହିଂସାତ୍ମକ କୌଶଳ ନିର୍ଦ୍ଦିଷ୍ଟ ଚଳଚ୍ଚିତ୍ରକୁ ଦେଖି ପ୍ରଭାବିତ ହୋଇଛନ୍ତି । ତାହାକୁ ସଫଳତାର ସହିତ କାର୍ଯ୍ୟକାରୀ କରିବାପାଇଁ ସେମାନେ ଚଳଚ୍ଚିତ୍ରକୁ ବାରମ୍ବାର ଦେଖିଛନ୍ତି ।

ଭାରତରେ ଗୋଟିଏ ବିବଦମାନ ଅଥବା ନଗ୍ନ ଦୃଶ୍ୟଥିବା ଚଳଚ୍ଚିତ୍ରର ପ୍ରଦର୍ଶନ ବନ୍ଦ କରିବା ପାଇଁ ଦର୍ଶକମାନଙ୍କ ମଧ୍ୟରୁ କେହି କୋର୍ଟର ଆଶ୍ରୟ ନେଲେ ତାର ପ୍ରଦର୍ଶନ ସାମୟିକ ଭାବେ ସ୍ଥଗିତ ରଖାଯାଉଛି ମାତ୍ର ବିତ୍ତବଶାଳୀ ଓ ପ୍ରଭାବଶାଳୀ ନିର୍ମାତା, ପରିବେଷକ ଉଚ୍ଚତମ ନ୍ୟାୟାଳୟର ଆଶ୍ରୟ ନେଇ ତାର ପ୍ରଦର୍ଶନ କରିବା ସମ୍ଭବପର ହୋଇପାରୁଛି । ଆଇନର ବ୍ୟାଖ୍ୟା ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଉପରେ ନିର୍ଭର କରୁଛି । ବିଶେଷ ହିଂସାତ୍ମକ କୌଶଳ ପ୍ରୟୋଗ କରିଥିବା ଏକ ପ୍ରଖ୍ୟାତ ବିଦେଶୀ ଚଳଚ୍ଚିତ୍ର ଷ୍ଟାନଲେ କୁବ୍ରିକଙ୍କ ନିର୍ଦ୍ଦେଶିତ "The clock work orange" ସେନସର ବୋର୍ଡ ଦ୍ୱାରା ପ୍ରଦର୍ଶନ ବନ୍ଦ କରିଦିଆଯାଇଥିଲା । ଭାରତରେ ଏ ପ୍ରକାର ସାହସିକ ପଦକ୍ଷେପ ଏ ପର୍ଯ୍ୟନ୍ତ ସମ୍ଭବ ହୋଇପାରିନାହିଁ ।

ଆମ ରାଷ୍ଟ୍ରରେ ସାମାନ୍ୟ ଘଟଣା ପାଇଁ ଧର୍ମଘଟ, ଆନ୍ଦୋଳନ, ରାସ୍ତାଅବରୋଧ, ବନ୍ଦ ପାଳନ କରାଯାଏ । ରାଜନୀତିର ପ୍ରମୁଖ-ନେତା ମହାନେତାମାନେ ନେତୃତ୍ୱ ନିଅନ୍ତି । ମାତ୍ର ବିସ୍ମୟର କଥା ଯେଉଁ ଘଟଣା ପାଇଁ ନିଜର ପରିବାର, ସମାଜ କଳୁଷିତ ହେବ ସେଥିପାଇଁ କାହାରି ତିଳେମାତ୍ର ଉଦ୍‌ବେଗ ନାହିଁ । ଚିତ୍ର-ନିର୍ମାତାମାନଙ୍କୁ ଧନ ଅର୍ଜନ କରିବାର ପ୍ରଲୋଭନ ଅନ୍ଧ କରିଦେଇଛି । ଅନ୍ୟ ଦିଗରେ ଆଦର୍ଶ ଉପରେ ଆଧାରିତ ମହାପୁରୁଷମାନଙ୍କ ଉପରେ ଆଧାରିତ ସତ୍ୟଘଟଣାକୁ ନେଇ ନିର୍ମିତ ଚଳଚ୍ଚିତ୍ର ଲକ୍ଷ ଲକ୍ଷ ଦର୍ଶକଙ୍କୁ ମୁଗ୍ଧ କରିଛି । ସେମାନଙ୍କ ମଧ୍ୟରୁ ଟେନ କମାଣ୍ଡମେଣ୍ଟ, ଗାନ୍ଧୀ ଚଳଚ୍ଚିତ୍ର ଉଲ୍ଲେଖନୀୟ । ବ୍ୟବସାୟ ଦୃଷ୍ଟିରୁ ଏବଂ ଏକ ଜନପ୍ରିୟ ସଫଳ ଚଳଚ୍ଚିତ୍ର ଭାବରେ ଏହିପରି ଚିତ୍ର ସମାଜକୁ ପ୍ରଭାବିତ କରିଛି । ସେମାନଙ୍କର ରୁଚିରେ ପରିବର୍ତ୍ତନ ଆଣିପାରିଛି ।

ଆମ ସମାଜରେ ସୁଖୀ, ଶିକ୍ଷିତ ଏବଂ ସୌଭାଗ୍ୟଶାଳୀ ମଣିଷଙ୍କ ସଂଖ୍ୟା ଶତକଡା ୧୦ ଭାଗ ହେଲେ ନିଷ୍ପେଷିତ, ଅଶିକ୍ଷିତ, ଦରିଦ୍ର ହତଭାଗ୍ୟ ମଣିଷଙ୍କ ସଂଖ୍ୟା ଶତକଡା ୯୦ ଭାଗ । ଚଳଚ୍ଚିତ୍ରର ପ୍ରକୃତ ପୃଷ୍ଠପୋଷକ ଏଇ ନିମ୍ନ ବର୍ଗର ମେହନତୀ ମଣିଷ । ସମସ୍ୟା କବଳିତ ଏଇ ମେହନତୀ ମଣିଷର ଶିକ୍ଷାର ବିକାଶ, ଅର୍ଥନୈତିକ ସ୍ୱଚ୍ଛଳତା ନ ହେଲେ ତାର ନୈତିକ ମୂଲ୍ୟବୋଧ ଅଥବା ରୁଚିରେ ପରିବର୍ତ୍ତନ ହେବା ସମ୍ଭବପର ହୋଇ ନପାରେ । ସମାଜରେ ଗଣ ରୁଚିରେ ପରିବର୍ତ୍ତନ ଆଣିବାପାଇଁ ଚେତନାଶୀଳ ନିର୍ମାତାଙ୍କର ଅବଦାନ ରହିଛି । ନୀତିଗତ ଆଦର୍ଶ ସହିତ ଚଳଚ୍ଚିତ୍ରରେ ମନୋରଂଜନର ଭରପୁର ମସଲା ରହିଲେ ତାହ ସାମାଜିକ ଜୀବନ ଉପରେ ନିଶ୍ଚିତ ରୂପେ ପ୍ରଭାବ ପକାଇବ । ସେ ସଂପର୍କରେ ଗଣମାଧ୍ୟମର ଏକ ବିଶେଷ ଭୂମିକା ରହିଛି । ସାମାଜିକ ଜୀବନ ଉପରେ ଚଳଚ୍ଚିତ୍ରର ପ୍ରଭାବ ସଂପର୍କରେ ବିଶ୍ୱବ୍ୟାପୀ ଗଣ ଚେତନା ଆବଶ୍ୟକ ।

ଜ୍ଞାନରଞ୍ଜ ଭବନ
ଝୋଲିଓଡ଼, କଟକ - ୭୫୩୦୦୨

# ମାଲକାନଗିରି ଜିଲ୍ଲାର ଆଦିବାସୀ ଭାଷା, ସଂସ୍କୃତି ଓ ପରମ୍ପରା

ଶ୍ରୀ ଅର୍ଜୁନ ନାଲ୍ଲା

ଭାଷା ହେଉଛି ଭାବର ପ୍ରବାହ । ଯେଉଁ ଜାତିର ଭାଷା ଯେତିକି ଉନ୍ନତ, ସେ ଜାତି ସେତିକି ବଳିଷ୍ଠ । ଭାଷା ନଥିଲେ ଜାତି କିମ୍ବା ଜାତି ନଥିଲେ ଭାଷାର ସ୍ଥିତି ଅସମ୍ଭବ । ଏହି ଭାଷା କେବଳ ମନୁଷ୍ୟର ନୁହେଁ, ପଶୁପକ୍ଷୀ, କୀଟପତଙ୍ଗ ଇତ୍ୟାଦିଙ୍କର ମଧ୍ୟ ରହିଛି । କାହାର ନୁଏତ ଶବ୍ଦ ବା ଧ୍ୱନି ହୋଇପାରେ ଆଉ କାହାର ଅଙ୍ଗଭଙ୍ଗୀ ବା ଅଙ୍ଗଚାଳନା ହୋଇପାରେ । ଏହାରି ମାଧ୍ୟମରେ ହିଁ ଭାବକୁ ଅନ୍ୟଠାରେ ପ୍ରକାଶ କରାଯାଏ । ଏହାକୁ ହିଁ ଭାଷା କୁହାଯାଏ । ତେବେ ପ୍ରତ୍ୟେକ ପ୍ରାଣୀଠାରୁ ମନୁଷ୍ୟର ଭାଷା ସ୍ୱତନ୍ତ୍ର ଓ ଉନ୍ନତ । ଏହାକୁ ନୃତ୍ୟ, ଚିତ୍ର, କଳା, ଅଭିନୟ, ଭାସ୍କର୍ଯ୍ୟ ଇତ୍ୟାଦି ମାଧ୍ୟମରେ ମଧ୍ୟ ପ୍ରକାଶ କରାଯାଇପାରେ ।

ସ୍ଥାନବିଶେଷରେ ବିଭିନ୍ନ ଦେଶ, ରାଜ୍ୟ ଓ ଅଞ୍ଚଳମାନଙ୍କରେ ଏହି ଭାଷା ଭିନ୍ନ ଭିନ୍ନ ସ୍ୱର ଓ ଶବ୍ଦ ମାଧ୍ୟମରେ ପରିବେଷିତ ହେଉଛି । କିନ୍ତୁ ଏହାର ଅର୍ଥ ବା ଭାବ ପ୍ରବାହ ଏକ । ବ୍ୟକ୍ତି, ଜାତି ଓ ସମାଜ ଏହାରି ସ୍ରୋତରେ ଆଜିଯାଏ ଚାଲି ଆସିଛି ।

ଆମ ଓଡ଼ିଶା ରାଜ୍ୟରେ ସମୁଦାୟ ୬୨ ପ୍ରକାର ଆଦିବାସୀ ଜାତିର ଲୋକ ଅଛନ୍ତି । ୧୯୯୧ ଜନଗଣନା ଅନୁଯାୟୀ ଓଡ଼ିଶାର ମୋଟ ଜନସଂଖ୍ୟାରୁ ୨୩% ଭାଗ ହେଉଛନ୍ତି ଏହି ଆଦିବାସୀ । ସେଥିରୁ ମାଲକାନଗିରି ଜିଲ୍ଲାରେ ଏକ ଚତୁର୍ଥାଂଶରୁ ଅଧିକ ରହିଛନ୍ତି । ଏମାନେ ବଣ, ଜଙ୍ଗଲ, ପାହାଡ଼, ପର୍ବତ ଓ ଝରଣାକୂଳେ ବସବାସ କରନ୍ତି । ମୁଖ୍ୟତଃ କୋୟା, ବଣ୍ଡା, ଡିଡାଇ, ପରଜା, ଭୂମିଆ ଓ ସାନ୍ତାଳ ଏ ଜିଲ୍ଲାର ଆଦିବାସୀ । ଏମାନଙ୍କର ଭାଷା ପ୍ରତ୍ୟେକ ଜାତିର ଅଲଗା, ଅଲଗା । ପୁରୁଷାନୁକ୍ରମେ କଥାବାର୍ତ୍ତା ମାଧ୍ୟମରେ ଶୁଣି ଶୁଣି ଚାଲି ଆସୁଛି । ଭାଷା ସମ୍ବନ୍ଧୀୟ କୌଣସି ଲିପି ଏମାନଙ୍କର ନାହିଁ ।

ଅବଶ୍ୟ ଭାଷା ସୃଷ୍ଟି କେଉଁଠାରୁ ଓ କେବେ ହେଲା ତାହାର ସଠିକ ପ୍ରମାଣ ଆଜିଯାଏ ସନ୍ଦେହଯୁକ୍ତ । ତେବେ ଏତିକି ନିର୍ଣ୍ଣୟ ଭାବେ କହିହେବ, ମନୁଷ୍ୟ ସୃଷ୍ଟି ହେବା ପରେ ପରେ ଭାଷାର ସୃଷ୍ଟି । ସମାଜ ଓ ଭାଷା ପରସ୍ପର ନିର୍ଭରଶୀଳ । ସମାଜ ନଥିଲେ ଭାଷାର ସ୍ଥିତି ନାହିଁ ଏବଂ ଭାଷା ନଥିଲେ ସମାଜର ସ୍ଥିତି ରହିବ ନାହିଁ ।

ମାଲକାନଗିରି ଜିଲ୍ଲାର ଆଦିବାସୀ ସମ୍ପ୍ରଦାୟରେ ଜାତିଗତ ଭିନ୍ନଭିନ୍ନ ଭାଷା ପରିଲକ୍ଷିତ ହେଉଛି । କୋୟାମାନେ କୋୟାଭାଷା, ବଣ୍ଡାମାନେ ବଣ୍ଡାଭାଷା ଉଚ୍ଚାରଣ କରନ୍ତି । କିନ୍ତୁ ସବୁ ସମ୍ପ୍ରଦାୟର ଆଦିବାସୀଙ୍କୁ ନେଇ ଏକ ସମନ୍ୱୟ ଦେଶୀଆ ଭାଷା ଏଠାରେ ପ୍ରଚଳିତ । ଏହାରି ମାଧ୍ୟମରେ ହାଟ ବଜାର କିଣାବିକା, ପର୍ବପର୍ବାଣୀ ଓ ଆଲୋଚନା ସମୟରେ କଥାବାର୍ତ୍ତା କରନ୍ତି । ଏହାକୁ କୋରାପୁଟିଆ କିମ୍ବା ଦେଶୀୟା ଭାଷା କୁହାଯାଏ ।

ପୂର୍ବେ ଏହି ଭାଷାର ଏକ ସ୍ୱାତନ୍ତ୍ର୍ୟ ଥିଲା କିନ୍ତୁ ପରବର୍ତ୍ତୀ କାଳରେ ଉତ୍ତରପଟରୁ ଆର୍ଯ୍ୟ ଓ ଦକ୍ଷିଣ ପଟରୁ ଦ୍ରାବିଡ଼ମାନଙ୍କ ପ୍ରବେଶ ଯୋଗୁଁ ଭାଷା ମିଶ୍ରିତ ହେଲା । ଆସ୍ତେ ଆସ୍ତେ ହିନ୍ଦି ଓ ତେଲୁଗୁ ଶବ୍ଦର କେତେକ ପଦ ପ୍ରୟୋଗ ହେଲା । ବର୍ତ୍ତମାନ କୋୟାଭାଷା ଉଚ୍ଚାରଣ ସମୟରେ ଅନେକ ତେଲୁଗୁ ଶବ୍ଦ ଥିବା ଜଣାପଡ଼େ ।

ପୁଣି ଏହି ଜିଲ୍ଲାରେ ବର୍ତ୍ତମାନ ବଙ୍ଗୀୟ ଶରଣାର୍ଥୀ ଓ ତାମିଲ ଶରଣାର୍ଥୀଙ୍କ ବସତିସ୍ଥାପନ ଯୋଗୁ ସେମାନଙ୍କ ଭାଷା ଓ ସଂସ୍କୃତି ବହୁ ପରିମାଣରେ ଆଦିବାସୀମାନଙ୍କ ଉପରେ ପ୍ରଭାବ ପକାଉଛି । ଆଦିବାସୀଙ୍କ ଜୀବନ ଯାତ୍ରା, ପର୍ବପର୍ବାଣୀ, ବିବାହ ଇତ୍ୟାଦିରେ ନୂତନତା ପ୍ରବେଶ କରୁଛି । ଦିନ ଆସିବ ଏମାନଙ୍କ ମୌଳିକ ଭାଷା ଓ ସଂସ୍କୃତିର ବିଲୋପ ଘଟିପାରେ ।

ପ୍ରତ୍ୟେକ ଜାତିର ଏକ ସଂସ୍କୃତି ରହିଛି । ଜାତିକୁ ଆମେ ଶରୀର ବୋଲି ଭାବିନେଲେ ସଂସ୍କୃତି ହେଉଚି ତାର ପ୍ରାଣ । ସଂସ୍କୃତିର ଉନ୍ନତିରେ ସମାଜର ଉନ୍ନତି ।

ଆଦିବାସୀ ସଂସ୍କୃତି ହେଉଛି ଏକ ପୁରାତନ ସଂସ୍କୃତି । ଆଦିମ କାଳରୁ

ବଂଶ ପରମ୍ପରା କ୍ରମେ ଏହା ଏହି ଗୋଷ୍ଠୀରେ ଚଳି ଆସିଛି । ସେମାନଙ୍କ ଜୀବନଯାତ୍ରା, ଧର୍ମ, ଲୋକାଚାର, ସାମାଜିକ ଚଳଣି, ପର୍ବପର୍ବାଣି ଇତ୍ୟାଦି ହିଁ ସଂସ୍କୃତି । ଏହାକୁ ଇଂରାଜୀରେ କଲଚର କହନ୍ତି । ଦେଖିବାକୁ ଗଲେ, ସଂସ୍କୃତି ହେଉଛି ଜୀବନର ଏକ ଉତ୍ସ । ଜନ୍ମଠାରୁ ମୃତ୍ୟୁପର୍ଯ୍ୟନ୍ତ ଏହା ସର୍ବଦା ପ୍ରବାହିତ । ତାକୁ କେହିତ ଜାହାରେ ପ୍ରକାଶ କରୁଛନ୍ତି ଆଉ କେହିତ ପ୍ରଚ୍ଛନ୍ନ ରଖିଥାନ୍ତି । ଏହା ପ୍ରଥମେ ବ୍ୟକ୍ତିଗତ ଜୀବନରେ ପ୍ରବାହିତ ହୋଇ ଗୋଷ୍ଠୀ ଭିତରକୁ ଆସେ । ପରେ ଗୋଷ୍ଠୀରୁ ସମାଜକୁ ଏବଂ ସମାଜରୁ ଦେଶକୁ ପ୍ରସାରିତ ହୁଏ । ଯାହାର ସଂସ୍କୃତି ଯେତିକି ସମୃଦ୍ଧ, ସେ ଦେଶ ବା ଜାତି ସେତିକି ଉନ୍ନତ । ବିଶ୍ୱଦରବାରରେ ମଧ୍ୟ ସେ ସମ୍ମାନ ଲାଭ କରିଥାଏ ।

ଆଦିବାସୀ ସଂସ୍କୃତି ଏକ ପୁରାତନ ଓ ଦେଶୀୟ । ନୃତ୍ୟ, ଗୀତ, ଖାଦ୍ୟପେୟ, ବେଶଭୂଷା, ସାମାଜିକ ପ୍ରଥା, ବିବାହ, ପର୍ବପର୍ବାଣୀ ଇତ୍ୟାଦିରେ ତାହା ପ୍ରତିଫଳିତ ।

ଏ ଜିଲ୍ଲାର କୋୟାନୃତ୍ୟକୁ ଅନେକ ଦେଖିଥିବେ । ଏହା ଦେଖିବାକୁ ଯେପରି ଆକର୍ଷଣୀୟ, ସେପରି ନୀତିଗତ ମଧ୍ୟ । ଯୁବକମାନେ ଢୋଲ ଡୁଡୁମୁ ଦେହରେ ଧିମ୍ ଥାମ୍ ଥାମ୍ ଧିମ୍ ଥାମ ଥାମ ବାଜା ବଜାଇବା କ୍ଷଣି ଯୁବତୀମାନେ ଯିଏ ଯେଉଁଠି ଥାଆନ୍ତି ନା କାହିଁକି ନାଚିବା ପାଇଁ ବ୍ୟଗ୍ର ହୋଇ ଦୌଡ଼ି ଆସନ୍ତି । ରଙ୍ଗ ବେରଙ୍ଗର ଶାଢୀ ପିନ୍ଧି ହାତରେ ମୟୂରପୁଚ୍ଛ ଓ ଝୁମୁକା ଧରିଥାନ୍ତି । ଦଳ ଦଳ ହୋଇ ହାତକୁ ହାତ ଛନ୍ଦି ବାଜାର ତାଳେ ତାଳେ ପାଦପକାଇ ନାଚନ୍ତି । ଏହି ସମୟରେ ସମସ୍ତଙ୍କ ମନ ଏକ । ଯୁବକମାନେ ଗୟଳ ଶିଙ୍ଗକୁ ଟୋପି ଦେହରେ ଧାରଣ କରି ମୁଣ୍ଡରେ ପିନ୍ଧି ନାଚନ୍ତି । କଉଡିମାଳ ଓ ରଙ୍ଗ ବେରଙ୍ଗର ମାଳି ଟୋପିରେ ଲାଗିଥାଏ । ମୁଣ୍ଡକୁ ହଲାଇ ହଲାଇ ନାଚନ୍ତି । ଏହି ନାଚ୍‌ କେ ସ୍ୱତନ୍ତ୍ରତା ରହିଥାଏ । ବିଭିନ୍ନ ଉତ୍ସବ ଓ ପ୍ରଦର୍ଶନୀ ସମୟରେ ଏହି କୋୟାନୃତ୍ୟକୁ ପରିବେଷଣ କରାଯାଇଥାଏ । ଏହା ଦେଖିବାକୁ ଖୁବ୍ ମନ ମୁଗ୍ଧକର ।

ଢେମସା ଅନ୍ୟ ଏକ ନାଚ । ଏଥିରେ ମଧ୍ୟ ଯୁବକ ଯୁବତୀମାନେ ମିଳିତ ହୋଇ ଢଗ, ଢମାଳୀ ଗାଇ ନାଚିଥାନ୍ତି । ଚୈତ ପର୍ବ ଓ ପୁଷପର୍ବ ସମୟରେ ଏହି ନାଚ ଗାଁ ଗାଁରେ ଦେଖିବାକୁ ମିଳେ ।

ଏହି ପର୍ବ ସମୟରେ ଏଠାର ଆଦିବାସୀମାନେ ଶିକାର କରିବାକୁ ଜଙ୍ଗଲକୁ ଯାଆନ୍ତି । କେଉଁଦିନ ଓ କେଉଁଦିଗକୁ ଗଲେ 'ଜନ୍ତୁ' ମିଳିବ, ତାହା ଗାଁ ଡିସାରୀ କିମ୍ବା ପୂଜାରୀ ଜଣାଇ ଦେଇଥାଏ । ଶିକାର ମିଳିଲେ ସେମାନଙ୍କ ପର୍ବ ସଫଳ ହେଲା ବୋଲି ଭାବନ୍ତି ।

କୋୟା ଜାତିରେ ଏହି ଶିକାରକୁ ଯିବା ସମୟରେ ଏକ ଗୀତ ଗାଁର ଯୁବତୀମାନେ ଗାଇଥାଆନ୍ତି ।

*ପେଦମା କରୁ କରୁଲି କରୁଡ୍ରାଇ ମାମାୟା*
*ପେଦମା କରୁ କରୁ*

*ରେ ରେ ଲାୟ ରେରେଲା ରେଲାଡ୍ରାଇ ରେରେଲା*
*ରେ ରେ ଲା ରେଲା*
*ଲୁଟୁକରୁ କରୁଲି କରୁଡ୍ରାଇ ମାମାୟା*
*କରୁ ଅଲତ ଡ୍ରାଜା*
*ମାର କରୁ କରୁଲି କରୁଡ୍ରାଇ ମାମାୟା*
*କରୁ ଅଲତ ଡ୍ରଜା*
*ରେ ରେ ଲାୟାରେ ରେଲା ରେଲା ଡ୍ରାଇରେ ରେଲା*
*ରେ ରେଲା ରେଲା ।*

ଏହାର ଅର୍ଥ ହେଲା - ପୂଜାରୀ ମାମୁଁ, ତୁମେ ଗ୍ରାମ ଦେବୀଙ୍କୁ ଓ ମାଟି ମାକୁ ଭଲଭାବରେ ପୂଜା ଦିଅ । ଯେପରି ତାଙ୍କ ଆଶୀର୍ବାଦରେ ଶିକାରୀ ଭାଇମାନେ ଭଲ ଶିକାରଟିଏ ମାରି ଆଣିବେ । ଗୟଲ ଶିକାର ପାଇଲେ ଶିଙ୍ଗାରରେ ସୁନାରୀ ଓ କୁଡେଇଫୁଲ ହାର ପିନ୍ଧାଇ ନଚାଇବୁ । ଶିକାରରେ ରକ୍ତପାତ ହେଲେ ଆମର ଭଲ ଫସଲ ହେବ ।

ଏହି ଭଳି ବିଭିନ୍ନ ସମୟରେ ଗୀତ, ଢଗ ଢମାଳୀ ଏମାନେ ଗାଇଥାନ୍ତି । ଝିଅର ବିବାହପରେ ବର ଘରକୁ ଯିବା ସମୟରେ ଯୁବତୀମାନେ ମିଳିତ ହୋଇ ଗାଆନ୍ତି-

*ନିଙ୍ଗରଙ୍ଗା ନିଙ୍ଗାଲେ ନିଙ୍ଗାଇଙ୍ଗା ନିଙ୍ଗଲେ*
*ନାନଲେ ଡ୍ରେୟାଲେ*
*କେଲାକନି ନାନଲେ କେନାକଲନି ନାନଲେ*
*ନାନଲେ ଡ୍ରୋୟାଲେ*
*ମା ନାୟାୟନ ଲନକାନମାନ ମାନାୟାୟନଲନ*
*ନାନଲେ ଡ୍ରେୟାଲେ*
*ଗାଳ ଡ୍ରାତକେ ଆଟୋନାନପାଲ ଡ୍ରାତକେ ଆଟ*
*ନାନଲେ ଡ୍ରୋୟାଲେ*

ଏହାର ଭାବାର୍ଥ ହେଲା - ହେ କୁନୀ ଭଉଣୀ, ଆମ କପାଳତ ମନ୍ଦ । ତୋ ପୁରୁଣା ସାଙ୍ଗ ସାଥିକୁ ହରାଇ ଚାଲିଯିବୁ । ବର୍ତ୍ତମାନ ତୋ ପୁରୁଣା ସାଙ୍ଗସାଥି, ବାପମା ଓ ଗାଁ ମାଟିକୁ ଛାଡି ନୂଆ ସଂସାର କରିବାକୁ ଯାଉଛୁ । ନୂଆ ନୂଆ ସାଥୀଙ୍କୁ ପାଇଲେ ମଧ୍ୟ ତୋର ଜନ୍ମ ପିତା ମାତା ଓ ପୁରୁଣା ସାଙ୍ଗଙ୍କୁ ଭୁଲିବୁ ନାହିଁ । ଏହିଭଳି ବିଭିନ୍ନ ସମୟରେ ଗୀତ ଗାଆନ୍ତି । ଏମାନେ ନୃତ୍ୟ ଓ ଗୀତପ୍ରିୟ ।

ଏ ଜିଲ୍ଲାର ସବୁଠାରୁ ଅନୁନ୍ନତ ଜାତି ହେଲେ ବଣ୍ଡା । ଏମାନେ ମୁଦୁଲି-ପଡାଘାଟି ଅଞ୍ଚଳରେ ବସବାସ କରନ୍ତି । ଏମାନଙ୍କ ସାମାଜିକ ଜୀବନ ଓ ସଂସ୍କୃତି ଅତି ନିମ୍ନତର । ପୁରାତନ କୁସଂସ୍କାର ଓ ଅନ୍ଧବିଶ୍ୱାସ ଏହାକୁ ଘେରି ରଖିଛି ।

ଅନେକେ ଦେଖିଥିବେ, ଏହି ଜାତିର ସ୍ତ୍ରୀମାନେ ମୁଣ୍ଡରେ କେଶ ରଖନ୍ତି ନାହିଁ ଏବଂ ବସ୍ତ୍ର ପରିଧାନ କରନ୍ତି ନାହିଁ । କେବଳ କୁଡେଇ ଶିଆଳରେ ତିଆରି ପ୍ରାୟ ଅଧା ମିଟରର ରଙ୍ଗାକୁ ପିନ୍ଧିଥାନ୍ତି ।

ବେକରେ ବିଭିନ୍ନ ରଙ୍ଗର ମାଳି ଗୋଛାଗୋଛା ଓହଳାଇଥାନ୍ତି । ହାଟବଜାରକୁ ଏମାନେ ଧାଡି ଧାଡି ହୋଇ ଆସିବା ସମୟର ଦୃଶ୍ୟ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ ସଭ୍ୟତା ଯାଇ କେଉଁଠାରେ ପହଞ୍ଚିଛି । ତଥାପି ଏମାନେ ସେହି ପୂର୍ବ ପରମ୍ପରା ଓ ଅନ୍ଧବିଶ୍ୱାସକୁ ଜାବୁଡି ଧରିଛନ୍ତି । ଗୁଣି ଗାରେଡି ଓ ଦେବତାଙ୍କୁ ଏମାନେ ମାନନ୍ତି । କୌଣସି ବ୍ୟକ୍ତିକୁ ବେମାର ହେଲେ ପୂଜା ଭୋଗରାଗ ଦେଇ ମୁକ୍ତ ହେବାକୁ ଚେଷ୍ଟା କରନ୍ତି ।

ବଣ୍ଡା ରମଣୀ ଲଣ୍ଡା ଓ ଲୁଗା ନ ପିନ୍ଧିବା ସମ୍ବନ୍ଧରେ ଏକ କିମ୍ବଦନ୍ତୀ ରହିଛି । ଶ୍ରୀ ରାମଚନ୍ଦ୍ରଙ୍କ ଚଉଦବର୍ଷ ବନବାସ ସମୟରେ ଏହି ଅଞ୍ଚଳରେ କିଛିଦିନ ଅତିବାହିତ କରିଥିଲେ । ଦିନେ ସୀତାଦେବୀ ନିକଟରେ ଥିବା ଏକ ଜଳ କୁଣ୍ଡରେ ଋତୁସ୍ନାନ କରୁଥିବା ସମୟରେ ବଣ୍ଡା ରମଣୀମାନେ ତାଙ୍କ ମୁକୁଳିତ କେଶ ଓ ଶରୀରକୁ ଦେଖି ପରିହାସ କଲେ । ଏଥିରେ ସୀତାଦେବୀ କ୍ରୋଧାନ୍ୱିତ ହୋଇ କହିଲେ, ତୁମେ ନାରୀ ହୋଇ ନାରୀର ମହତକୁ ଦେଖି ପରିହାସ କରୁଛ, ତେଣୁ ମୁଁ ଅଭିଶାପ ଦେଉଛି ଆଜିଠାରୁ ତୁମ ମୁଣ୍ଡରେ କେଶ ନ ରହୁ ଏବଂ ଶରୀରରେ ବସ୍ତ୍ର ନରହୁ ।

ସେହି ବିଶ୍ୱାସକୁ ଆଜିଯାଏ ଏ ଜାତିର ସ୍ତ୍ରୀମାନେ ରକ୍ଷାକରି ଆସିଛନ୍ତି । ସେଠାରେ ସୀତାକୁଣ୍ଡ ପୂର୍ବ କିମ୍ବଦନ୍ତୀକୁ ମୂକସାକ୍ଷୀ ଦେବାପାଇଁ ଆଜିସୁଦ୍ଧା ବିଦ୍ୟମାନ । ପାଟଖଣ୍ଡା, ଡାଲଖାଇ, ଝାଟିପର୍ବ ଇତ୍ୟାଦିରେ ଦେବୀଙ୍କୁ ସ୍ମରଣ କରି ପୂଜା ଭୋଗ ଦିଅନ୍ତି ।

ଆଦିବାସୀ କୁଳରେ ସ୍ତ୍ରୀ ହେଲେ ଘରର ମୁରବୀ । ତାଙ୍କ ବିନା ଅଜାଣତରେ କୌଣସି କାର୍ଯ୍ୟ ହୁଏ ନାହିଁ । ବିବାହ କ୍ଷେତ୍ରରେ ପୁରୁଷ ଅପେକ୍ଷା ସ୍ତ୍ରୀର ବୟସ ଅଧିକା ଥାଏ । କାରଣ ସ୍ତ୍ରୀ ସେମାନଙ୍କ ପରିବାରର ସମସ୍ତ କାର୍ଯ୍ୟରେ ସାହାଯ୍ୟ କରିବ ।

ଆଦିବାସୀ ସଂପ୍ରଦାୟରେ ଅନେକ ସଂସ୍କୃତି ଓ ପରମ୍ପରା ଏପରି ଭରି ରହିଛି । ଏମାନେ ହେଲେ ଆମ ସମାଜର କଷଟି ପଥର । ଏମାନଙ୍କ ଉନ୍ନତି ହିଁ ଆମ ସମାଜର ଉନ୍ନତି ।

ଉପଶିକ୍ଷା ପରିଦର୍ଶକ
ମାଲକାନଗିରି



ବରଗଡ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ମରୁଡି ଜନିତ କୃଷି ସମ୍ପର୍କୀୟ ସମୀକ୍ଷା ବୈଠକରେ କୃଷି ବିଭାଗ ଶାସନ ସଚିବ ଶ୍ରୀ ବିଜୟକୁମାର ପଟ୍ଟନାୟକ ଓ ଜିଲ୍ଲାପାଳ ଶ୍ରୀମତୀ ଅନୁଗର୍ଗ

# ସାମାଜିକ ଅଙ୍ଗୀକାର ଓ କବି ବୈଷ୍ଣବପାଣି

ଡକ୍ଟର ଲଳିତ ରଞ୍ଜନ ଦାସ

ଲୁହଭିଜା ଶ୍ରାବଣୀ ଆକାଶ ନିଗାଡ଼ି ଦେଇନି ତା'ର ଧାର ଧାରଲୁହ । ମେଘ-ମେଦୁର ଆକାଶ ଦେଖି ମୟୂର ନାଚି ନାହିଁକି ନଦୀପଠାରେ ତରଙ୍ଗାୟିତ କାଶତଣ୍ଡିର ସେ ମନଫୁଲାଣିଆ ଶୁଭ୍ରହସ ଆଉ ନାହିଁ । କଳା ଭଅଁର ପରି ଭଉଁରି କାଟି ବୋହି ଯାଉଥିବା ପାଣି ଟୋପାଏ ହୋଇଯାଇଛି ସ୍ୱପ୍ନ । ଭରା ଶ୍ରାବଣୀର ତନୁପାତଳୀ ସ୍ରୋତସ୍ୱିନୀ ଆଜି କୃଶାଙ୍ଗୀ । ମାଇଲ ମାଇଲ ବ୍ୟାପୀ ଶ୍ୟାମ କେଦାରର ସବୁଜିମା ଉପରେ ଠିଆ ହୋଇଛି ଏକ ଧୂସର ପ୍ରାନ୍ତ । ଆମ ଚତୁର୍ଦ୍ଦିଗରେ ଉଷର ପାଣ୍ଡୁରତା ; ଆଉ ଶ୍ମଶାନର ନୀରବତା । ସୁଜଳା-ସୁଫଳା ଶସ୍ୟଶ୍ୟାମଳା ଓଡ଼ିଶା ମାଟିରେ ଆଜି ଶାଗୁଣା ବସିଛି ତା'ର ଡେଣା ମେଲାଇ । ସବୁଆଡେ ଖାଲି ଖାଁ ଖାଁ; ମୁଠାଏ ଶୂନ୍ୟତା । ଓଡିଶାର ହସ-ଖୁସି, ଆନନ୍ଦ-ଉଦ୍ଦୀପନା, ସ୍ୱପ୍ନ-ସମ୍ଭାବନା ସବୁ ଯେମିତି ଉଜୁଡି ଯାଇଛି । ମରୁଡ଼ି ଜନିତ ଏମିତି ଉଜୁଡା ସଂସାରକୁ ଦେଖି ଗଣକବି ବୈଷ୍ଣବପାଣିଙ୍କ ଦୂତ ଦିନେ ଗାଇ ଉଠିଥିଲା :

''କ୍ଷତି କି ଭୀତି ହେଲା ପ୍ରବଳ
ପଇସାରେ ପାନ ପାଞ୍ଚଟା ଛ'ଟା
ଟଙ୍କାରେ ଛ'ସେରେ ଅଧେ ଚାଉଳ ! ''

ଏଇ ସଂଗୀତ ରଚିତ ହୋଇଥିଲାବେଳେ ତତ୍କାଳୀନ ଦୁରବସ୍ଥା ଏବଂ ହରଦାମ୍ର ଆକାଶ ଛୁଆଁ ଅଭିବୃଦ୍ଧି ଓଡ଼ିଶାର ଜନଜୀବନକୁ ହୁଏତ ଦୋହଲାଇ ଦେଇଥିଲା। ବୈଷ୍ଣବପାଣି ନିଜର ବିକ୍ଷୋଭ ମାଧ୍ୟମରେ ଦୂତ ମୁହଁରେ ସେଇ ବିନାପଧ୍ୱନିର ଗୁଞ୍ଜରଣ ତୋଳିଛନ୍ତି । ସାଂପ୍ରତିକ ମରୁଡ଼ିଜନିତ ଦୟନୀୟ ପରିସ୍ଥିତିରେ କବିଙ୍କର ଏଇ ଇଙ୍ଗିତଧର୍ମୀ ସଂଗୀତଟି ପାଠକ/ଶ୍ରୋତା ପ୍ରାଣରେ ଅଙ୍କନ କରେ ଏକ ତୁଳନାତ୍ମକ ସାମାଜିକ ଆଲେଖ୍ୟ । 'ପ୍ରହ୍ଲାଦ ଚରିତ' ଗୀତାଭିନୟର ଦୂତକଣ୍ଠରେ ଏ ଆବେଦନ ତେଣୁ ସାର୍ବଜନୀନ ଓ ସର୍ବକାଳୀନ ।

୧୯୨୯ ମସିହାରେ ରାଜସ୍ୱ ଆଦାୟର ପନ୍ଥାକୁ ସୁଗମ କରିବାପାଇଁ ଓଡ଼ିଶାବାସୀଙ୍କ ଉପରେ ଭୂ-ବନ୍ଦୋବସ୍ତକୁ ଜୋରଜବରଦସ୍ତ ଲଦି ଦିଆଯାଇଥିଲା । ତତ୍କାଳୀନ ତୋଷାମଦକାରୀ ଗୋଷ୍ଠୀ ଜମିଦାରମାନଙ୍କୁ କରାୟତ୍ତ କରିଥିଲେ । ନିଃସହାୟ ପ୍ରଜାମାନଙ୍କ ଉପରେ ସେମାନେ ଚଳାଇଥାନ୍ତି ଅକଥନୀୟ ଅତ୍ୟାଚାର । ବାରମ୍ବାର ଭୂ-ରାଜସ୍ୱ ବନ୍ଦୋବସ୍ତରେ ଅତିଷ୍ଠ ହୋଇପଡ଼ିଥାନ୍ତି ଓଡ଼ିଶାର ନିରୀହ ଜନସାଧାରଣ । ଅମଲା ଓ ଅମିନମାନଙ୍କର ହାତ ଲମ୍ବି ଆସୁଥିଲା ଭିତିରିଆ ପକେଟ୍‌ପୂରା ନେବାପାଇଁ । ଦିନ ଦ୍ୱି-ପ୍ରହରରେ କାର୍ଯ୍ୟାଳୟ ଭିତରେ ବି ଉତ୍କୋଚ ଗ୍ରହଣର ରାସ୍ତା ଥିଲା ଖୁବ୍ ଖୋଲା । ଗରିବ ଖଟିଖିଆ ଓ ବିଧବାମାନେ ହାତଗୁଞ୍ଜା ଦେଇନପାରି ହଇରାଣ ହରକତ ହେଉଥିଲେ । ଏଇ ଘଟଣାର ଏକ ସୂକ୍ଷ୍ମଚିତ୍ର ପ୍ରଦାନ କରିଛି ପାଣିକବିଙ୍କ ଦୁଆରୀ । ଗୀତଟିର ପରିବେଷଣ ଯୋଗୁ ରୁଷ୍ଟ ହୋଇ ତତ୍କାଳୀନ ପୋଲିସ୍ ବୈଷ୍ଣବଙ୍କୁ ଗିରଫ କରି ହାଜତ୍‌ରେ ଭର୍ତ୍ତି କରିଦେଇଥିଲେ ।

୧୯୩୦ ମସିହାର ଆଟେଷ୍ଟେସନ୍ ପାଇଁ ଦୁର୍ନୀତି, ଲାଞ୍ଚ, ମିଛ ଆଦିକୁ ବି ତାଙ୍କ ଗୀତିନାଟ୍ୟରେ ସଂଯୋଜିତ 'ଦୂତ' କଣ୍ଠରେ ସେ ପରଶି ପାରିଛନ୍ତି ଖୁବ୍ ମର୍ମସ୍ପର୍ଶୀ ଭାବରେ । ସମ୍ବାଦପତ୍ର ସମାଜର ମୁଖପତ୍ର । ସମାଜର ନିତ୍ୟ-ନୈମିତ୍ତିକ ସୁଖ-ଦୁଃଖ, ଆରୋହ-ଅବରୋହ, ନିଷ୍ପେଷଣ-ନିର୍ଯ୍ୟାତନା, ଶୋଷଣ-କଷଣ, ବଢ଼ି-ମରୁଡ଼ି ଆଦି ସମ୍ବାଦ ପରିବେଷଣ କରିବା ସମ୍ବାଦପତ୍ରର ଧର୍ମ । ପାଣିଙ୍କ ଯାତ୍ରାର ଦୂତ/ଦୁଆରୀ/ଡଗର ସମ୍ବାଦପତ୍ର ଭଳି ସମାଜକୁ ଦେଉଛି ନୂତନ ଦିଗ୍‌ଦର୍ଶନ । ସମ୍ବାଦପତ୍ର ପରି ସମାଜ ଜୀବନର ସେ ହୋଇଯାଇଛି ଏକ ଜାଗ୍ରତ ପ୍ରହରୀ ।

ମଦ୍ୟପାନ ତଥା ବେଶ୍ୟାସଙ୍ଗ - ଏ ଦୁଇଟି ସାମାଜିକ କଳଙ୍କ । ପାଶ୍ଚାତ୍ୟ ଶିକ୍ଷାର ଅନ୍ଧାନୁକରଣ ହେତୁ ନବଭାବରେ ଉନ୍ମାଦିତ ଶିକ୍ଷିତ ଶ୍ରେଣୀ ଏହାକୁ ଯାବୁଡ଼ି ଧରିଥିଲା । ସମାଜ ଜୀବନରୁ ଏଇ କଳଙ୍କର ମୂଳୋତ୍ପାଟନ ନିମିତ୍ତ ବିଗତ ଶତାବ୍ଦୀର ଶେଷ ଦଶକରେ କାଳି ଓ କଲମ ମାଧ୍ୟମରେ ମୁଣ୍ଡ ଟେକିଥିଲା ଏକ ନୀରବ ଅଥଚ ଶକ୍ତିଶାଳୀ ଆନ୍ଦୋଳନ । ମଦ୍ୟପାନ ବିରୁଦ୍ଧରେ ସଂଗ୍ରାମରତ ପାଣିକବି ହାସ୍ୟରସ ଓ ବ୍ୟଙ୍ଗୋକ୍ତିକୁ ବାଛିଛନ୍ତି ନିଜର ଅମୋଘ ଆୟୁଧ ଭାବରେ ।

କେତେ ବର୍ଣ୍ଣିବି ମଦରେ ମଜାତ
ତୋର ସାଙ୍ଗକୁ ମତେ ଭଜାଦରେ

ବେକରେ ବିଭିନ୍ନ ରଙ୍ଗର ମାଳି ଗୋଛାଗୋଛା ଓହଳାଇଥାନ୍ତି । ହାଟବଜାରକୁ ଏମାନେ ଧାଡି ଧାଡି ହୋଇ ଆସିବା ସମୟର ଦୃଶ୍ୟ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ ସଭ୍ୟତା ଯାଇ କେଉଁଠାରେ ପହଞ୍ଚିଛି । ତଥାପି ଏମାନେ ସେହି ପୂର୍ବ ପରମ୍ପରା ଓ ଅନ୍ଧବିଶ୍ୱାସକୁ ଜାବୁଡି ଧରିଛନ୍ତି । ଗୁଣି ଗାରେଡି ଓ ଦେବତାଙ୍କୁ ଏମାନେ ମାନନ୍ତି । କୌଣସି ବ୍ୟକ୍ତିକୁ ବେମାର ହେଲେ ପୂଜା ଭୋଗରାଗ ଦେଇ ମୁକ୍ତ ହେବାକୁ ଚେଷ୍ଟା କରନ୍ତି ।

ବଣ୍ଡା ରମଣୀ ଲଣ୍ଡା ଓ ଲୁଗା ନ ପିନ୍ଧିବା ସମ୍ବନ୍ଧରେ ଏକ କିମ୍ବଦନ୍ତୀ ରହିଛି । ଶ୍ରୀ ରାମଚନ୍ଦ୍ରଙ୍କ ଚଉଦବର୍ଷ ବନବାସ ସମୟରେ ଏହି ଅଞ୍ଚଳରେ କିଛିଦିନ ଅତିବାହିତ କରିଥିଲେ । ଦିନେ ସୀତାଦେବୀ ନିକଟରେ ଥିବା ଏକ ଜଳ କୁଣ୍ଡରେ ଋତୁସ୍ନାନ କରୁଥିବା ସମୟରେ ବଣ୍ଡା ରମଣୀମାନେ ତାଙ୍କ ମୁକୁଳିତ କେଶ ଓ ଶରୀରକୁ ଦେଖି ପରିହାସ କଲେ । ଏଥିରେ ସୀତାଦେବୀ କ୍ରୋଧାନ୍ୱିତ ହୋଇ କହିଲେ, ତୁମେ ନାରୀ ହୋଇ ନାରୀର ମହତକୁ ଦେଖି ପରିହାସ କରୁଛ, ତେଣୁ ମୁଁ ଅଭିଶାପ ଦେଉଛି ଆଜିଠାରୁ ତୁମ ମୁଣ୍ଡରେ କେଶ ନ ରହୁ ଏବଂ ଶରୀରରେ ବସ୍ତ୍ର ନରହୁ ।

ସେହି ବିଶ୍ୱାସକୁ ଆଜିଯାଏ ଏ ଜାତିର ସ୍ତ୍ରୀମାନେ ରକ୍ଷାକରି ଆସିଛନ୍ତି । ସେଠାରେ ସୀତାକୁଣ୍ଡ ପୂର୍ବ କିମ୍ବଦନ୍ତୀକୁ ମୂକସାକ୍ଷୀ ଦେବାପାଇଁ ଆଜିସୁଦ୍ଧା ବିଦ୍ୟମାନ । ପାଟଖଣ୍ଡା, ଡାଲଖାଇ, ଝାଟିପର୍ବ ଇତ୍ୟାଦିରେ ଦେବୀଙ୍କୁ ସ୍ମରଣ କରି ପୂଜା ଭୋଗ ଦିଅନ୍ତି ।

ଆଦିବାସୀ କୁଳରେ ସ୍ତ୍ରୀ ହେଲେ ଘରର ମୁରବୀ । ତାଙ୍କ ବିନା ଅଜାଣତରେ କୌଣସି କାର୍ଯ୍ୟ ହୁଏ ନାହିଁ । ବିବାହ କ୍ଷେତ୍ରରେ ପୁରୁଷ ଅପେକ୍ଷା ସ୍ତ୍ରୀର ବୟସ ଅଧିକା ଥାଏ । କାରଣ ସ୍ତ୍ରୀ ସେମାନଙ୍କ ପରିବାରର ସମସ୍ତ କାର୍ଯ୍ୟରେ ସାହାଯ୍ୟ କରିବ ।

ଆଦିବାସୀ ସଂପ୍ରଦାୟରେ ଅନେକ ସଂସ୍କୃତି ଓ ପରମ୍ପରା ଏପରି ଭରି ରହିଛି । ଏମାନେ ହେଲେ ଆମ ସମାଜର କଷଟି ପଥର । ଏମାନଙ୍କ ଉନ୍ନତି ହିଁ ଆମ ସମାଜର ଉନ୍ନତି ।

ଉପଶିକ୍ଷା ପରିଦର୍ଶକ
ମାଲକାନଗିରି



ବରଗଡ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ମରୁଡି ଜନିତ କୃଷି ସମ୍ପର୍କୀୟ ସମୀକ୍ଷା ବୈଠକରେ କୃଷି ବିଭାଗ ଶାସନ ସଚିବ ଶ୍ରୀ ବିଜୟକୁମାର ପଟ୍ଟନାୟକ ଓ ଜିଲ୍ଲାପାଳ ଶ୍ରୀମତୀ ଅନୁଗର୍ଗ

# ସାମାଜିକ ଅଙ୍ଗୀକାର ଓ କବି ବୈଷ୍ଣବପାଣି

ଡକ୍ଟର ଲଳିତ ରଞ୍ଜନ ଦାସ

ଲୁହଭିଜା ଶ୍ରାବଣୀ ଆକାଶ ନିଗାଡ଼ି ଦେଉନି ତା'ର ଧାର ଧାରଲୁହ । ମେଘ-ମେଦୁର ଆକାଶ ଦେଖି ମୟୂର ନାଚି ନାହିଁକି ନଦୀପଠାରେ ତରଙ୍ଗାୟିତ କାଶତଣ୍ଡିର ସେ ମନଫୁଲାଣିଆ ଶୁଭ୍ରହସ ଆଉ ନାହିଁ । କଳା ଭଅଁର ପରି ଭଉଁରି କାଟି ବୋହି ଯାଉଥିବା ପାଣି ଟୋପାଏ ହୋଇଯାଇଛି ସ୍ୱପ୍ନ । ଭରା ଶ୍ରାବଣୀର ତନୁପାତଳୀ ସ୍ରୋତସ୍ୱିନୀ ଆଜି କୃଶାଙ୍ଗୀ । ମାଇଲ ମାଇଲ ବ୍ୟାପୀ ଶ୍ୟାମ କେଦାରର ସବୁଜିମା ଉପରେ ଠିଆ ହୋଇଛି ଏକ ଧୂସର ପ୍ରାନ୍ତ । ଆମ ଚତୁର୍ଦ୍ଦିଗରେ ଉଷାର ପାଣ୍ଡୁରତା ; ଆଉ ଶ୍ମଶାନର ନୀରବତା । ସୁଜଳା-ସୁଫଳା ଶସ୍ୟଶ୍ୟାମଳା ଓଡ଼ିଶା ମାଟିରେ ଆଜି ଶାଗୁଣା ବସିଛି ତା'ର ଡେଣା ମେଲାଇ । ସବୁଆଡ଼େ ଖାଲି ଖାଁ ଖାଁ; ମୁଠାଏ ଶୂନ୍ୟତା । ଓଡ଼ିଶାର ହସ-ଖୁସି, ଆନନ୍ଦ-ଉଦ୍ଦୀପନା, ସ୍ୱପ୍ନ-ସମ୍ଭାବନା ସବୁ ଯେମିତି ଉଜୁଡି ଯାଉଛି । ମରୁଡ଼ି ଜନିତ ଏମିତି ଉଜୁଡା ସଂସାରକୁ ଦେଖି ଗଣକବି ବୈଷ୍ଣବପାଣିଙ୍କ ଦୂତ ଦିନେ ଗାଇ ଉଠିଥିଲା :

> ''କ୍ଷତି କି ଜାତି ହେଲା ପ୍ରବଳ
> ପଇସାରେ ପାନ ପାଞ୍ଚଟା ଛ'ଟା
> ଟଙ୍କାରେ ଛ'ସେରେ ଅଧେ ଚାଉଳ ! ''

ଏଇ ସଂଗୀତ ରଚିତ ହୋଇଥିଲାବେଳେ ତତ୍କାଳୀନ ଦୁରବସ୍ଥା ଏବଂ ଦରଦାମ୍‌ର ଆକାଶ ଛୁଆଁ ଅଭିବୃଦ୍ଧି ଓଡ଼ିଶାର ଜନଜୀବନକୁ ହୁଏତ ଦୋହଲାଇ ଦେଇଥିଲା। ବୈଷ୍ଣବପାଣି ନିଜର ବିକ୍ଷୋଭ ମାଧ୍ୟମରେ ଦୂତ ମୁହଁରେ ସେଇ ବିଳାପଧ୍ୱନିର ଗୁଞ୍ଜରଣ ତୋଳିଛନ୍ତି । ସାଂପ୍ରତିକ ମରୁଡ଼ିଜନିତ ଦୟନୀୟ ପରିସ୍ଥିତିରେ କବିଙ୍କର ଏଇ ଇଙ୍ଗିତଧର୍ମୀ ସଂଗୀତଟି ପାଠକ/ଶ୍ରୋତା ପ୍ରାଣରେ ଅଙ୍କନ କରେ ଏକ ତୁଳନାତ୍ମକ ସାମାଜିକ ଆଲେଖ୍ୟ । 'ପ୍ରହ୍ଲାଦ ଚରିତ' ଗୀତାଭିନୟର ଦୂତକଣ୍ଠରେ ଏ ଆବେଦନ ତେଣୁ ସାର୍ବଜନୀନ ଓ ସର୍ବକାଳୀନ ।

୧୯୨୯ ମସିହାରେ ରାଜସ୍ୱ ଆଦାୟର ପନ୍ଥାକୁ ସୁଗମ କରିବାପାଇଁ ଓଡ଼ିଶାବାସୀଙ୍କ ଉପରେ ଭୂ-ବନ୍ଦୋବସ୍ତକୁ ଜୋରଜବରଦସ୍ତ ଲଦି ଦିଆଯାଇଥିଲା । ତତ୍କାଳୀନ ତୋଷାମଦକାରୀ ଗୋଷ୍ଠୀ ଜମିଦାରମାନଙ୍କୁ କରାୟତ୍ତ କରିଥିଲେ । ନିଃସହାୟ ପ୍ରଜାମାନଙ୍କ ଉପରେ ସେମାନେ ଚଳାଇଥାନ୍ତି ଅକଥନୀୟ ଅତ୍ୟାଚାର । ବାରମ୍ବାର ଭୂ-ରାଜସ୍ୱ ବନ୍ଦୋବସ୍ତରେ ଅତିଷ୍ଠ ହୋଇପଡ଼ିଥାନ୍ତି ଓଡ଼ିଶାର ନିରୀହ ଜନସାଧାରଣ । ଅମଲା ଓ ଅମିନମାନଙ୍କର ହାତ ଲମ୍ବି ଆସୁଥିଲା ଗିଡିରିଆ ପକେଟ୍‌ପୂରା ନେବାପାଇଁ । ଦିନ ଦ୍ୱି-ପ୍ରହରରେ କାର୍ଯ୍ୟାଳୟ ଭିତରେ ବି ଉତ୍କୋଚ ଗ୍ରହଣର ରାସ୍ତା ଥିଲା ଖୁବ୍ ଖୋଲା । ଗରିବ୍ ଖଟିଖିଆ ଓ ବିଧବାମାନେ ହାତଗୁଞ୍ଜା ଦେଇନପାରି ହଇରାଣ ହରକତ ହେଉଥିଲେ । ଏଇ ଘଟଣାର ଏକ ସୂକ୍ଷ୍ମଚିତ୍ର ପ୍ରଦାନ କରିଛି ପାଣିକବିଙ୍କ ଦୁଆରୀ । ଗୀତଟିର ପରିବେଷଣ ଯୋଗୁ ରୁଷ୍ଟ ହୋଇ ତତ୍କାଳୀନ ପୋଲିସ୍ ବୈଷ୍ଣବଙ୍କୁ ଗିରଫ କରି ହାଜତ୍‌ରେ ଭର୍ତ୍ତି କରିଦେଇଥିଲେ ।

୧୯୩୦ ମସିହାର ଆଟେଷ୍ଟେସନ୍ ପାଇଁ ଦୁର୍ନୀତି, ଲାଞ୍ଚ, ମିଛ ଆଦିକୁ ବି ତାଙ୍କ ଗୀତିନାଟ୍ୟରେ ସଂଯୋଜିତ 'ଦୂତ' କଣ୍ଠରେ ସେ ପରଶି ପାରିଛନ୍ତି ଖୁବ୍ ମର୍ମସ୍ପର୍ଶୀ ଭାବରେ । ସମ୍ବାଦପତ୍ର ସମାଜର ମୁଖପତ୍ର । ସମାଜର ନିତ୍ୟ-ନୈମିତ୍ତିକ ସୁଖ-ଦୁଃଖ, ଆରୋହ-ଅବରୋହ, ନିଷ୍ପେଷଣ-ନିର୍ଯ୍ୟାତନା, ଶୋଷଣ-କଷଣ, ବଢ଼ି-ମରୁଡ଼ି ଆଦି ସମ୍ବାଦ ପରିବେଷଣ କରିବା ସମ୍ବାଦପତ୍ରର ଧର୍ମ । ପାଣିଙ୍କ ଯାତ୍ରାର ଦୂତ/ଦୁଆରୀ/ଡଗର ସମ୍ବାଦପତ୍ର ଭଳି ସମାଜକୁ ଦେଉଛି ନୂତନ ଦିଗ୍‌ଦର୍ଶନ । ସମ୍ବାଦପତ୍ର ପରି ସମାଜ ଜୀବନର ସେ ହୋଇଯାଇଛି ଏକ ଜାଗ୍ରତ ପ୍ରହରୀ ।

ମଦ୍ୟପାନ ତଥା ବେଶ୍ୟାସଙ୍ଗ - ଏ ଦୁଇଟି ସାମାଜିକ କଳଙ୍କ । ପାଶ୍ଚାତ୍ୟ ଶିକ୍ଷାର ଅନ୍ଧାନୁକରଣ ହେତୁ ନବଭାବରେ ଉନ୍ମାଦିତ ଶିକ୍ଷିତ ଶ୍ରେଣୀ ଏହାକୁ ଯାବୁଡ଼ି ଧରିଥିଲା । ସମାଜ ଜୀବନରୁ ଏଇ କଳଙ୍କର ମୂଳୋତ୍ପାଟନ ନିମିତ୍ତ ବିଗତ ଶତାବ୍ଦୀର ଶେଷ ଦଶକରେ ଜାତି ଓ କଲମ ମାଧ୍ୟମରେ ମୁଣ୍ଡ ଟେକିଥିଲା ଏକ ନୀରବ ଅଥଚ ଶକ୍ତିଶାଳୀ ଆନ୍ଦୋଳନ । ମଦ୍ୟପାନ ବିରୁଦ୍ଧରେ ସଂଗ୍ରାମରତ ପାଣିକବି ହାସ୍ୟରସ ଓ ବ୍ୟଙ୍ଗୋକ୍ତିକୁ ବାଛିଛନ୍ତି ନିଜର ଅମୋଘ ଆୟୁଧ ଭାବରେ ।

> କେତେ ବର୍ଣ୍ଣିବି ମଦତୋ ମଜାତ
> ତୋର ସାଙ୍ଗକୁ ମଟର ଭଜାତରେ

*ତୋର ମହିମା ନ ଜାଣନ୍ତି ବ୍ରହ୍ମା*
*ଜାଣେ ଏକା ଶ୍ରୁତି ଅଜାତ ।*
*ରାଣ୍ଡଙ୍କ ପିଣ୍ଡାରେ ବସାଇ ବାବୁଙ୍କୁ*
*ବଞ୍ଚାଉ ତୁ ନିନ୍ଦା ବାଜାତ ।*

ରଙ୍ଗ ସଭାର ରଜକ କଣ୍ଠରେ ଛନ୍ଦାୟିତ ସଂଗୀତ ଭିତରେ ବି ରୂପ ପାଇଛି ମଦ୍ୟପାନ ବିରୁଦ୍ଧ ଜନିତ ବ୍ୟଙ୍ଗୋକ୍ତି । ''ଛି ଛି ମଦ ପିଇବି ନାହିଁଲୋ କଳାପାଣି ପରିଦିଶେ / ସେହି କଳାପାଣି ପେଟରେ ପଡ଼ିଲେ ଚଉଦଭୁବନ ଦିଶେ'' ସଂଗୀତ ମାଧ୍ୟମରେ ବୈଷ୍ଣବପାଣି ଅତି ସୂକ୍ଷ୍ମାନୁଭୂତିର କଥା କହିଛନ୍ତି । ରଜକ ଚରିତ୍ର ମୁଖରେ ସଂସ୍କାରର ନୂଆସୂତ୍ର ଉଦ୍‌ଘାଟିତ ହୋଇଛି ।

ତତ୍କାଳୀନ ଅଭିଜାତ ଶ୍ରେଣୀ ବେଶ୍ୟାଳୟ ଗମନକୁ ଏକ ଆଧୁନିକ ଫେସନ୍ ତଥା ବିଳାସ ସାମଗ୍ରୀ ବୋଲି ଧରି ନେଇଥିଲା । ଫକୀରମୋହନଙ୍କ 'ପେଟେଣ୍ଟ ମେଡିସିନ୍' ଗଳ୍ପ ସମାଜ ସଂସ୍କାରପାଇଁ ପ୍ରଥମେ ଶୁଭଶଙ୍ଖ ଫୁଙ୍କେ । ପାଣିକବି ମଧ 'ହର-ପାର୍ବତୀ ବିଭା' ସୁଆଙ୍ଗରେ ବ୍ୟଭିଚାରୀ ଓ ଲମ୍ପଟମାନଙ୍କୁ ଚୂଡ଼ାନ୍ତ ଚେତାବନୀ ଶୁଣାଇଛନ୍ତି ଏକ ମୁକ୍ତାକାଶ ରଙ୍ଗମଞ୍ଚ ଉପରୁ ।

ଜାତିପ୍ରଥା ସମାଜର ଏକ ଉତ୍କଟ ବ୍ୟାଧି । ଜାତି ପ୍ରଥା ଯୋଗୁଁ ସମାଜ ହୁଏ ଦ୍ୱିଖଣ୍ଡିତ । ସମାଜରେ କେହି କେହି ନିଜକୁ ଖ୍ରୀଷ୍ଟିଆନ ବୋଲି ଗର୍ବ କରେ । କିଏ ପୁଣି ନିଜର ପରିଚୟ ଦିଏ ମୁସଲମାନ ରୂପରେ ଅବା କିଏ ନିଜକୁ ହିନ୍ଦୁ ବୋଲି କହି ଅନ୍ୟକୁ ଘୃଣାକରେ । ଏଥିରୁ ସୃଷ୍ଟି ହୁଏ ଘୃଣ୍ୟ ସାମ୍ପ୍ରଦାୟିକତା ଓ ଧର୍ମ ବିଦ୍ୱେଷ । ମଣିଷ ମନରେ ଛୁଆଁ-ଅଛୁଆଁର ବିଷ ବୋଳି ହୋଇଯାଏ । ସମାଜରେ ସବର୍ଣ୍ଣ-ଅସବର୍ଣ୍ଣ ଭେଦଭାବ ମୂଳରେ କୁଠାରାଘାତ କରିବା ପାଇଁ ବୈଷ୍ଣବପାଣି କଣ୍ଠଫଟା ଚିତ୍କାର କରିଛନ୍ତି । ହିନ୍ଦୁ ମୁସଲମାନ ଯେ ଭାଇ-ଭାଇ ଏବଂ ଏକ ଭାରତ ମାତାର ସନ୍ତାନ; ଏଇ ଉଦାରଚିନ୍ତା ପରିପ୍ରକାଶିତ ହୋଇଛି ପାଣିଙ୍କ ଗୀତିକା ମାଧ୍ୟମରେ । 'ଶ୍ରୀମନ୍ଦିରରେ ହରିଜନ ପ୍ରବେଶ' ଓ 'ଯୌଥ୍ୟଧର' କ୍ଷୁଦ୍ର ପୁସ୍ତିକାରେ ଜାତିଭେଦର ପ୍ରାଚୀର ଭାଙ୍ଗିଦେବାକୁ କବି କଣ୍ଠରୁ ସ୍ଫୁରିତ ହୋଇଛି ସାତ୍ତ୍ୱିକ ବାଣୀର ଧ୍ୱନି-ପ୍ରତିଧ୍ୱନି । ତାଙ୍କ କଥା ସାହିତ୍ୟ 'ଭି.ପି.ବର'-ଯୌତୁକ ପ୍ରଥା, 'ଦୁଃଖିନୀ ଗୋବର ଗୋଟେଇ' ଜାତି-ଯୌତୁକ-ଜାତକହୀନ ବିବାହ 'ଉତ୍କଳ ଗୃହଲକ୍ଷ୍ମୀ' ଓ 'ସଚିତ୍ର ସ୍ୱାମୀ - ସ୍ତ୍ରୀ' - ଦାମ୍ପତ୍ୟ ବିବାହ, ବଳିପ୍ରଥା, ବିଧବା ବିବାହ, କୁସଂସ୍କାର, ଅଜ୍ଞତା, ନିରକ୍ଷରତା ପ୍ରମୁଖ ସମସ୍ୟା ଉପରେ ଟୀକା-ଟିପ୍ପଣୀ ଓ ସମାଧାନ ସୂତ୍ରର ଏକ ମଣିମୟ ରତ୍ନାଗର ।

ଅଷ୍ଟମ ଶତାବ୍ଦୀର ଚରିତ୍ର କେଦାର, ଗୌରୀ ଏବଂ ଓଡ଼ିଶାର ଗଜପତି ରାଜାଙ୍କ ସମାବେଶରେ ଉତ୍‌କୀର୍ଣ୍ଣ ହୋଇଛି ପାଣିଙ୍କ 'କେଦାରଗୌରୀ' ଗୀତିନାଟ୍ୟର କଳା-ବିଭବ । ଅଥଚ ସେଥିରେ ସାମ୍ପ୍ରତିକ ନିର୍ବାଚନ ପଦ୍ଧତିର କଟୁ ସମାଲୋଚନା ସମାଜ ସଂସ୍କାର ପ୍ରୟାସ ଦୃଷ୍ଟିରୁ ଅନବଦ୍ୟ । ଶାଣିତ ଲେଖନୀର ଅପରିସୀମ ଶକ୍ତି ସାହାଯ୍ୟରେ ସମାଜରେ ଦେଖାଦେଇଥିବା ଅନ୍ୟାୟ ଓ ଅନୀତିର ପକ୍ଷଚ୍ଛେଦନ କରିବାକୁ ପାଣିକବିଙ୍କ ଲେଖନୀ ହୋଇଯାଇଛି ଅଗ୍ର-ସାରଥି ।

ସମକାଳୀନ ଯାତ୍ରାକାରଙ୍କ ଭିତରେ ବୈଷ୍ଣବପାଣି ଅଧିକ ବାସ୍ତବବାଦୀ ଶିଳ୍ପୀ । ସମାଜରେ ରୋଗ-ବ୍ୟାଧିର ପ୍ରାଦୁର୍ଭାବ, ଅନାହାର, ମହାମାରୀ, ଜନପୀଡ଼ନର କାରଣ ଓ ନିରାକରଣ ସମ୍ବନ୍ଧରେ କବିପ୍ରାଣ ଶତତ ବ୍ୟାକୁଳ । ଜନ ଜୀବନର କଣ୍ଟକିତ ଶରଶଯ୍ୟା କବି ହୃଦୟରେ ବୋଳି ଦେଇଛି ଦୁଃଖର କାଳିଛିଟା । ସେଥିରେ ବ୍ୟଥିତ କବି ହୃଦୟ ବିଳାପ କରି ଉଠିଛି । କବିଙ୍କ ମୁଖ-ପାତ୍ର ଦୂତକଣ୍ଠରେ ପ୍ରକାଶିତ ହୋଇଛି ମେଲେରିଆର ପ୍ରାଦୁର୍ଭାବ । ଅତିଷ୍ଠ ହୋଇପଡ଼ିଥିବା ଓଡ଼ିଶାବାସୀଙ୍କ ଜୀବନ-ଜଞ୍ଜାଳର କରୁଣ ପ୍ରତିଲିପି । ରୋଗ ନିଦାନ ପାଇଁ ଆବିଷ୍କୃତ ଆଧୁନିକ ଚିକିତ୍ସା ପଦ୍ଧତି ତଥା ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଉପରେ କବି ଲେଖନୀ ବି କରିଛି କଟାକ୍ଷପାତ । ଗଡ଼ିଆ-ପୋଖରୀମାନଙ୍କରେ ଥିବା ମଇଳା ପ୍ରକୃତି ପ୍ରଦୂଷଣର ମୁଖ୍ୟ କାରଣ । ଦର୍ଶକ ସମାଜ ପ୍ରତି 'ମୋହନ-ସୁନ୍ଦର' ଗୀତାଭିନୟରେ ନିଃସୃତ ହୋଇଛି, ଏମିତି ଏକ ସଚେତନଶୀଳ କବି ହୃଦୟର ମାର୍ମିକ ଅଭିବ୍ୟକ୍ତି । 'ଓଡିଆନାରୀ ଶିକ୍ଷା' କ୍ଷୁଦ୍ରପୁସ୍ତିକାଟି ନୀତିଶିକ୍ଷା ଓ ସ୍ୱାସ୍ଥ୍ୟ ଶିକ୍ଷାର ଚାରୁ ଚିତ୍ରଶାଳା । ସଂସ୍କାରପ୍ରିୟ କବି ନାରୀସମାଜର ମନଛୁଆଁ ଭାଷା ଓ ପାରଂପରିକ 'କାନ୍ଦଣା' ତଥା 'ରାମକେରୀ' ବୃତ୍ତରେ ଭରି ଦେଇଛନ୍ତି ପରିଚ୍ଛନ୍ନତା ଓ ନିର୍ମଳ ପରିବେଶର ଏକ ସୁନ୍ଦର ବିଜ୍ଞାପନ ।

କବି ଏକକ । ଅଥଚ ସେଇ ଏକକ ବିନ୍ଦୁରେ ସମାଜ ହୁଏ ପ୍ରତିଫଳିତ । ତେଣୁ କବି ହୋଇଯାଏ ସମାଜ ଓ ସଂସ୍କୃତିର ବିଶ୍ୱସ୍ତ ପ୍ରତିନିଧି । କବି ସମୟ, ସମାଜ ଓ ଜାତୀୟତାର ପରିପ୍ରକାଶ । ତା'ସୃଷ୍ଟି ଭିତରେ ଥାଏ ବ୍ୟକ୍ତିତ୍ୱର ମୋହର । ଜ୍ଞାତ ସାରରେ ଅଥବା ଅଜ୍ଞାତ ଭାବରେ ସାହିତ୍ୟକର ଚିନ୍ତା-ଚେତନା ବଳୟକୁ ପରିପୁଷ୍ଟ କରେ ଦେଶ-କାଳ-ବାତାବରଣ । ସମାଜର ନିତ୍ୟଚଳଣି, ଆଶା-ଆକାଂକ୍ଷା, ଉତ୍‌ଥାନ-ପତନ ତଥା ଆରୋହ-ଅବରୋହ ସବୁକିଛି ହୋଇଯାଏ କବି/ଲେଖକର ନେପଥ୍ୟ-ନାୟକ । ସମାଜର ବସ୍ତୁରୂପ ସ୍ରଷ୍ଟାର ଅନ୍ତରରେ ପ୍ରତିଫଳିତ ହୋଇ କ୍ରମେ ଦ୍ରବୀଭୂତ ହୋଇଯାଏ । ତାହା ପୁନର୍ବାର ଭାଷାର ଆବରଣ ମଧ୍ୟଦେଇ ଆତ୍ମପ୍ରକାଶ କରେ । ଏଇ ଅବସ୍ଥାରେ ବସ୍ତୁରୂପ ଓ ଭାବ ରୂପର ହୋଇଯାଏ ସ୍ୱର୍ଗୀୟ ମିଳନ । କବି/ଲେଖକ ସମାଜ ବନ୍ଧନ ଓ ଶୃଙ୍ଖଳ ମଧରେ ଥାଇ ସୁଦ୍ଧା ଆତ୍ମାରେ ସେ ଚିରମୁକ୍ତ । ବାହ୍ୟ ଶୃଙ୍ଖଳ ଯେଉଁଠି ହୁଏ ସୁତୀବ୍ର, ସେଇଠି ସେ ହୁଏ ବିଦ୍ରୋହୀ । ତା' ଅନ୍ତର ବୀଣାରେ ବାଜି ଉଠେ ବିପ୍ଳବର ସଂଗୀତ । ବନ୍ଧନକୁ ଛିନ୍ନ କରି ତା'ର ମୁକ୍ତ ଆତ୍ମାର ବାଣୀ ହୁଏ ଉଚ୍ଚାରିତ । 'ସିକନ୍ଦର' 'ଜୁଲିଅସ୍‌ସିଜର୍', 'ଅଶୋକ', 'ନେପୋଲିୟନ୍' ଓ 'ହିଟଲର୍' ଆଦି ଯୋଦ୍ଧୃବୃନ୍ଦ ଅସୀ ସାହାଯ୍ୟରେ ବଳପୂର୍ବକ ରାଜ୍ୟ ଜୟ କରିପାରିଛନ୍ତି । କିନ୍ତୁ 'ଦାନ୍ତେ', 'ସେକସ୍‌ପିୟର', କାଳିଦାସ, 'ବଙ୍କିମଚନ୍ଦ୍ର', 'ରବୀନ୍ଦ୍ରନାଥ',

'ସାରଳା', 'ଜଗନ୍ନାଥ', 'ରାଧାନାଥ', 'ଗୋପବନ୍ଧୁ' ପ୍ରମୁଖ କବିବୃନ୍ଦ ବଳବତୀ ଲେଖନୀ ମାଧ୍ୟମରେ ଜୟକରିପାରିଛନ୍ତି ମଣିଷର ମନରାଜ୍ୟକୁ । ଭୌଗୋଳିକ ସୀମା ଭିତରେ ଆବଦ୍ଧ ଏକ ନିର୍ଜୀବ ଧୂଳିଧୂସରିତ କ୍ଷେତ୍ର ଆଉ ମଣିଷର ମନରାଜ୍ୟ ଭିତରେ କେତେ ଯେ ତଫାତ ତାହା ଅବ୍ୟକ୍ତ । ଅତଏବ, ଅସୀ ଅପେକ୍ଷା ମସୀର କ୍ଷମତା ଅସୀମ ।

ପ୍ରତ୍ୟେକ ନାଗରିକର ନିଜ ପ୍ରତି, ପରିବାର, ସମାଜ ଓ ରାଷ୍ଟ୍ର ସର୍ବୋପରି ବିଶ୍ୱବାସୀଙ୍କ ପ୍ରତି ରହିଛି କିଛିଟା କର୍ତ୍ତବ୍ୟବୋଧ । ନିଜର ସର୍ବବିଧ ଉନ୍ନତି ସଂଗେ ସଂଗେ ନାଗରିକ ତା'ର ପରିବାର ତଥା ସମଗ୍ର ମଣିଷ ସମାଜର ଉନ୍ନତି ପାଇଁ ଦୃଷ୍ଟି ଦେବା ଏକ ସୁମହତ କର୍ତ୍ତବ୍ୟ ରୂପେ ବେଦବାଣୀରେ ଗୁଞ୍ଜରିତ । ଜଣେ ଆଦର୍ଶ ନାଗରିକ ରୂପେ କବି/ଲେଖକ ଏମିତି ମହନୀୟ ଆଦର୍ଶରେ ଅନୁପ୍ରାଣିତ ହୋଇ ସମଗ୍ର ବିଶ୍ୱର ମଙ୍ଗଳ ଚିନ୍ତା କରିଥାଏ । ଏଇ ନୈତିକ କର୍ତ୍ତବ୍ୟ କବିର ବିବେକ ଓ ଜ୍ଞାନ ଉପରେ ନିର୍ଭରଶୀଳ । ଏକ ସୃଜନଶୀଳ ରଚନା କରିବାପରେ କବି ଲେଖନୀ ନିଶ୍ଚଳ ଓ ନିସ୍ପନ୍ଦହୋଇ ରହିଯାଏନା । ଯେଉଁ ସମାଜ ନିମିତ୍ତ ସେ କାବ୍ୟ-କବିତାଦି ସୃଷ୍ଟି କରେ, ସେଇ ସମାଜ ପ୍ରତି ସେଗୁଡିକର ଯଥାର୍ଥ ଉପଯୋଗିତା ପାଇଁ ବି ସେ ଦିଏ ତୀକ୍ଷ୍ଣ ଦୃଷ୍ଟି । ତେଣୁ କବି ହୋଇଯାଏ ଏକାଧାରରେ ସ୍ରଷ୍ଟା ଓ ଦ୍ରଷ୍ଟା । ଏକ ନିଷ୍କଳଙ୍କ, ନିରାମୟ, ସୁସ୍ଥ ଏବଂ ସୁସଂସ୍କୃତ ସମାଜ ଗଠନରେ ବ୍ରତୀ କବିମସୀ ନିଜର ଅତନ୍ଦ୍ରିତ ଉଦ୍ୟମ ଜାରି ରଖିଥାଏ । ସେ ସମାଜକୁ ଦିଏ ନୂତନ ଦିଗ୍‌ଦର୍ଶନ । କବି ହିଁ ସମାଜର ବାସ୍ତବତଃ ଏକ ଅସ୍ୱୀକୃତ ବୈଧାନିକ ।

କବିର ସାମ୍ରାଜ୍ୟ ସ୍ୱତନ୍ତ୍ର । କାହାରି ଅନୁଶାସନର ସେ ବଶବର୍ତ୍ତୀ ନୁହେଁ । ବ୍ରିଟିଶ୍ ଶାସନର ଅନାଦର୍ଶ-ପିଷ୍ଟିତ ସମାଲୋଚନାର କାହାଣୀରେ ବୈଷ୍ଣବପାଣିଙ୍କ ଲେଖନୀ ମର୍ମରିତ ।

*ପୋଡି ଯାଉରେ ଇଂରାଜୀ ଅମଳ*
*ହରିନେଇଗଲା ଦେଶୁ ଟଙ୍କା ସୁନା*
*ଦେହରୁ ହରିଲା ଆମର ବଳ*

ରାଜତନ୍ତ୍ର ସହିତ-ସାଲିସ୍ କରିପାରି ନଥିବା ପାଣିକବିଙ୍କ ଅନ୍ତର ବିଦ୍ରୋହ ଘୋଷଣା କରିଉଠିଥିଲା ବାରମ୍ବାର । ବ୍ରିଟିଶ୍ ଶାସନାଧୀନ ଇଲାକାର ଜଣେ ବଶମ୍ବଦ ପ୍ରଜା ହୋଇଥିଲେ ବି, ପାଣିଙ୍କ ବାଣୀର ଶବ୍ଦ ସ୍ଥାପତ୍ୟ ଭିତରେ ଦୁର୍ଦ୍ଧର୍ଷ ବ୍ରିଟିଶ୍ ଶାସକଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରିଥିବା ଏଇ ସ୍ପପତିର ସର୍ଦ୍ଧା କିଛି କମ୍ ନୁହେଁ । କବି ବୈଷ୍ଣବପାଣି ତାଙ୍କ କଲମ ମୁନରେ ସମଗ୍ର ପୃଥିବୀକୁ ଚରିଯିବାର ଏକ ସର୍ଦ୍ଧା ପୋଷଣ କରିଥିଲେ । ଓଡ଼ିଆ କବିକୁଳର ଏଇ ଆଦର୍ଶବୋଧହିଁ ବାସ୍ତବିକ କବିର ଆଦର୍ଶ ।

ସୂଚନା, ବି/ଏଲ୍ - ୩୯,
...ସୁରେନ୍ଦ୍ରସାଏ ନଗର, ଭୁବନେଶ୍ୱର



ସୂଚନା ଭବନଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ
ଭାରତୀୟ ଚିକିତ୍ସକ ସଂଘର ୪୮ତମ ବାର୍ଷିକ ସମ୍ମିଳନୀ ଉଦ୍‌ଘାଟନ କରୁଛନ୍ତି

# ପ୍ରଜାବତ୍ସଳ ମହାରାଜା ଶ୍ରୀ ରାମଚନ୍ଦ୍ର ଭଂଜଦେଓ

ଶ୍ରୀମତୀ ଗୀତା ଶ୍ରୀଚନ୍ଦନ

ଓଡ଼ିଶାର ଯେଉଁ କେତେଜଣ ରାଜା ମହାରାଜା ଉତ୍କଳଜନନୀର କୋଳ ମଣ୍ଡନ କରି ଜନସେବା ଓ ଦେଶର କଲ୍ୟାଣରେ ନିଜର ଜୀବନ ଉତ୍ସର୍ଗ କରିଯାଇଛନ୍ତି, ସେମାନଙ୍କ ମଧ୍ୟରେ ମୟୂରଭଂଜ ମହାରାଜା ଶ୍ରୀ ରାମଚନ୍ଦ୍ର ଭଂଜଦେଓ ଅନ୍ୟତମ । ଏହି ବରପୁତ୍ରଙ୍କ ଜନ୍ମ ୧୮୭୦ ମସିହା ଡିସେମ୍ବର ୧୭ ତାରିଖରେ । ମହାରାଜା କୃଷ୍ଣଚନ୍ଦ୍ର ଭଂଜଦେଓଙ୍କର ସେ ଜ୍ୟେଷ୍ଠ ପୁତ୍ର । ୧୮୮୨ ମସିହା ମଇ ୨୯ ତାରିଖରେ ବସନ୍ତ ରୋଗରେ ମାତ୍ର ୩୪ ବର୍ଷ ବୟସରେ କୃଷ୍ଣଚନ୍ଦ୍ରଙ୍କର ଅକାଳ ବିୟୋଗ ଘଟିଥିଲା । ସେତେବେଳକୁ ଶ୍ରୀରାମଚନ୍ଦ୍ରଙ୍କ ବୟସ ଏଗାର ବର୍ଷ । ମହାରାଜାଙ୍କ ମୃତ୍ୟୁ ପରେ ମୟୂରଭଂଜ ରାଜ୍ୟ କୋର୍ଟ ଅଫ ଓ୍ୱାର୍ଡସ ଶାସନାଧୀନରେ ରହିଲା । ମିଃ ପି. ଉଇଲି ଏହାର ମ୍ୟାନେଜର ଭାବରେ ଅବସ୍ଥାପିତ ହେଲେ । ୧୮୯୦ ମସିହାରେ ଶ୍ରୀରାମଚନ୍ଦ୍ର ଭଂଜଦେଓ ରାଜ୍ୟର ପ୍ରତ୍ୟକ୍ଷ ଶାସନଭାର ଗ୍ରହଣ କଲେ । ଛୋଟନାଗପୁର ମହାରାଜାଙ୍କ କନ୍ୟା ଲକ୍ଷ୍ମୀକୁମାରୀଙ୍କୁ ୧୮୯୬ ମସିହାରେ ସେ ବିବାହ କରିଥିଲେ । ଗୋଟିଏ କନ୍ୟା ଓ ଦୁଇଟି ପୁତ୍ରର ଜନନୀ ହେବାର ସୌଭାଗ୍ୟ ସେ ଲାଭ କରିଥିଲେ । ୧୯୦୨ ମସିହାରେ ବସନ୍ତ ରୋଗରେ ତାଙ୍କର ଅକାଳ ମୃତ୍ୟୁ ଘଟିଥିଲା । ୧୯୦୪ ମସିହାରେ ଶ୍ରୀରାମଚନ୍ଦ୍ର ନବବିଧାନ ସମାଜର ପ୍ରତିଷ୍ଠାତା କଲିକତାର କେଶବଚନ୍ଦ୍ର ସେନଙ୍କ କନ୍ୟା ସୁଚାରୁ ଦେବୀଙ୍କୁ ଦ୍ୱିତୀୟ ବିବାହ କଲେ । ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ । ପୁଅ ରଏଲ ଏୟାରଫୋର୍ସରେ ପାଇଲଟ ଭାବରେ କାର୍ଯ୍ୟ କରୁଥିଲେ । ଦ୍ୱିତୀୟ ମହାଯୁଦ୍ଧ କାଳରେ ଏକ ବିମାନ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା । ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓଙ୍କ ଦ୍ୱିତୀୟ ବିବାହକୁ ମୟୂରଭଂଜ ଜିଲାବାସୀ ଗ୍ରହଣ କରିନଥିଲେ । ତେଣୁ ମହାରାଣୀ ସୁଚାରୁ ଦେବୀ କେବେ ମୟୂରଭଂଜ ଆସିନଥିଲେ ।



ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ ଥିଲେ ଜଣେ ଅତ୍ୟନ୍ତ ପ୍ରଜାବତ୍ସଳ ସୁଶାସକ । କଟକ ରେଭେନ୍ସା କଲେଜରେ ମୋହନୀ ଥିଲେ ତାଙ୍କର ଶିକ୍ଷକ । ରାଜ୍ୟ ଶାସନରେ ସାହାଯ୍ୟ କରିବାପାଇଁ ମହାରାଜା ତାଙ୍କୁ ଆଣି ନିଜର ପରାମର୍ଶଦାତା ଷ୍ଟେଟ ଜଜ୍, ଦେଓ୍ୱାନ ଓ ଷ୍ଟେଟ କାଉନସିଲର ଉପସଭାପତି ନିଯୁକ୍ତ କରିଥିଲେ । ତାଙ୍କ ଶାସନ କାଳରେ ମୟୂରଭଂଜ ରାଜ୍ୟର ବହୁମୁଖୀ ବିକାଶ ହୋଇଥିଲା । ବିଭିନ୍ନ ଦେଶର ଶାସନ ପ୍ରଣାଳୀ ସମ୍ପର୍କରେ ଅଭିଜ୍ଞତା ଅର୍ଜନ ଲାଗି ସେ ବିଶ୍ୱର ବିଭିନ୍ନ ଦେଶ ପରିଭ୍ରମଣ କରିଥିଲେ । ୧୯୧୦ ମସିହାରେ ସେ ଚୀନ, ଜାପାନ, ଇଂଲଣ୍ଡ, ଆମେରିକା ଆଦି ଦେଶ ଯାଇଥିଲେ । ବିଲାତରେ ସେ ମନ୍ତ୍ରୀ, ପାର୍ଲାମେଣ୍ଟ ସଭ୍ୟ ଓ ସମ୍ରାଟଙ୍କ ସହ ସାକ୍ଷାତ କରି ସେ ଦେଶର ଶାସନ ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ବିଦେଶରୁ ଫେରି ସେ ନିଜ ରାଜ୍ୟରେ ଗଣତନ୍ତ୍ର ଶାସନ ପଦ୍ଧତି ପ୍ରବର୍ତ୍ତନ କଲେ । ଆଇନର ଶାସନ ଚଳାଇବା ପାଇଁ ରାଜ୍ୟରେ ଏକ କାଉନସିଲ ଗଠନ କରିଥିଲେ । ବିଜ୍ଞ ଓ ନିରପେକ୍ଷ ବ୍ୟକ୍ତିମାନଙ୍କୁ ସେଥିରେ ସେ ସ୍ଥାନ ଦେଇଥିଲେ । ଷ୍ଟେଟ କାଉନସିଲକୁ ପ୍ରଜାଙ୍କ ଆପତ୍ତି, ଏପରିକି ମହାରାଜାଙ୍କ ଆଦେଶ ବିରୁଦ୍ଧରେ ଅଭିଯୋଗ ବିଚାର ପାଇଁ କ୍ଷମତା ଦିଆଯାଇଥିଲା । କାଉନସିଲର ସଭାପତି ଭାବରେ ମହାରାଜା ନିଜର ଭୋଟ ଦେଉଥିଲେ । ଶାସନ ବିଭାଗକୁ ସେ ବିଚାର ବିଭାଗରୁ ଅଲଗା କରିଦେଇଥିଲା । ସ୍ୱତନ୍ତ୍ର ଭାବରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପୋଲିସ ବିଭାଗ ଗଠନ କରିଥିଲେ । ଗ୍ରାମପଞ୍ଚାୟତ ପ୍ରଚଳନ କରିଥିଲେ । ଗାଁ ସର୍ଦ୍ଦାର ପ୍ରଥା ଉଚ୍ଛେଦ କରିଦେଇଥିଲେ । ଦେଓ୍ୱାନି, ଫୌଜଦାରୀ, ରାଜସ୍ୱ ଆଇନ, ଭୂବନ୍ଦୋବସ୍ତ, ଜଙ୍ଗଲ, ଅବକାରୀ ଆଦି ଆଇନ୍ ପ୍ରଣୟନ କରିଥିଲେ । ସର୍ଭେ ଓ ଜମି ବନ୍ଦୋବସ୍ତ କରାଇ ପ୍ରଜାସ୍ୱତ୍ୱ ପଦ୍ଧତିର

ପୁନର୍ବିନ୍ୟାସ କରିଥିଲେ । ପ୍ରଥମଥର ପାଇଁ ପ୍ରଜାମାନେ ନିଜ ଜମିର ସ୍ୱତ୍ୱାଧିକାର ପାଇଲେ । ଆଦିବାସୀମାନଙ୍କୁ ସ୍ୱତନ୍ତ୍ର ଅଧିକାର ଦିଆଗଲା । ବିଭିନ୍ନ ଆଇନ କାର୍ଯ୍ୟକାରୀ କରିବାପାଇଁ ଶାସନକଳକୁ ସେ ପୁନର୍ଗଠିତ କରିଥିଲେ । ରାଜ୍ୟକୁ ବିଭିନ୍ନ ସବ୍‌ଡିଭିଜନରେ ବିଭକ୍ତ କରାଗଲା । କୋର୍ଟମାନ ଖୋଲାଗଲା । ରାଜ୍ୟର ଅଭ୍ୟନ୍ତର ଅଞ୍ଚଳର ଶାସନର ସୁବିଧାପାଇଁ ଥାନା, ଆଉଟପୋଷ୍ଟ ଓ ଚୌକିଦାରୀ ପ୍ରଣାଳୀ ପ୍ରଚଳନ କରାଗଲା । ଜଙ୍ଗଲ ସମ୍ପଦର ସୁରକ୍ଷା ଓ ବିକାଶ ପାଇଁ ଜଙ୍ଗଲ ଓ ଅବକାରୀ ବିଭାଗ ଗଠିତ ହେଲା । ଚାକିରୀରେ ପଦୋନ୍ନତି ଓ ପେନସନର ବ୍ୟବସ୍ଥା କରାଗଲା ।

କୃଷିର ଉନ୍ନତି ପାଇଁ ମହାରାଜା ବହୁ କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ । ୬ ଲକ୍ଷ ଟଙ୍କା ଖର୍ଚ୍ଚରେ ଜଳସେଚନ ଯୋଜନା କାର୍ଯ୍ୟକାରୀ କରାଇଥିଲେ । ଜଙ୍ଗଲ ଜମି ଲିଜ ଦେଇଥିଲେ । ଆଦର୍ଶ କୃଷି ଫାର୍ମ ପ୍ରତିଷ୍ଠା କରିଥିଲେ ।

ତାଙ୍କ ଶାସନ କାଳରେ ରାଜ୍ୟର ରାଜସ୍ୱ ତିନିଗୁଣ ବୃଦ୍ଧି ପାଇଥିଲା । ଜଙ୍ଗଲ ରାଜସ୍ୱ ବାର୍ଷିକ ୩୦ ହଜାର ଟଙ୍କାରୁ ୧ ଲକ୍ଷ ୫୦ ହଜାର ଟଙ୍କାକୁ ବଢିଥିଲା ।

ମୟୂରଭଂଜ ରାଜ୍ୟର ବିପୁଳ ପ୍ରାକୃତିକ ସମ୍ପଦର ସଦୁପଯୋଗ ପାଇଁ ମହାରାଜା ବହୁ ପଦକ୍ଷେପ ନେଇଥିଲେ । ଖଣିଜ ସମ୍ପଦର ସର୍ଭେପାଇଁ ସେ ବିଶିଷ୍ଟ ଭୂତତ୍ତ୍ୱବିତ୍ ପ୍ରମଥ ନାଥ ବୋଷଙ୍କୁ ନିଯୁକ୍ତ କରିଥିଲେ । ଗୋରୁ ମହିଷାଣିରୁ ଲୁହାପଥର ରପ୍ତାନି ପାଇଁ ଟାଟା କମ୍ପାନୀ ସହିତ ଚୁକ୍ତି କରିଥିଲେ । ଏହି ଚୁକ୍ତି ଫଳରେ ଓଡିଶାରେ ଟାଟା ଲୁହା ଓ ଇସ୍ପାତ କମ୍ପାନୀର ଭିତ୍ତି ପଡିଥିଲା ଏବଂ ଓଡ଼ିଶାରେ ଶିଳ୍ପ ଯୁଗର ଆରମ୍ଭ ହୋଇଥିଲା । ମହାରାଜା ବେଙ୍ଗଲ ନାଗପୁର ରେଳବାଇକୁ ପ୍ରବର୍ତ୍ତାଇ ବାରିପଦାଠାରୁ ରୂପସା ପର୍ଯ୍ୟନ୍ତ ରେଳପଥ ସଂଯୁକ୍ତ କରାଇଥିଲେ । ଏହାଫଳରେ ରାଜ୍ୟର ବାଣିଜ୍ୟ, ବ୍ୟବସାୟର ବିକାଶ ସମ୍ଭବ ହୋଇଥିଲା । ତାଙ୍କ ଉଦ୍ୟମରେ କଲିକତା, କଟକ ଏବଂ ବ୍ରିଟିଶ ଭାରତର ମୁଖ୍ୟ ସ୍ଥାନମାନ ସହିତ ଟେଲିଗ୍ରାଫ ସଂଯୋଗ ସ୍ଥାପିତ ହୋଇପାରିଥିଲା । ରାଜ୍ୟ ମଧ୍ୟରେ ଗମନାଗମନର ସୁବିଧା ପାଇଁ ସେ ବହୁ ରାସ୍ତା ନିର୍ମାଣ କରିଥିଲେ । ହଦଡିହ ଓ ହଳଦିଆ ବୃହତ୍ ଜଳଭଣ୍ଡାର ନିର୍ମାଣ କରିଥିଲେ । ଲାଖ, ମଠା, ପଥର, ତସର ଶିଳ୍ପ କାରଖାନା ବସାଇ ପ୍ରଜାମାନଙ୍କ ଉନ୍ନତି ବିଧାନ କରିଥିଲେ ।

ମହାରାଜା ମୟୂରଭଂଜ ଜିଲ୍ଲାରେ ଶିକ୍ଷାର ପ୍ରସାର ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ । ସାରା ରାଜ୍ୟରେ ସାହାଯ୍ୟପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟ ଖୋଲାଯାଇଥିଲା । ସବ୍‌ଡିଭିଜନାଲ ହେଡକ୍ୱାଟର ମାନଙ୍କରେ ମିଡିଲ ସ୍କୁଲ ପ୍ରତିଷ୍ଠା କରାଯାଇଥିଲା । ସ୍ୱାସ୍ଥ୍ୟ ସେବାପାଇଁ ମୁଖ୍ୟ କେନ୍ଦ୍ରମାନଙ୍କରେ ହାସପାତାଳ ସେ ପ୍ରତିଷ୍ଠା କରିଥିଲେ । ବାରିପଦା ସଦର ମହକୁମାରେ ହାଇସ୍କୁଲ, ହସପିଟାଲ, ସାଧାରଣ ପାଠାଗାର ସ୍ଥାପିତ ହୋଇଥିଲା । କୁଷ୍ଠରୋଗୀଙ୍କ ପାଇଁ ସହର ତଳି ଅଞ୍ଚଳରେ କୁଷ୍ଠରୋଗ ଚିକିତ୍ସା କେନ୍ଦ୍ର ଖୋଲା ଯାଇଥିଲା । ଜଳସେଚନ, ରାସ୍ତା ଓ ପ୍ରଶାସନ ଗୃହ ନିର୍ମାଣର ପରିକଳ୍ପନା ଓ ବିକାଶ ପାଇଁ ଏକ ପୂର୍ତ୍ତ ବିଭାଗ ଖୋଲାଯାଇଥିଲା ।

ମହାରାଜା ଶ୍ରୀରାମଚନ୍ଦ୍ର ବିଚାର ବିଭାଗରେ ବ୍ୟାପକ ସଂସ୍କାର ଆଣିଥିଲେ । ସେ ଶାସନ ଦାୟିତ୍ୱ ଗ୍ରହଣ କରିବା ବେଳେ ରାଜ୍ୟକୁ କେବଳ ତୃତୀୟ ଶ୍ରେଣୀ ମାଜିଷ୍ଟ୍ରେଟର କ୍ଷମତା ପ୍ରୟୋଗର ଅଧିକାର ଦିଆଯାଇଥିଲା ପରେ ସମସ୍ତ ଦେୱାନି, ଫୌଜଦାରୀ ମକଦ୍ଦମା ବିଚାରର କ୍ଷମତା ପ୍ରଦାନ କରାଯାଇଥିଲା । ରାଜ୍ୟ କାଉନସିଲର ଜୁଡିସିଆଲ କମିଟି ଉପରେ ଚୂଡାନ୍ତ ଫଇସଲା ନ୍ୟସ୍ତ ରଖାଯାଇଥିଲା । ଶ୍ରୀରାମଚନ୍ଦ୍ର ଭଂଜଦେଓଙ୍କ ସୁଶାସନର ସ୍ୱୀକୃତି ସ୍ୱରୂପ ୧୯୧୧ ମସିହାରେ ଦିଲ୍ଲୀ ଦରବାରରେ ସମ୍ରାଟ ତାଙ୍କୁ ବଂଶାନୁକ୍ରମିକ 'ମହାରାଜା'ଉପାଧି ପ୍ରଦାନ କରିଥିଲେ ।

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ମହାରାଜା ରାଜ୍ୟର ଓକିଲ ନିଯୁକ୍ତ କରିଥିଲେ । ବିଚ୍ଛିନ୍ନ ଉତ୍କଳର ଏକୀକରଣ ଦିଗରେ ଶ୍ରୀରାମଚନ୍ଦ୍ର ଭଂଜଦେଓଙ୍କ ଭୂମିକା ଥିଲା ଉଲ୍ଲେଖନୀୟ । ଉତ୍କଳଗୌରବ ମଧୁସୂଦନ ଦାସଙ୍କ ନେତୃତ୍ୱରେ ପ୍ରତିଷ୍ଠିତ 'ଉତ୍କଳସମ୍ମିଳନୀ'ର ୧୯୩୦ ଡିସେମ୍ବର ୩୦ ତାରିଖରେ କଟକରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ମହାରାଜା ସଭାପତିତ୍ୱ କରିଥିଲେ ।

ମହାରାଜା ବରାହିପାଣି ଜଳପ୍ରପାତକୁ ଜଳବିଦ୍ୟୁତ ଯୋଜନାରେ ବିନିଯୋଗ କରିବାକୁ ପଦକ୍ଷେପ ନେଇଥିଲେ । ଇଂଜିନିୟରିଂ ବିଭାଗ ଅନୁସନ୍ଧାନ କାର୍ଯ୍ୟ ଆରମ୍ଭ କରିଦେଇଥିଲେ । କିନ୍ତୁ ତାଙ୍କର ଅକାଳ ବିୟୋଗ ଯୋଗୁଁ ଏହି ଯୋଜନା ସାକାର ହୋଇ ପାରିନଥିଲା ।

୧୯୧୨ ଜାନୁଆରୀରେ ମହାରାଜା ରାଜ୍ୟର ଜଙ୍ଗଲ ଅଞ୍ଚଳରେ ରେଳପଥର ସଂପ୍ରସାରଣ ପାଇଁ ବେଙ୍ଗଲ ନାଗପୁର ରେଳବାଇର କେତେକ ଅଫିସରଙ୍କୁ ଡାକିଥିଲେ । ୩୦ ତାରିଖରେ କୃଷ୍ଣଚନ୍ଦ୍ରପୁର ରେଳଷ୍ଟେସନଠାରେ ଏକ ଶିକାରର ଆୟୋଜନ ହୋଇଥିଲା । ଦୁର୍ଯୋଗ କ୍ରମେ ଗୁଳିମାଡରେ ସେଠାରେ ସେ ଆହତ ହୋଇପଡିଥିଲେ । ସୁସ୍ଥ ହେବାପରେ ମେଘାସନୀ ପର୍ବତକୁ ନୂତନ ଘୋଷିତ ବିହାର-ଓଡିଶା ପ୍ରଦେଶର ଗ୍ରୀଷ୍ମ କାଳୀନ ରାଜଧାନୀ କରିବାପାଇଁ ବ୍ରିଟିଶ କର୍ତ୍ତୃପକ୍ଷଙ୍କୁ ପ୍ରବର୍ତ୍ତାଇବାକୁ କଲିକତା ଯାଇଥିଲେ । କିନ୍ତୁ ସେଠାରେ ସେ ପୁଣି ଅସୁସ୍ଥ ହୋଇ ପଡିବାରୁ ତାଙ୍କର ଅପରେସନ ହୋଇଥିଲା । ଫେବୃଆରୀ ୨୨ ତାରିଖରେ ୪୨ ବର୍ଷ ବୟସରେ ତାଙ୍କର ଘଟଣାବହୁଳ, କର୍ମମୟ ଜୀବନର ଅବସାନ ଘଟିଥିଲା । ଏହି ପ୍ରଜାନୁରଂଜକ, ପରମ ଦେଶହିତୈଷୀ, ଗୁଣଗ୍ରାହୀ ମହାରାଜା କାଳ କାଳ ଧରି ଓଡିଶାବାସୀଙ୍କ ହୃଦୟ ସିଂହାସନରେ ଅଧିଷ୍ଠିତ ହୋଇ ରହିଥିବେ ।

ମାର୍ଫତ : ଅଜିତ ଶ୍ରୀଚନ୍ଦନ,
ମହାନଦୀ ବିହାର, କଟକ-୪

# ପୋତାଗଡ଼ର ଇତିହାସ

ଡଃ ଦଣ୍ଡପାଣି ବେହେରା

ପୋତାଗଡ଼ ଗଞ୍ଜାମ ଜିଲ୍ଲାର ପ୍ରଥମ ଜିଲ୍ଲା ମହକୁମା । ଅଧୁନା ଗଞ୍ଜାମ ସହରର ସନ୍ନିକଟ ଋଷିକୂଲ୍ୟା ଓ ସମୁଦ୍ରର ମୁହାଣ ମୁହଁରେ ଏଯାବତ୍ ଇତିହାସର ନୀରବ ସ୍ମାରକୀ ସାଜି ଜରାଜୀର୍ଣ୍ଣ ଅବୟବରେ ଦଣ୍ଡାୟମାନ । ଅସୁମାରି ସ୍ମୃତି, ଅସଂଖ୍ୟ ଘଟଣା ଓ ଅମାପ ଅଭିଜ୍ଞତାର ଅସରନ୍ତି ଗନ୍ତାଘର ଭାବେ ମୂର୍ତ୍ତିମନ୍ତ । ଆଜିଠାରୁ ଚାରିଶହ ପଚିଶ ବର୍ଷ ପୂର୍ବେ ୧୫୭୧ ସାଲରେ ଏହି ଗଡ଼ ଅବା ଦୁର୍ଗର ପ୍ରତିଷ୍ଠା ହୁଏ । ଗୋଲକୁଣ୍ଡା ରାଜ୍ୟର ମୁସଲମାନ କୁତବଶାହୀ ବଂଶର ଚତୁର୍ଥ ସୁଲତାନ ଇବ୍ରାହିମ୍ କୁତବଶାହ ଏହାର ପ୍ରତିଷ୍ଠାତା ଥିଲେ । ତତ୍କାଳୀନ ଓଡ଼ିଶାରେ ଚାଲିଥିବା ଅରାଜକତାର ସୁଯୋଗ ନେଇ ସେ ଓଡ଼ିଶା ଆକ୍ରମଣ କରି ଚିଲିକା ହ୍ରଦଠାରୁ ଆରମ୍ଭ କରି ସମଗ୍ର ଦକ୍ଷିଣ ଓଡ଼ିଶା (ଅବିଭକ୍ତ ଗଞ୍ଜାମ, ଫୁଲବାଣୀ ଓ କୋରାପୁଟ ଜିଲ୍ଲା ତ୍ରୟ)କୁ ଜବର ଦଖଲ କରିନେଲେ । ଏହି ସମଗ୍ର ଅଞ୍ଚଳକୁ ଶ୍ରୀ କାକୁଲମ -ଉତ୍ତର ସରକାର (ଗୋଲକୁଣ୍ଡା ରାଜ୍ୟର ଶେଷ ଉତ୍ତର ଜିଲ୍ଲା ଅବା ଖଣ୍ଡ) ଅନ୍ତର୍ଭୁକ୍ତ କରାଗଲା । ଶ୍ରୀ କୂଲମଠାରେ ଏହି ଅଞ୍ଚଳର ପ୍ରଶାସନ ପରିଚାଳନା ନିମନ୍ତେ ଜଣେ ନବାବଙ୍କୁ ନିଯୁକ୍ତ କରାଗଲା । ସେହି କାର୍ଯ୍ୟରେ ସାହାଯ୍ୟ କରିବା ନିମନ୍ତେ ଇଚ୍ଛାପୁରଠାରେ ଜଣେ ନାୟବ ନିଯୁକ୍ତ ହେଲେ । ୧୬୮୭ ସାଲରେ ଗୋଲକୁଣ୍ଡା ମୋଗଲ ସମ୍ରାଟ ଔରଙ୍ଗଜେବଙ୍କ ଦ୍ୱାରା ଆକ୍ରାନ୍ତ ଓ ଅଧିକୃତ ହେବାଯାଏ ଏଭଳି ଶାସନ ଏହି ଅଞ୍ଚଳରେ ଅବ୍ୟାହତ ଥିଲା । ୧୬୮୭ରେ କୁତବଶାହୀ ଶାସନର ଅବସାନ ଘଟିଲା ଏବଂ ସମଗ୍ର ଗୋଲକୁଣ୍ଡା ରାଜ୍ୟକୁ ମୋଗଲ ସାମ୍ରାଜ୍ୟର ଏକ ପ୍ରଦେଶ ଭାବେ ପରିବର୍ତ୍ତିତ କରି ଦିଆଗଲା । ପ୍ରଦେଶ କର୍ତ୍ତା ଭାବେ ଜଣେ ସୁବାଦାର ଆବା ନିଜାମଙ୍କୁ ନିଯୁକ୍ତ କରାଗଲା । ଗୋଲକୁଣ୍ଡା ବଦଳରେ ହାଇଦ୍ରାବାଦ ନଗରକୁ ପ୍ରାଦେଶିକ ରାଜଧାନୀ କରାଗଲା । ଉଭୟ ଗୋଲକୁଣ୍ଡାର କୁତବଶାହୀ ଓ ନିଜାମଙ୍କର ଶାସନ ସମୟରେ ପୋତାଗଡ଼ ଉତ୍ତରାଞ୍ଚଳ ଶାସନର ମୁଖ୍ୟ କେନ୍ଦ୍ର ହେଲା । ଚତୁର୍ଥ କୁତବଶାହୀ ସୁଲତାନ ଇବ୍ରାହିମ୍ କୁତବଶାହ ଋଷିକୁଲ୍ୟା ନଦୀ ଓ ସମୁଦ୍ରର ମୁହାଣ ସ୍ଥାନକୁ ସର୍ବ ପ୍ରଥମେ ଗଞ୍ଜ-ଇ-ଆମ (ଗଞ୍ଜାମ) ଆଖ୍ୟା ଦେଲେ । ଗଞ୍ଜ-ଇ-ଆମର ଶାବ୍ଦିକ ଅର୍ଥ ହେଲା ସାଧାରଣ ବଜାରସ୍ଥଳ । ଇଂରେଜୀ ଭାଷାରେ ତର୍ଜମା ହେଲା- "Grannary of The world" (ବିଶ୍ୱର ଶସ୍ୟ ଭଣ୍ଡାର) । କାରଣ ସେହି ସମୟରେ ଉକ୍ତ ମୁହାଣ ଅନ୍ତର୍ଗତ ଅଞ୍ଚଳ ଶସ୍ୟ ଓ ବିଭିନ୍ନ ପଣ୍ୟ ସାମଗ୍ରୀର ଏକ ବିପୁଳ ବିପଣୀ କେନ୍ଦ୍ରଥିଲା । ସେହି ବିପଣୀ-ବଜାରକୁ ତଥା ଦକ୍ଷିଣ ଓଡ଼ିଶାର ଉତ୍ତରାଞ୍ଚଳ ପ୍ରଶାସନକୁ ସୁନିୟନ୍ତ୍ରଣ କରିବା ପାଇଁ ମୁହାଣ ସ୍ଥଳରେ ଏକ ଦୃଢ ଦୁର୍ଗ ନିର୍ମାଣ କରାଗଲା । ପ୍ରଶାସନ ଗୃହ, ପ୍ରାର୍ଥନା କରିବା ନିମନ୍ତେ ଏକ ମସଜିଦ, କଇଦୀମାନଙ୍କ ନିମନ୍ତେ ଜେଲଖାନା ଏବଂ ମୃତମାନଙ୍କର କବର ନିମନ୍ତେ କବରଖାନାମାନ ସେଠାରେ ନିର୍ମିତ ତଥା ବ୍ୟବସ୍ଥିତ ଥିଲା ।

୧୬୪୨ ସାଲରେ ଗୋଲକୁଣ୍ଡା ସୁଲତାନ୍ ଅବଦୁଲା କୁତାବଶାହ ଗଞ୍ଜାମ ସ୍ଥିତ ଦୁର୍ଗଠାରେ ଶ୍ରୀକାକୁଲମ୍ ସରକାରର ଶାସନ ପରିଚାଳନା ନିମନ୍ତେ ଶେର ମହମ୍ମଦ ଖାନ ନାମକ ଜଣେ ଫଉଜଦାରଙ୍କୁ ଅବସ୍ଥାପିତ କଲେ । ଏହି ଫଉଜଦାର ସମସ୍ତ ଓଡ଼ିଶାର ଦକ୍ଷିଣାଞ୍ଚଳରେ ରାଜସ୍ୱ ଆଦାୟକରି ତାହାକୁ ଗୋଲକୁଣ୍ଡା ସୁଲତାନଙ୍କ ନିକଟକୁ ପ୍ରେରଣ କରୁଥିଲେ । ଗଞ୍ଜାମ ଗଡ ଅବା ଦୁର୍ଗ ଏକ ନିଭୃତ ସୁଡଙ୍ଗ ଯୋଗେ ସମୁଦ୍ର ସହ ସଂଯୁକ୍ତ ଥିଲା । ଏହି ସୁଡଙ୍ଗର ଶେଷ ଭାଗ ସମୁଦ୍ର ସହ ସଂଲଗ୍ନ ଥିଲା ଏବଂ ନୌକା ଦ୍ୱାରା ସମୁଦ୍ର ମଧ୍ୟରେ ଗୋଲକୁଣ୍ଡା ରାଜ୍ୟର ବିଭିନ୍ନ ଉପକୂଳ ଇଲାକା ସହ ଯୋଗାଯୋଗ ତଥା ଯାତାୟାତର ସଂପର୍କ ଚାଲିଥିଲା । ୧୫୭୧ ସାଲରୁ ୧୭୫୩ ସାଲ ଯାଏଁ ସମଗ୍ର ମୁସଲମାନ ଶାସନ କାଳରେ ଗଞ୍ଜାମଗଡ ସବୁ ଦୃଷ୍ଟିରୁ ଅତ୍ୟଧିକ ଗୁରୁତ୍ୱପୂର୍ଣ୍ଣ ଶାସନ କେନ୍ଦ୍ର ଥିଲା ।

୧୭୫୩ ସାଲରେ ହାଇଦ୍ରାବାଦ ନିଜାମ୍ ସୁଲାବତ୍ ଜଙ୍ଗ ନିଜ ରାଜ୍ୟର ଶ୍ରୀ କାଲମ୍ ସରକାର ସମେତ ପାଞ୍ଚଟି ଉତ୍ତର ସରକାର ଅବା ଜିଲ୍ଲାଗୁଡ଼ିକୁ ଯଥା - ଗୁଣ୍ଟୁର, କୋଣ୍ଡାପଲ୍ଲୀ, ଇଲ୍ଲୋର, ରାଜମହେନ୍ଦ୍ରୀ କୁ ଫରାସୀମାନଙ୍କର ସାମରିକ ସାହାଯ୍ୟରେ ପ୍ରୀତ ହୋଇ ସେମାନଙ୍କୁ ଇନାମ ସୂତ୍ରରେ ରାଜସ୍ୱ ସଂଗ୍ରହ କରିବା ନିମନ୍ତେ ସମର୍ପଣ କଲେ । ୧୭୫୭ ସାଲରେ ଫରାସୀ ସେନାପତି ମୋନସୁର୍ ଦିଇ ବୁସ୍ସି ଏହି ପାଞ୍ଚଟି ଉତ୍ତର ସରକାରରେ ରାଜସ୍ୱ ସଂଗ୍ରହ କରିବା ଅଭିପ୍ରାୟେ ହାଇଦ୍ରାବାଦରୁ ଗଞ୍ଜାମ ଅଭିମୁଖେ ଯାତ୍ରାରମ୍ଭ କଲେ । ଶେଷରେ ଗଞ୍ଜାମ ଦୁର୍ଗରେ ପ୍ରବେଶ କରି ସନ୍ନିବେଶିତ ପରିବେଶରେ ସନ୍ତୁଷ୍ଟ ହୋଇ ପ୍ରଶାସନ ପରିକଳ୍ପେ ସେଠାରେ ଆଉ ଏକ ସୁଦୃଢ ଦୁର୍ଗ ନିର୍ମାଣ କଲେ, ଯାହାକି ଫରାସୀ

ଦୁର୍ଗ ଭାବେ ନାମିତ ଓ ପରିଚିତ ହେଲା । ଏହି ଦୁର୍ଗରୁ ମୋନ୍‌ସୁର ଦିଇ ବୁସ୍ସି ବଂଗଳାର ନବାବ ସିରାଜଉଦ୍ଦୁଲାଙ୍କ ନିକଟକୁ ସାମରିକ ସାହାଯ୍ୟ ପ୍ରେରଣ କରିବା ନିମନ୍ତେ ପ୍ରତିଶ୍ରୁତିମୂଳକ ପତ୍ର ଲେଖିଥିଲେ । ଗଞ୍ଜାମ ଦୁର୍ଗରୁ ବଂଗ ଅଭିମୁଖେ ଇଂରେଜମାନଙ୍କ ବିରୁଦ୍ଧରେ ସିରାଜଉଦ୍ଦୁଲାଙ୍କୁ ପ୍ରତ୍ୟକ୍ଷ ସାହାଯ୍ୟ କରିବା ନିମନ୍ତେ ସେ ପରିକଳ୍ପନା କରିଥିଲେ । କିନ୍ତୁ ୧୭୫୯ ସାଲରେ ଆକସ୍ମିକ ଭାବେ ପଣ୍ଡିଚେରୀର ଫରାସୀ ଗଭର୍ଣ୍ଣର କାଉଣ୍ଟ ମୋନ୍‌ସୁର ଲାଲୀଙ୍କଠାରୁ ନିର୍ଦ୍ଦେଶ ପାଇ ବୁସ୍ସି ଗଞ୍ଜାମ ଦୁର୍ଗ ପରିତ୍ୟାଗ କରି ମାନ୍ଦ୍ରାଜ ଦଖଲ କରିବା ନିମନ୍ତେ ପଣ୍ଡିଚେରୀ ଅଭିମୁଖେ ଯାତ୍ରା କଲେ। ବୁସ୍ସିଙ୍କର ପ୍ରସ୍ଥାନ ପରେ ମଧ୍ୟ ୧୭୬୬ ସାଲରେ ଇଂରେଜମାନେ ଆସିବାଯାଏଁ ଗଞ୍ଜାମଠାରେ ଥିବା ଫରାସୀ ଦୁର୍ଗ ଏକ ବିଶିଷ୍ଟ ବାଣିଜ୍ୟ କେନ୍ଦ୍ର ଭାବେ ଏହ ଅଞ୍ଚଳରେ କାର୍ଯ୍ୟ କରିଥିଲା।

ନୂତନ ନିଜାମ, ନିଜାମ ଅଲ୍ଲୀଙ୍କର ଇନାମ ଦାନ ଓ ମୋଗଲ ସମ୍ରାଟଙ୍କର ସନନ୍ଦ କ୍ରମେ ତଥା ଆହ୍ଲାବାଦ ସନ୍ଧି ସ୍ୱାକ୍ଷର ସୂତ୍ରରେ ପାଞ୍ଚଟି ଉତ୍ତର ସରକାର ପ୍ରାପ୍ତ ହୋଇ ୧୭୬୬ ସାଲ ନଭେମ୍ବର ମାସରେ ଇଂରେଜ ଇଷ୍ଟଇଣ୍ଡିଆ କଂପାନୀ ସେଗୁଡ଼ିକୁ ପ୍ରକୃତରେ ଅଧିକାର କଲେ । ସେହି ବର୍ଷ ଡିସେମ୍ବର ମାସରେ ଇଡୱାର୍ଡ କୋଟସଫୋର୍ଡ ଗଞ୍ଜାମ ଠାରେ କଂପାନୀର ରେସିଡେଣ୍ଟ ଓ ଇଂଜିନିୟର ଭାବେ ଅବସ୍ଥାପିତ ହେଲେ । ସେଠାରେ ଏକ ବାଣିଜ୍ୟ କେନ୍ଦ୍ର ତଥା ସମଗ୍ର ସଂପୃକ୍ତ ଅଞ୍ଚଳରେ ଶାସନ ପ୍ରତିଷ୍ଠା କରିବା ଥିଲା ତାଙ୍କର ଉଦ୍ଦେଶ୍ୟ । ସେ ଗଞ୍ଜାମ ସଂପୃକ୍ତ ଅଞ୍ଚଳକୁ ଗଞ୍ଜାମ ନାମରେ ନାମିତ କଲେ । ସେହି ସମୟରୁ ଉକ୍ତ ଅଞ୍ଚଳ ଗଞ୍ଜାମ ଜିଲ୍ଲାରେ ନାମିତ ହେଲା ଏବଂ ଗଞ୍ଜାମ ସହର ହେଲା ସେହି ଜିଲ୍ଲାର ମହକୁମା । ସେଠାରେ ଥିବା ଗଞ୍ଜାମ ଦୁର୍ଗରେ ସେ ପୁଣି ଆଉ ଏକ (ତୃତୀୟ) ଦୁର୍ଗ ନିର୍ମାଣ କଲେ । ସେହି ଦୁର୍ଗକୁ ଗଞ୍ଜାମ ଫୋର୍ଟ (ଗଞ୍ଜାମ ଦୁର୍ଗ) କୁହାଗଲା । ଜିଲ୍ଲା ପ୍ରଶାସନର ବିଭିନ୍ନ ଦପ୍ତର, ଅଫିସର ଓ କର୍ମଚାରୀମାନଙ୍କ ରହିବା ନିମନ୍ତେ ବାସଗୃହ, ପ୍ରାର୍ଥନା କରିବା ନିମନ୍ତେ ଏକ ଗୀର୍ଜାଘର, ବନ୍ଦୀମାନଙ୍କୁ ରଖିବା ନିମନ୍ତେ ଏକ କାରାଗାର ତଥା ଗୋରାମାନଙ୍କର ମୃତ ଶରୀରର କବର ନିମନ୍ତେ କବରଖାନା ଆଦି ସେଠାରେ ନିର୍ମିତ ହେଲା । ସମୁଦ୍ର ସହ ସଂଯୁକ୍ତ ଥିବା ଗୁପ୍ତ ସୁଡ଼ଙ୍ଗକୁ ସଂପ୍ରସାରିତ କରାଗଲା । ଏହିସବୁ ସ୍ଥପତିର ଅବଶେଷମାନ ବର୍ତ୍ତମାନ ସୁଦ୍ଧା ସେଠାରେ ବିଦ୍ୟମାନ । ସେ ସ୍ଥପତିଗୁଡ଼ିକର ଅଧିକାଂଶ ଭାଗ ଭୂତଳେ ଲୁକାୟିତ ଭାବେ ଏ ଯାଏଁ ରହିଥିବା ହେତୁ ସେଗୁଡ଼ିକୁ ସଂପ୍ରତି ପୋତାଗଡ ଅବା ମାଟି ତଳେ ପୋତି ହୋଇ ରହିଥିବା ଗଡ ବୋଲି ସାଧାରଣତଃ କୁହାଯାଏ । ତନ୍ମଧ୍ୟରେ କୁତବଶାହୀ ଗୋଲକୁଣ୍ଡା ଦୁର୍ଗ, ଫରାସୀ ଦୁର୍ଗ ଓ ଇଂରେଜ ଦୁର୍ଗ ତ୍ରୟ ସମବେତ ଭାବେ ଅନ୍ତର୍ଭୁକ୍ତ ଅଟନ୍ତି ।

ପୋତାଗଡ଼ ସନ୍ନିକଟରେ ଏକ ସମୃଦ୍ଧ ବାଣିଜ୍ୟିକ ବନ୍ଦର, ପୋତାଶ୍ରୟ ଓ ବତୀଘରର ଜୀର୍ଣ୍ଣାବଶେଷମାନ ଏଯାବତ ବିଦ୍ୟମାନ । ଏଥିରୁ ଅନୁମେୟ ଯେ ପୁରାତନ ସମୟରେ ସେଠାରେ ଏକ ଉନ୍ନତ ବାଣିଜ୍ୟିକ ବନ୍ଦର ବିଦ୍ୟମାନ ଥିଲା । ସେଠାରୁ ଜାତୀୟ ଓ ଆର୍ନ୍ତଜାତିକ ସାମୁଦ୍ରିକ ନୌବାଣିଜ୍ୟ ପରିଚାଳିତ ଓ ନିୟନ୍ତ୍ରିତ ହେଉଥିଲା । ପ୍ରାଚୀନ କାଳରେ ଏହା ଏକ ସମୃଦ୍ଧିଶାଳୀ ପୋତାଶ୍ରୟ ଓ ବନ୍ଦର ଥିଲା, ଯେଉଁଠାରୁ କି ସୁଦୂର ପ୍ରାଚ୍ୟ ଦକ୍ଷିଣପୂର୍ବ ଏସିଆ ଓ ଆଫ୍ରିକାର ଦେଶପୁଞ୍ଜ ସହ କଳିଙ୍ଗ - କଂଗୋଦର ଦରିଆପାରି ନୌବାଣିଜ୍ୟ ଓ ସାଂସ୍କୃତିକ ସଂପର୍କ ପ୍ରବାହ ଅବ୍ୟାହତ ଥିଲା । କଂଗୋଦ ରାଜ୍ୟର ରାଜଧାନୀ ଏହି ପୋତାଗଡ ଓ ସନ୍ନିବେଶିତ ଅଞ୍ଚଳରେ ଅବସ୍ଥିତ ଥିଲା ବୋଲି ଚୀନ ପରିବ୍ରାଜକ ହୁଏନ୍‌ସାଙ୍କ ବିବରଣୀ ସିୟୁକୀ ଗ୍ରନ୍ଥ ତଥା ପଣ୍ଡିତ ବିନାୟକ ମିଶ୍ର ତଥା ପାଶ୍ଚାତ୍ୟ ବିଦ୍ୱାନ - କାନିଙ୍ଗହାମ୍‌ଙ୍କର ଲେଖାମାନଙ୍କରୁ ସୂଚିତ ହୁଏ । ସେଠାରେ ଏକ ହିନ୍ଦୁ ମନ୍ଦିରର ଧ୍ୱଂସାବଶେଷ ଦେଖିବାକୁ ବି ମିଳେ । ପୋତାଗଡ଼ର ମୁଖଶାଳା ଓ ସାଧାରଣ ପ୍ରଶାସନିକ କୋଠାବାଡ଼ିର ଜୀର୍ଣ୍ଣାବଶେଷମାନ ବିକ୍ଷିପ୍ତ ଭାବେ ସେଠାରେ ପଡ଼ି ରହିଥିବା ଦୃଶ୍ୟମାନ ହୁଏ । ଅତୀତର ପଦଚିହ୍ନ ଓ ଇତିହାସର ବାର୍ତ୍ତାବହ ଭାବେ ସେଗୁଡ଼ିକ ନିଶ୍ଚଳ ଓ ନୀରବ ଭାବରେ ଚାହିଁ ରହିଥିବା ଭଳି ପ୍ରତୀତ ହୁଅନ୍ତି ।

୧୮୧୫ ଖ୍ରୀଷ୍ଟାବ୍ଦରେ ଗଞ୍ଜାମ ସହରରେ ଭୟଙ୍କର ପ୍ଲେଗ ରୋଗ ବ୍ୟାପିଲା । ଯାହାର ଭୟାବହ ପରିଣତିରେ ତିରିଶ ହଜାର ବାସିନ୍ଦା ମଧ୍ୟରୁ ଚବିଶହଜାର ମୃତ୍ୟୁବରଣ କଲେ । କେବଳ ହଜାରେ ବାସିନ୍ଦା ମୃତ୍ୟୁ ମୁଖରୁ ରକ୍ଷା ପାଇଲେ । ବହୁ ଗୋରା ଅଫିସର ଓ କର୍ମଚାରୀମାନେ ମଧ୍ୟ ମୃତ୍ୟୁର କରାଳ ଗର୍ଭରୁ ବର୍ତ୍ତି ପାରିନଥିଲେ । ଏଣୁ ଜିଲ୍ଲା ପ୍ରଶାସନ ଜିଲ୍ଲା ମହକୁମା ଅବା ରାଜଧାନୀକୁ ଗଞ୍ଜାମରୁ ବ୍ରହ୍ମପୁର ସହରକୁ ସ୍ଥାନାନ୍ତର କରିବା ପାଇଁ ସିଦ୍ଧାନ୍ତ କଲେ । କିନ୍ତୁ ମହୁରୀ ରାଜା ବ୍ରହ୍ମପୁରକୁ ନିଜର ବ୍ୟକ୍ତିଗତ ସଂପତ୍ତି କହି ଇଂରେଜମାନଙ୍କୁ ସେଠାକୁ ଜିଲ୍ଲା ରାଜଧାନୀ ସ୍ଥାନାନ୍ତର କରିବାକୁ ବାରଣ କଲେ । ଫଳରେ, ଗଞ୍ଜାମଠାରୁ ଆଠ କିଲୋମିଟର ଦୂରରେ ଥିବା - ସୀତାରାମ ପଲ୍ଲୀ ନାମକ ଗ୍ରାମକୁ ରାଜଧାନୀକୁ ଘୁଞ୍ଚାଇଦେଲେ । ପରେ ପରେ ୧୮୬୬ ସାଲରେ ସେଠାରେ ପ୍ରଳୟଙ୍କରୀ ଦୁର୍ଭିକ୍ଷ ପଡ଼ିଲା । ଦୁର୍ଭିକ୍ଷ ପ୍ରପୀଡ଼ିତ ଲୋକମାନଙ୍କୁ ଛତ୍ର (ସାହାଯ୍ୟ) ବିତରଣ ନିମନ୍ତେ ବହୁସଂଖ୍ୟାରେ ଛତ୍ରଘର ଅବା "Relief Houses" ବସାଗଲା । ଛତ୍ର ଅବା ଛତ୍ରଘର ନାମରେ ସ୍ଥାନଟି ଛତ୍ରପୁର ଭାବେ ନାମିତ ହେଲା । ସେ ସମୟରୁ ଏ ଯାଏ ସୀତାରାମ ପଲ୍ଲୀ ଅବା ଛତ୍ରପୁର ଗଞ୍ଜାମ ଜିଲ୍ଲାର ମହକୁମା ଭାବେ କାର୍ଯ୍ୟ କରି ଆସିଛି ।

ଗଞ୍ଜାମ ସହରରୁ ୧୮୧୫ ସାଲରେ ପ୍ଲେଗରୋଗ ଭୟରେ ମହକୁମାକୁ ସ୍ଥାନାନ୍ତର କରାଯିବା ଫଳରେ ସହରଟି ତଥା ପ୍ରଶାସନ ମୁଖର ଦୁର୍ଗ ପରିସର ସଂପୂର୍ଣ୍ଣ ପରିତ୍ୟକ୍ତ ଇଲାକା ଭାବେ ପଡି ରହିଲା । କାଳକ୍ରମେ ଗଞ୍ଜାମ ଦୁର୍ଗର ଅବସାନ ଓ ଅବକ୍ଷୟ ପ୍ରକ୍ରିୟା

ଆରମ୍ଭ ହେଲା । ଦୁର୍ଗ ପରିସରରେ ଥିବା ତିନୋଟି ଯାକ ଦୁର୍ଗର କୋଠାବାଡ଼ି, ମସଜିଦ୍, ଗୀର୍ଜା, ମନ୍ଦିର, ମୀନାର, ସୁଡଙ୍ଗ ଓ ବେଢ଼ା ପରିତ୍ୟକ୍ତ ଅବସ୍ଥାରେ ସ୍ୱତଃ ଭଗ୍ନଶୀଳ ହୋଇ ଶେଷରେ ସଂପୂର୍ଣ୍ଣ ଧୂଳିସାତ ହୋଇ ପୋତାଗଡ଼ ଭାବେ ନାମିତ ହେଲେ । ସେଠାରେ ସଂରକ୍ଷିତ ଥିବା ଅସଂଖ୍ୟ ସରକାରୀ ଦଲିଲ ଓ ନଥିପତ୍ରକୁ ମାନ୍ଦ୍ରାଜସ୍ଥ ମାଡ୍ରାସ ରେକର୍ଡସ୍ ଅଫିସ ଅବା ତାମିଲନାଡୁ ଆର୍କାଇଭିସକୁ ପଠେଇ ଦିଆଗଲା । ସେଗୁଡ଼ିକ ସଂପ୍ରତି ଗଞ୍ଜାମ ଡିଷ୍ଟ୍ରିକ୍ଟସ୍ ରେକର୍ଡସ୍ ଭାବେ ସେଠାରେ ସଂରକ୍ଷିତ ଓ ସୁରକ୍ଷିତ ଏବଂ ଗଞ୍ଜାମ ତଥା ଦକ୍ଷିଣ ଓଡ଼ିଶାର ଇତିହାସ ଆଲୋଚନାର ଏକାନ୍ତ ଆଧାର ଭାବେ ସେଗୁଡ଼ିକୁ ଗବେଷକମାନେ ବ୍ୟବହାର କରନ୍ତି ।

ପୋତାଗଡ଼ ହେଉଛି ଏକ ଆଧୁନିକ ଯୁଗୀୟ ଦୁର୍ଗ । ପ୍ରତ୍ନତତ୍ତ୍ୱ ବିଭାଗ ଏହାର ଖନନ ଓ ସଂରକ୍ଷଣ କରିବାର ଦାୟିତ୍ୱ ବହନ କରିବା ଉଚିତ । ରାଜ୍ୟ ସାଂସ୍କୃତିକ ବିଭାଗ ଏହି ଐତିହାସିକ ଧ୍ୱସ୍ତବିଧ୍ୱସ୍ତଗଡ଼ର ସୁରକ୍ଷାର ଦାୟିତ୍ୱ ବହନ କଲେ, ବିଲୟ ପ୍ରାୟ କୀର୍ତ୍ତିରାଶିକୁ ଉଜ୍ଜୀବିତ କରାଯାଇ ପାରନ୍ତା ଏବଂ ପ୍ରତ୍ନତାତ୍ତ୍ୱିକ ପରୀକ୍ଷା, ନିରୀକ୍ଷା, ଅଧ୍ୟୟନ ଓ ସମୀକ୍ଷା ମାଧ୍ୟମରେ ବହୁ ଲୁକ୍କାୟିତ ତଥ୍ୟ ଓ ସତ୍ୟକୁ ଐତିହାସିକ ଆଲୋକ ମଧ୍ୟକୁ ଅଣାଯାଇ ପାରନ୍ତା ।

ହିଲ ପାଟଣା,
ବ୍ରହ୍ମପୁର - ୭୬୦୦୦୫, ଗଞ୍ଜାମ

## ଗୋପାଳପୁର ବନ୍ଦର ଏସିଆର ସର୍ବୋତ୍କୃଷ୍ଟ ବନ୍ଦର ହେବ

ଗୋପାଳପୁର ବନ୍ଦରକୁ ଏସିଆର ଏକ ସର୍ବୋତ୍କୃଷ୍ଟ ବନ୍ଦର ରୂପେ ଗଢି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଏମ୍.ଏମ୍.ଟି.ସିର ଉଚ୍ଚ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଛନ୍ତି ।

ଗତ ନଭେମ୍ବର ୭ ତାରିଖ ଦିନ ସଚିବାଳୟ ସମ୍ମିଳନୀ କକ୍ଷରେ ଗୋପାଳପୁର ବନ୍ଦର ନିର୍ମାଣ ସମ୍ପର୍କରେ ଏମ୍.ଏସ୍.ଟି.ସି ପକ୍ଷରୁ ପ୍ରସ୍ତୁତ ହୋଇଥିବା ବିସ୍ତୃତ ପ୍ରକଳ୍ପ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସ୍ଲାଇଡ୍ ମାଧ୍ୟମରେ ଉପସ୍ଥାପନ କରାଯାଇଥିଲା । ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ, ଶିକ୍ଷମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକ, ବାଣିଜ୍ୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନାଗାର୍ଜୁନ ପ୍ରଧାନ, ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ରାଜକିଶୋର ଭୁଜବଳ, ପ୍ରକଳ୍ପ ମୁଖ୍ୟ ଉପଦେଷ୍ଟା ଶ୍ରୀ ରବି ନାରାୟଣ ଦାସ, ଅତିରିକ୍ତ ମୁଖ୍ୟଶାସନ ସଚିବ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ର, ଏମ୍.ଏମ୍.ଟି.ସିର ଅଧ୍ୟକ୍ଷ ଶ୍ରୀ ମଲ୍ଲିକ, ରିଡ଼ଭାର ଉପସଭାପତି ଶ୍ରୀ ମୁଦ୍ଗଲମନ, ଇଣ୍ଡିଆନ ଅଏଲ କର୍ପୋରେସନର ଶ୍ରୀ ଗୁପ୍ତା ଏଥିରେ ଯୋଗ ଦେଇଥିଲେ ।

ଗୋପାଳପୁର ବନ୍ଦରର ବିକାଶ ପାଇଁ ଏମ୍.ଏମ୍.ଟି.ସି ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଏହି ପ୍ରକଳ୍ପରେ ମୋଟ୍ ୨୫,୦୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବ । ଆସନ୍ତା ୧୯୯୭ ଅକ୍ଟୋବରରେ ଏହି ପ୍ରକଳ୍ପ ଆରମ୍ଭ ହୋଇ ଅପ୍ରେଲ ୨୦୦୦ ସୁଦ୍ଧା ଏହାର କାର୍ଯ୍ୟ ସଂପୂର୍ଣ୍ଣ କରିବାପାଇଁ ଲକ୍ଷ୍ୟ ରଖାଯାଇଛି । ଜମି ଅଧିଗ୍ରହଣ କାର୍ଯ୍ୟ ମାର୍ଚ୍ଚ ୧୯୯୭ ମଧ୍ୟରେ ସାରିବାପାଇଁ ଲକ୍ଷ୍ୟ ରଖାଯାଇଛି ।

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଅଳ୍ପ ସମୟ ମଧ୍ୟରେ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ କରାଯାଇଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ । ସେ କହିଥିଲେ ଯେ ଗୋପାଳପୁର ବନ୍ଦରକୁ ଏକ ସର୍ବୋତ୍କୃଷ୍ଟ ବନ୍ଦର ରୂପେ ନିର୍ମାଣ କରିବାର ଲକ୍ଷ୍ୟ ରଖାଯିବା ଉଚିତ । ବନ୍ଦର ନିର୍ମାଣ କ୍ଷେତ୍ରରେ ଦକ୍ଷତା ପ୍ରତିପାଦନ କରିଥିବା ଏକ ବୈଦେଶିକ କମ୍ପାନୀକୁ ଉପଯୁକ୍ତ ପ୍ରଣାଳୀ ଅନୁସରଣ କରି ଏହି କାର୍ଯ୍ୟକ୍ରମରେ ସଂଶ୍ଳିଷ୍ଟ କରିବାକୁ ଅତିଶୀଘ୍ର ନିଷ୍ପତ୍ତି ନେବାକୁ ସେ ପରାମର୍ଶ ଦେଇଥିଲେ ଏବଂ ଏହି ଯୋଜନାକୁ ଆଗେଇ ନେବାପାଇଁ ଏମ୍.ଏମ୍.ଟି.ସି ପକ୍ଷରୁ ସ୍ୱତନ୍ତ୍ର ଭାବରେ ଜଣେ ଅଫିସରଙ୍କୁ ତୁରନ୍ତ ଅବସ୍ଥାପିତ କରିବାପାଇଁ ଗୁରୁତ୍ୱ ଆରୋପ କରିଥିଲେ ।

# ଗଣକବି ବୈଷ୍ଣବ ପାଣି ଜୟନ୍ତୀ ସମାରୋହ

ଶ୍ରୀ ଶୁଭେନ୍ଦ୍ର ବର୍ମା



ଗଣ କବି ବୈଷ୍ଣବ ପାଣିଙ୍କର ୧୧୪ତମ ଜୟନ୍ତୀ ସମାରୋହ ରାଜ୍ୟର ବିଭିନ୍ନ ସ୍ଥାନରେ ଗତ ଅକ୍ଟୋବର ୨୩ ତାରିଖରୁ ନଭେମ୍ବର ୮ ତାରିଖ ପର୍ଯ୍ୟନ୍ତ ପାଳିତ ହୋଇ ଯାଇଛି । ଗଣ ହୃଦୟର ମୁକୁଟ-ବିହୀନ ସମ୍ରାଟ ବୈଷ୍ଣବ ପାଣିଙ୍କର ଅମ୍ଳାନ ପ୍ରତିଭାର ବିଭିନ୍ନ ଦିଗ ସଂପର୍କରେ ରାଜ୍ୟର ଶତାଧିକ ବିଶିଷ୍ଟ ଜନନେତା, ନାଟ୍ୟକାର, କଳାକାର, ସଂଗୀତଜ୍ଞ, ଶିକ୍ଷାବିତ୍‌, ସାମ୍ବାଦିକ ସଂଗଠକ, କବି ଓ ଗବେଷକ ଆଲୋକପାତ କରିଥିଲେ । ଏ ଅବସରରେ ପାଣିଙ୍କ ବିରଚିତ ଗୀତିନାଟ୍ୟ, ସଂଗୀତ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଗଣକବି ଜୟନ୍ତୀ ରାଜ୍ୟସ୍ତରୀୟ ଉତ୍ସବ ଭାବେ ପାଳନ କରିବା ନିମନ୍ତେ ଚଳିତ ବର୍ଷ ଏହି ଅନୁଷ୍ଠାନର ନାମ ପରିବର୍ତ୍ତନ କରାଯାଇ ଉତ୍କଳ ଗଣକବି ବୈଷ୍ଣବ ପାଣି ସ୍ମୃତି ସଂସଦ ରଖାଯାଇଛି । କବିଙ୍କ ଜନ୍ମସ୍ଥାନ କଟକ ଜିଲ୍ଲା ମାହାଙ୍ଗା ଅଞ୍ଚଳରେ ୧୯୬୪ରୁ ଏହି ଜୟନ୍ତୀ ଉତ୍ସବ ଆରମ୍ଭ ହୋଇ ଆଜି ୩୨ ବର୍ଷରେ ପହଞ୍ଚିଛି ।

ଗତ ୨୬ ତାରିଖ କୁମାର ପୂର୍ଣ୍ଣିମାଦିନ ରାଜଧାନୀ ଭୁବନେଶ୍ୱର ଠାରେ ଅନୁଷ୍ଠିତ ଗଣକବି ଜୟନ୍ତୀ ଉତ୍ସବକୁ ରାଜ୍ୟସଭା ସଦସ୍ୟା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ଉଦ୍‌ଘାଟନ କରି କହିଥିଲେ ଯେ, କବି ବୈଷ୍ଣବ ପାଣି ତାଙ୍କ ସୃଷ୍ଟିର ମୌଳିକତା ପାଇଁ ଆଜି ଯଶସ୍ୱୀ । ବାସ୍ତବିକ ଗଣକବିଙ୍କ କୃତି ପ୍ରମାଣିତ କରିଛି ତାଙ୍କୁ ଜନ ଜୀବନର କବି ବୋଲି । ସେ 'ଗଣକବି ସମ୍ମାନ' ଶ୍ରୀ ଶାରଦା ନାୟକଙ୍କୁ ପ୍ରଦାନ କରିବା ସହିତ ନାଟ୍ୟଶିଳ୍ପୀ ଶାରଦା ମହାନ୍ତି ଓ ପ୍ରଖ୍ୟାତ କଣ୍ଠ ଶିଳ୍ପୀ ଭିକାରୀ ବଳଙ୍କୁ ସମ୍ମାନିତ କରିଥିଲେ ।

ମୁଖ୍ୟବକ୍ତା ପ୍ରଫେସର ହୃଦାନନ୍ଦ ରାୟ କହିଲେ ଯେ, ଗଣ ଚେତନା ବୈଷ୍ଣବ ପାଣିଙ୍କ ରଚନାରେ ପ୍ରତିଫଳିତ ।

ଉତ୍ସବରେ ସଭାପତିତ୍ୱ କରି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ମତଲୁବ ଅଲ୍ଲୀ କହିଲେ ଯେ, ଗଣକବି ବୈଷ୍ଣବ ପାଣି ପ୍ରଗତିଶୀଳ ସାହିତ୍ୟର ବାର୍ତ୍ତାବହ ଥିଲେ । କବିଙ୍କ ପ୍ରତିମୂର୍ତ୍ତି ଭୁବନେଶ୍ୱର ଓ କଟକଠାରେ ସ୍ଥାପନ ପାଇଁ ମୂର୍ତ୍ତି ନିର୍ମାଣ କାମ ଚାଲିଛି ବୋଲି ସେ ପ୍ରକାଶ କରିଥିଲେ ।

ସ୍ମୃତି ସଂସଦ କର୍ମକର୍ତ୍ତା ଶ୍ରୀ ଅମୂଲ୍ୟ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ରଘୁନାଥ ରାଉତ ବିବରଣୀ ପାଠ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଶ୍ରୀମତୀ ପଟ୍ଟନାୟକ ପୁରସ୍କାର ବଣ୍ଟନ ପରେ ମାହାଙ୍ଗା ନୃତ୍ୟାଙ୍ଗର ମହାବୀର ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ କବିଙ୍କ ବିରଚିତ 'ମହୀରାବଣବଧ' ଗୀତିନାଟ୍ୟ ପରିବେଷଣ କରିଥିଲେ ।

ବାଲେଶ୍ୱର ଗାନ୍ଧୀ ସ୍ମୃତି ପୀଠଠାରେ ଗଣକବି ଜୟନ୍ତୀ ଉତ୍ସବରେ ଉତ୍କଳ ଗଣକବି ବୈଷ୍ଣବ ପାଣି ସ୍ମୃତିସଂସଦର ଉପଦେଷ୍ଟା ତଥା ମନ୍ତ୍ରୀ ଶ୍ରୀ ମତଲୁବ ଅଲ୍ଲୀ, ବିଶିଷ୍ଟ କବି ବ୍ରଜନାଥ ରଥ, ଉତ୍କଳ ସଂଗୀତ ନାଟକ ଏକାଡେମୀ ସଂପାଦିକା ଶ୍ରୀମତୀ ସୁଧା ମିଶ୍ର ଓ ବାଲେଶ୍ୱର ଜିଲାପାଳ ବରେଣ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ସ୍ୱାଧୀନତା ସଂଗ୍ରାମ ବାର୍ତ୍ତାକୁ ନିଜ ସୃଷ୍ଟିରେ ପ୍ରଚାର କରି ଏ ଜାତିର ସ୍ୱାଭିମାନକୁ ସେ ଉଦ୍ଦିମନ୍ତ କରିଥିଲେ । ତାଙ୍କୁ 'ରାୟବାହାଦୁର' ଉପାଧି ପାଇଁ ସୁପାରିଶ ହୋଇଥିଲେ ମଧ୍ୟ ଇଂରେଜ ସରକାର କ୍ରୁଦ୍ଧ ହୋଇ ଏହି ଉପାଧି ଦେଇନଥିଲେ ।

କବିଙ୍କ ଜନ୍ମ ଓ ସାଧନାର ପୀଠ କଟକ ଜିଲ୍ଲା ମାହାଙ୍ଗାର ସାତୋଟି ମୁଖ୍ୟ ଅଞ୍ଚଳରେ ଏହି ଜୟନ୍ତୀ ଉତ୍ସବ ଦଶଦିନ ବ୍ୟାପୀ ପାଳିତ ହୋଇଯାଉଛି । ଏ ଅଞ୍ଚଳରେ ଦୀର୍ଘ ୩୨ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ଜୟନ୍ତୀ ଉତ୍ସବରେ ୩୨ ଶହରୁ ଊର୍ଦ୍ଧ୍ୱ ଅତିଥି ଆସି ପାଣି ସାହିତ୍ୟ ଆଲୋଚନା କରି ଜୟନ୍ତୀ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଯାଇଛନ୍ତି । ରଜ, ଦଶହରା, ଦୀପାବଳୀ ଉତ୍ସବ ପରି ମାହାଙ୍ଗା ଅଞ୍ଚଳରେ ଗଣକବି ଜୟନ୍ତୀ ଏକ ଉତ୍ସବରେ ପରିଣତ ହୋଇଯାଇଛି ।

ଗତ ଅକ୍ଟୋବର ୨୫ ତାରିଖ ଦିନ କବିଙ୍କ ଜନ୍ମପୀଠ କୋଠପଦା ରଘୁନାଥଜୀଉ ମଠ ପରିସରରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ମତଲୁବ ଅଲ୍ଲୀ ଆନୁଷ୍ଠାନିକ ଭାବେ ଉତ୍ସବ ଉଦଘାଟନ କରିଥିଲେ । ଉତ୍ସବରେ ସଭାପତିତ୍ୱ କରିଥିଲେ ସ୍ମୃତି ସଂସଦ ସଭାପତି ସାମ୍ବାଦିକ ଶ୍ରୀ ଶୁଭେନ୍ଦ୍ର ବର୍ମା । ଗଣକବି ବୈଷ୍ଣବ ପାଣି କ୍ଲବର କଳାକାରମାନେ ଆବାହନୀ ସଂଗୀତ ଗାନପରେ ସଂସଦର ଯୁଗ୍ମ ସଂପାଦକ ଡଃ ବିଜୟାନନ୍ଦ ସିଂହ ସ୍ୱାଗତ ଭାଷଣ ଦେଇଥିଲେ ଓ ସଂପାଦକ ଆଡଭୋକେଟ ପ୍ରବୀଣ କୁମାର କାନୁନ୍‌ଗୋ ସଂପାଦକ ବିବରଣୀ ପାଠ କରିଥିଲେ । ବରେଣ୍ୟ ଅତିଥି ଭାବେ ଲୋକସଭା ସଦସ୍ୟ ଶ୍ରୀ ଅନାଦିସାହୁ, ଡଃ ବିଚିତ୍ରା ନନ୍ଦ ମହାନ୍ତି, ସାମ୍ବାଦିକ ପ୍ରମୋଦ ମହାପାତ୍ର, ଅଧ୍ୟାପକ ଲକ୍ଷ୍ମଣ ଦାଶ, ଶିକ୍ଷାବିତ ବଳରାମ ସାହୁ, ରବୀନ୍ଦ୍ର କୁମାର ସାହୁ, ପଣ୍ଡିତ ରତ୍ନାକର କର, ଫକୀର ଚରଣ ମହାନ୍ତି ଓ ଭିକାରୀ ଚରଣ ଦାସ ପ୍ରମୁଖ ଗଣକବି ସାହିତ୍ୟର ଆଲୋଚନା କରି କହିଥିଲେ ଯେ କବି ବୈଷ୍ଣବ ପାଣି ଏକାଧାରରେ ଗୀତିନାଟ୍ୟକାର, ଔପନ୍ୟାସିକ, ଗାଳ୍ପିକ, କବି, କଳାକାର ଓ ସଂଗୀତଜ୍ଞ ଥିଲେ । ଜଣେ ମାନବବାଦୀ କବି ଭାବରେ ସେ ଜନଜୀବନର ନିଖୁଣ ଚିତ୍ରକୁ ତାଙ୍କ ସାହିତ୍ୟ ମାଧ୍ୟମରେ ପ୍ରତିଫଳନ କରିଯାଇଛନ୍ତି । ଏହି ଅବସରରେ ବିଶିଷ୍ଟ ଗୀତିନାଟ୍ୟକାର ଶ୍ରୀ ଶରତଚନ୍ଦ୍ର ମୁଳିଆଙ୍କୁ ଗଣକବି ସମ୍ମାନ ଶ୍ରୀ ଅଲ୍ଲୀ ପ୍ରଦାନ କରିବା ସଂଗେ ସଂଗେ ପୁଣ୍ୟତୋୟା ବିରୁପା ତଟରେ କବି ମାନସୀ ହରଙ୍କ ସହିତ ପ୍ରେମ ମଧୁର ସ୍ମୃତି ସ୍ୱରୂପ ସ୍ମାରକୀ ପୀଠର ଭୂମିପୂଜା କରାଯାଇଥିଲା ।

ଦ୍ୱିତୀୟ ଦିବସ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ରସରାଜ ଡଃ କୁଳମଣି ମହାପାତ୍ର । ବରେଣ୍ୟ ଅତିଥିଭାବେ ଇଂ ନିତ୍ୟାନନ୍ଦ ମିଶ୍ର, ନାଟ୍ୟକାର ଧନେଶ୍ୱର ରାଉତ, ନୀଳକଣ୍ଠେଶ୍ୱର ରାଜକିଶୋର ରାଜ, ଡଃ କାର୍ତ୍ତିକେଶ୍ୱର ସାହୁ, ଡଃ ଯୁଧିଷ୍ଠିର ଖଟୁଆ, ଶିକ୍ଷାବିତ୍ ରତ୍ନାକର ମହାନ୍ତି ପ୍ରମୁଖ ଭାଷଣ ଦେଇ କହିଥିଲେ ଯେ ଓଡିଆ ଭାଷାର ଘଡ଼ିସନ୍ଧି ମୁହୂର୍ତ୍ତରେ ବୈଷ୍ଣବପାଣି ଲେଖନୀ ଚାଳନା କରି ଆମ ଭାଷା ସାହିତ୍ୟର ସୁରକ୍ଷା ଦିଗରେ ସହାୟକ ହୋଇଛନ୍ତି । ଉତ୍ସବ ଶେଷରେ ବିଭିନ୍ନ ଗୀତିନାଟ୍ୟଦଳ ଗୀତିନାଟ୍ୟ ପରିବେଷଣ କରିଥିଲେ ।

୨୭ ତାରିଖରେ ଅଚ୍ୟୁତପୁର ସ୍ଥିତ ଜାନକୀବଲ୍ଲଭ ହାଇସ୍କୁଲଠାରେ ଅନୁଷ୍ଠିତ ତୃତୀୟ ଦିବସ ଜୟନ୍ତୀ ସଭାରେ ମନ୍ତ୍ରୀ ଶ୍ରୀ ମତଲୁବ୍ ଅଲ୍ଲୀ ସଭାପତିତ୍ୱ କରିଥିଲେ । ଏଥିରେ ବରେଣ୍ୟ ବକ୍ତା ଓ ଅତିଥିଭାବେ ଅଧ୍ୟାପକ ଡଃ ତୀର୍ଥାନନ୍ଦ ମିଶ୍ର, ସାମ୍ବାଦିକ କିଶୋର ଶତପଥୀ, ଡଃ ଅର୍ଜ୍ଜୁନ ଜେନା, ରାଜ୍ୟ ସମାଜମଙ୍ଗଳ ବୋର୍ଡ ଚେୟାରମେନ୍ ସାବିତ୍ରୀ ଚୌଧୁରୀ ପ୍ରମୁଖ ଭାଷଣ ଦେଇ କହିଥିଲେ ଯେ କୁଳୁକୁଳିଆ ପୋକ ସହାୟତାରେ ବୈଷ୍ଣବପାଣି ବାଲ୍ୟଶିକ୍ଷା ପରେ ଦରିଦ୍ରତା ଯୋଗୁଁ ଅଧିକ ପଢିବାର ସୁଯୋଗ ପାଇନଥିଲେ । ଏହା ସତ୍ତ୍ୱେ ନିଜ ସାଧନା ବଳରେ ଜଣେ ମହାକବି ଓ ଗୀତିନାଟ୍ୟକାର ଭାବେ ସେ ସୁଖ୍ୟାତି ଅର୍ଜନ କରିଛନ୍ତି । ଜାନକୀ ବଲ୍ଲଭ ହାଇସ୍କୁଲର ଛାତ୍ରଛାତ୍ରୀ ଆବାହନୀ ସଂଗୀତ ଗାନ କରିଥିଲେ ଓ ସଂସଦର ଉପସଭାପତି ରବୀନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ ।

୨୮ ତାରିଖରେ ପଣ୍ଡୁଲୁଣ୍ଡା ପ୍ୟାରୀମୋହନ ବିଦ୍ୟାନିକେତନଠାରେ ଚତୁର୍ଥ ଦିବସ ଜୟନ୍ତୀ ଉତ୍ସବ ଆୟୋଜିତ ହୋଇଥିଲା । ଏଥିରେ ବିଶିଷ୍ଟ ଅତିଥିଭାବେ ପ୍ରଫେସର ହୃଦାନନ୍ଦ ରାୟ, ବିଧାୟକ ଗଣେଶ୍ୱର ବେହେରା, କବି ନୃସିଂହ ପ୍ରସାଦ ମିଶ୍ର, ଆଡଭୋକେଟ ଦେବସ୍ମାନ ଦାସ, ଇଂ ପ୍ରଭାକର ସ୍ୱାଇଁ ପ୍ରମୁଖ ଭାଷଣ ଦେଇ କହିଥିଲେ ଯେ ଓଡିଆ ଗୀତିନାଟ୍ୟର ଜନକ ବୈଷ୍ଣବପାଣି ତାଙ୍କ ରଚନା ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମ ଓ ସମାଜ ସଂସ୍କାରର ବାର୍ତ୍ତା ପ୍ରଚାର କରିଥିଲେ । ମୁଖ୍ୟ ଅତିଥି ଶ୍ରମମନ୍ତ୍ରୀ ଶ୍ରୀ ଦୁର୍ଗାଶଙ୍କର ପଟ୍ଟନାୟକ କହିଥିଲେ ଯେ ବୈଷ୍ଣବପାଣି ଦୁଃଖ ଦୈନ୍ୟ ମଧ୍ୟରେ ରହି ମଧ୍ୟ ଜନସାଧାରଣଙ୍କୁ ତାଙ୍କ ରଚନା ମାଧ୍ୟମରେ ହସାଇ, ମତାଇ ଯାଇଛନ୍ତି ।

୨୯ ତାରିଖରେ ପଣସପୁରଠାରେ ଆୟୋଜିତ ଜୟନ୍ତୀର ପଞ୍ଚମ ଦିବସ ଉତ୍ସବରେ ମନ୍ତ୍ରୀ ମତଲୁବ୍ ଅଲ୍ଲୀ ଅଧ୍ୟକ୍ଷତା କରିଥିଲେ । ସମ୍ମାନିତ ବକ୍ତା ଓ ଅତିଥି ଭାବେ ସାହିତ୍ୟିକ ଶଙ୍କର୍ଷଣ ମଙ୍ଗରାଜ, ଅଧ୍ୟାପକ ସତ୍ୟାନନ୍ଦ ସ୍ୱାଇଁ, ନଦିୟା ବିହାରୀ ମହାନ୍ତି ପ୍ରମୁଖ ପାଣି ସାହିତ୍ୟର ଆଲୋଚନା କରିଥିଲେ । କବି ସରୋଜକାନ୍ତ ପରିଡ଼ା ସ୍ୱରଚିତ କବିତା ପାଠ କରିବା ପରେ ଗୀତିନାଟ୍ୟ ପରିବେଷଣ ହୋଇଥିଲା । ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟସରକାରଙ୍କ

ମୁଖ୍ୟ ସଚେତକ କବି ଡାକ୍ତର ଦେବେନ୍ଦ୍ର କୁମାର ମାନସିଂହ କହିଲେ ଯେ ବୈଷ୍ଣବପାଣି ଗୋଟିପୁଅ ଭୂମିକାରୁ ଓଡ଼ିଆ ନାଟ୍ୟଜଗତର ସମ୍ରାଟ ଭାବେ ଯେଉଁ ସମ୍ମାନ ଲାଭ କରିଛନ୍ତି, ତାହା ଅନନ୍ୟ ।

୩୦ ଓ ୩୧ ତାରିଖ ଦୁଇଦିନ ବ୍ୟାପୀ ମଣିଯୋରି ପଞ୍ଚାୟତ ହାଇସ୍କୁଲ ପରିସରରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ଅତିଥି ଓ ଆଲୋଚକ ଭାବରେ ଯୋଗଦେଇ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି କିଶୋର ଚରଣ ଦାସ, ନାଟ୍ୟକାର ସୋମନାଥ ପାଲ, ସାମ୍ବାଦିକ ଡଃ ସତ୍ୟରାୟ ଔପନ୍ୟାସିକ ନାରାୟଣ ମହାପାତ୍ର, ଜଷ୍ଟିସ୍ ଯୁଗଳ କିଶୋର ମହାନ୍ତି, କ୍ରୀଡା ଓ କଲ୍ୟାଣ ମନ୍ତ୍ରୀ ଗଙ୍ଗାଧର ମାଝୀ, ପଞ୍ଚାୟତ-ରାଜ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ପ୍ରଫେସର ଡଃ ଅସିତ କବି, ସମୟର ସଂପାଦକ ସାତକଡ଼ି ହୋତା, କୃଷିମନ୍ତ୍ରୀ ରମାକାନ୍ତ ମିଶ୍ର, ପୂର୍ବତନ ଡି.ଜି. ରାଜେନ୍ଦ୍ର ନାରାୟଣ ଦାସ, ଡଃ ଲଳିତ ରଞ୍ଜନ ଦାସ, ପୀତାମ୍ବର ମିଶ୍ର ପ୍ରମୁଖ ପାଣି ସାହିତ୍ୟର ଆଲୋଚନା କରି କହିଥିଲେ ଯେ ଗାନ୍ଧିଜୀଙ୍କ ବହୁ ପୂର୍ବରୁ ବୈଷ୍ଣବପାଣି ଜାତିଭେଦ, ନିଶାସେବନ ଓ ବିଦେଶୀ ଜିନିଷ ବ୍ୟବହାର ବିରୁଦ୍ଧରେ ତାଙ୍କ ସାହିତ୍ୟ ମାଧ୍ୟମରେ ସ୍ୱରଉତ୍ତୋଳନ କରିଯାଇଛନ୍ତି । ମୁଖ୍ୟଅତିଥି ରାଜ୍ୟସଭା ସଦସ୍ୟା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ କହିଲେ, ଜଣେ ଜାଗ୍ରତ ପ୍ରହରୀ ଭାବେ ବୈଷ୍ଣବପାଣି ଓଡ଼ିଶାର ନବଜାଗରଣ ସମୟରେ ମନୋରଞ୍ଜନ ମାଧ୍ୟମରେ ସାହିତ୍ୟ ସୃଷ୍ଟି କରି ଗଭୀର ଦେଶାତ୍ମବୋଧର ପରିଚୟ ଦେଇଛନ୍ତି । ଉତ୍ସବ ଶେଷରେ ଗୀତିନାଟ୍ୟ ପରିବେଷିତ ହୋଇଥିଲା । ଝୁମର ସାହିତ୍ୟ ଗବେଷକ ରାଇରଙ୍ଗପୁରର ଅଧ୍ୟାପକ ଲଳିତ କୁମାର ମହାନ୍ତି କହିଥିଲେ ଯେ ବୈଷ୍ଣବପାଣି ଆଦିବାସୀ ଅଞ୍ଚଳର ଲୋକସଂଗୀତର ସ୍ୱରକୁ ତାଙ୍କ ଗୀତିନାଟ୍ୟରେ ଗ୍ରହଣ କରିବା ଦ୍ୱାରା ଆଦିବାସୀମାନଙ୍କ ଅତିପ୍ରିୟ ହୋଇ ପାରିଛନ୍ତି । ଢେଙ୍କାନାଳ ମହିଳା କଂଗ୍ରେସ ନେତ୍ରୀ ଶାନ୍ତାବାଳା ଜି ଜୟନ୍ତୀ କାର୍ଯ୍ୟକ୍ରମର ଭୂରିପ୍ରଶଂସା କରିଥିଲେ ।

ନଭେମ୍ବର ମାସ ୧ ତାରିଖରେ ବାଲିପଡା ଶ୍ରୀଧର କୁଅଁର ହାଇସ୍କୁଲ ପରିସରରେ ଅନୁଷ୍ଠିତ ଅଷ୍ଟମ ଦିବସ କାର୍ଯ୍ୟକ୍ରମରେ ଅଧ୍ୟାପକ ଦାଶରଥି ସ୍ୱାଇଁ ଓ ଶ୍ରୀ ପ୍ରଫୁଲ୍ଲ କୁମାର ସିଂ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ବରେଣ୍ୟ ଅତିଥି ଭାବେ ଅଧ୍ୟାପକ ବିଶ୍ୱରଞ୍ଜନ, ଅଧ୍ୟାପକ ହୃଷିକେଶ ମଲ୍ଲିକ, ବିଶିଷ୍ଟ କଳାକାର ପ୍ରଫୁଲ୍ଲ ଶାସ୍ତ୍ରୀ, ଡଃ ନିତ୍ୟାନନ୍ଦ ମିଶ୍ର, ଅଧ୍ୟାପକ ଦାଶରଥି ସ୍ୱାଇଁ, ଅଧ୍ୟାପକ ଲଳିତ ମହାନ୍ତି ପ୍ରମୁଖ କହିଥିଲେ ଯେ ବୟସ, ଶ୍ରେଣୀ ନିର୍ବିଶେଷରେ ବୈଷ୍ଣବ ପାଣି ଜଣେ ଶ୍ରେଷ୍ଠ କବିର ସମ୍ମାନ ପାଉଛନ୍ତି । ମୁଖ୍ୟ ଅତିଥି ଆଇନମନ୍ତ୍ରୀ ରଘୁନାଥ ପଟ୍ଟନାୟକ କହିଲେ ଯେ କବି ଜାତିପ୍ରଥା ବିରୁଦ୍ଧରେ ତୀବ୍ର ସ୍ୱରଉତ୍ତୋଳନ କରିବା ସଂଗେ ସଂଗେ ଯୁବକମାନଙ୍କୁ ଚାକିରୀ ପଛରେ ନ ଗୋଡାଇ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଇଥିଲେ ।

ନଭେମ୍ବର ୨ ତାରିଖ ସନ୍ଧ୍ୟାରେ କବିଙ୍କର ସାଧନା ପୀଠ ନୂଆଗଁଠାରେ ଆୟୋଜିତ ନବମ ଦିବସ ସାହିତ୍ୟ ଆସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୈଷ୍ଣବ ପାଣିଙ୍କୁ ଜଣେ କାଳଜୟୀ ସାହିତ୍ୟ ସାଧକ ଏବଂ ଏକାଧାରରେ ଜଣେ କବି, ଗୀତିକାର, ନାଟ୍ୟକାର, ସମାଜ ସଂସ୍କାରକ, ସମାଲୋଚକ ଓ ସ୍ୱାଧୀନତା ସଂଗ୍ରାମୀ ବୋଲି ବର୍ଣ୍ଣନା କରିଥିଲେ । ତତ୍କାଳୀନ ସମାଜରେ ପ୍ରଚଳିତ ଜାତିପ୍ରଥା, ଅସ୍ପୃଶ୍ୟତା, ଅନ୍ଧ ବିଶ୍ୱାସ ସଂପର୍କରେ ଲେଖନୀ ମାଧ୍ୟମରେ ସ୍ୱର ଉତ୍ତୋଳନ କରି ସେ ଜନଜାଗରଣ ସୃଷ୍ଟି କରିପାରିଥିଲେ ବୋଲି ଶ୍ରୀ ବିଶ୍ୱାଳ କହିଥିଲେ ।

ସାଂସଦ ଶ୍ରୀ ସୌମ୍ୟରଞ୍ଜନ ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ବୈଷ୍ଣବ ପାଣିଙ୍କ ନାମରେ ଡାକ ଟିକଟ ପ୍ରଚଳନ ଓ ସର୍ବଭାରତୀୟ ସ୍ତରରେ ବୈଷ୍ଣବ ପାଣିଙ୍କ ସାହିତ୍ୟ, କାବ୍ୟ କବିତା, ଗୀତିନାଟ୍ୟ ଇତ୍ୟାଦିର ପ୍ରଚାର ତଥା ପ୍ରସାର ନିମନ୍ତେ ଏକ ଟି.ଭି.ସିରିଏଲ୍ ପ୍ରସ୍ତୁତି ନିମନ୍ତେ ଉଦ୍ୟମ କରିବେ ବୋଲି କହିଥିଲେ ।

ସ୍ମୃତି ସଂସଦର ସଭାପତି ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସେକ୍ ମତଲୁବ୍ ଅଲ୍ଲୀ ପୌରୋହିତ୍ୟ କରି ଗଣକବିଙ୍କର ସାହିତ୍ୟ କୃତିର ବ୍ୟାପକ ପ୍ରଚାର ଓ ପ୍ରସାର କରି ଲୋକପ୍ରିୟ କରିବା ଉପରେ ଗୁରୁତ୍ୱ ଆରୋପ କରିବା ସଂଗେ ସଂଗେ ସ୍ମୃତି ସମିତିର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଶ୍ରୀ ଡଃ କାଳିକେଶ୍ୱର ସାହୁ, ସାମ୍ବାଦିକ ଶ୍ରୀ ଅରୁଣ କୁମାର ପଣ୍ଡା ସାହିତ୍ୟିକ ଶ୍ରୀ ରତ୍ନାକର ବର, ଶ୍ରୀ ଖଗେନ୍ଦ୍ର ମଲ୍ଲିକ, ଶ୍ରୀ ଜଗନ୍ନାଥ ମିଶ୍ର, ଡଃ ଯୁଧିଷ୍ଠିର ଖଟୁଆ, ଶ୍ରୀ ଆଲୋକ କାନୁନ୍‌ଗୋ, ଶ୍ରୀ କୁନମଣି ମହାପାତ୍ର, ଶ୍ରୀ ଦୁର୍ଗାଦତ୍ତ ସିଂହ, ଶ୍ରୀ କିଶୋର ପଟ୍ଟନାୟକ ଓ ଅଧ୍ୟକ୍ଷ ଶ୍ରୀ ଚିଦ୍ରାନନ୍ଦ ତ୍ରିପାଠୀ ପ୍ରମୁଖ ବୈଷ୍ଣବ ପାଣିଙ୍କ ଜୀବନୀ ତଥା ତାଙ୍କର ସାହିତ୍ୟକୃତି ସମ୍ପର୍କରେ ଆଲୋଚନା କରିଥିଲେ ।

ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱାଳ ସେଠାରେ ଗଣକବି ବୈଷ୍ଣବପାଣି ସ୍ମୃତି ଭବନର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ ।

୩ ତାରିଖ ସନ୍ଧ୍ୟାରେ ନୂଆଗଁ ହାଇସ୍କୁଲଠାରେ ଅନୁଷ୍ଠିତ ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥିଭାବରେ ଯୋଗ ଦେଇ ସୂଚନା ଓ ଲୋକ ସମ୍ପର୍କ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ଗଣକବି ସାମାଜିକ ମୂଲ୍ୟବୋଧର ପ୍ରତୀକ ଥିଲେ ବୋଲି ମତବ୍ୟକ୍ତ କରିଥିଲେ । ଗଣକବି କୁସଂସ୍କାର, ଜାତିପ୍ରଥା ଓ ସ୍ୱାଧୀନତା ଆନ୍ଦୋଳନର ବାର୍ତ୍ତାକୁ ନିଜ ସୃଷ୍ଟି ମାଧ୍ୟମରେ ପ୍ରଚାର କରି ଜଣେ ଅତ୍ୟନ୍ତ ଲୋକପ୍ରିୟ ଗୀତିନାଟ୍ୟକାର ଓ କବି ଭାବରେ ଆତ୍ମ ପ୍ରତିଷ୍ଠା ଲାଭ କରିପାରିଛନ୍ତି ବୋଲି କହିଥିଲେ ।

ଏହି ଉତ୍ସବରେ ପୌରୋହିତ୍ୟ କରି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସେକ୍ ମତଲୁବ୍ ଅଲ୍ଲୀ ଗଣକବି ଓଡିଆ ଯାତ୍ରା ସାହିତ୍ୟର ମୁକୁଟ ବିହୀନ ସମ୍ରାଟ ବୋଲି ଉଲ୍ଲେଖ କରି ତାଙ୍କ କୃତିର ବିଭିନ୍ନ ଦିଗର ଆଲୋଚନା କରିଥିଲେ ।

ସମ୍ମାନିତ ଅତିଥି ବିଧାୟକ ଶ୍ରୀ ପ୍ରସାଦ ହରିଚନ୍ଦନ, ସଂଗୀତ ନିର୍ଦ୍ଦେଶକ ତଥା ଅଭିନେତା ଶ୍ରୀ ସ୍ୱରୂପ ନାୟକ, ପ୍ରଫେସର ଡଃ ଗଣେଶ୍ୱର ମିଶ୍ର, ବିଶିଷ୍ଟ କଥାକାର ଶ୍ରୀ ଗୌରହରି ଦାସ, ଉତ୍କଳ ପ୍ରସଙ୍ଗର ସଂପାଦକ ଶ୍ରୀ ମହେଶ୍ୱର ମୂଳିଆ, ଅଧ୍ୟାପକ ବିଜୟାନନ୍ଦ ସିଂହ, ଗବେଷକ ଶ୍ରୀ ଗଣେଶ ପ୍ରସାଦ ପରିଡ଼ା, ଅଧ୍ୟାପକ ଶ୍ରୀ ଲଳିତ କୁମାର ମାହୁନ୍ତ, ଆକାଶବାଣୀର କାର୍ଯ୍ୟକ୍ରମ ନିଷ୍ପାଦକ ଶ୍ରୀ ପ୍ୟାରୀମୋହନ ମହାନ୍ତି, ଶ୍ରୀ ସନ୍ତୋଷ କୁମାର ବଳ, ସାମ୍ବାଦିକ ଶ୍ରୀ ଶୁରେନ୍ଦ୍ର ବର୍ମା ପ୍ରମୁଖ ଗଣକବିଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅଧ୍ୟାପକ ଶ୍ରୀ ପର୍ଶୁରାମ ସ୍ୱାଇଁ ସ୍ୱରଚିତ କବିତା ପାଠ କରିଥିଲେ ।

ଏହି ଉଦ୍‌ଯାପନ ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ମନ୍ତ୍ରୀ ଶ୍ରୀ ମଲ୍ଲିକ ଓ ଶ୍ରୀ ଅଲୀ ସିଲ୍ଡ, କପ୍, ସାର୍ଟିଫିକେଟ୍ ବଣ୍ଟନ କରିଥିଲେ ।

କଲେଜସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସନ୍ତୋଷ ବଳ, ସାଲେପୁର କଲେଜ, ଦ୍ୱିତୀୟ ଅଶୋକ ରାଉତ, ବାଣୀବିହାର, ୩ୟ ଦୁର୍ଗାଦତ୍ତ ନାୟକ, ମହାଙ୍ଗା ପୁଷ୍ପଗିରି କଲେଜ, ଗୀତା ବିଶ୍ୱାଳ, ପଥରାଜପୁର ମହିଳା କଲେଜ, ସ୍କୁଲ ବିଭାଗ ପ୍ରତିଯୋଗିତାରେ ପ୍ରଭାସିନୀ ଜେନା ପ୍ରଥମ ଜୟନ୍ତୀ ଦେବୀ ହାଇସ୍କୁଲ, ଦ୍ୱିତୀୟ ପ୍ରତାପ ଜେନା, ରାମଚନ୍ଦ୍ରପୁର ସ୍କୁଲ, ତୃତୀୟ ଦେବସ୍ମିତା ପ୍ରଧାନ, ଏରକଣା ସତ୍ୟସାଇ ସ୍କୁଲ । ସଂଗୀତରେ ପ୍ରଥମ ଦମୟନ୍ତୀ ପୁରାଣ, ନୂତାଙ୍ଗ ସ୍କୁଲ, ଦ୍ୱିତୀୟ ରଶ୍ମିତା ନାୟକ, ନୂତାଙ୍ଗ ଏମ.ଇ. ସ୍କୁଲ, ତୃତୀୟ ଆଶୁତୋଷ ସିଂ ଚାହାପୋଡା ସ୍କୁଲ; ସ୍କୁଲ ସ୍ତରୀୟ ଗୀତିନାଟ୍ୟ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ଗଣକବି ସ୍ମୃତି ଫଳକ ଏରକଣା ହାଇସ୍କୁଲ, ଦ୍ୱିତୀୟ କସ୍ତୁରବା ମାହାଙ୍ଗା ହାଇସ୍କୁଲ, ଗୋକନ, ୩ୟ ବଣହରା ହାଇସ୍କୁଲ ପାଇଥିଲେ । ଶ୍ରେଷ୍ଠ ଅଭିନୟ ପାଇଁ ପ୍ରଥମ ରଶ୍ମିତା ପ୍ରଧାନ, ଦ୍ୱିତୀୟ ମମତା ଗୋଚ୍ଛାୟତ ଓ ୩ୟ ଚିନ୍ମୟୀ ବରାଳ, ଫାର୍ସରେ ପ୍ରଥମ ପୁରସ୍କାର ସ୍ୱରୂପ ବାଲିଗୋଡ଼, ଶ୍ରୀଧର କୁଅଁର ହାଇସ୍କୁଲ ଆଚାର୍ଯ୍ୟ ପ୍ୟାରୀମୋହନ ଫଳକ ଲାଭ କରିଥିଲେ । କ୍ଲବସ୍ତରୀୟ ଗୀତିନାଟ୍ୟ ପ୍ରତିଯୋଗିତାରେ ୧ମ ହୋଇ ଆଦି ନାଟ୍ୟକାର ଜଗନ୍‌ମୋହନ୍ ଲାଲା ସ୍ମୃତି ଫଳକ ନୂତାଙ୍ଗ ମହାବୀର ସାଂସ୍କୃତିକ ସଂସଦ, ୨ୟ ଯୁଗଜ୍ୟୋତି ସଂସଦ, ଦୁହୁଣ୍ଡା, ୩ୟ ଜୀବନ ଜ୍ୟୋତି କ୍ଲବ, ମଣିଯୋରୀ, ଶ୍ରେଷ୍ଠ ଅଭିନୟରେ ୧ମ ରଶ୍ମିରେଖା ଦାସ, ଏରକଣା ଶିଳ୍ପୀଗୁରୁ ବିଦ୍ୟାଧର ବର୍ମା ସ୍ମୃତି ଫଳକ, ୨ୟ କିଶୋର ଚନ୍ଦ୍ର ଦାସ, କୋଠପଦା, ୩ୟ ରମେଶ ଚନ୍ଦ୍ର ନାୟକ, ଗୋଠପଡ଼ା, ଫାର୍ସରେ ୧ମ ହୋଇ ବାଗ୍ମୀ ବିଶ୍ୱନାଥ ଫଳକ ଭବକୁମାର ଜେନା ଓ ନେତ୍ରାନନ୍ଦ ଜେନା ପାଇଥିଲେ ।

୫ ତାରିଖରେ ଓଡିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ଗଣକବି ଜୟନ୍ତୀ ଉତ୍ସବ ମନ୍ତ୍ରୀ ଶ୍ରୀ ମତଲୁବ୍ ଅଲ୍ଲୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବରେଣ୍ୟ ଅତିଥି ଭାବେ ଜଷ୍ଟିସ୍ ଦେବେନ୍ଦ୍ର ମୋହନ ପଟ୍ଟନାୟକ, ପ୍ରଫେସର୍ ପରାଣି ପଟ୍ଟନାୟକ, ଡଃ ରତ୍ନାକର ଚଇନି, ଡଃ ବିଚିତ୍ରାନନ୍ଦ ମହାନ୍ତି ଓ ଡଃ ସୁଲୋଚନା ଦାସ ଯୋଗ ଦେଇଥିଲେ । ଏହି ୧୪ ଦିନ ବ୍ୟାପୀ ଜୟନ୍ତୀ ସମାରୋହକୁ ସ୍ମୃତି ସଂସଦର କର୍ମକର୍ତ୍ତା ଶ୍ରୀ ଶୁରେନ୍ଦ୍ର ବର୍ମା କୁଳମଣି ବରାଳ, ରବୀନ୍ଦ୍ର ସାହୁ, ଡଃ ବିଜୟ ସିଂ ଓ ପ୍ରବୀଣ କାନୁନ୍‌ଗୋ ପରିଚାଳନା କରିଥିଲେ ।

ଜୟନ୍ତୀ ସମାରୋହରେ ପାଣି ସାହିତ୍ୟ ଆଲୋଚନା ଶେଷରେ ପ୍ରତ୍ୟହ ତିନୋଟି ଗୀତିନାଟ୍ୟଦଳ ରାତିସାରା ଗୀତିନାଟ୍ୟ ପରିବେଷଣ କରିଥିଲେ । ସର୍ବମୋଟ ୩୦ଟି ଗୀତିନାଟ୍ୟଦଳ ପ୍ରତିଯୋଗିତାରେ ଭାଗ ନେଇଥିଲେ ।

ରାଜୀବଗିତା ଲେବର କଲୋନି
କଟକ - ୧



ରାଜ୍ୟପାଳ ଶ୍ରୀ ଗୋପାଳ ରାମାନୁଜମ ବୀରକିଶୋର ଗ୍ରନ୍ଥାବଳୀ ଉନ୍ମୋଚନ କରୁଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ, ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ଓ ଶିକ୍ଷା ମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକ ଉପସ୍ଥିତ ଅଛନ୍ତି

# ଜାତିସ୍ମର ରାଧାନାଥ

ଶ୍ରୀ ଦୁର୍ଗାଚରଣ ଷଡଙ୍ଗୀ

ହସ କାନ୍ଦର ମଣିଷ ଛାତିରେ,
ହଠାତ୍ ଯେତେବେଳେ ସବାର ହୋଇଯାଏ ଦୁଃଖ ।
ନିରନ୍ନ କଂକାଳ ପେଟରେ ଯେତେବେଳେ
ଚରିଯାଏ ସର୍ବଗ୍ରାସୀ ଶୋକ,
ମହାମାରୀ, ବାତ୍ୟା ଓ ବନ୍ୟାର କରାଳ ପ୍ରକୋପରେ
ଯେତେବେଳେ ଉବୁଟୁବୁ ହୋଇଯାଏ ମୋ'ପ୍ରିୟ ଭୂଖଣ୍ଡ ।
ସେତେବେଳେ ତୁମକଥା ମନେ ପଡ଼େ,
ବେଶୀ ମନେ ପଡ଼େ ତୁମ ଆପଣା ପଣର କଥା ।
ତୁମ କରୁଣା ହୃଦର ତୀବ୍ର ନିବିଡ଼ତା ।
ଛାତିରେ ଅସୁମାରୀ ଦୁଃଖ ନେଇ ତୁମେ
ବୁଲୁଥାଅ ସାରାଦିନ ।
ଆର୍ତ୍ତ ମଣିଷର ଲୁଣ୍ଠିତ ପଞ୍ଜରାତଳେ
ଆଖିରୁ ମାଟି ଚୁମୁଥାଏ ତୁମର ବୁନ୍ଦା ବୁନ୍ଦା ଲୁହ ।
'ଆହା' ବୋଲି ତୁମ ଆକୁଳ ଦୀର୍ଘଶ୍ୱାସରେ
ଥରି ଉଠୁଥାଏ ଈଶ୍ୱରର ବଜ୍ର ଛାତି ।
କେବଳ ଅନୁଭବି ହିଁ ଜାଣେ,
କେତେ ଦୁଃଖଦ
କେତେ ବ୍ୟାକୁଳ
ସେଇ ହତଭାଗ୍ୟ ମଣିଷଙ୍କୁ ଭଲପାଇବାର ସ୍ମୃତି ।
ଏବେ ଆମ ଗାଁ ଯେତେବେଳେ ମିଶେଇ ଦିଏ
ତା' ଦେହ ନଈର ଛାତିରେ,
ନିରିମାଖି ମା ଯେତେବେଳେ ରୁଗଣ୍ ପୁଅର ମୁହଁକୁ ନିରେଖି
ଲୁହ ପୋଛୁଥାଏ କାନିରେ,
ରାଜନୀତିର ପଶା ପାଲିରେ ଅସହାୟ ମଣିଷ
ଯେତେବେଳେ ସନ୍ତ୍ରସ୍ତ ଧାଇଁ ଆସୁଥାଏ
ଆଉ କାହା ପାଖକୁ,
ଟିକିଏ ବିଚାର ପାଇଁ
ଟିକିଏ ଦରଦ ପାଇଁ
ସେତେବେଳେ ତୁମେ ମନେପଡ଼, ଖୁବ୍ ମନେ ପଡ଼ ।
ବର୍ଷ ବର୍ଷର ଉନିଦ୍ର ତପସ୍ୟାରେ
ମହାମାନବଙ୍କର ଅମୃତ ପ୍ରାଣପାତରେ
ତୁମେ ଧରେଇ ଦେଇଗଲ ଯେଉଁ ଅଖଣ୍ଡ
ସ୍ୱାଧୀନତା ଆମକୁ,
ଏଇ ରକ୍ତ ପିପାସୁ ବଂଶଧରଙ୍କୁ,
ଠିକ୍ ମାଙ୍କଡ଼ ହାତରେ ଶାଳଗ୍ରାମ ଧରେଇ ଦେବାପରି ।
ଏବେ ଦେଖ ଭାଇଭାଗରେ ବିଭାଜିତ
ତୁମର ପ୍ରିୟ ଅଖଣ୍ଡ ଦେଶ ।
ଭାଷାରେ ଭାଷାର ବାଡ଼,
ବେଡ଼ି ଉପରେ କୋରଡ଼ାର ମାଡ଼ ।
ନହୁ ନୁହାଣ ପବିତ୍ର ମାଟି
ସର୍ବଗ୍ରାସୀ ମଣିଷର ଆଁ ତଳେ
ବିପନ୍ନ ସ୍ୱାଧୀନତା, ଚରିଯାଏ ବ୍ୟାକୁଳ ବିପତ୍ତି ।
ସାରା ଆକାଶ ଯେତେବେଳେ
ଶୋଇଯାଏ ଅଟିଆରେ, ତାରାଙ୍କ ମେଳରେ
ନିସ୍ତବ୍ଧ ହୁଏ କୋଳାହଳ
ଚୁପ୍ ହୋଇଯାଏ ସହରର ପାଦଚଲା ରାସ୍ତା,
ତୁମେ ସେତିକି ବେଳେ, ଜାଗି ଉଠ ନିଦରୁ
ଛାଡ଼ି ଆସିଥିବା ସ୍ୱପ୍ନ ସବୁଙ୍କୁ ସାଉଁଟି ସାଉଁଟି
ଲୁହ ଢାଳ
ଠିକ୍ ଗୋଟେ ଛୋଟ ପିଲାପରି ।
ଦୁଃସ୍ଥ ମଣିଷର ଅସହାୟତାରେ
ଥରି ଯାଉଛି ମାଟିର ଆତ୍ମା
ଟିକିଏ ଆଶ୍ୱାସନାର ସ୍ୱାଦରେ
ମଣିଷ ଚାହୁଁଛି ପଦିଏ ଦରଦୀ କଥା ।
ସେଇଥି ପାଇଁ ତୁମକୁ,
ପୁଣି ଫେରି ଆସିବାକୁ ହେବ ମଞ୍ଚକୁ
ସ୍ୱପ୍ନରେ ନିଦ ଯାଇଥିବା ଏ ଜାତିକୁ
ଉଠାଇବାକୁ ହେବ ଆଉ ଥରେ,
ବଜ୍ର ଘୋଷରେ ।
ଆମେ ସ୍ୱାଗତ କରୁ ସେଇ ସୁବର୍ଣ୍ଣ ସକାଳର
ଆଉ ଏକ ଶତାବ୍ଦୀର ଆୟୁଷ ନେଇ
ତୁମେ ନେତୃତ୍ୱ ନିଅ ଏ ଜାତିର ।
ଏକ ତେଜୋଦୀପ୍ତ ଜାତିସ୍ମର ପରି ଉଜ୍ଜ୍ୱଳ ଦିଅ,
ପଥହରା ମଣିଷର ଚେତନା ଆକାଶ ।

କ୍ୱାଟର ନଂ ଭ/୨ ଆର.ଏମ.ଆର.ସି କମ୍ପାଉଣ୍ଡ
ଚନ୍ଦ୍ରଶେଖରପୁର -୧୬, ଭୁବନେଶ୍ୱର

# ଗଙ୍ଗାପୁତ୍ର ବାବୁଜୀ

ଶ୍ରୀମତୀ ନିରୁପମା ବର୍ମା

ଯୁଗ ଚେତନାର ରଥ ବାହି
ଏକ ଶତ ବର୍ଷ ଟପି
ନିର୍ବିକାର, ନିରଳସ କର୍ମଧାରେ
ଆଗେଇ ଚାଲିଛି ସତେ
ନୀତିନିଷ୍ଠ ସରଳ ମଣିଷଟିଏ ।

ଗୋପବନ୍ଧୁ ଭବନର ଦିବ୍ୟ,
ତନ୍ମୟ ପୁରୁଷ ତୁମେ
ସାଧନାର ସିଦ୍ଧ ଉପବନେ
'ସମାଜ' ଓ ସାମାଜିକ ଜୀବନକୁ
କରିଅଛ ସରସ ସୁନ୍ଦର ।

ଯୋଗଜନ୍ମା ପଦ୍ମଭୂଷଣ ହେ !
ନିନ୍ଦା ଓ ସ୍ତୁତିର ଉର୍ଦ୍ଧ୍ୱେ ରହି
ଜ୍ୱାଳାମୁଖୀ ହୋଇଅଛ
ଦୁର୍ନୀତି, ଭ୍ରଷ୍ଟାଚାର,
ଅନ୍ୟାୟ ଅତ୍ୟାଚାର, ଉତ୍ପୀଡ଼ନର
ବୀଜ ଉତ୍ପାଟନେ ।

ଏଣୁଟି, ଏ ଦେଶର ଉଜ୍ଜ୍ୱଳ ଭବିଷ୍ୟ
ତୁମେ ସତେ ଗଙ୍ଗାପୁତ୍ର
ଘେନ ମୋର ବିନମ୍ର ପ୍ରଣତି
ଜୀବନ ପ୍ରଦୀପ ତବ ଉଦ୍ଭାସିତ
କରୁଥାଉ ସକଳ ଜଗତ ।

ରାଣୀ ବଗିଚା ଲେବର କଲୋନୀ,
ସି/୧୨, କଟକ - ୯

# ଓଡ଼ିଶାରେ ବିଦେଶୀ ପୁଞ୍ଜି ନିବେଶ କାର୍ଯ୍ୟକ୍ରମରେ ଅଗ୍ରଗତି

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ନିକଟରେ ଦକ୍ଷିଣ-ପୂର୍ବ ଏସିଆର କେତେକ ଦେଶ ଗସ୍ତ କଲାବେଳେ ଜାପାନ, ଦକ୍ଷିଣ କୋରିଆ, ଥାଇଲାଣ୍ଡ, ହଂକଂ ଓ ସିଙ୍ଗାପୁର ପ୍ରଭୃତି ଦେଶର କେତେକ ପ୍ରମୁଖ କମ୍ପାନୀଙ୍କ ସହିତ ଓଡ଼ିଶାରେ ପୁଞ୍ଜି ଲଗାଇବାପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହି କମ୍ପାନୀର ପ୍ରତିନିଧିମାନେ ସ୍ୱାକ୍ଷରିତ ବୁଝାମଣାପତ୍ରଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ପରିଦର୍ଶନରେ ଆସୁଥିବା ବେଶ୍ ଉତ୍ସାହଜନକ ।

ଏଲ୍‌ଜି ଇଣ୍ଟରନେସ୍‌ନାଲ କର୍ପୋରେସନର ନୂତନ ବ୍ୟବସାୟ ଶାଖାର ଜେନେରାଲ ମ୍ୟାନେଜର ମିଃ ସୁଂଗ୍ ଗନ୍ ଲି ଗତ ନଭେମ୍ବର ୬ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ରାଜ୍ୟ ସରକାରଙ୍କ ଉଚ୍ଚପଦସ୍ଥ ଅଫିସରମାନଙ୍କ ସହିତ ଦକ୍ଷିଣକୋରିଆରେ ଗତ ୨୩ ଓ ୨୪ ଅକ୍ଟୋବରରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିପତ୍ରକୁ ବାସ୍ତବ ରୂପରେଖ ଦେବା ସମ୍ପର୍କରେ ଆଲୋଚନା କରିଥିବଲେ । ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟୋଗରେ ଥିବା ନୀଳାଚଳ ଇସ୍ପାତ ନିଗମରେ ପୁଞ୍ଜି ଖଟାଇବାପାଇଁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ପ୍ରତିନିଧି ଦଳ ଏଲ୍‌ଜି ଇଣ୍ଟନେସନାଲ ସହ କଥାବାର୍ତ୍ତା କରିଥିଲେ । ମିଃ ଲିଂଙ୍କ କମ୍ପାନୀ ନୀଳାଚଳ ଇସ୍ପାତ ନିଗମରେ ୯୦ କୋଟି ଟଙ୍କା ଅଂଶଧନ ଖଟାଇବା ନିମନ୍ତେ ଆଗ୍ରହ ପ୍ରକାଶ କରିଛନ୍ତି ।

କଳାହାଣ୍ଡି କିମ୍ବା ରାୟଗଡା ଜିଲ୍ଲାରେ ଆଲୁମିନା ବିଶୋଧନ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ନିର୍ମାଣରେ ଓଡ଼ିଶା ଖଣି ନିଗମ ସହ ଏଲ୍‌ଜି ଇଣ୍ଟରନେସନାଲ ମିଳିତ ଉଦ୍ୟୋଗରେ ଭାଗ ନେବ ବୋଲି ମିଃ ଲି ରାଜି ହୋଇଛନ୍ତି । ପରେ ଏହି ପ୍ରକଳ୍ପ ସହ ଏକ ଆଲୁମିନିୟମ ସ୍ମେଲ୍‌ଟର ସଂଯୁକ୍ତ କରାଯାଇପାରିବ ।

ପୃଥିବୀର ତୃତୀୟ ବୃହତ୍ତମ କମ୍ପାନୀ ଜାପାନର ଇଟୋଚୁ କର୍ପୋରେସନ ସହିତ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଦଳ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ କରିଥିଲେ । ଏହି କର୍ପୋରେସନର ପ୍ରେସିଡେଣ୍ଟ ଏକ ଉଚ୍ଚସ୍ତରୀୟ ଦଳ ଓଡ଼ିଶାକୁ ପଠାଇ ଭିତ୍ତିଭୂମିର ବିକାଶ, କୃଷି ପ୍ରକ୍ରିୟାକରଣ, ପେଟ୍ରୋକେମିକାଲ, ମାଛଚାଷ, ପରିବହନ ଓ ବଣ୍ଟନ ବ୍ୟବସ୍ଥାର ଉନ୍ନତି ଆଦି କ୍ଷେତ୍ରରେ ସ୍ୱାକ୍ଷରିତ ହୋଇଥିବା ବୁଝାମଣାପତ୍ରକୁ ବାସ୍ତବ ରୂପରେଖ ଦେବା ସମ୍ପର୍କରେ କଥାବାର୍ତ୍ତା ଚଳାଇବେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ ନଭେମ୍ବର ୮ ତାରିଖ ଦିନ ଏକ ଫ୍ୟାକ୍ସ ବାର୍ତ୍ତା ଯୋଗେ ଜଣାଇ ଦେଇଛନ୍ତି ।

ଝାରସୁଗୁଡା ଜିଲ୍ଲାର ହିର୍ମାଠାରେ ଏକ ବଡ ଧରଣର ବିଦ୍ୟୁତ ପ୍ରକଳ୍ପ ବସାଇବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ହଂକଂରେ 'ସେପା' (କନ୍‌ସୋଲିଡେଟେଡ୍ ଇଲେକ୍ଟ୍ରିକ୍ ପାୱାର ଏସିଆ ଲିମିଟେଡ୍) କମ୍ପାନୀର ଏକଜିକ୍ୟୁଟିଭ ଚେୟାରମ୍ୟାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । ପାଣିକୋଇଲି ଓ ରାଜମୁଣ୍ଡା ମଧ୍ୟରେ ଏକ ଏକ୍ସପ୍ରେସ ହାଇୱେ ନିର୍ମାଣ କରିବା ସଂଗେ ସଂଗେ ଧାମରା ବନ୍ଦରର ବିକାଶ ପାଇଁ ସମ୍ଭାବ୍ୟ ରିପୋର୍ଟ ପ୍ରସ୍ତୁତ ପାଇଁ ମଧ୍ୟ 'ସେପା' ରାଜି ହୋଇଛି ।

ଭିତ୍ତିଭୂମି କ୍ଷେତରେ ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ହଂକଂର ପେରିଗ୍ରୀନ କମ୍ପାନୀ ସହିତ ମୁଖ୍ୟମନ୍ତ୍ରୀ ଓ ତାଙ୍କ ପ୍ରତିନିଧି ଦଳ ଆଲୋଚନା କରିଥିଲେ । ପେରିଗ୍ରୀନ୍‌ର ଶ୍ରୀ ରାଜେନ୍ଦ୍ର ମିଶ୍ର ଆଷ୍ଟ୍ରେଲିଆର ବି.ଟି. ଫଣ୍ଡସ ମ୍ୟାନେଜ୍‌ମେଣ୍ଟ ଲିମିଟେଡ୍‌ର ଏକ୍‌ଜିକ୍ୟୁଟିଭ ପ୍ରେସିଡେଣ୍ଟ ମିଃ ମାର୍କସ ପୋଡିଚଙ୍କ ସହ ଭୁବନେଶ୍ୱର ଆସି ଓଡ଼ିଶା ସରକାରଙ୍କ ସହ ଭିତ୍ତିଭୂମି କ୍ଷେତ୍ରରେ ଅର୍ଥ ଲଗାଣ ସମ୍ପର୍କରେ କଥାବାର୍ତ୍ତା କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ଅଷ୍ଟ୍ରେଲିଆର ଏହି କମ୍ପାନୀ ପୁଞ୍ଜି ପରିଚାଳନା କ୍ଷେତ୍ରରେ ଏକ ବୃହତ୍ତମ କମ୍ପାନୀ ଏବଂ ଏହା ଭାରତୀୟ ପ୍ରକଳ୍ପରେ ୧୦୦ କୋଟି ଡଲାର (୧ ବିଲିଅନ୍ ଡଲାର) ପୁଞ୍ଜି ଖଟାଇସାରିଛି । ମିଃ ମାର୍କସ ପୋଡିଚ୍ ନଭେମ୍ବର ୧୧ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଗ୍ରୀଡ୍‌କୋର ଅଧିକ କ୍ଷମତା ସମ୍ପନ୍ନ ପରିବହନ ଲାଇନ ପାଇଁ ଅର୍ଥ ଯୋଗାଇବାକୁ ରାଜି ହୋଇଛନ୍ତି ।

ଅକ୍ଟୋବର ୩୦ ୩୧ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ସିଙ୍ଗାପୁର ଗସ୍ତ ପରିପ୍ରେକ୍ଷୀରେ ସିଙ୍ଗାପୁରର ହାଇକମିଶନର ମାନ୍ୟବର ଅଙ୍ଗ କେଙ୍ଗ୍ ୱଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଏଠାରେ ଭେଟିଥିଲେ ।

ସିଙ୍ଗାପୁର ସରକାର ଓ ସେଠାକାର ଅନେକଗୁଡିଏ କମ୍ପାନୀ ଓଡିଶାରେ ପୁଂଜିନିବେଶ କରିବାକୁ ପ୍ରବଳ ଆଗ୍ରହୀ ବୋଲି ସେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ । ବିଶେଷକରି ଏଠାରେ ଉତ୍ପାଦିତ ଫଳ, ଫୁଲ ଓ ପନିପରିବା ସିଙ୍ଗାପୁରକୁ ପଠାଇବାପାଇଁ ଓଡିଶାରେ କ୍ଷେତ୍ରପ୍ରସ୍ତୁତ କରିବାକୁ ସିଙ୍ଗାପୁର ଆଗ୍ରହୀ ବୋଲି ସେ ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ । ୟୁରୋପ ଓ ଆମେରିକାରୁ ଏହିସବୁ ସାମଗ୍ରୀ ନ ଆଣି ଓଡିଶାରୁ ଆମଦାନୀ କରିବା ସେମାନଙ୍କ ପାଇଁ ଅଧିକ ସୁବିଧାଜନକ ଓ ଶସ୍ତା ହେବ ବୋଲି ସେ ଦର୍ଶାଇଥିଲେ ।

ଗୋପାଳପୁର ବନ୍ଦରକୁ ଏକ ବୃହତ୍ ଆନ୍ତର୍ଜାତିକ ବନ୍ଦରରେ ପରିଣତ କରିବା ପାଇଁ ସିଙ୍ଗାପୁରର ଇକ୍‌କୋ ଓ ସେଂବାଓ୍ୱାଂଗ କମ୍ପାନୀ ରାଜି ଅଛନ୍ତି ବୋଲି ସେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ ।

ଭୁବନେଶ୍ୱର ବିମାନବନ୍ଦର ଆନ୍ତର୍ଜାତିକ ବିମାନ ବନ୍ଦର ରୂପେ ଘୋଷିତ ହେଲେ ସିଙ୍ଗାପୁରକୁ ଏଠାକୁ ସିଧାସଳଖ ସ୍ୱତନ୍ତ୍ର ଅନୁମତି ପ୍ରାପ୍ତ (Chartered Flight) ବିମାନ ଯାତ୍ରାର ବ୍ୟବସ୍ଥା କରିବା ଦିଗରେ ସିଙ୍ଗାପୁର ସରକାର ଆଗ୍ରହ ପ୍ରକାଶ କରିଛନ୍ତି । ସିଙ୍ଗାପୁର ଭୁବନେଶ୍ୱର ମଧ୍ୟରେ ଘରୋଇ ବିମାନ ଚଳାଚଳ ମଧ୍ୟ ପର୍ଯ୍ୟଟନ ବିକାଶ ଦିଗରେ ସହାୟକ ହେବ । ଏବେ ଅଧିକାଂଶ ସିଙ୍ଗାପୁରବାସୀ ମରିସସ୍, ଆଫ୍ରିକା ଓ ୟୁରୋପ ପ୍ରଭୃତି ସୁଦୂର ସ୍ଥାନମାନଙ୍କରେ ସେମାନଙ୍କ ଛୁଟି କଟାଉଛନ୍ତି । ଟାଟା କମ୍ପାନୀର ସହଯୋଗିତାରେ ଭାରତର ବିଭିନ୍ନ ସହରଗୁଡିକୁ ବିମାନ ସଂଯୋଗ କରିବା ପାଇଁ ସିଙ୍ଗାପୁର ସରକାର ଭାରତ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି । ଏହି ପ୍ରସ୍ତାବକୁ ଶୀଘ୍ର ଅନୁମୋଦନ କରି ସିଙ୍ଗାପୁର ସହ ଓଡିଶାକୁ ବିମାନ ପଥରେ ସଂଯୁକ୍ତ କରିବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରିବେ ବୋଲି ସିଙ୍ଗାପୁର ହାଇକମିଶନରଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ।



ଜାତୀୟ ପୁରସ୍କାର ପ୍ରାପ୍ତ ଶ୍ରେଷ୍ଠ ଶିଶୁ ସାହିତ୍ୟ 'ମହତସହିବାଜନ' ପୁସ୍ତକକୁ
ଲେଖକ ଶ୍ରୀ ମାନସ ରଞ୍ଜନ ସାମଲ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ
ଶ୍ରୀ ସନ୍ତୋଷ କୁମାର ମିଶ୍ରଙ୍କୁ ପ୍ରଦାନ କରୁଛନ୍ତି

# ଚାଷୀମାନଙ୍କୁ ପର୍ଯ୍ୟାପ୍ତ ପ୍ରାମାଣିକ ବିହନ - ରିହାତି ଦରରେ ଯୋଗାଇ ଦିଆଯାଉଛି

- କୃଷି ରାଷ୍ଟ୍ରମନ୍ତ୍ରୀ ରମାକାନ୍ତ ମିଶ୍ର

ରାଜ୍ୟର ସମ୍ପ୍ରତି ସୃଷ୍ଟି ହୋଇଥିବା ଅଭୂତପୂର୍ବ ମରୁଡି ପରିସ୍ଥିତିର ମୁକାବିଲା ନିମନ୍ତେ ଆଗାମୀ ରବିଫସଲ ପାଇଁ ସମସ୍ତ ବ୍ଲକ୍‌କୁ ପର୍ଯ୍ୟାପ୍ତ ପରିମାଣର ପ୍ରାମାଣିକ ବିହନ ସ୍ୱତନ୍ତ୍ର ରିହାତି ଦରରେ ଯୋଗାଇ ଦିଆଯାଉଛି ବୋଲି କୃଷି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ରମାକାନ୍ତ ମିଶ୍ର ପ୍ରକାଶ କରିଛନ୍ତି ।

ଶ୍ରୀ ମିଶ୍ର କହିଛନ୍ତି ଯେ ମରୁଡି ଯୋଗୁଁ ରାଜ୍ୟର ପ୍ରାୟ ୨୮ ଟି ଜିଲ୍ଲାରେ ଧାନଫସଲ ଉଣା ଅଧିକେ କ୍ଷତିହୋଇଛି । ରାଜ୍ୟର ପ୍ରାୟ ୪୨ ଲକ୍ଷ ହେକ୍ଟର ଧାନଚାଷ ଜମି ମଧ୍ୟରୁ ୧୮ ଲକ୍ଷହେକ୍ଟର ଜମିରେ କମ୍ ବର୍ଷା ଯୋଗୁଁ ଶତକଡ଼ା ୨୫ ରୁ ୧୦୦ ଭାଗ ପର୍ଯ୍ୟନ୍ତ ଫସଲ କ୍ଷତିଗ୍ରସ୍ତ ହୋଇଛି ଏବଂ ୨ ଲକ୍ଷ ହେକ୍ଟର ଜମିରେ ଧାନ ଚାଷ ସମ୍ଭବ ହୋଇପାରିନାହିଁ ।

ପରିସ୍ଥିତିର ମୁକାବିଲା ନିମନ୍ତେ ରାଜ୍ୟ କୃଷି ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ମିଶ୍ର କହିଲେ ଯେ ସମ୍ପୂର୍ଣ୍ଣ କ୍ଷତି ହୋଇଥିବା ଧାନଜମିରେ ଶୀଘ୍ର ନିପାଣିଆ ରବି ଫସଲ, ଯଥା ମୁଗ, ବିରି, ବୁଟ ଓ ସୋରିଷ ବୁଣିବା ପାଇଁ ପର୍ଯ୍ୟାପ୍ତ ପରିମାଣ ପ୍ରାମାଣିକ ବିହନ ସ୍ୱତନ୍ତ୍ର ରିହାତି ଦରରେ ପ୍ରତି ବ୍ଲକ୍‌କୁ ଯୋଗାଇ ଦିଆଯାଉଛି । ଉପକୂଳବର୍ତ୍ତୀ ଅଞ୍ଚଳରେ ଅଧିକ ଜମିରେ ଚିନାବାଦାମ ଚାଷ କରିବା ନିମନ୍ତେ କିଲୋଗ୍ରାମ୍ ପ୍ରତି ୧୩ ଟଙ୍କା ଦରରେ ବିହନ ବ୍ଲକ୍ ସ୍ତରରେ ଚାଷୀମାନଙ୍କୁ ଯୋଗାଇ ଦିଆଯାଉଛି । ରାଜ୍ୟ ତୈଳବୀଜ ନିଗମକୁ ଏହି ସ୍ୱତନ୍ତ୍ର ରିହାତି ଦରରେ ସେମାନଙ୍କ ସଭ୍ୟ, ଅଣସଭ୍ୟମାନଙ୍କୁ ମଧ୍ୟ ବିହନ ଯୋଗାଇ ଦେବା ପାଇଁ ଅନୁମତି ଦିଆଯାଇଛି । କୃଷି ମନ୍ତ୍ରୀ ଆହୁରି କହିଲେ ଯେ ମରୁଡିଜନିତ ଧାନ ଫସଲ କ୍ଷତିର ଭରଣା କରିବା ନିମନ୍ତେ ରବିଋତୁରେ ୪୦ ହଜାରରୁ ଊର୍ଦ୍ଧ୍ୱ କୁଇଣ୍ଟାଲ୍ ଅଧିକ ଅମଳକ୍ଷମ ପ୍ରାମାଣିକ ଧାନ ବିହନ ରିହାତି ଦରରେ ଯୋଗାଇ ଦେବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି । କ୍ଷତିର କିସମ ଧାନ ଫସଲ ଅମଳ ପରେ ବିଲ ମଟର ଓ କୁସୁମୀ ଚାଷ ପାଇଁ ପ୍ରାମାଣିକ ବିହନ ରିହାତି ଦରରେ ଯୋଗାଇ ଦିଆଯିବା ସହିତ ଜଳସେଚିତ ଅଞ୍ଚଳରେ ହାଇବ୍ରିଡ୍ ଧାନଚାଷ ପାଇଁ ସଙ୍କରଜାତୀୟ ଧାନ ବିହନ କିଲୋଗ୍ରାମ୍ ପିଛା ୫୦ ଟଙ୍କା ରିହାତି ଦେବାର ବ୍ୟବସ୍ଥା କରାଯାଇଛି ।

ପନିପରିବା ଚାଷକୁ ବ୍ୟାପକ କରିବା ସହିତ ଏ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ଆମ କୃଷିନୀତିର ଅନ୍ୟତମ ଲକ୍ଷ୍ୟ ବୋଲି ସୂଚନା ଦେଇ ଶ୍ରୀ ମିଶ୍ର କହିଲେ ଯେ ପନିପରିବା ଚାଷ କରୁଥିବା ରାଜ୍ୟର ୫୦ ହଜାର ଚାଷୀଙ୍କୁ ଶତକଡ଼ା ୫୦ ଭାଗ ରିହାତି ଦରରେ ସଙ୍କର ବିହନ ଉଦ୍ୟାନ ବିଭାଗ ପକ୍ଷରୁ ଦିଆଯାଉଛି । ରାଜ୍ୟରେ ୫ ହଜାର ଚାଷୀଙ୍କୁ ନଦୀ ବାଲିରେ ଆଳୁଚାଷ ଓ ୨୫୦୦ ସାଧାରଣ ଆଳୁଚାଷୀଙ୍କୁ ଆଳୁଚାଷ ପାଇଁ ଶତକଡ଼ା ୫୦ଭାଗ ରିହାତି ଦରରେ ଦୁଇ କୁଇଣ୍ଟାଲ୍ ପର୍ଯ୍ୟନ୍ତ ଆଳୁ ବିହନ ଓ ପଶ୍ଚିମ ଓଡିଶାର ୫ ହଜାର ପିଆଜ ଚାଷୀଙ୍କୁ ୨ କେ.ଜି. ପର୍ଯ୍ୟନ୍ତ ପିଆଜ ମଞ୍ଜି କ୍ରୟ ଉପରେ ୫୦ ଭାଗ ରିହାତି ଉଦ୍ୟାନ ବିଭାଗ ପକ୍ଷରୁ ଦିଆଯାଉଥିବା ବିଷୟ ମନ୍ତ୍ରୀ ମିଶ୍ର ପ୍ରକାଶ କରିଥିଲେ । ସେ ଆହୁରି କହିଥିଲେ ଯେ ଜମିବାଡି ନଥିବା ୧୫ ହଜାର ଶ୍ରମିକ, ଯୁବଗୋଷ୍ଠୀ ଓ ମହିଳାମାନଙ୍କୁ ଘରେ ଛତୁଚାଷ କରିବାପାଇଁ ୫୦୦ ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ସାମଗ୍ରୀ ଉପରେ ରିହାତି ଦେବା ପାଇଁ ଉଦ୍ୟାନ ବିଭାଗ ମାଧ୍ୟମରେ ବ୍ୟବସ୍ଥା କରାଯାଉଛି ।

ଚାଷଜମିକୁ ଜଳସେଚନ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇ କୃଷିମନ୍ତ୍ରୀ ଶ୍ରୀ ମିଶ୍ର କହିଲେ, ଯେକୌଣସି ଜଳ ଉତ୍ସରୁ ଡିଜେଲ୍ ପମ୍ପ ଜରିଆରେ ପାଣି ଉଠାଇବା ନିମନ୍ତେ ଶତକଡ଼ା ୫୦ ଭାଗ ରିହାତି ଦରରେ ଡିଜେଲ୍ ପମ୍ପଗୁଡିକ ଯୋଗାଣ ପାଇଁ କୃଷି ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି ଏବଂ ଏ ବାବଦରେ ପ୍ରତ୍ୟେକ ଜିଲ୍ଲାକୁ ୨ ଲକ୍ଷ ଟଙ୍କା ଲେଖାଏଁ ଯୋଗାଇ ଦେବାର ବ୍ୟବସ୍ଥା କରାଯାଉଛି । ଏହା ବ୍ୟତୀତ ଚାଷ ଜମିରେ ନଳକୂପ ଖନନ କରି ସେଥିରେ ବିଦ୍ୟୁତ୍ ବା ଡିଜେଲ୍ ପମ୍ପ ସଂଯୋଗ କରି ଜଳସେଚନ ବ୍ୟବସ୍ଥା କଲେ ଏ ବାବଦରେ ହେଉଥିବା ସମସ୍ତ ଖର୍ଚ୍ଚର ଅର୍ଦ୍ଧେକ ବା ସର୍ବୋଚ୍ଚ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି କୃଷି ବିଭାଗ ଜରିଆରେ ଦିଆଯିବାର ବ୍ୟବସ୍ଥା କରାଯାଉଛି । ଏ ସମ୍ପର୍କରେ ବିଭିନ୍ନ ଜିଲ୍ଲା କୃଷି କାର୍ଯ୍ୟାଳୟ ସ୍ଥିତ କୃଷି ସହାୟକ କେନ୍ଦ୍ର ସହିତ ଯୋଗାଯୋଗ କରିବାକୁ ଶ୍ରୀ ମିଶ୍ର ଚାଷୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

ମନ୍ତ୍ରୀ ଶ୍ରୀ ମିଶ୍ର କହିଲେ ଯେ ରାଜ୍ୟର ସମସ୍ତ ଉଠାଜଳସେଚନ ପଏଣ୍ଟରୁ ଆଗାମୀ ରବିଋତୁ ପାଇଁ ଜଳସେଚନ ବ୍ୟବସ୍ଥା ଉପରେ ରାଜ୍ୟ ସରକାର ୫୦ ଭାଗ ରିହାତି ଘୋଷଣା କରିଛନ୍ତି । ଉଠା ଜଳସେଚନର ମରାମତି ଓ ନୂତନ ଉଠା ଜଳସେଚନ ପାଇଁ ସରକାର ୨୨୩.୧ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ବେଳେ କ୍ଷତିଗ୍ରସ୍ତ ଅଞ୍ଚଳରେ ଆଡିବନ୍ଧ ଇତ୍ୟାଦି ନିର୍ମାଣ ବାବଦରେ ୨୦୦ ଲକ୍ଷଟଙ୍କା ବ୍ୟୟ ବରାଦ କରାଯାଇଛି ବୋଲି ସେ ପ୍ରକାଶ କରିଥିଲେ ।

# ସମ୍ବାଦ ପରିକ୍ରମା

## ସାକ୍ଷରତା ହାର ବୃଦ୍ଧି ଦିଗରେ ସଚେତନତା ସୃଷ୍ଟି ହେବା ଆବଶ୍ୟକ

-ମୁଖ୍ୟମନ୍ତ୍ରୀ

ରାଜ୍ୟରେ ଆଦିବାସୀ ଓ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଲୋକମାନଙ୍କ ମଧ୍ୟରେ ବିଶେଷ କରି ମହିଳାମାନଙ୍କ ଭିତରେ ସାକ୍ଷରତା ହାର ବୃଦ୍ଧି କରିବା ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଛନ୍ତି ।

ଗତ ନଭେମ୍ବର ୧୨ ତାରିଖରେ ସ୍ଥାନୀୟ ହୋଟେଲ ସ୍ୱସ୍ତିଠାରେ ୟୁନେସ୍କୋର ଏସିଆ /ପ୍ରଶାନ୍ତ ମହାସାଗରୀୟ ସାଂସ୍କୃତିକ କେନ୍ଦ୍ର, ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର ଓ କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିକାଶ ବିଭାଗର ମିଳିତ ଆନୁକୂଲ୍ୟରେ ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଗାଁ ଗଣ୍ଡାରେ ବୟସ୍କ ଲୋକମାନଙ୍କ ପାଇଁ ସାକ୍ଷରତା ପରବର୍ତ୍ତୀ କାର୍ଯ୍ୟକ୍ରମରେ ଉପକରଣ ପ୍ରସ୍ତୁତ ସମ୍ପର୍କୀୟ ଚତୁର୍ଦ୍ଦଶ ଆଞ୍ଚଳିକ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କହିଲେ ଯେ, ଓଡିଶାର ଲୋକସଂଖ୍ୟାର ଶତକଡ଼ା ୩୮ ଭାଗ ଆଦିବାସୀ ଓ ପଛୁଆ ଜାତିର ଲୋକ ହୋଇଥିବାରୁ ସେମାନଙ୍କ ସାକ୍ଷରତା ବୃଦ୍ଧି ବିନା ରାଜ୍ୟର ସାକ୍ଷରତା ହାର ବୃଦ୍ଧି ସମ୍ଭବ ନୁହେଁ । ମହିଳାମାନଙ୍କ ମଧ୍ୟରେ ବହୁ ସଂଖ୍ୟାରେ ନିରକ୍ଷର ରହିଥିବାରୁ ସେମାନଙ୍କୁ ସାକ୍ଷର କରିବାପାଇଁ ସଙ୍ଗଠିତ ଉଦ୍ୟମ ହେବା ଦରକାର । ସ୍ୱାଧୀନତା ପରଠାରୁ ନିରକ୍ଷରତାର ସମ୍ପୂର୍ଣ୍ଣ ବିଲୋପ ପାଇଁ ସରକାରଙ୍କ ତରଫରୁ ନିଷ୍ଠାପର ପ୍ରଚେଷ୍ଟା ଅବ୍ୟାହତ ରହିଛି । ସଂପୂର୍ଣ୍ଣ ସାକ୍ଷରତାର ଲକ୍ଷ୍ୟ ହାସଲ ପାଇଁ ସରକାରଙ୍କ ଅଙ୍ଗୀକାରବଦ୍ଧତା ସମ୍ବନ୍ଧରେ ଉଲ୍ଲେଖ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ସରକାରଙ୍କ ଉଦ୍ୟମ ସହ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଏ ଦିଗରେ କାର୍ଯ୍ୟ କରିବାପାଇଁ ଆଗଭର ହେବା ଉଚିତ । ବହୁ ସଂଖ୍ୟାରେ ମହିଳା ସ୍ୱେଚ୍ଛାସେବୀମାନେ ଆଗେଇ ଆସିଲେ ମହିଳାମାନଙ୍କ ମଧ୍ୟରେ ସାକ୍ଷରତା ବୃଦ୍ଧି ପାଇବ ।

ହଜାର ହଜାର ବର୍ଷ ଧରି ଦକ୍ଷିଣ-ପୂର୍ବ ଏସିଆର ରାଷ୍ଟ୍ରମାନଙ୍କ ସହ ଆମ ରାଜ୍ୟର ସାଂସ୍କୃତିକ, ଧାର୍ମିକ ଓ ବାଣିଜ୍ୟିକ ସଂପର୍କ ରହି ଆସିଥିଲା ବୋଲି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଥିଲେ । ବର୍ତ୍ତମାନ ସମ୍ପୂର୍ଣ୍ଣ ସାକ୍ଷରତା ହାସଲ କରିପାରିଥିବା ଏହି ରାଷ୍ଟ୍ରଗୁଡିକର ସହଯୋଗରେ ଆମ ଦେଶର ନିରକ୍ଷରତାର ବିଲୋପ ସାଧନ ହୋଇପାରିବ ବୋଲି ସେ ମତ ପ୍ରକାଶ କରିଥିଲେ। ଏହି ଆଞ୍ଚଳିକ କର୍ମଶାଳାର ନିର୍ଯ୍ୟାସ ରାଜ୍ୟ ତଥା ଦେଶର ସାକ୍ଷରତା ଦିଗରେ ପଥପ୍ରଦର୍ଶକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ ।

ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗମନ୍ତ୍ରୀ ଶ୍ରୀ ଜୟଦେବ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ୟୁନେସ୍କୋର ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ସାଂସ୍କୃତିକ କେନ୍ଦ୍ରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମିଷ୍ଟର ସଇେଓ ନିୟାମୋଟୋ ସ୍ୱାଗତ ଭାଷଣ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିକାଶ ବିଭାଗର ଶିକ୍ଷା ନିର୍ଦ୍ଦେଶକ ଶ୍ରୀ ଆଇ.ୱାଇ.ଆର. କ୍ରିଷ୍ଣାରାଓ ଓ ନୂଆଦିଲ୍ଲୀସ୍ଥିତ ୟୁନେସ୍କୋ କାର୍ଯ୍ୟାଳୟର କନ୍‌ସଲଟାଣ୍ଟ ଶ୍ରୀ ସି.କେ.ଦାସଗ୍ୱାନୀ ସାକ୍ଷରତା ସମ୍ପର୍କରେ ନିଜର ସୁଚିନ୍ତିତ ମତ ପ୍ରଦାନ କରିଥିଲେ । ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ସଚିବ ଶ୍ରୀ ମଦନ ମୋହନ ମହାନ୍ତି ଧନ୍ୟବାଦ ଦେଇଥିଲେ ।

## ଶହୀଦ୍ ଲକ୍ଷ୍ମଣ ନାୟକଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଭୁବନେଶ୍ୱରରେ ସ୍ଥାପନ କରାଯିବ

-ମୁଖ୍ୟମନ୍ତ୍ରୀ

ଶହୀଦ ଲକ୍ଷ୍ମଣ ନାୟକଙ୍କ ୯୮ ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ତାଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସଂଗେ ସଂଗେ ତାଙ୍କର ସ୍ମୃତିରକ୍ଷା ପାଇଁ ରାଜଧାନୀ ଭୁବନେଶ୍ୱରରେ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ଘୋଷଣା କରିଛନ୍ତି ।

ନଭେମ୍ବର ୨୨ ତାରିଖରେ ସ୍ଥାନୀୟ ସୂଚନାଭବନଠାରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଭୁବନେଶ୍ୱରର ଶବରୀ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶହୀଦ୍ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ସ୍ୱାଧୀନତା ସଂଗ୍ରାମରେ ଆମ ରାଜ୍ୟର ଆଦିବାସୀମାନେ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ଚକରା ବିଶୋୟୀ, ଧରଣୀଧର ଭୂୟାଁ, ବିର୍ସାମୁଣ୍ଡା ଓ ଲକ୍ଷ୍ମଣ ନାୟକ ବିଶେଷ ଭାବରେ ସ୍ମରଣୀୟ । ଶହୀଦ୍ ଲକ୍ଷ୍ମଣ ନାୟକଙ୍କୁ ବିଦ୍ରୋହର ଏକ ଆଲୋକବର୍ତ୍ତିକା ବୋଲି ଅଭିହିତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଏହି ବୀର ବିଦ୍ରୋହୀମାନଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ରାଜଧାନୀରେ ସ୍ଥାପନ କରାଯିବ । ଲକ୍ଷ୍ମଣ ନାୟକଙ୍କ ନିଜ ଗାଁ ତେନ୍ତୁଳିଗୁମାକୁ ଭଲ ରାସ୍ତାଟିଏ କରାଯାଇପାରିଛି ଓ ତାଙ୍କ ସ୍ମୃତିରକ୍ଷା ପାଇଁ ରାଜ୍ୟସରକାରଙ୍କ ପକ୍ଷରୁ ଦିଆଯାଇଥିବା ଜମିରେ ଗୃହର ନିର୍ମାଣ କାର୍ଯ୍ୟ ତାଙ୍କର ଆଗାମୀ ଜୟନ୍ତୀ ପୂର୍ବରୁ ଶେଷ କରିବା ପାଇଁ ଉଦ୍ୟମ ହେବ ବୋଲି କହିଥିଲେ ।

ଶ୍ରୀ ପଟ୍ଟନାୟକ ପୁଣି କହିଲେ ଯେ, ରାଜ୍ୟରେ ଲୋକସଂଖ୍ୟାର ଏକ ଚତୁର୍ଥାଂଶ ଆଦିବାସୀ ହୋଇଥିବାରୁ ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ଅଭ୍ୟୁତ୍ଥାନ ବିନା ରାଜ୍ୟର ପ୍ରଗତି ଅସମ୍ଭବ । ରାଜ୍ୟବାସୀଙ୍କ ମହାନ୍ ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥ ଆଦିବାସୀ ଦେବତା । ଓଡିଶାର ସାଂସ୍କୃତିକ ପରମ୍ପରାକୁ ଆଦିବାସୀ ସଂସ୍କୃତିର ଅବଦାନ ମଧ୍ୟ କମ୍ ନୁହେଁ । ଗରିବ ଜନସାଧାରଣଙ୍କ ଅର୍ଥନୈତିକ ମୁକ୍ତି ହିଁ ସ୍ୱାଧୀନତା । ନିଷ୍ଠାପର ଉଦ୍ୟମ ବଳରେ ଦଳିତ ଦୁର୍ବଳ ଜାତି ଉନ୍ନତି ପଥରେ ଅଗ୍ରସର ହୋଇପାରିବେ । ଆଦିବାସୀ ଅଧ୍ୟୁଷିତ ଜିଲ୍ଲାଗୁଡିକୁ ରାଜ୍ୟର ସର୍ବଶ୍ରେଷ୍ଠ ଜିଲ୍ଲାରୂପେ ଗଢି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଥିଲେ ।

ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ସମ୍ମାନିତ ଅତିଥି ରୂପେ ଯୋଗଦେଇ କହିଥିଲେ ଯେ, ଲକ୍ଷ୍ମଣ ନାୟକ କେବଳ କୋରାପୁଟରେ ସୀମିତ ନଥିଲେ, ସେ ସାରା ଓଡିଶାକୁ ସ୍ୱାଧୀନତା ସଂଗ୍ରାମର ଉଜ୍ଜ୍ୱଳ ବର୍ତ୍ତିକା ଦେଖାଇ ଯାଇଛନ୍ତି । ତାଙ୍କ ଶେଷ ଉକ୍ତି ଥିଲା ଫାଶୀ ପାଉଛି, ଦୁଃଖ ନାହିଁ । ସ୍ୱାଧୀନତା ନିଶ୍ଚିତ ଆସିବ, କିନ୍ତୁ ମୁଁ ତାହା

ଦେଖିପାରିବିନାହିଁ । ଏପରି ଏକ ମହାନ୍ ନେତାଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ସ୍ଥାୟୀ ଉଦ୍ୟମ କରାଯିବ ବୋଲି ଶ୍ରୀ ବିଶ୍ୱାଳ କହିଥିଲେ ।

କଲ୍ୟାଣ ମନ୍ତ୍ରୀ ଶ୍ରୀ ରାମଚନ୍ଦ୍ର ହାଲାକା ଅନ୍ୟତମ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ସ୍ଥାନୀୟ ଆଦିବାସୀ ପଡିଆ ଶହୀଦ୍ ଲକ୍ଷ୍ମଣ ନାୟକ ପଡିଆ ନାମରେ ଓ ମାଲକାନଗିରି ଜିଲ୍ଲାକୁ ତାଙ୍କ ନାମରେ ନାମିତ କରାଗଲେ ଶହୀଦ୍ ଲକ୍ଷ୍ମଣ ନାୟକଙ୍କ ପ୍ରତି ଯଥାର୍ଥ ଶ୍ରଦ୍ଧାଞ୍ଜଳି ହେବ ବୋଲି ପ୍ରକାଶ କରିଥିଲେ ।

ସଂସ୍କୃତି ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂ ଲକ୍ଷ୍ମଣ ନାୟକଙ୍କ ଆଦର୍ଶରେ ଯୁବପୀଢି ଅନୁପ୍ରାଣିତ ହୋଇ ଦେଶର ଏକତା ଓ ସଂହତିକୁ ରକ୍ଷା ପାଇଁ ପ୍ରତିଜ୍ଞାବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ ।

ବିଶିଷ୍ଟ ଐତିହାସିକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡଃ ମନ୍ମଥ ନାଥ ଦାସ ମୁଖ୍ୟବକ୍ତା ରୂପେ ଯୋଗ ଦେଇ ଲକ୍ଷ୍ମଣ ନାୟକଙ୍କୁ ମାଲକାନଗିରି ଗାନ୍ଧୀ ରୂପେ ଅଭିହିତ କରିଥିଲେ । ବ୍ରିଟିଶ୍ ସରକାର ବିରୁଦ୍ଧରେ ଆଦିବାସୀ ସଂଗ୍ରାମର ଶେଷ ଓ ଶ୍ରେଷ୍ଠ ବହ୍ନିଶିଖା ସ୍ୱର୍ଗତ ଲକ୍ଷ୍ମଣ ନାୟକଙ୍କ ଆତ୍ମବଳିର ଗାଥା ଲେସନସ୍ ଅଫ୍ ଇଣ୍ଡିଆନ ହିଷ୍ଟ୍ରି ସଂକଳନରେ ସ୍ଥାନିତ ହେବ ବୋଲି କହିଥିଲେ ।

ଆଇନ୍ ମନ୍ତ୍ରୀ ଶ୍ରୀ ରଘୁନାଥ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀ ଉତ୍ସବରେ ବିଧାୟକ ଶ୍ରୀ ସଦନ ନାୟକ ସ୍ୱାଗତ ଭାଷଣ ଦେଇଥିଲେ ଓ ସୂଚନା ଓ ଲୋକ ସଂପର୍କ ବିଭାଗର ଉପସଚିବ ଶ୍ରୀ ଜମିଲ ଅହମ୍ମଦ୍ ଖାନ୍ ଧନ୍ୟବାଦ ଦେଇଥିଲେ ।

ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୀବନୀ ଉପରେ ଆଧାରିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟମନ୍ତ୍ରୀ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ । ସ୍ଥାନୀୟ ଶବରୀ ସାଂସ୍କୃତିକ ସଂସଦ ତରଫରୁ ଘୁମୁରାନାଚ, ଛତିଶଗଡୀ ନୃତ୍ୟ, ଦଣ୍ଡନାଚ ପରିବେଷିତ ହୋଇଥିଲା ।

## ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡିକର ବୈଜ୍ଞାନିକ ସମାଧାନ ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

ରାଜ୍ୟର ପ୍ରାକୃତିକ ସମ୍ପଦକୁ ଉପଯୁକ୍ତଭାବେ ବିନିଯୋଗ କରି ସମୃଦ୍ଧି ଆଣିବା ସଂଗେ ସଂଗେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡିକର ବୈଜ୍ଞାନିକ ସମାଧାନ ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଛନ୍ତି ।

ଗତ ନଭେମ୍ବର ୧୮ ତାରିଖରେ ସଚିବାଳୟ ସମ୍ମିଳନୀ କକ୍ଷରେ ଓଡିଶା ରାଜ୍ୟ ବିଜ୍ଞାନ ଓ ବୈଷୟିକ ପରିଷଦର ଦ୍ୱିତୀୟ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଏ ବର୍ଷ ରାଜ୍ୟରେଯେଉଁ ଅଭୂତପୂର୍ବ ମରୁଡି ପରିସ୍ଥିତି ଦେଖାଦେଇଛି, ତା'ର ସ୍ଥାୟୀ ପ୍ରତିକାର ପାଇଁ ରାଜ୍ୟ ସରକାର ଜଳସେଚନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଉଛନ୍ତି । ବୃହତ୍ ଓ ମଧ୍ୟମ ଧରଣର ଜଳସେଚନ ଯୋଜନା କାର୍ଯ୍ୟକାରୀ କରିବା ଦୀର୍ଘ ସମୟସାପେକ୍ଷ ହୋଇଥିବାରୁ ଓ ଏଥିରେ ବହୁସଂଖ୍ୟକ ବାସଚ୍ୟୁତ ଲୋକମାନଙ୍କୁ ଥଇଥାନ କରିବାର ପ୍ରଶ୍ନ ଜଡିତ ଥିବାରୁ ଜଳସେଚନର ଲୋକମାନଙ୍କୁ ଥଇଥାନ କରିବାର ପ୍ରଶ୍ନ ଜଡିତ ଥିବାରୁ ଜଳସେଚନର

ଓଡିଶା ଦେଶର ସ୍ଥଳଭାଗରେ ଶତକଡା ୩ ଭାଗ ହୋଇଥିଲାବେଳେ ଭାରତର ଶତକଡା ୧୦-୧୧ ଭାଗ ପର୍ଯ୍ୟନ୍ତ ଜଳ ସମ୍ପଦ ଆମ ରାଜ୍ୟରେ ରହିଛି । ଏହି ସମ୍ପଦକୁ ଉପଯୁକ୍ତ ବିନିଯୋଗ କରି ରାଜ୍ୟରେ ପ୍ରତ୍ୟେକ ଇଞ୍ଚ ଜମିକୁ ପାଣି ଯୋଗାଇବାପାଇଁ ବୈଜ୍ଞାନିକ ଓ ବୈଷୟିକ ଗବେଷଣା ହେବା ଉଚିତ ।

କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଆରୋପ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଇସ୍ରାଏଲ ପ୍ରଭୃତି ଦେଶମାନଙ୍କରେ ଦିଗରେ ବୈପ୍ଳବିକ ପରିବର୍ତ୍ତନ ସାଧିତ ହୋଇଥିଲାବେଳେ ଆମ ଦେଶରେ ଏ ଦିଗରେ ପ୍ରଗତି ଅତ୍ୟନ୍ତ ମନ୍ଥର । ଶୁଷ୍କାଂଚଳ ଚାଷ ସଂପର୍କରେ ଅତ୍ୟାଧୁନିକ ଜ୍ଞାନ କୌଶଳର ପ୍ରୟୋଗ ଚାଷୀମାନଙ୍କ ପାଖରେ ପହଞ୍ଚିବା ଏକାନ୍ତ ଆବଶ୍ୟକ । ସେହିପରି ରାଜ୍ୟରେ ବନ୍ୟା ଓ ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ଲାଗି ରହିଥିଲାବେଳେ ଏ ସଂପର୍କରେ ସଠିକ୍ ଆଗୁଆ ସୂଚନା ମିଳିବା ଉପରେ ଏବଂ ଉପକୂଳ ଅଞ୍ଚଳରେ ବାତ୍ୟାର ଭୟାବହତା କମାଇବା ଦିଗରେ ବୈଜ୍ଞାନିକମାନେ ଗବେଷଣା କରିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ ।

ମୁଖ୍ୟମନ୍ତ୍ରୀ କହିଲେ ଯେ, ଦେଶ ସ୍ୱାଧୀନ ହେଲାପରେ ପଣ୍ଡିତ ନେହେରୁଙ୍କ ନେତୃତ୍ୱରେ ବିଜ୍ଞାନ ଓ କାରିଗରି କୌଶଳର ବିକାଶ ଉପରେ ଜୋର ଦିଆଯାଇଥିଲା ଏବଂ ଦେଶରେ ଜାତୀୟ ଗବେଷଣାଗାରମାନ ଗଢି ଉଠିଥିଲା । ଆମ ରାଜ୍ୟରେ ବିଳମ୍ବରେ ହେଲେ ବି ବିଜ୍ଞାନ, ବୈଷୟିକ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ସାଧିତ ହୋଇଛି । ସୂଚନା ପ୍ରଯୁକ୍ତିର ବିସ୍ତାର, ସ୍କୁଲସ୍ତରରେ କମ୍ପ୍ୟୁଟର ଶିକ୍ଷା ପ୍ରବର୍ତ୍ତନ, ସ୍କୁଲ ଛାତ୍ରମାନଙ୍କ ଲାଗି ମୃତ୍ତିକା ଓ ଜଳର ପରୀକ୍ଷଣ ଏବଂ ଗବେଷଣା ଲବ୍ଧ ଜ୍ଞାନର ପ୍ରୟୋଗ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରି ନବମ ଯୋଜନା କାଳରେ ଏଗୁଡିକ ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ ।

ବିଜ୍ଞାନ ଓ ବୈଷୟିକ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଅଭୟାନନ୍ଦ ରଥ ତାଙ୍କ ପ୍ରାରମ୍ଭିକ ସୂଚନାରେ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ ଅଧୀନସ୍ଥ ଓଡିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର, ଓଡିଶାସୁଦୂର ପର୍ଯ୍ୟବେକ୍ଷଣ ପ୍ରୟୋଗ କେନ୍ଦ୍ର, ଓଡିଶା ଅଣପାରମ୍ପରିକ ଶକ୍ତି ବିକାଶ ସଂସ୍ଥା, ପଠାଣୀ ସାମନ୍ତ ପ୍ଲାନେଟୋରିଅମ୍, ଓଡିଶା ବିଜ୍ଞାନ ଏକାଡେମୀ ଆଦି ଅନୁଷ୍ଠାନର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, ରାଜ୍ୟର ବୈଜ୍ଞାନିକମାନଙ୍କ ମଧ୍ୟରେ ଭାବ ଆଦାନପ୍ରଦାନ ପାଇଁ ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଓଡିଶା ବିଜ୍ଞାନ କଂଗ୍ରେସର ଆୟୋଜନ କରାଯିବ ।

ପରିଷଦର ଉପ-ସଭାପତି ତଥା ରାଜ୍ୟ ବିଜ୍ଞାନ, ବୈଷୟିକ ଓ ପରିବେଶ ମନ୍ତ୍ରୀ ଶ୍ରୀ ପ୍ରସନ୍ନ କୁମାର ଦାଶ ରାଜ୍ୟର ସମୃଦ୍ଧି ଦିଗରେ ବୈଜ୍ଞାନିକ ଗବେଷଣାର ଉପାଦେୟତା ସଂପର୍କରେ ଆଲୋକପାତ କରିଥିଲେ ।

ରାଜ୍ୟ ଯୋଜନା ବୋର୍ଡର ଅଧ୍ୟକ୍ଷା ଶ୍ରୀମତୀ ନନ୍ଦିନୀ ଶତପଥୀ ବାୟୁ, ଜଳ ପ୍ରଦୂଷଣ ଦୂର କରିବା ସଂଗେ ସଂଗେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଦିଗରେ ବୈଜ୍ଞାନିକମାନଙ୍କ ଭୂମିକା ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

ଭାରତ ସରକାରଙ୍କ ଅଣପାରମ୍ପରିକ ଶକ୍ତି ବିକାଶର ପ୍ରତିନିଧି ଓଡିଶା ବାୟୋଗ୍ୟାସ ଓ ଉନ୍ନତ ଧରଣର ଚୁଲା ଯୋଗାଣ କ୍ଷେତ୍ରରେ ଜାତୀୟ ହାରାହାରିର ସମକକ୍ଷ ଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ ଏବଂ ସୌରଶକ୍ତି ଦ୍ୱାରା ଚାଳିତ ଫଟୋ ଭୋଲଟାଇକ୍ ଜଳସେଚନ ବ୍ୟବସ୍ଥା କରାଗଲେ ସେଥିପାଇଁ ସବ୍‌ସିଡି ଓ ଋଣ ଯୋଗାଇ ଦିଆଯିବ ବୋଲି କହିଥିଲେ । ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ସଂପର୍କରେ ତଥ୍ୟ ଠୁଳ କରାଯାଉଥିବା ବ୍ୟବସ୍ଥା ସଂପର୍କରେ ବୈଠକରେ ଜଣାଇଦିଆଯାଇଥିଲା । ମହିଳା ବୈଜ୍ଞାନିକମାନଙ୍କୁ ସ୍ୱୀକୃତି ଦିଆଯିବା ସଂଗେ ସଂଗେ ବିଜ୍ଞାନକୁ ଅଧିକ ଲୋକପ୍ରିୟ କରିବା ଦିଗରେ ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମର ବ୍ୟବହାର କରାଯିବା ପାଇଁ ମତପ୍ରକାଶ ପାଇଥିଲା । ଭାରତ ସରକାରଙ୍କ ପ୍ରତିନିଧି ଭାବେ ବିଜ୍ଞାନ ଓ ବୈଷୟିକ ବିଭାଗର ଉପଦେଷ୍ଟା ଡଃ ଲକ୍ଷ୍ମଣ ପ୍ରସାଦ, ଅଣପାରମ୍ପରିକ ଶକ୍ତି ମନ୍ତ୍ରଣାଳୟର ନିର୍ଦ୍ଦେଶକ ଶ୍ରୀ ଏଚ.କେ.ଦାସ, ମହାସାଗର ଉନ୍ନୟନ ବିଭାଗର ବୈଜ୍ଞାନିକ ଡଃ ସଂପଦ୍ ପ୍ରମୁଖ ଆଲୋଚନାରେ ଭାଗନେଇ ଅନେକ ଉପାଦେୟ ପ୍ରସ୍ତାବ ଦେଇଥିଲେ ।

## ରାଜ୍ୟସ୍ତରୀୟ ଜାତୀୟ ସଂକଳ୍ପ ଦିବସ ପାଳିତ

ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତିର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଜାତୀୟ ସଂକଳ୍ପ ଦିବସ ତଥା ଦ୍ୱାଦଶତମ ଇନ୍ଦିରାଗାନ୍ଧୀ ଜୟନ୍ତୀ ସ୍ଥାନୀୟ ସୂଚନା ଭବନ ପରିସର ମଧ୍ୟରେ ମହା ସମାରୋହରେ ପାଳିତ ହୋଇଯାଇଛି ।

ଏହି ଉପଲକ୍ଷେ ସେଠାରେ ଆୟୋଜିତ ଏକ ସାଧାରଣ ସଭାରେ ମୁଖ୍ୟ ଅତିଥି ଉପ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ କହିଲେ ଯେ ଇନ୍ଦିରାଗାନ୍ଧୀ ଦଳିତ, ନିଷ୍ପେଷିତ, ଆଦିବାସୀ, ହରିଜନ ତଥା ପଛୁଆ ବର୍ଗଙ୍କର ହୃଦୟକୁ ଜୟ କରିପାରିଥିଲେ । ବିଭିନ୍ନ ଉପଯୋଜନା ମାଧ୍ୟମରେ ଦଳିତ ବର୍ଗଙ୍କର ଉନ୍ନତି ବିଧାନ କରିଥିଲେ ।

ସମ୍ମାନିତ ଅତିଥି ରୂପେ ରାଜ୍ୟସଭା ସଦସ୍ୟା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ଯୋଗ ଦେଇ କହିଲେ ଯେ ଇନ୍ଦିରାଗାନ୍ଧୀଙ୍କର ସ୍ମୃତି ଅମଳିନ ଏବଂ ଓଡିଶାବାସୀ ଚିରଦିନ ତାଙ୍କର ଉଦାର ବାଣୀକୁ ମନେ ରଖିଥିବେ । ନିଜର ଶେଷ ରକ୍ତବିନ୍ଦୁକୁ ଓଡିଶାର କଲ୍ୟାଣ ତଥା ଭାରତକୁ ବିଶ୍ୱର ଏକ ବଳିଷ୍ଠ ତଥା ସମୃଦ୍ଧ ରାଷ୍ଟ୍ରରେ ପ୍ରତିପାଦିତ କରିବା ଦିଗରେ ସେ ବିନିଯୋଗ କରିଥିଲେ । ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ରର ସଦସ୍ୟ ଭାବରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ସେ ଉଦ୍ୟମ ଜାରି ରଖିଥିଲେ । ତାଙ୍କର ସ୍ମୃତିରେ ଆଜିର ଦିବସକୁ ବଳିଦାନର ଦିବସ, ସଂକଳ୍ପର ଦିବସ, କ୍ଷୀମି ଏକତାର ଦିବସ ଭାବରେ ପାଳନ କରି ଇନ୍ଦିରା ଲୋକମାତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ।

ପୂର୍ବତନ ସାଂସଦ ତଥା ଖଦୀ ବୋର୍ଡର ଅଧ୍ୟକ୍ଷ ଶ୍ରୀ କାର୍ତ୍ତିକେଶ୍ୱର ପାତ୍ର ଇନ୍ଦିରାଗାନ୍ଧୀ ତ୍ୟାଗରେ ଦଧୀଚି ଏବଂ ସେବାରେ ଶ୍ରବଣ କୁମାର ଥିଲେ ବୋଲି ଉଲ୍ଲେଖ କରିଥିଲେ ।

କଲ୍ୟାଣ, କ୍ରୀଡା ଓ ଯୁବକଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଗଜାଧର ମାଝୀ ଗିରିଜନ ତଥା ହରିଜନମାନଙ୍କ ହୃଦୟରେ ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ଥିଲା ବୋଲି ପ୍ରକାଶ କରିଥିଲେ ।

ସଭାପତିତ୍ୱ କରି ରାଜ୍ୟ ଅବକାରୀ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୁରେଶ କୁମାର ରାଉତରାୟ ଇନ୍ଦିରା ଗାନ୍ଧୀଙ୍କୁ ଭାରତର ସବୁଠାରୁ ଲୋକପ୍ରିୟ ନେତ୍ରୀ ବୋଲି ଉଲ୍ଲେଖ କରି ସେ ସମସ୍ତଙ୍କ ହୃଦୟରେ ଚିର ସ୍ମରଣୀୟ ହୋଇ ରହିଥିବେ ବୋଲି କହିଥିଲେ ।

ସ୍ମୃତି ସଂସଦର ସଂପାଦକ ଶ୍ରୀ ଅମୀୟ ପଟ୍ଟନାୟକ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ ଏବଂ ଶେଷରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ପ୍ରାଣକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ଅବସରରେ ଇନ୍ଦିରାଗାନ୍ଧୀ ସ୍ମୃତି ସମିତି ଆନୁକୂଲ୍ୟରେ ଔପନ୍ୟାସିକ ଭୂପେନ୍ ଗୋସ୍ୱାମୀ ଏବଂ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ବଳରାମ ମହାନ୍ତିଙ୍କୁ ମୁଖ୍ୟ ଅତିଥି ଶ୍ରୀ ବିଶ୍ୱାଳ ଉତ୍ତରୀୟ, ପ୍ରଶଂସା ପତ୍ର ସହ ପାଞ୍ଚଶତ ଟଙ୍କା ପ୍ରଦାନ କରି ସମ୍ମାନିତ କରିଥିଲେ ।

ପୂର୍ବାହ୍ନରେ ଅତିଥିମାନେ ସ୍ଥାନୀୟ ଇନ୍ଦିରାଗାନ୍ଧୀ ପାର୍କଠାରେ ଆୟୋଜିତ ଏକ ସର୍ବଧର୍ମ ସଭାରେ ଯୋଗ ଦେଇଥିଲେ । ପରେ ଚନ୍ଦ୍ରଶେଖରପୁରଠାରେ ବୃକ୍ଷ ରୋପଣ ଏବଂ କ୍ୟାପିଟାଲ ହସ୍‌ପିଟାଲର ଅନ୍ତେବାସୀ ରୋଗୀମାନଙ୍କ ମଧ୍ୟରେ ଫଳ ବଣ୍ଟନ କରାଯାଇଥିଲା । ଅପରାହ୍ନ ୩ଟାରେ ସୂଚନା ଭବନ ପରିସରରେ ଓଡିଶାରେ ଇନ୍ଦିରାଗାନ୍ଧୀ ଶୀର୍ଷକ ଫଟୋ ପ୍ରଦର୍ଶନୀକୁ ରାଜ୍ୟ ଯୋଜନା ବୋର୍ଡର ଅଧ୍ୟକ୍ଷା ଶ୍ରୀମତୀ ନନ୍ଦିନୀ ଶତପଥୀ ଉଦ୍‌ଘାଟନ କରିଥିଲେ ।

## ମରୁଡିର ସ୍ଥାୟୀ ପ୍ରତିକାର କରାଯିବ

*- ମୁଖ୍ୟମନ୍ତ୍ରୀ*

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଖୋର୍ଦ୍ଧା ଜିଲାର ବେଗୁନିଆ ବ୍ଲକ ମରୁଡି ପ୍ରପୀଡିତ ଅଞ୍ଚଳ ପରିଦର୍ଶନ କରି ଏହି ପରିସ୍ଥିତିର ସଫଳ ମୁକାବିଲା କରିବାପାଇଁ ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ଓ ଲୋକମାନେ ଏ ନେଇ ଆତଙ୍କିତ ହେବାର କୌଣସି କାରଣ ନାହିଁ ବୋଲି ଜନସାଧାରଣଙ୍କୁ ବିଭିନ୍ନ ସ୍ଥାନରେ ଆଶ୍ୱାସନା ଦେଇଛନ୍ତି ।

ଶ୍ରୀ ପଟ୍ଟନାୟକ ଗତ ନଭେମ୍ବର ୭ ତାରିଖରେ, ସାରୁଅ, ବାଘମାରି, ସିମର, ପୋଡାଡିହ, ତୁଳସୀପୁର, ପାଙ୍ଗରସିଙ୍ଗ, କଣ୍ଟାବାଡ, ବଡବେରଣା, ବେଗୁନିଆ, ରାଧାକାନ୍ତପୁର, ଡିଙ୍ଗର, ରାଉତପଡା, କାଳିପାଟଣା, ଦୁର୍ଗାପୁର, ଗୋବିନ୍ଦପୁର, ଦେଉଳୀ, ଗଡମାଣିତିରୀ, ବୋଡକମା, ସିକୋ, ଟାଙ୍ଗୋଲ, ହଜ, ସରପାଲି ଆଦି ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସମ୍ବର୍ଦ୍ଧନାରେ ଯୋଗଦେଇ ମରୁଡି ପରିପ୍ରେକ୍ଷୀରେ ଲୋକମାନଙ୍କୁ ଯଥେଷ୍ଟ କାମଧନ୍ଦା ଯୋଗାଇ ଦିଆଯିବା ସଂଗେ ସଂଗେ ପିଇବା ପାଣି ଓ ଚାଉଳର ସୁବିଧା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସେ କହିଥିଲେ ଯେ ଅତୀତରେ ସରକାର ମରୁଡି ପରିସ୍ଥିତିର ସଫଳ ମୁକାବିଲା କରିପାରିଛନ୍ତି । ଲୋକଙ୍କୁ ଚାଉଳ ଓ କାମଧନ୍ଦା ଯୋଗାଇ ଦେବାପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ରବି ଫସଲ ଯଥେଷ୍ଟ ଆମଦାନୀ କରିବାପାଇଁ ସରକାର ଆବଶ୍ୟକ ମୁତାବକ ବିହନ ଓ ସାର ଯୋଗାଇ ଦେବେ । ପୋଖରୀ କାମ ଓ ରାସ୍ତା କାମ ଜରିଆରେ ଲୋକଙ୍କୁ କାମଧନ୍ଦା ଯୋଗାଇ ଦେବାପାଇଁ ଯଥେଷ୍ଟ ପରିମାଣରେ ଅର୍ଥ ଯୋଗାଇ ଦିଆଯିବ ।

ଶ୍ରୀ ପଟ୍ଟନାୟକ କହିଥିଲେ ଯେ ମରୁଡିର ସ୍ଥାୟୀ ପ୍ରତିକାର ପାଇଁ ସରକାର

ଗଭୀର ଚିନ୍ତା କରୁଛନ୍ତି । ଉଠା ଜଳସେଚନ ପଏଣ୍ଟ ବସାଇବା ଦିଗରେ ଭୂତଳ ଜଳର ଅଭାବ ବେଳେବେଳେ ପ୍ରତିବନ୍ଧକ ସୃଷ୍ଟି କରୁଛି । ତଥାପି ଯଥେଷ୍ଟ ସଂଖ୍ୟକ ଉଠା ଜଳସେଚନ ପଏଣ୍ଟ ବସାଯିବ । ରାଜ୍ୟ ସରକାରଙ୍କ ନୂତନ କୃଷିନୀତି ଅନୁଯାୟୀ ଚାଷୀମାନେ ମିଳିମିଶି ଘରୋଇ ଉଦ୍ୟମରେ ଉଠା ଜଳସେଚନ ଯୋଜନାମାନ କାର୍ଯ୍ୟକାରୀ କଲେ ସରକାରଙ୍କ ପକ୍ଷରୁ ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ଯୋଗାଇ ଦିଆଯିବ । ଏହି ଯୋଜନାରୁ ସୁବିଧା ଉଠାଇବାପାଇଁ ସେ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ କହିଲେ ଯେ, ବୃହତ୍ ଜଳସେଚନ ଯୋଜନା ଦ୍ୱାରା ଚାଷୀର ଜମିକୁ ଜଳ ଯୋଗାଇ ଦେବା ଦୀର୍ଘ ସମୟସାପେକ୍ଷ । ତେଣୁ ବାଙ୍କୀ ନିକଟରେ ମହାନଦୀରୁ ଅତ୍ୟୁଚ୍ଚ କ୍ଷମତାସଂପନ୍ନ ପମ୍ପ ସାହାଯ୍ୟରେ ପାଣି ଉଠାଇ ବେଗୁନିଆ ଅଞ୍ଚଳର ୧୦,୦୦୦ ଏକର ଜମିକୁ ପାଣି ଯୋଗାଇ ଦେବାପାଇଁ ସରକାରଙ୍କର ଏକ ପରିକଳ୍ପନା ରହିଛି । ଏଥିପାଇଁ ୩ ମାସ ଭିତରେ ସର୍ଭେ କାମ ଶେଷ ହେବ ଏବଂ ସର୍ଭେ ସଫଳ ହେଲେ ୬ ମାସ ଭିତରେ ଏହାକୁ କାର୍ଯ୍ୟକାରୀ କରାଯାଇ ବହୁଦିନର ସମସ୍ୟାକୁ ସମାଧାନ କରାଯାଇପାରିବ । ଏହାଛଡା ମଲାଗୁଣୀ ନଦୀର ଉପର ମୁଣ୍ଡରେ ବ୍ୟାରେଜ୍ ନିର୍ମାଣ କରାଯାଇ ଜଳସେଚନର ସମସ୍ୟା ଦୂର କରାଯାଇପାରିବ ।

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ବେଗୁନିଆଠାରେ ଓଡିଶା ରାଜ୍ୟ ସଡକ ପରିବହନ ନିଗମ ଓ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାଦ୍ୱାରା ୭୫,୦୦୦ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଯାତ୍ରୀ ବିଶ୍ରାମାଗାର ଏବଂ ୯ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ପୂର୍ତ୍ତବଙ୍ଗଳା ଉଦ୍‌ଘାଟନ କରିଥିଲେ । ଏହାଛଡା ବାଲିପାଟଣାରେ କଳାପଟା ଅଭିଯାନ ଯୋଜନାରେ ୧ ଲକ୍ଷ ୨୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ପ୍ରାଥମିକ ବିଦ୍ୟାଳୟର ଗୃହ ଉଦ୍‌ଘାଟନ କରିଥିଲେ । ସେ ଡିଙ୍ଗର -ଗଡମାଣିତ୍ରୀ ରାସ୍ତାରେ ଗଡମାଣିତ୍ରୀ ସେତୁର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସଂଗେ ସଂଗେ ସରପାଲି-ଛଣଗିରି ସେତୁ, ମନ୍ଦାକିନୀ ସେତୁର ଉଦ୍‌ଘାଟନ କରିଥିଲେ ।

ବିଭିନ୍ନ କାର୍ଯ୍ୟକ୍ରମରେ ପୂର୍ତ୍ତମନ୍ତ୍ରୀ ଶ୍ରୀ ହରିହର ସ୍ୱାଇଁ, ଅବକାରୀ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୁରେଶ କୁମାର ରାଉତରାୟ, କାଜୁ ଉନ୍ନୟନ ନିଗମର ଅଧ୍ୟକ୍ଷ ଶ୍ରୀ ହରିହର ସାହୁ ଓ ଜିଲ୍ଲାପାଳ ଶ୍ରୀ ସର୍ବେଶ୍ୱର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ରାମେଶ୍ୱରଠାରେ ଅତିରିକ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୃହର ଉଦ୍‌ଘାଟନ କରିଥିଲେ ।

## ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଶ୍ରୀ ମଲ୍ଲିକଙ୍କ ଚତୁଃରାଜ୍ୟଗସ୍ତ

ଓଡିଶାର ସୂଚନା ଓ ଲୋକସମ୍ପର୍କ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ନଭେମ୍ବର ୨୩ ତାରିଖଠାରୁ ଏକ ନଅଦିନିଆ ଗସ୍ତରେ ତାମିଲନାଡୁ, ପଣ୍ଡିଚେରୀ, କର୍ଣ୍ଣାଟକ ଓ ଦିଲ୍ଲୀ ପ୍ରଭୃତି ଚାରୋଟି ରାଜ୍ୟ ଗସ୍ତ କରି ଫେରିଆସିଛନ୍ତି ।

ମନ୍ତ୍ରୀ ଶ୍ରୀ ମଲ୍ଲିକ ତାଙ୍କର ଏହି ଗସ୍ତ କାଳରେ ଏହି ଚାରୋଟି ରାଜ୍ୟର ସୂଚନା ଓ ଲୋକ ସଂପର୍କର କାର୍ଯ୍ୟଧାରା ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରି ସେଠାରେ ଚାଲିଥିବା ଲୋକ ସମ୍ପର୍କ କାର୍ଯ୍ୟକ୍ରମ ବିଷୟରେ ଅବଗତ ହୋଇଥିଲେ । ଉପରୋକ୍ତ ରାଜ୍ୟ ତୁଳନାରେ ଓଡିଶା ସୂଚନା ଓ ଲୋକସମ୍ପର୍କ ବିଭାଗର ବ୍ୟୟ ବରାଦ ନୈରାଶ୍ୟ ଜନକ ଥିବା ଅନୁଭବ କରିଥିଲେ । ଏହି ବିଭାଗର ବାର୍ଷିକ ବଜେଟ୍ ଅନ୍ତତଃ ପକ୍ଷେ ୧୦ କୋଟି ଟଙ୍କାକୁ ବୃଦ୍ଧି କରା ନଗଲେ, ବିଭିନ୍ନ ଯୋଜନାର ସଫଳ ରୂପାୟନ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା କଷ୍ଟକର ହୋଇପଡିବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ଉପଲବ୍ଧି କରିଥିଲେ । ଏହି ବିଭାଗକୁ ଆଧୁନିକୀକରଣ କରି ଅନ୍ୟ ରାଜ୍ୟ ସହ ସମକକ୍ଷ କରିବା ପାଇଁ ବାର୍ଷିକ ବଜେଟ୍ ବୃଦ୍ଧି କରିବା ନିମନ୍ତେ ସେ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିବା ପ୍ରକାଶ କରିଥିଲେ ।

ଦିଲ୍ଲୀଠାରେ ୨୨ ତମ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀମାନଙ୍କର ସର୍ବଭାରତୀୟ ସମ୍ମିଳନୀରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ଅଂଶ ଗ୍ରହଣ କରି ସମ୍ବଲପୁର ଓ ଭବାନୀପାଟଣାଠାରେ ପୂର୍ଣ୍ଣାଙ୍ଗ ଦୂରଦର୍ଶନ ଷ୍ଟୁଡିଓ ପ୍ରତିଷ୍ଠା, ଦୂରଦର୍ଶନରେ ବିଧାନ ସଭା କାର୍ଯ୍ୟକ୍ରମର ପ୍ରସାରଣ ସମେତ ରାଜ୍ୟର ବିଭିନ୍ନ ଦୂରଦର୍ଶନ ତଥା ଆକାଶବାଣୀ ସମ୍ପର୍କୀୟ ସମସ୍ୟା ସଂପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସଂଗେ ସଂଗେ ଦେଶର କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ପ୍ରତି ଅଧିକ ଗୁରୁତ୍ୱ ଆରୋପ କରାଯିବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ ।

## ପ୍ରତ୍ୟେକ ଗ୍ରାମରେ ଗୋଟିଏ ଲେଖାଏଁ ସ୍କୁଲ ଓ ଲର୍ଣ୍ଣିଂକର୍ଣ୍ଣର ପ୍ରତିଷ୍ଠା କରାଯିବ

*-ମନ୍ତ୍ରୀ ଶ୍ରୀ ଜୟଦେବ ଜେନା*

ରାଜ୍ୟରେ ଆଗାମୀ ଦୁଇହଜାର ମସିହା ସୁଦ୍ଧା ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ଓ ହାଇସ୍କୁଲ ଶିକ୍ଷାର ଅଧିକ ପ୍ରସାର କରାଯାଇ ଡ୍ରପ୍‌ଆଉଟ୍ ସଂଖ୍ୟା ହ୍ରାସ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ଗ୍ରାମରେ ଗୋଟିଏ ଲେଖାଏଁ ସ୍କୁଲ ପ୍ରତିଷ୍ଠା କରାଯିବା ସହିତ ପ୍ରତ୍ୟେକ ସ୍କୁଲରେ ଏକ ଲର୍ଣ୍ଣିଂକର୍ଣ୍ଣର ପ୍ରତିଷ୍ଠା କରାଯିବା ପାଇଁ ସରକାର ବିଚାର କରୁଛନ୍ତି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଜୟଦେବ ଜେନା ପ୍ରକାଶ କରିଛନ୍ତି ।

ଗତ ନଭେମ୍ବର ୧୨ ତାରିଖରେ ସ୍ଥାନୀୟ ଲଳିତ କଳାପୀଠଠାରେ ଓଡିଶା ଶିକ୍ଷା ଏକାଡେମୀ ଆନୁକୂଲ୍ୟରେ ପ୍ରଥମ କରି ରାଜଧାନୀରେ ଖୋଲାଯାଇଥିବା ଓଡିଶା ସାନ୍ଧ୍ୟ ସ୍କୁଲର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ଜେନା କହିଲେ ଯେ, ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ଅଧିକ ପ୍ରସାର କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଗୁରୁତ୍ୱ ଦେଉଛନ୍ତି । ଓଡିଶାକୁ କେରଳ ରାଜ୍ୟର ସାକ୍ଷରତା ହାର ସହ ସମାନ କରିବାକୁ ହେଲେ ପ୍ରାଥମିକ ଓ ଅଣ-ଆନୁଷ୍ଠାନିକ ଶିକ୍ଷାର ବ୍ୟାପକ ପ୍ରସାର ଏକାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରି ଏଥିପାଇଁ ସରକାର ସବୁପ୍ରକାର ଉଦ୍ୟମ କରୁଥିବା ସେ ପ୍ରକାଶ କରିଥିଲେ । ଶିକ୍ଷା ଗ୍ରହଣ ପାଇଁ ବୟସକୁ ଏକ ସୀମା ଭାବେ ନିର୍ଦ୍ଧାରଣ ନକରି ଯେ କୌଣସି ବୟସରେ ଲୋକମାନଙ୍କ ନିକଟରେ ଶିକ୍ଷାକୁ ପହଞ୍ଚାଇବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ଶ୍ରୀ ଜେନା ଇଚ୍ ୱାନ ଇଚ୍ ସ୍ଲୋଗାନ ଦେଇ ଜଣେ ଶିକ୍ଷିତ ବ୍ୟକ୍ତି ଜଣେ ନିରକ୍ଷରକୁ ସାକ୍ଷର କରିବାକୁ ଉଦ୍ୟମ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ଏହି ସାନ୍ଧ୍ୟ ବିଦ୍ୟାଳୟ ପ୍ରାଥମିକ ଶିକ୍ଷା ପ୍ରକଳ୍ପର ଏକ ଅଂଶ ଭାବରେ

ଶିକ୍ଷାକୁ ଅଧିକ ବ୍ୟାପକ କରିବାରେ ସହାୟକ ହେବା ସହିତ ହାଇସ୍କୁଲ ଶିକ୍ଷାକୁ ଅଧିକ ଉନ୍ନତ କରିପାରିବ ବୋଲି ଶ୍ରୀ ଜେନା ଆଶା ପ୍ରକାଶ କରିଥିଲେ ।

ରାଜ୍ୟ ପ୍ରାଥମିକ ଶିକ୍ଷା ପ୍ରକଳ୍ପର ନିର୍ଦ୍ଦେଶକ ଡଃ ଡି.କେ. ରାୟ ଏହି ସାନ୍ଧ୍ୟ ସ୍କୁଲକୁ ଉଦ୍‌ଘାଟନ କରି କହିଲେ ଯେ ରାଜ୍ୟରେ ଡ୍ରପ୍ ଆଉଟ୍ ସଂଖ୍ୟା ପ୍ରତିବର୍ଷ ବୃଦ୍ଧି ପାଉଥିବାରୁ ପ୍ରାଥମିକ ଓ ହାଇସ୍କୁଲ ଶିକ୍ଷାର ଅଧିକ ପ୍ରସାର ହୋଇପାରିନାହିଁ । ଓଡିଶାରେ ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ଯଥାର୍ଥ ଭାବେ କାର୍ଯ୍ୟକାରୀ କରିବା ପାଇଁ ଉପଯୁକ୍ତ ବାତାବରଣ ରହିଛି ବୋଲି ସଂପ୍ରତି ଓଡିଶା ଗସ୍ତରେ ଆସିଥିବା ବିଶ୍ୱବ୍ୟାଙ୍କର ସଭାପତି ମିଃଓଲଫେନ୍‌ସନ୍ ଦୃଢ-ମତବ୍ୟକ୍ତ କରିଯାଇଥିବା ଡଃ ରାୟ ପ୍ରକାଶ କରିଥିଲେ । ପ୍ରତ୍ୟେକ ସ୍କୁଲରେ ଖୋଲିବାକୁ ଥିବା ଲର୍ଣିଂ କର୍ଣରଇ' ସଂପର୍କରେ ସୂଚନା ଦେଇ ଡଃ ରାୟ କହିଲେ ଯେ ଏଥିରେ ଏକ ଲାଇବ୍ରେରୀ ରହିବ ଏବଂ ଏହି ଲାଇବ୍ରେରୀରେ ଅନ୍ୟାନ୍ୟ ପୁସ୍ତକ ସହ ରାଜ୍ୟର ପ୍ରତ୍ୟେକ ଗ୍ରାମ, ପଞ୍ଚାୟତ, ବ୍ଲକ୍, ସବଡ଼ିଭିଜନ୍ ଓ ଜିଲ୍ଲା ସଂପର୍କରେ ସବିଶେଷ ବିବରଣୀ ଓ ମାନଚିତ୍ର ଆଦି ରଖାଯିବ । ଫଳରେ ଛାତ୍ରଛାତ୍ରୀମାନଙ୍କର ସାଧାରଣ ଜ୍ଞାନ ଆହରଣ ପୂର୍ବକ ପଠନ ପ୍ରକ୍ରିୟାର ଗୁଣାତ୍ମକ ମାନ ବୃଦ୍ଧି ଘଟାଇବାରେ ଏହି 'ଲର୍ଣିଂ କର୍ଣର୍' ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ଓଡିଶା କର୍ମଜୀବୀ ସାମ୍ବାଦିକ ୟୁନିୟନ୍‌ର ସଭାପତି ଶ୍ରୀ ରାମହରି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଦୈନିକ 'ସ୍ୱରାଜ୍ୟ'ର ସମ୍ପାଦକ ଶ୍ରୀ କୃଷ୍ଣ ମୋହନ ରାଓ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ ।

## ମରୁଡି ମୁକାବିଲା ଅଭିଯାନର ପ୍ରତ୍ୟେକ ପଞ୍ଚାୟତରେ ଜଳ-ପ୍ରକଳ୍ପମାନ ତିଆରି କରାଯିବ

-ରାଜସ୍ୱମନ୍ତ୍ରୀ ଶ୍ରୀ ଲେଙ୍କା

ଟାଙ୍ଗୀ-ଚୌଦ୍ୱାର ବ୍ଲକର ମରୁଡିଗ୍ରସ୍ତ ଅଞ୍ଚଳ ଗସ୍ତ କରି ରାଜସ୍ୱ ଓ ପରିବହନ ମନ୍ତ୍ରୀ ଶ୍ରୀ କାହ୍ନୁ ଚରଣ ଲେଙ୍କା କହିଛନ୍ତି ଯେ, ମରୁଡିର ମୁକାବିଲା ପାଇଁ ପ୍ରତି ପଞ୍ଚାୟତରେ ଜରୁରୀକାଳୀନ ଭିତ୍ତିରେ ଅନ୍ୟୁନ ଗୋଟିଏ ଲେଖାଏଁ ଜଳପ୍ରକଳ୍ପ ସୃଷ୍ଟି କରାଯିବ ।

ଟାଂଗୀ-ଚୌଦ୍ୱାର ବ୍ଲକର ନଶାରା ଏବଂ ଶାଳଗାଁ ଗ୍ରାମପଞ୍ଚାୟତର ବିଭିନ୍ନ ମରୁଡିଗ୍ରସ୍ତ ଗ୍ରାମ ପରିଦର୍ଶନ କରି ନେଳିଆପାଟରେ ଆୟୋଜିତ ଏକ ଚାଷୀ ସମାବେଶରେ ଯୋଗ ଦେଇ ରାଜସ୍ୱ ମନ୍ତ୍ରୀ ଶ୍ରୀ ଲେଙ୍କା କହିଲେ ଯେ, ଅଣ ଜଳସେଚିତ ଅଞ୍ଚଳରେ ଛୋଟ ଛୋଟ ଜଳପ୍ରକଳ୍ପମାନ ସୃଷ୍ଟି କରାଯାଇ ସେଇଥିରୁ ଜଳ ଯୋଗାଇ ପାରିଲେ ଚାଷୀମାନେ ବିଭିନ୍ନ ଋତୁରେ ବିଭିନ୍ନ ଫସଲ ଉତ୍ପାଦନ କରି ଲାଭବାନ ହୋଇପାରିବେ ।

ଚଳିତ ବର୍ଷର ଅଭୂତପୂର୍ବ ମରୁଡି ମୁକାବିଲା କାର୍ଯ୍ୟକ୍ରମରେ ପୋଖରୀ ଖନନ, ପୁରୁଣା ପୋଖରୀ ପୁନରୁଦ୍ଧାର ଓ ଗ୍ରାମ୍ୟ ରାସ୍ତା ନିର୍ମାଣ ଇତ୍ୟାଦି ଉପରେ ଗୁରୁତ୍ୱ ଆରୋପ କରାଯାଇ ଲୋକଙ୍କୁ କାମଧନ୍ଦା ଯୋଗାଇ ଦେବା ସଂଗେ ସଂଗେ ସ୍ଥାୟୀ ଜଳସେଚନର ବ୍ୟବସ୍ଥା ମଧ୍ୟ କରାଯିବ ବୋଲି ଶ୍ରୀ ଲେଙ୍କା କହିଥିଲେ ।

ଦାମୋଦରପୁର ଜଳ ଅମଳ ପ୍ରକଳ୍ପର ଶୁଭଭିତ୍ତି ଦାନ କରି ଶ୍ରୀ ଲେଙ୍କା କହିଲେ ଯେ, ଉକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ପ୍ରାୟ ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ଏକର ଜମିରେ ଜଳସେଚନ ସୁବିଧା ଲବ୍ଧ ହେବ, ଯଦ୍ୱାରା କି ଚାଷୀ ରବି ଋତୁରେ ବିଭିନ୍ନ ପନିପରିବା ଚାଷ କରି ଲାଭବାନ ହୋଇପାରିବ । ଇସରପୁର ଓ ଖଣ୍ଡିଆବନ୍ଧ ଜଳପ୍ରକଳ୍ପ କାର୍ଯ୍ୟକାରୀ ହେବାର ବ୍ୟବସ୍ଥା ହେଲେ ସରକାର ସାହାଯ୍ୟ କରିବେ ବୋଲି ଶ୍ରୀ ଲେଙ୍କା କହିଥିଲେ ।

ରାଜସ୍ୱମନ୍ତ୍ରୀ ଶ୍ରୀ ଲେଙ୍କା ନଶରା-କମଂଗ ରାସ୍ତାର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ ଏବଂ ପରେ ସାଧୁ ସୁନ୍ଦରଦାସ ବିଦ୍ୟାପୀଠ ଠାରେ ଆୟୋଜିତ ହୋଇଥିବା ଏକ ବିଜ୍ଞାନମେଳାର ଉଦ୍‌ଯାପନୀ ଦିବସରେ ଉଦ୍‌ବୋଧନ ଦେଇ ପରିବେଶ ସହ ମଣିଷର ସମ୍ପର୍କ ତଥା ଜଣେ ଅନ୍ୟର ପରିପୂରକ ବୋଲି କହିଥିଲେ ।

ଶ୍ରୀ ଲେଙ୍କା ସୁନାଦେଇ ଯୁବ ପରିଷଦର ନୂତନ ଗୃହ, ବଡପଦା ଗାଁର କୋଠଗୃହ, ବଡସାମନ୍ତରାପୁର ଗୋପବନ୍ଧୁ ପାଠାଗାର, ବେଲଦା ଉ.ପ୍ରା.ବିଦ୍ୟାଳୟର ନୂତନ ଗୃହ ଇତ୍ୟାଦିର ଶୁଭଭିତ୍ତି ପ୍ରସ୍ତର ସ୍ଥାପନ କରିବା ସହିତ ଆଦିବାସୀ ସାହିରେ ନୂତନ ନିର୍ମିତ କୋଠାଘର, ବଡପଦା ଗାଁ ଉ.ପ୍ରା. ବିଦ୍ୟାଳୟର ନୂତନ ଗୃହ, ବଡସାମନ୍ତରାପୁର ଉଚ୍ଚବିଦ୍ୟାଳୟର ନୂତନ ଗୃହ ଉଦ୍‌ଘାଟନ କରିଥିଲେ ।

## ସାଇଲୋଠାରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟିତ

ଜଗତସିଂହପୁର ଜିଲ୍ଲାର ସମସ୍ତ ଧୋଇଆ ଅଞ୍ଚଳକୁ ୧୯୯୮ ମସିହା ସୁଦ୍ଧା ଜଳସେଚନ ବ୍ୟବସ୍ଥା କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି ।

ଗତ ନଭେମ୍ବର ୧୭ ତାରିଖରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାଇଲୋଠାରେ ୩୬ ଲକ୍ଷ ୪୩ ହଜାର ଟଙ୍କା ବ୍ୟୟରେ ନିର୍ମିତ ଏକ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱାଳ ଉଦ୍‌ଘାଟନ କରି ରାଜ୍ୟରେ ଜଳସେଚନ ବ୍ୟବସ୍ଥାକୁ ୩୦ ପ୍ରତିଶତରୁ ୫୦ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ବୋଲି ପ୍ରକାଶ କରିଥିଲେ । ଇନ୍ଦ୍ରାବତୀ ବହୁମୁଖୀ ଜଳସେଚନ ପ୍ରକଳ୍ପ ବହୁ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲେ ମଧ୍ୟ ସେଥିରୁ ଆଦୌ ଜଳସେଚନ ହୋଇ ପାରୁନଥିଲା । ରାଜ୍ୟ ସରକାରଙ୍କର ଆନ୍ତରିକ ଉଦ୍ୟମ ଫଳରେ ଚଳିତ ବର୍ଷଠାରୁ ୩୫ ହଜାର ହେକ୍ଟର ଜମିରେ ଜଳସେଚିତ ହୋଇ ପାରୁଛି ଏବଂ ସେଥିରୁ କଳାହାଣ୍ଡି ଜିଲ୍ଲାର ଜୁନାଗଡ ଓ ଧର୍ମଗଡ ଅଞ୍ଚଳରେ ଲୋକମାନେ ଉପକୃତ ହେଉଛନ୍ତି । ଏହା ବ୍ୟତୀତ ଚଳିତବର୍ଷ ଉଠା ଜଳସେଚନ ମାଧ୍ୟମରେ ୮୭ ହଜାର ହେକ୍ଟର ଜମିରେ ଜଳସେଚନ ବ୍ୟବସ୍ଥା କରାଯାଇ ପାରିଛି ବୋଲି ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱାଳ ପ୍ରକାଶ କରିଥିଲେ । ରାଜ୍ୟରେ ଦେଖା ଦେଇଥିବା ଅଭୂତପୂର୍ବ ମରୁଡିର ମୁକାବିଲା ପାଇଁ ରାଜ୍ୟ ସରକାର ଦୃଢ ପଦକ୍ଷେପ ଗ୍ରହଣ କରୁଛନ୍ତି । ସୁଲଭ ମୂଲ୍ୟରେ ଚାଉଳ ଯୋଗାଣ ପରିମାଣକୁ ବୃଦ୍ଧି କରାଯିବା ସଂଗେ ସଂଗେ ପ୍ରତ୍ୟେକ ହାଟରେ ଏହା ବିକ୍ରୟକୁ ତ୍ୱରାନ୍ୱିତ କରାଯାଉଅଛି ବୋଲି ସେ ସୂଚନା ଦେଇଥିଲେ । ଏହି ଜିଲ୍ଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଚିନିକଳ ପ୍ରତିଷ୍ଠା କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ ଆରମ୍ଭ ହୋଇଥିବା ସେ ସୂଚନା ଦେଇଥିଲେ ।

ଜିଲ୍ଲାପାଳ ଶ୍ରୀ ପି.କେ.ମହାପାତ୍ର ଏହି ଉତ୍ସବରେ ଅଧ୍ୟକ୍ଷତା କରି କହିଲେ ଯେ, ଜିଲ୍ଲାରେ କଳାପଟ୍ଟୀ ଅଭିଯାନ ମାଧ୍ୟମରେ ନିର୍ମିତ ହେଉଥିବା

ସମସ୍ତ ବିଦ୍ୟାଳୟ ଏବଂ ନୂତନ ଭାବେ ଗଠିତ ପଞ୍ଚାୟତ ଗୃହଗୁଡିକର ନିର୍ମାଣ କାର୍ଯ୍ୟକୁ ୧୯୯୭ ମସିହା ମାର୍ଚ୍ଚ ମାସ ମଧ୍ୟରେ ସଂପୂର୍ଣ୍ଣ କରିବା ପାଇଁ ସ୍ଥିର ହୋଇଛି । ଏହା ବ୍ୟତୀତ ରାହାମାଠାରେ ଏକ ସୁଲଭ ଶୌଚାଳୟର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ ।

**ଶହୀଦ ବିର୍ସାମୁଣ୍ଡାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ**

ଗତ ନଭେମ୍ବର ୧୫ ତାରିଖ ସଂଧ୍ୟାରେ ସ୍ଥାନୀୟ ସୂଚନାଭବନଠାରେ ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ ଆନୁକୂଲ୍ୟରେ ଶହୀଦ ବିର୍ସାମୁଣ୍ଡା ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଏହି ଜୟନ୍ତୀ ଉତ୍ସବରେ ଅତିଥିଭାବେ ଯୋଗ ଦେଇ ରାଜ୍ୟ ଜଙ୍ଗଲ ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ କିଶୋର ଚନ୍ଦ୍ର ପଟେଲ ବିର୍ସାମୁଣ୍ଡାଙ୍କର ତ୍ୟାଗମୟ ଜୀବନର ସ୍ମୃତିଚାରଣ କରି, ସେ କିଭଳି ଆଦିବାସୀମାନଙ୍କ ମଧ୍ୟରେ ଧର୍ମାନ୍ତକରଣ ବିରୁଦ୍ଧରେ ଓ ଦେଶପ୍ରେମ ସମ୍ପର୍କରେ ସଚେତନା ସୃଷ୍ଟି କରି ପାରିଥିଲେ ପ୍ରକାଶ କରିଥିଲେ । ରାଜ୍ୟ ସରକାର ଆଦିବାସୀମାନଙ୍କ ଉନ୍ନୟନ ପାଇଁ ପ୍ରଣୟନ କରୁଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇ କହିଲେ ଯେ ଆଦିବାସୀମାନେ ସରଳ, କର୍ମଠ ଓ ସତ୍ୟନିଷ୍ଠ । ସେମାନଙ୍କ ଜାତିପ୍ରେମ ତଥା ଦେଶପ୍ରେମ ସେମାନଙ୍କୁ ଭାରତ ଇତିହାସରେ ଚିରସ୍ମରଣୀୟ କରି ରଖିଥିବ ।

ଏଥିରେ ସଭାପତିତ୍ୱ କରି ରାଜ୍ୟ ସୂଚନା ଓ ଲୋକ ସଂପର୍କ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ବିର୍ସାମୁଣ୍ଡା ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ପ୍ରକାଶ କରିଥିଲେ । ଆଜିର ସମାଜ ବିର୍ସାମୁଣ୍ଡାଙ୍କ ଆଦର୍ଶ ଭୁଲି ତ୍ୟାଗ ବଦଳରେ ଭୋଗରେ ମାତି ରହିଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ । ବିର୍ସାମୁଣ୍ଡା ପଚିଶ ବର୍ଷ ଜୀବନକାଳ ମଧ୍ୟରେ ଦେଶରୁ ବ୍ରିଟିଶ୍ ଶାସନକୁ ହଟାଇବା ପାଇଁ ଆନ୍ଦୋଳନ କରି ଗୋରାମାନଙ୍କର କୋପ ଦୃଷ୍ଟିରେ ରହି ସାରା ଜୀବନ ବଣ ଜଙ୍ଗଲ ମଧ୍ୟରେ ବିତାଇ, ଆଦିବାସୀମାନଙ୍କର ସେବା କରିଚାଲିଥିଲେ । ସେଥିପାଇଁ ଆଦିବାସୀମାନଙ୍କ ଦ୍ୱାରା ସେ ଭଗବାନ ଭାବରେ ପୂଜା ପାଉଛନ୍ତି ବୋଲି ଶ୍ରୀ ମଲ୍ଲିକ କହିଥିଲେ । ଶେଷ ଜୀବନ ପର୍ଯ୍ୟନ୍ତ ସଂଗ୍ରାମ ଜାରି ରଖି କାରାବରଣ କରିଥିବା ଶହୀଦ୍ ବିର୍ସାମୁଣ୍ଡାଙ୍କୁ ଅତି ନିର୍ଯ୍ୟାତିତ ଭାବରେ ଖାଦ୍ୟରେ ବିଷ ମିଶାଇ ଗୋରାମାନେ ହତ୍ୟାକରିଥିଲେ । ଧର୍ମାନ୍ତକରଣର ବିରୋଧ କରି ସରଳ ଆଦିବାସୀମାନଙ୍କ ମଧ୍ୟରେ ଜାତିପ୍ରୀତି ଜାଗ୍ରତ କରି ଦେଶ ମାତୃକାର ସେବା କରିବା ପାଇଁ ପ୍ରବର୍ତ୍ତାଇଥିଲେ । ଆଜିର ଯୁବଗୋଷ୍ଠୀ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ସେବା କରିବା ପାଇଁ ଶ୍ରୀ ମଲ୍ଲିକ ଆହ୍ୱାନ ଦେଇଥିଲେ ।

ସମ୍ମାନିତ ଅତିଥି ଭାବରେ ବର୍ଷିଆନ୍ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ବିଜୟ ପାଣି ଯୋଗ ଦେଇ ବିର୍ସାମୁଣ୍ଡାଙ୍କ ଆଦର୍ଶକୁ ଜାଣିବାଏ ଆମେମାନେ ଗ୍ରହଣ କରି ପାରିଲେ, ଦେଶର ଅନିଶ୍ଚିତତା ସୁଦୃଢ ହୋଇ ପାରିବ ବୋଲି କହିଥିଲେ । ଅନ୍ୟତମ ଅତିଥି ପୂର୍ବତନ ମନ୍ତ୍ରୀ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର କହିଲେ ଯେ ଆମେ ବ୍ରିଟିଶ୍ ଶାସନକୁ ହଟାଇ ଦେଇଛୁ ସତ କିନ୍ତୁ ବ୍ରିଟିଶ୍ ସଭ୍ୟତାକୁ ଦୂରେଇ ଦେଇ ପାରିନାହୁଁ । ଦିନକୁ ଦିନ ଓଡିଆମାନଙ୍କର ସ୍ୱାଭିମାନ କ୍ଷୁଣ୍ଣ ହେବାକୁ ଯାଉଛି ବୋଲି ସେ କ୍ଷୋଭ ପ୍ରକାଶ କରି ସ୍ୱଦେଶ ପ୍ରୀତିରେ ନିଜକୁ ଉଦ୍‌ବୁଦ୍ଧ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ ।

ଏହି ଅବସରରେ ବିର୍ସାମୁଣ୍ଡାଙ୍କ ତ୍ୟାଗପୂତ ଜୀବନୀ ଉପରେ ଆୟୋଜିତ ଏକ ରାଜ୍ୟସ୍ତରୀୟ ତର୍କ ପ୍ରତିଯୋଗିତାର ବରିଷ୍ଠ କନିଷ୍ଠ ଦୁଇଗୋଟି ବିଭାଗର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଶ୍ରୀ ପଟେଲ୍ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ପୂର୍ବରୁ ଧରଣୀଧର ଭୂୟାଙ୍କ ସ୍ମୃତି ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ସଭାପତି ଶ୍ରୀ ମଲ୍ଲିକ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ପ୍ରାଣକୃଷ୍ଣ ବେହେରା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସୂଚନା ଭବନ ସୂଚନା ଅଧିକାରୀ ଶ୍ରୀ ମାୟାଧର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ । 'ତରଂଗ' ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ସଂଗୀତ ପରିବେଷଣ କରାଯାଇଥିଲା ।

**ଓଡ଼ିଶା ସୂଚନା ଓ ଲୋକ ସଂପର୍କ ଅଡିଓ - ଭିଜୁଆଲ୍ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ**

ଓଡିଶା ସୂଚନା ଓ ଲୋକ ସମ୍ପର୍କ ଅଡିଓ-ଭିଜୁଆଲ୍ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ ଡିସେମ୍ବର ୨୮ ତାରିଖରେ ସ୍ଥାନୀୟ କସ୍ତୁରବା ଶିକ୍ଷାଶ୍ରମଠାରେ ଅନୁଷ୍ଠିତ ହୋଇଯାଇଛି ।

ଓଡିଶାର ବିଭିନ୍ନ ପ୍ରାନ୍ତରୁ ଯୋଗ ଦେଇଥିବା ସଂଘର ସଭ୍ୟମାନଙ୍କୁ ନେଇ ଅନୁଷ୍ଠିତ ଏହି ଅଧିବେଶନରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସଂପାଦକ ଶ୍ରୀ ଭଗବାନ ପ୍ରଧାନଙ୍କ ଦ୍ୱାରା ସ୍ଥିରୀକୃତ ବିଭିନ୍ନ ଦାବୀ ସମ୍ପର୍କରେ ମତ ପ୍ରଦାନ କରି ଶ୍ରୀ ମିଶ୍ର କହିଲେ ଯେ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀମାନଙ୍କର ଦକ୍ଷତା ବୃଦ୍ଧି ପାଇବା ଏକାନ୍ତ ଅପରିହାର୍ଯ୍ୟ । ପଡୋଶୀ ରାଜ୍ୟମାନଙ୍କର ସୂଚନା ଓ ଲୋକ ସମ୍ପର୍କ ବିଭାଗର ବାର୍ଷିକ ବଜେଟ୍ ତୁଳନାରେ ଓଡିଶାର ବାର୍ଷିକ ବଜେଟ୍ କମ୍ ହୋଇଥିବା ହେତୁ ଅନେକ ସ୍ଥଳରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲେ ହେଁ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀମାନେ ନିଜ ନିଜର କାର୍ଯ୍ୟ ଦକ୍ଷତା ବୃଦ୍ଧି କରାଇ ପାରିଲେ, ଏହ ଅସୁବିଧାକୁ ଏଡାଯାଇ ପାରିବ ।

ସମ୍ମାନିତ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ପ୍ରାଣକୃଷ୍ଣ ବେହେରା ଅଡିଓ ଭିଜୁଆଲ୍ କର୍ମଚାରୀ ଏବଂ ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନଙ୍କ ବ୍ୟକ୍ତିଗତ ସମ୍ପର୍କ ବିଷୟରେ ଆଲୋଚନା କରି କହିଲେଯେ ଏହି କର୍ମଚାରୀମାନେ ଜରୁରୀ କାଳୀନ ପରିସ୍ଥିତିରେ ଛୁଟି ଦିନମାନଙ୍କରେ କାର୍ଯ୍ୟରତ ରହୁଥିଲେ ହେଁ, ସେମାନଙ୍କୁ ଦିଆଯାଉଥିବା ପ୍ରୋତ୍ସାହନ ଯଥେଷ୍ଟ ନୁହେଁ । ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ଆବଶ୍ୟକୀୟ ପଦକ୍ଷେପ ପର୍ଯ୍ୟାୟ କ୍ରମେ ନିଆଯିବ ବୋଲି ସେ କହିଥିଲେ ।

ଅନ୍ୟତମ ସମ୍ମାନିତ ଅତିଥି ଭାବେ ରାଜ୍ୟ ଗ୍ରାମ୍ୟ ବିକାଶ ସଂସ୍ଥାନର ନିର୍ଦ୍ଦେଶକ ଶ୍ରୀ ହରିହର ଆଚାର୍ଯ୍ୟ କହିଲେ ଯେ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଲୋକମାନଙ୍କ ନିକଟରେ ବିଭିନ୍ନ ଉନ୍ନୟନ ମୂଳକ ସରକାରୀ ଯୋଜନା ସମ୍ପର୍କରେ ସମ୍ବାଦ ପହଞ୍ଚାଇବାରେ ଅଡିଓ-ଭିଜୁଆଲ୍

ଶିକ୍ଷାକୁ ଅଧିକ ବ୍ୟାପକ କରିବାରେ ସହାୟକ ହେବା ସହିତ ହାଇସ୍କୁଲ ଶିକ୍ଷାକୁ ଅଧିକ ଉନ୍ନତ କରିପାରିବ ବୋଲି ଶ୍ରୀ ଜେନା ଆଶା ପ୍ରକାଶ କରିଥିଲେ ।

ରାଜ୍ୟ ପ୍ରାଥମିକ ଶିକ୍ଷା ପ୍ରକଳ୍ପର ନିର୍ଦ୍ଦେଶକ ଡଃ ଡି.କେ. ରାୟ ଏହି ସାନ୍ଧ୍ୟ ସ୍କୁଲକୁ ଉଦ୍‌ଘାଟନ କରି କହିଲେ ଯେ ରାଜ୍ୟରେ ଡ୍ରପ୍ ଆଉଟ୍ ସଂଖ୍ୟା ପ୍ରତିବର୍ଷ ବୃଦ୍ଧି ପାଉଥିବାରୁ ପ୍ରାଥମିକ ଓ ହାଇସ୍କୁଲ ଶିକ୍ଷାର ଅଧିକ ପ୍ରସାର ହୋଇପାରିନାହିଁ । ଓଡିଶାରେ ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ଯଥାର୍ଥ ଭାବେ କାର୍ଯ୍ୟକାରୀ କରିବା ପାଇଁ ଉପଯୁକ୍ତ ବାତାବରଣ ରହିଛି ବୋଲି ସଂପ୍ରତି ଓଡିଶା ଗସ୍ତରେ ଆସିଥିବା ବିଶ୍ୱବ୍ୟାଙ୍କର ସଭାପତି ମିଃଓଲଫେନ୍‌ସନ୍ ଦୃଢ-ମତବ୍ୟକ୍ତ କରିଯାଇଥିବା ଡଃ ରାୟ ପ୍ରକାଶ କରିଥିଲେ । ପ୍ରତ୍ୟେକ ସ୍କୁଲରେ ଖୋଲିବାକୁ ଥିବା ଲର୍ଣ୍ଣିଂ କର୍ଣ୍ଣର' ସଂପର୍କରେ ସୂଚନା ଦେଇ ଡଃ ରାୟ କହିଲେ ଯେ ଏଥିରେ ଏକ ଲାଇବ୍ରେରୀ ରହିବ ଏବଂ ଏହି ଲାଇବ୍ରେରୀରେ ଅନ୍ୟାନ୍ୟ ପୁସ୍ତକ ସହ ରାଜ୍ୟର ପ୍ରତ୍ୟେକ ଗ୍ରାମ, ପଞ୍ଚାୟତ, ବ୍ଲକ୍, ସବ୍‌ଡିଭିଜନ୍ ଓ ଜିଲ୍ଲା ସଂପର୍କରେ ସବିଶେଷ ବିବରଣୀ ଓ ମାନଚିତ୍ର ଆଦି ରଖାଯିବ । ଫଳରେ ଛାତ୍ରଛାତ୍ରୀମାନଙ୍କର ସାଧାରଣ ଜ୍ଞାନ ଆହରଣ ପୂର୍ବକ ପଠନ ପ୍ରକ୍ରିୟାର ଗୁଣାତ୍ମକ ମାନ ବୃଦ୍ଧି ଘଟାଇବାରେ ଏହି 'ଲର୍ଣ୍ଣିଂ କର୍ଣ୍ଣର୍' ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ଓଡିଶା କର୍ମଜୀବୀ ସାମ୍ବାଦିକ ୟୁନିୟନ୍‌ର ସଭାପତି ଶ୍ରୀ ରାମହରି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଦୈନିକ 'ସ୍ୱରାଜ୍ୟ'ର ସମ୍ପାଦକ ଶ୍ରୀ କୃଷ୍ଣ ମୋହନ ରାଓ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ ।

## ମରୁଡି ମୁକାବିଲା ଅଭିଯାନରେ ପ୍ରତ୍ୟେକ ପଞ୍ଚାୟତରେ ଜଳ-ପ୍ରକଳ୍ପମାନ ତିଆରି କରାଯିବ

-ରାଜସ୍ୱମନ୍ତ୍ରୀ ଶ୍ରୀ ଲେଙ୍କା

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌ର ମରୁଡିଗ୍ରସ୍ତ ଅଞ୍ଚଳ ଗସ୍ତ କରି ରାଜସ୍ୱ ଓ ପରିବହନ ମନ୍ତ୍ରୀ ଶ୍ରୀ କାହ୍ନୁ ଚରଣ ଲେଙ୍କା କହିଛନ୍ତି ଯେ, ମରୁଡିର ମୁକାବିଲା ପାଇଁ ପ୍ରତି ପଞ୍ଚାୟତରେ ଜରୁରୀକାଳୀନ ଭିତ୍ତିରେ ଅନ୍ୟୁନ ଗୋଟିଏ ଲେଖାଏଁ ଜଳପ୍ରକଳ୍ପ ସୃଷ୍ଟି କରାଯିବ ।

ଟାଂଗୀ-ଚୌଦ୍ୱାର ବ୍ଲକର ନଖରା ଏବଂ ଶାଳଗାଁ ଗ୍ରାମପଞ୍ଚାୟତର ବିଭିନ୍ନ ମରୁଡିଗ୍ରସ୍ତ ଗ୍ରାମ ପରିଦର୍ଶନ କରି ନେକିଆଠାରେ ଆୟୋଜିତ ଏକ ଚାଷୀ ସମାବେଶରେ ଯୋଗ ଦେଇ ରାଜସ୍ୱ ମନ୍ତ୍ରୀ ଶ୍ରୀ ଲେଙ୍କା କହିଲେ ଯେ, ଅଣ ଜଳସେଚିତ ଅଞ୍ଚଳରେ ଛୋଟ ଛୋଟ ଜଳପ୍ରକଳ୍ପମାନ ସୃଷ୍ଟି କରାଯାଇ ସେଇଥିରୁ ଜଳ ଯୋଗାଇ ପାରିଲେ ଚାଷୀମାନେ ବିଭିନ୍ନ ଋତୁରେ ବିଭିନ୍ନ ଫସଲ ଉତ୍ପାଦନ କରି ଲାଭବାନ ହୋଇପାରିବେ ।

ଚଳିତ ବର୍ଷର ଅଭୂତପୂର୍ବ ମରୁଡି ମୁକାବିଲା କାର୍ଯ୍ୟକ୍ରମରେ ପୋଖରୀ ଖନନ, ପୁରୁଣା ପୋଖରୀ ପୁନରୁଦ୍ଧାର ଓ ଗ୍ରାମ୍ୟ ରାସ୍ତା ନିର୍ମାଣ ଇତ୍ୟାଦି ଉପରେ ଗୁରୁତ୍ୱ ଆରୋପ କରାଯାଇ ଲୋକଙ୍କୁ କାମଧନ୍ଦା ଯୋଗାଇ ଦେବା ସଂଗେ ସଂଗେ ସ୍ଥାୟୀ ଜଳସେଚନର ବ୍ୟବସ୍ଥା ମଧ୍ୟ କରାଯିବ ବୋଲି ଶ୍ରୀ ଲେଙ୍କା କହିଥିଲେ ।

ଦାମୋଦରପୁର ଜଳ ଅମଳ ପ୍ରକଳ୍ପର ଶୁଭଭିତ୍ତି ଦାନ କରି ଶ୍ରୀ ଲେଙ୍କା କହିଲେ ଯେ, ଉକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ପ୍ରାୟ ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ଏକର ଜମିରେ ଜଳସେଚନ ସୁବିଧା ଲବ୍ଧ ହେବ, ଯଦ୍ୱାରା କି ଚାଷୀ ରବି ଋତୁରେ ବିଭିନ୍ନ ପନିପରିବା ଚାଷ କରି ଲାଭବାନ ହୋଇପାରିବ । ଇସରପୁର ଓ ଖଣ୍ଡିଆବନ୍ଧ ଜଳପ୍ରକଳ୍ପ କାର୍ଯ୍ୟକାରୀ ହେବାର ବ୍ୟବସ୍ଥା ହେଲେ ସରକାର ସାହାଯ୍ୟ କରିବେ ବୋଲି ଶ୍ରୀ ଲେଙ୍କା କହିଥିଲେ ।

ରାଜସ୍ୱମନ୍ତ୍ରୀ ଶ୍ରୀ ଲେଙ୍କା ନଖରା-କମଂଗ ରାସ୍ତାର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ ଏବଂ ପରେ ସାଧୁ ସୁନ୍ଦରଦାସ ବିଦ୍ୟାପୀଠ ଠାରେ ଆୟୋଜିତ ହୋଇଥିବା ଏକ ବିଜ୍ଞାନମେଳାର ଉଦ୍‌ଯାପନୀ ଦିବସରେ ଉଦ୍‌ବୋଧନ ଦେଇ ପରିବେଶ ସହ ମଣିଷର ସମ୍ପର୍କ ତଥା ଜଣେ ଅନ୍ୟର ପରିପୂରକ ବୋଲି କହିଥିଲେ ।

ଶ୍ରୀ ଲେଙ୍କା ସୁନାଦେଇ ଯୁବ ପରିଷଦର ନୂତନ ଗୃହ, ବଡପଦା ଗାଁର କୋଠଗୃହ, ବଡସାମନ୍ତରାପୁର ଗୋପବନ୍ଧୁ ପାଠାଗାର, ବେଲଦା ଉ.ପ୍ରା.ବିଦ୍ୟାଳୟର ନୂତନ ଗୃହ ଇତ୍ୟାଦିର ଶୁଭଭିତ୍ତି ପ୍ରସ୍ତର ସ୍ଥାପନ କରିବା ସହିତ ଆଦିବାସୀ ସାହିରେ ନୂତନ ନିର୍ମିତ କୋଠାଘର, ବଡପଦା ଗାଁ ଉ.ପ୍ରା. ବିଦ୍ୟାଳୟର ନୂତନ ଗୃହ, ବଡସାମନ୍ତରାପୁର ଉଚ୍ଚବିଦ୍ୟାଳୟର ନୂତନ ଗୃହ ଉଦ୍‌ଘାଟନ କରିଥିଲେ ।

## ସାଇଲୋଠାରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟିତ

ଜଗତସିଂହପୁର ଜିଲ୍ଲାର ସମସ୍ତ ଧୋଇଆ ଅଞ୍ଚଳକୁ ୧୯୯୮ ମସିହା ସୁଦ୍ଧା ଜଳସେଚନ ବ୍ୟବସ୍ଥା କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି ।

ଗତ ନଭେମ୍ବର ୧୭ ତାରିଖରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାଇଲୋଠାରେ ୩୬ ଲକ୍ଷ ୪୩ ହଜାର ଟଙ୍କା ବ୍ୟୟରେ ନିର୍ମିତ ଏକ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱାଳ ଉଦ୍‌ଘାଟନ କରି ରାଜ୍ୟରେ ଜଳସେଚନ ବ୍ୟବସ୍ଥାକୁ ୩୦ ପ୍ରତିଶତରୁ ୫୦ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ବୋଲି ପ୍ରକାଶ କରିଥିଲେ । ଇନ୍ଦ୍ରାବତୀ ବହୁମୁଖୀ ଜଳସେଚନ ପ୍ରକଳ୍ପ ବହୁ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲେ ମଧ୍ୟ ସେଥିରୁ ଆଦୌ ଜଳସେଚନ ହୋଇ ପାରୁନଥିଲା । ରାଜ୍ୟ ସରକାରଙ୍କର ଆନ୍ତରିକ ଉଦ୍ୟମ ଫଳରେ ଚଳିତ ବର୍ଷଠାରୁ ୩୫ ହଜାର ହେକ୍ଟର ଜମିରେ ଜଳସେଚିତ ହୋଇ ପାରୁଛି ଏବଂ ସେଥିରୁ କଳାହାଣ୍ଡି ଜିଲ୍ଲାର ଜୁନାଗଡ ଓ ଧର୍ମଗଡ ଅଞ୍ଚଳରେ ଲୋକମାନେ ଉପକୃତ ହେଉଛନ୍ତି । ଏହା ବ୍ୟତୀତ ଚଳିତବର୍ଷ ଉଠା ଜଳସେଚନ ମାଧ୍ୟମରେ ୮୬ ହଜାର ହେକ୍ଟର ଜମିରେ ଜଳସେଚନ ବ୍ୟବସ୍ଥା କରାଯାଇ ପାରିଛି ବୋଲି ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱାଳ ପ୍ରକାଶ କରିଥିଲେ । ରାଜ୍ୟରେ ଦେଖା ଦେଇଥିବା ଅଭୂତପୂର୍ବ ମରୁଡିର ମୁକାବିଲା ପାଇଁ ରାଜ୍ୟ ସରକାର ଦୃଢ ପଦକ୍ଷେପ ଗ୍ରହଣ କରୁଛନ୍ତି । ସୁଲଭ ମୂଲ୍ୟରେ ଚାଉଳ ଯୋଗାଣ ପରିମାଣକୁ ବୃଦ୍ଧି କରାଯିବା ସଂଗେ ସଂଗେ ପ୍ରତ୍ୟେକ ହାଟରେ ଏହା ବିକ୍ରୟକୁ ତ୍ୱରାନ୍ୱିତ କରାଯାଉଅଛି ବୋଲି ସେ ସୂଚନା ଦେଇଥିଲେ । ଏହି ଜିଲ୍ଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଟିନିକଳ ପ୍ରତିଷ୍ଠା କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ ଆରମ୍ଭ ହୋଇଥିବା ସେ ସୂଚନା ଦେଇଥିଲେ ।

ଜିଲ୍ଲାପାଳ ଶ୍ରୀ ପି.କେ.ମହାପାତ୍ର ଏହି ଉତ୍ସବରେ ଅଧ୍ୟକ୍ଷତା କରି କହିଲେ ଯେ, ଜିଲ୍ଲାରେ ଜଳାପଟା ଅଭିଯାନ ମାଧ୍ୟମରେ ନିର୍ମିତ ହେଉଥିବା

ସମସ୍ତ ବିଦ୍ୟାଳୟ ଏବଂ ନୂତନ ଭାବେ ଗଠିତ ପଞ୍ଚାୟତ ଗୃହଗୁଡିକର ନିର୍ମାଣ କାର୍ଯ୍ୟକୁ ୧୯୯୭ ମସିହା ମାର୍ଚ୍ଚ ମାସ ମଧ୍ୟରେ ସଂପୂର୍ଣ୍ଣ କରିବା ପାଇଁ ସ୍ଥିର ହୋଇଛି । ଏହା ବ୍ୟତୀତ ରାହାମାଠାରେ ଏକ ସୁଲଭ ଶୌଚାଳୟର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ ।

**ଶହୀଦ ବିର୍ସାମୁଣ୍ଡାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ**

ଗତ ନଭେମ୍ବର ୧୫ ତାରିଖ ସଂଧ୍ୟାରେ ସ୍ଥାନୀୟ ସୂଚନାଭବନଠାରେ ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ ଆନୁକୂଲ୍ୟରେ ଶହୀଦ ବିର୍ସାମୁଣ୍ଡା ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଏହି ଜୟନ୍ତୀ ଉତ୍ସବରେ ଅତିଥିଭାବେ ଯୋଗ ଦେଇ ରାଜ୍ୟ ଜଙ୍ଗଲ ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ କିଶୋର ଚନ୍ଦ୍ର ପଟେଲ ବିର୍ସାମୁଣ୍ଡାଙ୍କର ତ୍ୟାଗମୟ ଜୀବନର ସ୍ମୃତିଚାରଣ କରି, ସେ କିଭଳି ଆଦିବାସୀମାନଙ୍କ ମଧ୍ୟରେ ଧର୍ମାନ୍ତରୀକରଣ ବିରୁଦ୍ଧରେ ଓ ଦେଶପ୍ରେମ ସମ୍ପର୍କରେ ସଚେତନା ସୃଷ୍ଟି କରି ପାରିଥିଲେ ପ୍ରକାଶ କରିଥିଲେ । ରାଜ୍ୟ ସରକାର ଆଦିବାସୀମାନଙ୍କ ଉନ୍ନୟନ ପାଇଁ ପ୍ରଣୟନ କରୁଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇ କହିଲେ ଯେ ଆଦିବାସୀମାନେ ସରଳ, କର୍ମଠ ଓ ସତ୍ୟନିଷ୍ଠ । ସେମାନଙ୍କ ଜାତିପ୍ରେମ ତଥା ଦେଶପ୍ରେମ ସେମାନଙ୍କୁ ଭାରତ ଇତିହାସରେ ଚିରସ୍ମରଣୀୟ କରି ରଖିଥିବ ।

ଏଥିରେ ସଭାପତିତ୍ୱ କରି ରାଜ୍ୟ ସୂଚନା ଓ ଲୋକ ସଂପର୍କ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ବିର୍ସାମୁଣ୍ଡା ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ପ୍ରକାଶ କରିଥିଲେ । ଆଜିର ସମାଜ ବିର୍ସାମୁଣ୍ଡାଙ୍କ ଆଦର୍ଶ ଭୁଲି ତ୍ୟାଗ ବଦଳରେ ଭୋଗରେ ମାତି ରହିଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ । ବିର୍ସାମୁଣ୍ଡା ପଚିଶ ବର୍ଷ ଜୀବନକାଳ ମଧ୍ୟରେ ଦେଶରୁ ବ୍ରିଟିଶ୍ ଶାସନକୁ ହଟାଇବା ପାଇଁ ଆନ୍ଦୋଳନ କରି ଗୋରାମାନଙ୍କର କୋପ ଦୃଷ୍ଟିରେ ରହି ସାରା ଜୀବନ ବଣ ଜଙ୍ଗଲ ମଧ୍ୟରେ ବିତାଇ, ଆଦିବାସୀମାନଙ୍କର ସେବା କରିଚାଲିଥିଲେ । ଯେଉଁଥିପାଇଁ ଆଦିବାସୀମାନଙ୍କ ଦ୍ୱାରା ସେ ଭଗବାନ ଭାବରେ ପୂଜା ପାଉଛନ୍ତି ବୋଲି ଶ୍ରୀ ମଲ୍ଲିକ କହିଥିଲେ । ଶେଷ ଜୀବନ ପର୍ଯ୍ୟନ୍ତ ସଂଗ୍ରାମ ଜାରି ରଖି କାରାବରଣ କରିଥିବା ଶହୀଦ୍ ବିର୍ସାମୁଣ୍ଡାଙ୍କୁ ଅତି ନିର୍ଯ୍ୟାତିତ ଭାବରେ ଖାଦ୍ୟରେ ବିଷ ମିଶାଇ ଗୋରାମାନେ ହତ୍ୟାକରିଥିଲେ । ଧର୍ମାନ୍ତରକରଣର ବିରୋଧ କରି ସରଳ ଆଦିବାସୀମାନଙ୍କ ମଧ୍ୟରେ ଜାତିପ୍ରୀତି ଜାଗ୍ରତ କରି ଦେଶ ମାତୃକାର ସେବା କରିବା ପାଇଁ ପ୍ରବର୍ତ୍ତାଇଥିଲେ । ଆଜିର ଯୁବଗୋଷ୍ଠୀ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ସେବା କରିବା ପାଇଁ ଶ୍ରୀ ମଲ୍ଲିକ ଆହ୍ୱାନ ଦେଇଥିଲେ ।

ସମ୍ମାନିତ ଅତିଥି ଭାବରେ ବର୍ଷୀୟାନ୍ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ବିଜୟ ପାଣି ଯୋଗ ଦେଇ ବିର୍ସାମୁଣ୍ଡାଙ୍କ ଆଦର୍ଶକୁ କିଞ୍ଚିତ୍ ଆମ୍ଭେମାନେ ଗ୍ରହଣ କରି ପାରିଲେ, ଦେଶର ଅନିଶ୍ଚିତତା ସୁଦୃଢ ହୋଇ ପାରିବ ବୋଲି କହିଥିଲେ । ଅନ୍ୟତମ ଅତିଥି ପୂର୍ବତନ ମନ୍ତ୍ରୀ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର କହିଲେ ଯେ ଆମେ ବ୍ରିଟିଶ୍ ଶାସନକୁ ହଟାଇ ଦେଇଛୁ ସତ କିନ୍ତୁ ବ୍ରିଟିଶ୍ ସଭ୍ୟତାକୁ ଦୂରେଇ ଦେଇ ପାରିନାହୁଁ । ଦିନକୁ ଦିନ ଓଡିଆମାନଙ୍କର ସ୍ୱାଭିମାନ କ୍ଷୁଣ୍ଣ ହେବାକୁ ଯାଉଛି ବୋଲି ସେ କ୍ଷୋଭ ପ୍ରକାଶ କରି ସ୍ୱଦେଶ ପ୍ରୀତିରେ ନିଜକୁ ଉଦ୍‌ବୁଦ୍ଧ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ ।

ଏହି ଅବସରରେ ବିର୍ସାମୁଣ୍ଡାଙ୍କ ତ୍ୟାଗପୂତ ଜୀବନୀ ଉପରେ ଆୟୋଜିତ ଏକ ରାଜ୍ୟସ୍ତରୀୟ ତର୍କ ପ୍ରତିଯୋଗିତାର ବରିଷ୍ଠ କନିଷ୍ଠ ଦୁଇଗୋଟି ବିଭାଗର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଶ୍ରୀ ପଟେଲ୍ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ପୂର୍ବରୁ ଧରଣୀଧର ଭୂୟାଙ୍କ ସ୍ମୃତି ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ସଭାପତି ଶ୍ରୀ ମଲ୍ଲିକ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ପ୍ରାଣକୃଷ୍ଣ ବେହେରା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସୂଚନା ଭବନ ସୂଚନା ଅଧିକାରୀ ଶ୍ରୀ ମାୟାଧର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ । 'ତରଂଗ' ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ସଂଗୀତ ପରିବେଷଣ କରାଯାଇଥିଲା ।

**ଓଡ଼ିଶା ସୂଚନା ଓ ଲୋକ ସଂପର୍କ ଅଡିଓ - ଭିଜୁଆଲ୍ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ**

ଓଡିଶା ସୂଚନା ଓ ଲୋକ ସମ୍ପର୍କ ଅଡିଓ-ଭିଜୁଆଲ୍ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ ଡିସେମ୍ବର ୨୮ ତାରିଖରେ ସ୍ଥାନୀୟ କସ୍ତୁରବା ଶିକ୍ଷାଶ୍ରମଠାରେ ଅନୁଷ୍ଠିତ ହୋଇଯାଇଛି ।

ଓଡିଶାର ବିଭିନ୍ନ ପ୍ରାନ୍ତରୁ ଯୋଗ ଦେଇଥିବା ସଂଘର ସଭ୍ୟମାନଙ୍କୁ ନେଇ ଅନୁଷ୍ଠିତ ଏହି ଅଧିବେଶନରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସଂପାଦକ ଶ୍ରୀ ଭଗବାନ ପ୍ରଧାନଙ୍କ ଦ୍ୱାରା ସୂଚାଯାଇଥିବା ବିଭିନ୍ନ ଦାବୀ ସମ୍ପର୍କରେ ମତ ପ୍ରଦାନ କରି ଶ୍ରୀ ମିଶ୍ର କହିଲେ ଯେ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀମାନଙ୍କର ଦକ୍ଷତା ବୃଦ୍ଧି ପାଇବା ଏକାନ୍ତ ଅପରିହାର୍ଯ୍ୟ । ପଡୋଶୀ ରାଜ୍ୟମାନଙ୍କର ସୂଚନା ଓ ଲୋକ ସମ୍ପର୍କ ବିଭାଗର ବାର୍ଷିକ ବଜେଟ୍ ତୁଳନାରେ ଓଡିଶାର ବାର୍ଷିକ ବଜେଟ୍ କମ୍ ହୋଇଥିବା ହେତୁ ଅନେକ ସ୍ଥଳରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲେ ହେଁ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀମାନେ ନିଜ ନିଜର କାର୍ଯ୍ୟ ଦକ୍ଷତା ବୃଦ୍ଧି କରାଇ ପାରିଲେ, ଏହ ଅସୁବିଧାକୁ ଏଡାଯାଇ ପାରିବ ।

ସମ୍ମାନିତ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ପ୍ରାଣକୃଷ୍ଣ ବେହେରା ଅଡିଓ ଭିଜୁଆଲ୍ କର୍ମଚାରୀ ଏବଂ ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନଙ୍କ ବୃତ୍ତିଗତ ସମ୍ପର୍କ ବିଷୟରେ ଆଲୋଚନା କରି କହିଲେଯେ ଏହି କର୍ମଚାରୀମାନେ ଜରୁରୀ କାଳୀନ ପରିସ୍ଥିତିରେ ଛୁଟିଦିନମାନଙ୍କରେ କାର୍ଯ୍ୟରତ ରହୁଥିଲେ ହେଁ, ସେମାନଙ୍କୁ ଦିଆଯାଉଥିବା ପ୍ରୋତ୍ସାହନ ଯଥେଷ୍ଟ ନୁହେଁ । ବିଭାଗ ପକ୍ଷରୁ ଏ ସଂମ୍ପର୍କରେ ଆବଶ୍ୟକୀୟ ପଦକ୍ଷେପ ପର୍ଯ୍ୟାୟ କ୍ରମେ ନିଆଯିବ ବୋଲି ସେ କହିଥିଲେ ।

ଅନ୍ୟତମ ସମ୍ମାନିତ ଅତିଥି ଭାବେ ରାଜ୍ୟ ଗ୍ରାମ୍ୟ ବିକାଶ ସଂସ୍ଥାନର ନିର୍ଦ୍ଦେଶକ ଶ୍ରୀ ହରିହର ଆଚାର୍ଯ୍ୟ କହିଲେ ଯେ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଲୋକମାନଙ୍କ ନିକଟରେ ବିଭିନ୍ନ ଉନ୍ନୟନ ମୂଳକ ସରକାରୀ ଯୋଜନା ସମ୍ପର୍କରେ ସମ୍ବାଦ ପହଞ୍ଚାଇବାରେ ଅଡିଓ-ଭିଜୁଆଲ୍

ଶିକ୍ଷାକୁ ଅଧିକ ବ୍ୟାପକ କରିବାରେ ସହାୟକ ହେବା ସହିତ ହାଇସ୍କୁଲ ଶିକ୍ଷାକୁ ଅଧିକ ଉନ୍ନତ କରିପାରିବ ବୋଲି ଶ୍ରୀ ଜେନା ଆଶା ପ୍ରକାଶ କରିଥିଲେ ।

ରାଜ୍ୟ ପ୍ରାଥମିକ ଶିକ୍ଷା ପ୍ରକଳ୍ପର ନିର୍ଦ୍ଦେଶକ ଡଃ ଡି.କେ. ରାୟ ଏହି ସାନ୍ଧ୍ୟ ସ୍କୁଲକୁ ଉଦ୍‌ଘାଟନ କରି କହିଲେ ଯେ ରାଜ୍ୟରେ ଡ୍ରପ୍ ଆଉଟ୍ ସଂଖ୍ୟା ପ୍ରତିବର୍ଷ ବୃଦ୍ଧି ପାଉଥିବାରୁ ପ୍ରାଥମିକ ଓ ହାଇସ୍କୁଲ ଶିକ୍ଷାର ଅଧିକ ପ୍ରସାର ହୋଇପାରିନାହିଁ । ଓଡିଶାରେ ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ଯଥାର୍ଥ ଭାବେ କାର୍ଯ୍ୟକାରୀ କରିବା ପାଇଁ ଉପଯୁକ୍ତ ବାତାବରଣ ରହିଛି ବୋଲି ସଂପ୍ରତି ଓଡିଶା ଗସ୍ତରେ ଆସିଥିବା ବିଶ୍ୱବ୍ୟାଙ୍କର ସଭାପତି ମିଃଓଲଫେନ୍‌ସନ୍ ଦୃଢ-ମତବ୍ୟକ୍ତ କରିଯାଇଥିବା ଡଃ ରାୟ ପ୍ରକାଶ କରିଥିଲେ । ପ୍ରତ୍ୟେକ ସ୍କୁଲରେ ଖୋଲିବାକୁ ଥିବା 'ଲର୍ଣ୍ଣିଂ କର୍ଣ୍ଣର' ସଂପର୍କରେ ସୂଚନା ଦେଇ ଡଃ ରାୟ କହିଲେ ଯେ ଏଥିରେ ଏକ ଲାଇବ୍ରେରୀ ରହିବ ଏବଂ ଏହି ଲାଇବ୍ରେରୀରେ ଅନ୍ୟାନ୍ୟ ପୁସ୍ତକ ସହ ରାଜ୍ୟର ପ୍ରତ୍ୟେକ ଗ୍ରାମ, ପଞ୍ଚାୟତ, ବ୍ଳକ୍, ସବ୍‌ଡିଭିଜନ୍ ଓ ଜିଲ୍ଲା ସଂପର୍କରେ ସବିଶେଷ ବିବରଣୀ ଓ ମାନଚିତ୍ର ଆଦି ରଖାଯିବ । ଫଳରେ ଛାତ୍ରଛାତ୍ରୀମାନଙ୍କର ସାଧାରଣ ଜ୍ଞାନ ଆହରଣ ପୂର୍ବକ ପଠନ ପ୍ରକ୍ରିୟାର ଗୁଣାତ୍ମକ ମାନ ବୃଦ୍ଧି ଘଟାଇବାରେ ଏହି 'ଲର୍ଣ୍ଣିଂ କର୍ଣ୍ଣର୍' ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ଓଡିଶା କର୍ମଜୀବୀ ସାମ୍ବାଦିକ ୟୁନିୟନ୍‌ର ସଭାପତି ଶ୍ରୀ ରାମହରି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଦୈନିକ 'ସ୍ୱରାଜ୍ୟ'ର ସମ୍ପାଦକ ଶ୍ରୀ କୃଷ୍ଣ ମୋହନ ରାଓ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ ।

## ମରୁଡି ମୁକାବିଲା ଅଭିଯାନରେ ପ୍ରତ୍ୟେକ ପଞ୍ଚାୟତରେ ଜଳ-ପ୍ରକଳ୍ପମାନ ତିଆରି କରାଯିବ

-ରାଜସ୍ୱମନ୍ତ୍ରୀ ଶ୍ରୀ ଲେଙ୍କା

ଟାଙ୍ଗୀ-ଚୌଦ୍ୱାର ବ୍ଳକ୍‌ର ମରୁଡିଗ୍ରସ୍ତ ଅଞ୍ଚଳ ଗସ୍ତ କରି ରାଜସ୍ୱ ଓ ପରିବହନ ମନ୍ତ୍ରୀ ଶ୍ରୀ କାହ୍ନୁ ଚରଣ ଲେଙ୍କା କହିଛନ୍ତି ଯେ, ମରୁଡିର ମୁକାବିଲା ପାଇଁ ପ୍ରତି ପଞ୍ଚାୟତରେ ଜରୁରୀକାଳୀନ ଭିତ୍ତିରେ ଅନ୍ୟୁନ ଗୋଟିଏ ଲେଖାଏଁ ଜଳପ୍ରକଳ୍ପ ସୃଷ୍ଟି କରାଯିବ ।

ଟାଂଗୀ-ଚୌଦ୍ୱାର ବ୍ଳକର ନଖରା ଏବଂ ଶାଳଗାଁ ଗ୍ରାମପଞ୍ଚାୟତର ବିଭିନ୍ନ ମରୁଡିଗ୍ରସ୍ତ ଗ୍ରାମ ପରିଦର୍ଶନ କରି ନେଳିଆଠାରେ ଆୟୋଜିତ ଏକ ଚାଷୀ ସମାବେଶରେ ଯୋଗ ଦେଇ ରାଜସ୍ୱ ମନ୍ତ୍ରୀ ଶ୍ରୀ ଲେଙ୍କା କହିଲେ ଯେ, ଅଣ ଜଳସେଚିତ ଅଞ୍ଚଳରେ ଛୋଟ ଛୋଟ ଜଳପ୍ରକଳ୍ପମାନ ସୃଷ୍ଟି କରାଯାଇ ସେଇଥିରୁ ଜଳ ଯୋଗାଇ ପାରିଲେ ଚାଷୀମାନେ ବିଭିନ୍ନ ଋତୁରେ ବିଭିନ୍ନ ଫସଲ ଉତ୍ପାଦନ କରି ଲାଭବାନ ହୋଇପାରିବେ ।

ଚଳିତ ବର୍ଷର ଅଭୂତପୂର୍ବ ମରୁଡି ମୁକାବିଲା କାର୍ଯ୍ୟକ୍ରମରେ ପୋଖରୀ ଖନନ, ପୁରୁଣା ପୋଖରୀ ପୁନରୁଦ୍ଧାର ଓ ଗ୍ରାମ୍ୟ ରାସ୍ତା ନିର୍ମାଣ ଇତ୍ୟାଦି ଉପରେ ଗୁରୁତ୍ୱ ଆରୋପ କରାଯାଇ ଲୋକଙ୍କୁ କାମଧନ୍ଦା ଯୋଗାଇ ଦେବା ସଂଗେ ସଂଗେ ସ୍ଥାୟୀ ଜଳସେଚନର ବ୍ୟବସ୍ଥା ମଧ୍ୟ କରାଯିବ ବୋଲି ଶ୍ରୀ ଲେଙ୍କା କହିଥିଲେ ।

ଦାମୋଦରପୁର ଜଳ ଅମଳ ପ୍ରକଳ୍ପର ଶୁଭଭିତ୍ତି ଦାନ କରି ଶ୍ରୀ ଲେଙ୍କା କହିଲେ ଯେ, ଉକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ପ୍ରାୟ ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ଏକର ଜମିରେ ଜଳସେଚନ ସୁବିଧା ଲବ୍ଧ ହେବ, ଯଦ୍ୱାରା କି ଚାଷୀ ରବି ଋତୁରେ ବିଭିନ୍ନ ପନିପରିବା ଚାଷ କରି ଲାଭବାନ ହୋଇପାରିବ । ଇସରପୁର ଓ ଖଣ୍ଡିଆବନ୍ଧ ଜଳପ୍ରକଳ୍ପ କାର୍ଯ୍ୟକାରୀ ହେବାର ବ୍ୟବସ୍ଥା ହେଲେ ସରକାର ସାହାଯ୍ୟ କରିବେ ବୋଲି ଶ୍ରୀ ଲେଙ୍କା କହିଥିଲେ ।

ରାଜସ୍ୱମନ୍ତ୍ରୀ ଶ୍ରୀ ଲେଙ୍କା ନଖରା-କମଂଗ ରାସ୍ତାର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ ଏବଂ ପରେ ସାଧୁ ସୁନ୍ଦରଦାସ ବିଦ୍ୟାପୀଠ ଠାରେ ଆୟୋଜିତ ହୋଇଥିବା ଏକ ବିଜ୍ଞାନମେଳାର ଉଦ୍‌ଯାପନୀ ଦିବସରେ ଉଦ୍‌ବୋଧନ ଦେଇ ପରିବେଶ ସହ ମଣିଷର ସମ୍ପର୍କ ତଥା ଜଣେ ଅନ୍ୟର ପରିପୂରକ ବୋଲି କହିଥିଲେ ।

ଶ୍ରୀ ଲେଙ୍କା ସୁନାଦେଇ ଯୁବ ପରିଷଦର ନୂତନ ଗୃହ, ବଡପଦା ଗାଁର କୋଠଗୃହ, ବଡସାମନ୍ତରାପୁର ଗୋପବନ୍ଧୁ ପାଠାଗାର, ବେଲଡା ଉ.ପ୍ରା.ବିଦ୍ୟାଳୟର ନୂତନ ଗୃହ ଇତ୍ୟାଦିର ଶୁଭଭିତ୍ତି ପ୍ରସ୍ତର ସ୍ଥାପନ କରିବା ସହିତ ଆଦିବାସୀ ସାହିରେ ନୂତନ ନିର୍ମିତ କୋଠାଘର, ବଡପଦାଗାଁ ଉ.ପ୍ରା. ବିଦ୍ୟାଳୟର ନୂତନ ଗୃହ, ବଡସାମନ୍ତାପୁର ଉଚ୍ଚବିଦ୍ୟାଳୟର ନୂତନ ଗୃହ ଉଦ୍‌ଘାଟନ କରିଥିଲେ ।

## ସାଇଲୋଠାରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟିତ

ଜଗତସିଂହପୁର ଜିଲ୍ଲାର ସମସ୍ତ ଧୋରାଆ ଅଞ୍ଚଳକୁ ୧୯୯୮ ମସିହା ସୁଦ୍ଧା ଜଳସେଚନ ବ୍ୟବସ୍ଥା କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି ।

ଗତ ନଭେମ୍ବର ୧୭ ତାରିଖରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାଇଲୋଠାରେ ୩୬ ଲକ୍ଷ ୪୩ ହଜାର ଟଙ୍କା ବ୍ୟୟରେ ନିର୍ମିତ ଏକ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱାଳ ଉଦ୍‌ଘାଟନ କରି ରାଜ୍ୟରେ ଜଳସେଚନ ବ୍ୟବସ୍ଥାକୁ ୩୦ ପ୍ରତିଶତରୁ ୫୦ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ବୋଲି ପ୍ରକାଶ କରିଥିଲେ । ଇନ୍ଦ୍ରାବତୀ ବହୁମୁଖୀ ଜଳସେଚନ ପ୍ରକଳ୍ପ ବହୁ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲେ ମଧ୍ୟ ସେଥିରୁ ଆଦୌ ଜଳସେଚନ ହୋଇ ପାରୁନଥିଲା । ରାଜ୍ୟ ସରକାରଙ୍କର ଆନ୍ତରିକ ଉଦ୍ୟମ ଫଳରେ ଚଳିତ ବର୍ଷଠାରୁ ୩୫ ହଜାର ହେକ୍ଟର ଜମିରେ ଜଳସେଚିତ ହୋଇ ପାରୁଛି ଏବଂ ସେଥିରୁ କଳାହାଣ୍ଡି ଜିଲ୍ଲାର ଜୁନାଗଡ ଓ ଧର୍ମଗଡ ଅଞ୍ଚଳରେ ଲୋକମାନେ ଉପକୃତ ହେଉଛନ୍ତି । ଏହା ବ୍ୟତୀତ ଚଳିତବର୍ଷ ଉଠା ଜଳସେଚନ ମାଧ୍ୟମରେ ୮୭ ହଜାର ହେକ୍ଟର ଜମିରେ ଜଳସେଚନ ବ୍ୟବସ୍ଥା କରାଯାଇ ପାରିଛି ବୋଲି ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱାଳ ପ୍ରକାଶ କରିଥିଲେ । ରାଜ୍ୟରେ ଦେଖା ଦେଇଥିବା ଅଭୂତପୂର୍ବ ମରୁଡିର ମୁକାବିଲା ପାଇଁ ରାଜ୍ୟ ସରକାର ଦୃଢ ପଦକ୍ଷେପ ଗ୍ରହଣ କରୁଛନ୍ତି । ସୁଲଭ ମୂଲ୍ୟରେ ଚାଉଳ ଯୋଗାଣ ପରିମାଣକୁ ବୃଦ୍ଧି କରାଯିବା ସଂଗେ ସଂଗେ ପ୍ରତ୍ୟେକ ହାଟରେ ଏହା ବିକ୍ରୟକୁ ତ୍ୱରାନ୍ୱିତ କରାଯାଉଥିଛି ବୋଲି ସେ ସୂଚନା ଦେଇଥିଲେ । ଏହି ଜିଲ୍ଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଟିନିକଲ ପ୍ରତିଷ୍ଠା କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ ଆରମ୍ଭ ହୋଇଥିବା ସେ ସୂଚନା ଦେଇଥିଲେ ।

ଜିଲ୍ଲାପାଳ ଶ୍ରୀ ପି.କେ.ମହାପାତ୍ର ଏହି ଉତ୍ସବରେ ଅଧ୍ୟକ୍ଷତା କରି କହିଲେ ଯେ, ଜିଲ୍ଲାରେ କଳାପତା ଅଭିଯାନ ମାଧ୍ୟମରେ ନିର୍ମିତ ହେଉଥିବା

ସମସ୍ତ ବିଦ୍ୟାଳୟ ଏବଂ ନୂତନ ଭାବେ ଗଠିତ ପଞ୍ଚାୟତ ଗୃହଗୁଡିକର ନିର୍ମାଣ କାର୍ଯ୍ୟକୁ ୧୯୯୭ ମସିହା ମାର୍ଚ୍ଚ ମାସ ମଧ୍ୟରେ ସଂପୂର୍ଣ୍ଣ କରିବା ପାଇଁ ସ୍ଥିର ହୋଇଛି । ଏହା ବ୍ୟତୀତ ରାହାମାଠାରେ ଏକ ସ୍ୱଳ୍ପ ଶୀତାଳୟର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ ।

## ଶହୀଦ ବିର୍ସାମୁଣ୍ଡାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ

ଗତ ନଭେମ୍ବର ୧୫ ତାରିଖ ସଂଧ୍ୟାରେ ସ୍ଥାନୀୟ ସୂଚନାଭବନଠାରେ ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ ଆନୁକୂଲ୍ୟରେ ଶହୀଦ ବିର୍ସାମୁଣ୍ଡା ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଏହି ଜୟନ୍ତୀ ଉତ୍ସବରେ ଅତିଥିଭାବେ ଯୋଗ ଦେଇ ରାଜ୍ୟ ଜଙ୍ଗଲ ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ କିଶୋର ଚନ୍ଦ୍ର ପଟେଲ ବିର୍ସାମୁଣ୍ଡାଙ୍କର ତ୍ୟାଗମୟ ଜୀବନର ସ୍ମୃତିଚାରଣ କରି, ସେ କିଭଳି ଆଦିବାସୀମାନଙ୍କ ମଧ୍ୟରେ ଧର୍ମାନ୍ତକରଣ ବିରୁଦ୍ଧରେ ଓ ଦେଶପ୍ରେମ ସମ୍ପର୍କରେ ସଚେତନା ସୃଷ୍ଟି କରି ପାରିଥିଲେ ପ୍ରକାଶ କରିଥିଲେ । ରାଜ୍ୟ ସରକାର ଆଦିବାସୀମାନଙ୍କ ଉନ୍ନୟନ ପାଇଁ ପ୍ରଣୟନ କରୁଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇ କହିଲେ ଯେ ଆଦିବାସୀମାନେ ସରଳ, କର୍ମଠ ଓ ସତ୍ୟନିଷ୍ଠ । ସେମାନଙ୍କ ଜାତିପ୍ରେମ ତଥା ଦେଶପ୍ରେମ ସେମାନଙ୍କୁ ଭାରତ ଇତିହାସରେ ଚିରସ୍ମରଣୀୟ କରି ରଖିଥିବ ।

ଏଥିରେ ସଭାପତିତ୍ୱ କରି ରାଜ୍ୟ ସୂଚନା ଓ ଲୋକ ସଂପର୍କ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ବିର୍ସାମୁଣ୍ଡା ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ପ୍ରକାଶ କରିଥିଲେ । ଆଜିର ସମାଜ ବିର୍ସାମୁଣ୍ଡାଙ୍କ ଆଦର୍ଶ ଭୁଲି ତ୍ୟାଗ ବଦଳରେ ଭୋଗରେ ମାତି ରହିଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ । ବିର୍ସାମୁଣ୍ଡା ପଚିଶ ବର୍ଷ ଜୀବନକାଳ ମଧ୍ୟରେ ଦେଶରୁ ବ୍ରିଟିଶ୍ ଶାସନକୁ ହଟାଇବା ପାଇଁ ଆନ୍ଦୋଳନ କରି ଗୋରାମାନଙ୍କର କୋପ ଦୃଷ୍ଟିରେ ରହି ସାରା ଜୀବନ ବଣ ଜଙ୍ଗଲ ମଧ୍ୟରେ ବିତାଇ, ଆଦିବାସୀମାନଙ୍କର ସେବା କରିଚାଲିଥିଲେ । ଯେଉଁଥିପାଇଁ ଆଦିବାସୀମାନଙ୍କ ଦ୍ୱାରା ସେ ଭଗବାନ ଭାବରେ ପୂଜା ପାଉଛନ୍ତି ବୋଲି ଶ୍ରୀ ମଲ୍ଲିକ କହିଥିଲେ । ଶେଷ ଜୀବନ ପର୍ଯ୍ୟନ୍ତ ସଂଗ୍ରାମ ଜାରି ରଖି କାରାବରଣ କରିଥିବା ଶହୀଦ୍ ବିର୍ସାମୁଣ୍ଡାଙ୍କୁ ଅତି ନିର୍ଯ୍ୟାତିତ ଭାବରେ ଖାଦ୍ୟରେ ବିଷ ମିଶାଇ ଗୋରାମାନେ ହତ୍ୟାକରିଥିଲେ । ଧର୍ମାନ୍ତକରଣର ବିରୋଧ କରି ସରଳ ଆଦିବାସୀମାନଙ୍କ ମଧ୍ୟରେ ଜାତିପ୍ରୀତି ଜାଗ୍ରତ କରି ଦେଶ ମାତୃକାର ସେବା କରିବା ପାଇଁ ପ୍ରବର୍ତ୍ତାଇଥିଲେ । ଆଜିର ଯୁବଗୋଷ୍ଠୀ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ସେବା କରିବା ପାଇଁ ଶ୍ରୀ ମଲ୍ଲିକ ଆହ୍ୱାନ ଦେଇଥିଲେ ।

ସମ୍ମାନିତ ଅତିଥି ଭାବରେ ବର୍ଷିଆନ୍ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ବିଜୟ ପାଣି ଯୋଗ ଦେଇ ବିର୍ସାମୁଣ୍ଡାଙ୍କ ଆଦର୍ଶରୁ ଜାଣିହେବ ଆମ୍ଭେମାନେ ଗ୍ରହଣ କରି ପାରିଲେ, ଦେଶର ଅନିଶ୍ଚିତତା ସୁଦୃଢ ହୋଇ ପାରିବ ବୋଲି କହିଥିଲେ । ଅନ୍ୟତମ ଅତିଥି ପୂର୍ବତନ ମନ୍ତ୍ରୀ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର କହିଲେ ଯେ ଆମେ ବ୍ରିଟିଶ୍ ଶାସନକୁ ହଟାଇ ଦେଇଛୁ ସତ କିନ୍ତୁ ବ୍ରିଟିଶ୍ ସଭ୍ୟତାକୁ ଦୂରେଇ ଦେଇ ପାରିନାହୁଁ । ଦିନକୁ ଦିନ ଓଡିଆମାନଙ୍କର ସ୍ୱାଭିମାନ କ୍ଷୁଣ୍ଣ ହେବାକୁ ଯାଉଛି ବୋଲି ସେ କ୍ଷୋଭ ପ୍ରକାଶ କରି ସ୍ୱଦେଶ ପ୍ରୀତିରେ ନିଜକୁ ଉଦ୍‌ବୁଦ୍ଧ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ ।

ଏହି ଅବସରରେ ବିର୍ସାମୁଣ୍ଡାଙ୍କ ତ୍ୟାଗପୂତ ଜୀବନୀ ଉପରେ ଆୟୋଜିତ ଏକ ରାଜ୍ୟସ୍ତରୀୟ ତର୍କ ପ୍ରତିଯୋଗିତାର ବରିଷ୍ଠ କନିଷ୍ଠ ଦୁଇଗୋଟି ବିଭାଗର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଶ୍ରୀ ପଟେଲ୍ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ପୂର୍ବରୁ ଧରଣୀଧର ଭୂୟାଙ୍କ ସ୍ମୃତି ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ସଭାପତି ଶ୍ରୀ ମଲ୍ଲିକ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ପ୍ରାଣକୃଷ୍ଣ ବେହେରା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସୂଚନା ଭବନ ସୂଚନା ଅଧିକାରୀ ଶ୍ରୀ ମାୟାଧର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ । 'ତରଂଗ' ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ସଂଗୀତ ପରିବେଷଣ କରାଯାଇଥିଲା ।

## ଓଡ଼ିଶା ସୂଚନା ଓ ଲୋକ ସଂପର୍କ ଅଡିଓ - ଭିଜୁଆଲ୍ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ

ଓଡିଶା ସୂଚନା ଓ ଲୋକ ସମ୍ପର୍କ ଅଡିଓ-ଭିଜୁଆଲ୍ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ ଡିସେମ୍ବର ୨୮ ତାରିଖରେ ସ୍ଥାନୀୟ କସ୍ତୁରବା ଶିକ୍ଷାଶ୍ରମଠାରେ ଅନୁଷ୍ଠିତ ହୋଇଯାଇଛି ।

ଓଡିଶାର ବିଭିନ୍ନ ପ୍ରାନ୍ତରୁ ଯୋଗ ଦେଇଥିବା ସଂଘର ସଭ୍ୟମାନଙ୍କୁ ନେଇ ଅନୁଷ୍ଠିତ ଏହି ଅଧିବେଶନରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସଂପାଦକ ଶ୍ରୀ ଭଗବାନ ପ୍ରଧାନଙ୍କ ଦ୍ୱାରା ସୂଚାଯାଇଥିବା ବିଭିନ୍ନ ଦାବୀ ସମ୍ପର୍କରେ ମତ ପ୍ରଦାନ କରି ଶ୍ରୀ ମିଶ୍ର କହିଲେ ଯେ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀମାନଙ୍କର ଦକ୍ଷତା ବୃଦ୍ଧି ପାଇବା ଏକାନ୍ତ ଅପରିହାର୍ଯ୍ୟ । ପଡୋଶୀ ରାଜ୍ୟମାନଙ୍କର ସୂଚନା ଓ ଲୋକ ସମ୍ପର୍କ ବିଭାଗର ବାର୍ଷିକ ବଜେଟ୍ ତୁଳନାରେ ଓଡିଶାର ବାର୍ଷିକ ବଜେଟ୍ କମ୍ ହୋଇଥିବା ହେତୁ ଅନେକ ସ୍ଥଳରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲେ ହେଁ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀମାନେ ନିଜ ନିଜର କାର୍ଯ୍ୟ ଦକ୍ଷତା ବୃଦ୍ଧି କରାଇ ପାରିଲେ, ଏହ ଅସୁବିଧାକୁ ଏଡାଯାଇ ପାରିବ ।

ସମ୍ମାନିତ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ପ୍ରାଣକୃଷ୍ଣ ବେହେରା ଅଡିଓ ଭିଜୁଆଲ୍ କର୍ମଚାରୀ ଏବଂ ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନଙ୍କ ବୃତ୍ତିଗତ ସମ୍ପର୍କ ବିଷୟରେ ଆଲୋଚନା କରି କହିଲେଯେ ଏହି କର୍ମଚାରୀମାନେ ଜରୁରୀ କାଳୀନ ପରିସ୍ଥିତିରେ ଛୁଟିଦିନମାନଙ୍କରେ କାର୍ଯ୍ୟରତ ରହୁଥିଲେ ହେଁ, ସେମାନଙ୍କୁ ଦିଆଯାଉଥିବା ପ୍ରୋତ୍ସାହନ ଯଥେଷ୍ଟ ନୁହେଁ । ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ଆବଶ୍ୟକୀୟ ପଦକ୍ଷେପ ପର୍ଯ୍ୟାୟ କ୍ରମେ ନିଆଯିବ ବୋଲି ସେ କହିଥିଲେ ।

ଅନ୍ୟତମ ସମ୍ମାନିତ ଅତିଥି ଭାବେ ରାଜ୍ୟ ଗ୍ରାମ୍ୟ ବିକାଶ ସଂସ୍ଥାନର ନିର୍ଦ୍ଦେଶକ ଶ୍ରୀ ହରିହର ଆଚାର୍ଯ୍ୟ କହିଲେ ଯେ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଲୋକମାନଙ୍କ ନିକଟରେ ବିଭିନ୍ନ ଉନ୍ନୟନ ମୂଳକ ସରକାରୀ ଯୋଜନା ସମ୍ପର୍କରେ ସମ୍ବାଦ ପହଞ୍ଚାଇବାରେ ଅଡିଓ-ଭିଜୁଆଲ୍

କର୍ମଚାରୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ବିଭାଗୀୟ ଉପଶାସନ ସଚିବ ଶ୍ରୀ ଜମିଲ୍ ଅହମ୍ମଦ୍ ଖାଁ ଅନ୍ୟତମ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଆଗନ ପରିସର ଭିତରେ ଯଥା ସମ୍ଭବ ଦାବୀ ପୂରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସୂଚନା ଓ ଲୋକ ସମ୍ପର୍କ ବିଭାଗର କାର୍ଯ୍ୟକ୍ରମ ସଂଯୋଜକ ଶ୍ରୀ ଶ୍ୟାମ ସୁନ୍ଦର ନାୟକ କହିଲେ ଯେ ବଡ ବଡ ସହରରେ କାର୍ଯ୍ୟରତ ଉଚ୍ଚସ୍ତରୀୟ ଅଧିକାରୀମାନେ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ଅଭାବ ଅସୁବିଧା ହୃଦୟଙ୍ଗମ କରିବା ସହିତ ଆବଶ୍ୟକୀୟ ଉପକରଣ ଯୋଗାଇ ଦେବା ଆବଶ୍ୟକ ।

ପ୍ରାରମ୍ଭରେ ସଂଘର ସମ୍ପାଦକ ବିବରଣୀ ପାଠ କରିବା ସହ ଦାବୀ ଗୁଡିକ ଉପସ୍ଥାପନ କରିଥିଲେ । ନିୟମିତ ଭାବେ ଗସ୍ତ ଖର୍ଚ୍ଚ ପ୍ରଦାନ, ବିଭିନ୍ନ ଜରୁରୀକାଳୀନ କାର୍ଯ୍ୟରେ ନିୟୋଜିତ ହେଉଥିବା ହେତୁ ବର୍ଷାତି, ହେଲ୍‌ମେଟ୍ ଇତ୍ୟାଦି ଯୋଗାଇବା ସହ ପରିଚୟ ପତ୍ର ପ୍ରଦାନ, କ୍ୟାଡର୍ ଲିଷ୍ଟ ପ୍ରସ୍ତୁତ କରିବା ଇତ୍ୟାଦି ସଂଘ ତରଫରୁ ଦାବୀ କରାଯାଇଥିଲା । ଅଡିଓ-ଭିଜୁଆଲ୍ କର୍ମଚାରୀମାନଙ୍କ ମଧ୍ୟରୁ ଉପଯୁକ୍ତ ଯୋଗ୍ୟତା ସମ୍ପନ୍ନ ବ୍ୟକ୍ତିଙ୍କୁ ଶତକଡ଼ା ୨୦ ହାରରେ ଓଡିଶା ସୂଚନା ସେବାକୁ ପଦୋନ୍ନତି ଦେବା ଓ ବିଭିନ୍ନ ସ୍ଥାନରେ ଖାଲି ପଡିଥିବା ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରିବା ପାଇଁ ମଧ୍ୟ ଦାବି କରାଯାଇଥିଲା ।

ଅଧିବେଶନରେ ଶ୍ରୀ ଦିବ୍ୟସିଂହ ପଟ୍ଟନାୟକ ସଭାପତିତ୍ୱ କରିଥିଲେ ଓ ଶ୍ରୀ ଉମାକାନ୍ତ ଶତପଥୀ ଧନ୍ୟବାଦ ଜଣାଇଥିଲେ ।

## ଯୁବଶକ୍ତି ହିଁ ସମାଜର ମେରୁଦଣ୍ଡ

*-ସୂଚନା ମନ୍ତ୍ରୀ ଶ୍ରୀ ମଲ୍ଲିକ*

ଗତ ନଭେମ୍ବର ୧୩ ତାରିଖ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଅନ୍ତର୍ଗତ ଗୀପଣପଦାଠାରେ ଅନୁଷ୍ଠିତ ରାଧାମାଧବ ପାଠାଗାର ଓ ଯୁବକ ସଂଘର ବିଂଶତମ ବାର୍ଷିକ ଉତ୍ସବରେ ସମ୍ମାନିତ ଅତିଥି ରୂପେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ଯୋଗ ଦେଇ କହିଲେ ଯେ ଯୁବଶକ୍ତି ହିଁ ସମାଜର ମେରୁଦଣ୍ଡ । ଆଜିର ଯୁବଶକ୍ତି ଶୃଙ୍ଖଳିତ ହୋଇ ସଂଘବଦ୍ଧ ଭାବେ କାର୍ଯ୍ୟ କଲେ, ସମାଜରୁ ଦୁର୍ନୀତି, ଭ୍ରଷ୍ଟାଚାର ଦୂର ହୋଇ ସୁସ୍ଥ ତଥା ଶାନ୍ତି ସାମାଜିକ ବାତାବରଣ ସୃଷ୍ଟି ହୋଇପାରିବ । ଦେଶକୁ ପ୍ରଗତି ପଥରେ ଆଗେଇ ନେବାର ଦାୟିତ୍ୱ ଆଜିର ଏହି ଯୁବ ସମାଜ ଉପରେ । ଗ୍ରାମର ଉନ୍ନତି ପାଇଁ ଏହି ଯୁବ ଗୋଷ୍ଠୀ ଆଗେଇ ଆସିବାକୁ ମନ୍ତ୍ରୀ ମଲ୍ଲିକ ଆହ୍ୱାନ କରିଥିଲେ ।

ଏଥିରେ ମୁଖ୍ୟବକ୍ତା ଭାବେ ସାଂସଦ ଶ୍ରୀ ମୁରଲିଧର ଜେନା ଓ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ରାଉତ ଯୋଗ ଦେଇ ସମାଜର ସର୍ବାଙ୍ଗୀନ ଉନ୍ନତି ଦିଗରେ ଯୁବ ଗୋଷ୍ଠୀର ଭୂମିକା ଅତୁଳନୀୟ ବୋଲି କହିଥିଲେ ।

ସନ୍ଧ୍ୟାରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ଭଦ୍ରକସ୍ଥ ଚରମ୍ପା ହାଇସ୍କୁଲଠାରେ ବୟନଶିଳ୍ପ ବିଭାଗ ଦ୍ୱାରା ଆୟୋଜିତ ଏକ ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ । ଏହି ପରିପ୍ରେକ୍ଷୀରେ ସେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ପ୍ରଦର୍ଶନୀ ଷ୍ଟଲ୍ ବୁଲି ଦେଖିଥିଲେ ।

ପୂର୍ବରୁ ମନ୍ତ୍ରୀ ଶ୍ରୀ ମଲ୍ଲିକ ଭଦ୍ରକ ଜିଲ୍ଲାର ଧୁସୁରୀ ଓ ବ୍ରାହ୍ମଣପାଳ ଗସ୍ତରେ ଯାଇ ଅତି ପ୍ରାଚୀନ ଦକ୍ଷିଣ କାଳୀ ଦର୍ଶନ କରିଥିଲେ । ଆଜକୁ ପ୍ରାୟ ପାଞ୍ଚଶହ ବର୍ଷ ହେବ, ସେଠାରେ ପୂଜିତ ହୋଇ ଆସୁଥିବା ଦକ୍ଷିଣ କାଳୀ ଏହି ଅଞ୍ଚଳବାସୀଙ୍କ ମଧ୍ୟରେ ଧର୍ମଧାରଣା ସୃଷ୍ଟି କରିବା ସଂଗେ ସଂଗେ ଲୋକମାନଙ୍କ ମଧ୍ୟରେ ଥିବା କୁ-ସଂସ୍କାର ତଥା ଅନ୍ଧ ବିଶ୍ୱାସର ସମାଧାନ କରିବ ବୋଲି ସେ କହିଥିଲେ ।

## ଓଡିଶା ପ୍ରେସ୍ ଆଣ୍ଡ ମିଡିଆ ସୋସାଇଟି ଉଦ୍‌ଘାଟିତ.

ନୂତନ ଭାବେ ଗଠିତ ହୋଇଥିବା ଓଡିଶା ପ୍ରେସ୍ ଆଣ୍ଡ ମିଡିଆ ସୋସାଇଟି ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ହୋଟେଲ 'ପ୍ରାଚୀ'ଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ମିଶ୍ର ଆନୁଷ୍ଠାନିକ ଭାବେ ଏହା ଉଦ୍‌ଘାଟନ କରିଥିଲେ । ଶ୍ରୀ ମିଶ୍ର ଦୃଶ୍ୟ-ଶ୍ରାବ୍ୟ ଗଣମାଧ୍ୟମଗୁଡିକର ଅଗ୍ରଗତି ଘଟିଥିବାରୁ ବିଭିନ୍ନ ସମ୍ବାଦପତ୍ରର ସାମ୍ବାଦିକମାନେ ସାଧାରଣ ସମ୍ବାଦ ଅପେକ୍ଷା ବିଶ୍ଳେଷଣାତ୍ମକ ସମ୍ବାଦ ପ୍ରକାଶନ ଉପରେ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ । ପ୍ରେସ୍ ସ୍ୱାଧୀନତା ଉପରେ ଗୁରୁତ୍ୱ ଆରୋପ କରି ଶ୍ରୀ ମିଶ୍ର କହିଲେ ଯେ ସମାଜରେ କୁ-ପ୍ରଭାବ ପକାଉଥିବା ସମ୍ବାଦଗୁଡିକ ପ୍ରକାଶନରେ ସାମ୍ବାଦିକମାନେ ନିଜେ ସଂଯମତା ରକ୍ଷା କଲେ, ସେମାନଙ୍କ ଉପରେ ବାହାରୁ କୌଣସି ନିୟନ୍ତ୍ରଣ ଜାରିର ଆବଶ୍ୟକତା ରହିବ ନାହିଁ ।

'ସମୟ'ର ସମ୍ପାଦକ ଶ୍ରୀ ସାତକଡି ହୋତା ଏଥିରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସାମ୍ବାଦିକମାନେ ମୁକ୍ତ ସମାଜ ଗଠନ ନିମନ୍ତେ ସତ୍ୟ ତଥା ନିରପେକ୍ଷ ସମ୍ବାଦ ପରିବେଷଣ କରିବା ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ନିଜର ଅଧିକାର ସାବ୍ୟସ୍ତ କରିବା ସହିତ କର୍ତ୍ତବ୍ୟ ପ୍ରତି ମଧ୍ୟ ସଚେତନ ରହିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ ।

ଏହି ଉତ୍ସବରେ ଦୈନିକ ମାତୃଭାଷା'ର ସମ୍ପାଦକ ଶ୍ରୀ ବିକାଶ କର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସତ୍ୟର ଅନୁସନ୍ଧାନ ସାମ୍ବାଦିକମାନଙ୍କର ମୂଳ ମନ୍ତ୍ର ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ପ୍ରଫେସର ଡି.କେ. ସିଂହ ଉଦ୍‌ବୋଧନ ଦେଇ କହିଲେ ଯେ ସାମ୍ବାଦିକମାନେ ବୈଦ୍ୟ ସଦୃଶ । ଦେଶର ବିଭିନ୍ନ କ୍ଷେତ୍ରରେ ଥିବା ଦୁର୍ନୀତି ରୂପକ ରୋଗକୁ ଏହି ବୈଦ୍ୟମାନେ ହିଁ ବାସ୍ତବ ନିଦାନ ଦେଇପାରିବେ । ଅନ୍ୟତମ ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ଶ୍ରୀ ପ୍ରଦୋଷ ପଟ୍ଟନାୟକ ନିର୍ଭୀକ ଭାବେ ସତ୍ୟ ସମ୍ବାଦ ପରିବେଷଣ ପାଇଁ ଉପଯୁକ୍ତ ପରିବେଶର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

ଅନୁଷ୍ଠାନର ସଭାପତି ଶ୍ରୀ ହଳଧର ଧୀରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବର ପ୍ରାରମ୍ଭରେ ଉପ ସଭାପତି ଶ୍ରୀ ସୁରେନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ସାଧାରଣ ସମ୍ପାଦକ ଶ୍ରୀ ବିମଳ କୁମାର ଭଞ୍ଜଦେଓ ଅନୁଷ୍ଠାନର ଆଭିମୁଖ୍ୟ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇଥିଲେ । ସାମ୍ବାଦିକ ଶ୍ରୀ ବିଜୟ ପଣ୍ଡା ଉତ୍ସବ ପରିଚାଳନା କରିଥିଲେ । ଯୁଗ୍ମ ସମ୍ପାଦକ ଶ୍ରୀ ବୈଷ୍ଣବ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ଆନ୍ତର୍ଜାତିକ ବାଣିଜ୍ୟମେଳାରେ ଓଡ଼ିଶା ମଣ୍ଡପ

ଭାରତ ଆନ୍ତର୍ଜାତିକ ବାଣିଜ୍ୟମେଳା - ୯୬ ନୂଆଦିଲ୍ଲୀସ୍ଥ ପ୍ରଗତି ମଇଦାନ ଠାରେ ଗତ ନଭେମ୍ବର ୧୪ ତାରିଖଠାରୁ ୨୭ ତାରିଖ ପର୍ଯ୍ୟନ୍ତ ବିପୁଳ ଜନଗହଳି ଓ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି ।

ଏହି ମନୋରମ ଆନ୍ତର୍ଜାତିକ ମେଳା ଦକ୍ଷିଣ ପୂର୍ବ ଏସିଆର ସର୍ବବୃହତ୍ ପ୍ରଦର୍ଶନୀ ଭାବରେ ଖ୍ୟାତି ଲାଭ କରି ଆସିଛି ।

ଏ ବର୍ଷର ବାଣିଜ୍ୟମେଳାର ବିଷୟବସ୍ତୁ ଥିଲା - କ୍ଷୁଦ୍ରଶିଳ୍ପ । ଭାରତର ବିଭିନ୍ନ ରାଜ୍ୟ ପକ୍ଷରୁ ଆୟୋଜିତ କ୍ଷୁଦ୍ରଶିଳ୍ପ ସାମଗ୍ରୀର ସୁସଜ୍ଜିତ ମଣ୍ଡପଗୁଡ଼ିକ ମେଳାର ଶୋଭା ମଣ୍ଡନ କରିଥିଲା ।

ବିଦେଶର ବହୁ କ୍ଷୁଦ୍ରଶିଳ୍ପ ସଂସ୍ଥା ସେମାନଙ୍କର ସୌଖୀନ ସାମଗ୍ରୀ ଓ ବୈଷୟିକ ଉପକରଣର ପ୍ରଦର୍ଶନୀ ଖୋଲିଥିଲେ । ଦେଶ-ବିଦେଶର ରଙ୍ଗ-ବେରଙ୍ଗର ହସ୍ତଶିଳ୍ପ, କାରିଗରୀ କୌଶଳ, କାରୁକଳା, ବୟନଶିଳ୍ପର ସମାବେଶ ପ୍ରଗତି ମଇଦାନକୁ ଅନୁପମ ସୁଷମା ସମ୍ଭାରରେ ସୁଶୋଭିତ କରିଥିଲା ।


ଆନ୍ତର୍ଜାତିକ ବାଣିଜ୍ୟମେଳାରେ ଓଡ଼ିଶା ମଣ୍ଡପ

ଓଡ଼ିଶାର ପାରମ୍ପରିକ ଶିଳ୍ପକଳା, କୁଟୀରଶିଳ୍ପ, ପଥର କାରୁ କାର୍ଯ୍ୟ, ବୟନଶିଳ୍ପ, ତନ୍ତ ବସ୍ତ୍ର, ତାରକସୀ ଶିଳ୍ପ ପ୍ରଦର୍ଶନୀ ଥିଲା ଏହି ମେଳାର ବିଶେଷ ଆକର୍ଷଣ । ଦେଶ-ବିଦେଶର ଦର୍ଶକମାନେ ସୁଦୃଶ୍ୟ ଓଡ଼ିଶା ମଣ୍ଡପ ଦେଖି ଉତ୍କଳୀୟ ଶିଳ୍ପକଳା ଓ କାରିଗରୀ କୌଶଳର ଉଚ୍ଚପ୍ରଶଂସା କରିଥିଲେ ।


ନୂଆଦିଲ୍ଲୀ ପ୍ରଗତି ମଇଦାନଠାରେ ଅନୁଷ୍ଠିତ ଭାରତ ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଓଡ଼ିଶା ଦିବସ ଉତ୍ସବ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ଉଦ୍‌ଘାଟନ କରୁଛନ୍ତି । ତାଙ୍କ ପାର୍ଶ୍ୱରେ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ମିଶ୍ର ଓ ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ପ୍ରାଣକୃଷ୍ଣ ବେହେରା ୨୩/୧୧/୯୬



'ଓଡ଼ିଶା ଦିବସ' ଉତ୍ସବରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଉଛନ୍ତି ।

ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ଶ୍ରୀ ସନ୍ତୋଷ କୁମାର ମିଶ୍ର ସମବେତ ଦର୍ଶକ ଓ ଅତିଥିମାନଙ୍କୁ ସ୍ୱାଗତ ଜଣାଇ ଓଡ଼ିଶାର ଶିଳ୍ପ ଓ କାରୁକଳା ବିଶ୍ୱରେ ନିଜର ବୈଶିଷ୍ଟ୍ୟ ପ୍ରଦର୍ଶନ କରି ଆସିଛି ବୋଲି କହିଥିଲେ । ଆନ୍ତର୍ଜାତିକ ବାଣିଜ୍ୟମେଳାରେ ପ୍ରତିବର୍ଷ ଓଡ଼ିଶା ମଣ୍ଡପ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରି ଆସିଥିବାରୁ ସେ ଆନନ୍ଦ ପ୍ରକାଶ କରିଥିଲେ ।

ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ପ୍ରାଣକୃଷ୍ଣ ବେହେରା ଧନ୍ୟବାଦ ଦେଇଥିଲେ ।

ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶାର ବିଶିଷ୍ଟ କଳାକାରମାନେ ଲୋକନୃତ୍ୟ, ଓଡ଼ିଶୀନୃତ୍ୟ ପରିବେଷଣ କରିଥିଲେ ।

ଏହି ବାଣିଜ୍ୟମେଳା କେବଳ ଜାତୀୟ ଓ ଆନ୍ତର୍ଜାତିକ ବାଣିଜ୍ୟର ବିକାଶ କ୍ଷେତ୍ରରେ ନୁହେଁ, ବିଶ୍ୱମୈତ୍ରୀ ଓ ସାଂସ୍କୃତିକ ସଂହତି ପ୍ରତିଷ୍ଠାରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି ।

ଗତ ୨୩ ତାରିଖ ଅପରାହ୍ନରେ ପ୍ରଗତି ମଇଦାନ ପରିସରରେ ବିପୁଳ ଜନସମାଗମ ମଧ୍ୟରେ ଓଡ଼ିଶା ଦିବସ ପାଳିତ ହୋଇଥିଲା ।

ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ଏହି ଉତ୍ସବ ଉଦ୍‌ଘାଟନ କରି ଓଡ଼ିଶାର ଗୌରବମୟ ଐତିହ୍ୟ, ସ୍ଥାପତ୍ୟ ଓ ପାରମ୍ପରିକ ଶିଳ୍ପ କଳାର ବୈଶିଷ୍ଟ୍ୟ ବିଷୟରେ ଆଲୋକପାତ କରିଥିଲେ ।

ଓଡ଼ିଶାକୁ ଭାରତର ଏକ ଅଗ୍ରଗାମୀ ରାଜ୍ୟରେ ପରିଣତ କରିବାପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟରେ ବହୁ ପ୍ରଗତିଶୀଳ, ବୈପ୍ଳବିକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି ବୋଲି ସେ ପ୍ରକାଶ କରିଥିଲେ । ଓଡ଼ିଶାମଣ୍ଡପରେ ପ୍ରଦର୍ଶିତ କ୍ଷୁଦ୍ରଶିଳ୍ପ ସାମଗ୍ରୀ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ଆଦୃତ ହେବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ଆଶା ପ୍ରକାଶ କରିଥିଲେ ।



ସୂଚନା ଓ ଲୋକସମ୍ପର୍କ ବିଭାଗର ଶାସନ ସଚିବ ଶ୍ରୀ ବିଜୟକୁମାର ପଟ୍ଟନାୟକ ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଓଡ଼ିଶା ମଣ୍ଡପ ବୁଲି ଦେଖୁଛନ୍ତି ।





'ଓଡ଼ିଶା ଦିବସ' ଉତ୍ସବରେ [illegible] କାର୍ଯ୍ୟକ୍ରମ

OGP—MP—PTS (I&PR) 75—5,000—11-2-1997